# ଧରିତ୍ରୀ DHARITRI

ରାୟଗଡ଼ା, ମଙ୍ଗଳବାର, ଫେବୃୟାରୀ ୨/୨୦୨୧ (୧୬ ପୃଷ୍ଠା) | Rayagada, Tuesday, February 2/2021 ★

୧୦ମ ଭାଗ ୨୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଆୟୁଷ୍ମାନଙ୍କ ନାୟିକା ସାଜିବେ ରକୁଲ**
ଜଙ୍ଗଲି ପିକଚର୍ସ ଆୟୁଷ୍ମାନ ଖୁରାନାଙ୍କୁ ନେଇ ପୁଣିଥରେ ଫିଲ୍ମ 'ଡକ୍ଟର ଜୀ' ନିର୍ମାଣ କରିବାକୁ ଯୋଜନା କରିଛି। ଏଥିରେ ରକୁଲପ୍ରୀତଙ୍କୁ ନାୟିକା ଭାବେ ନିଆଯିବ।
୧୧

୧୬
**ମାଧୁରୀ ପ୍ଲେୟର ଅଫ୍ ଦି ସିରିଜ**
ଓସିଏ ଆନୁକୂଲ୍ୟରେ କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏମଜିଏମ୍ ମହିଳା ଟି୨୦ କ୍ରିକେଟରେ ପ୍ଲେୟର ଅଫ୍ ଦି ସିରିଜ ହୋଇଛନ୍ତି ଓଡ଼ିଶା ରେଡ୍ ଅଧିନାୟିକା ମାଧୁରୀ ମେହେଟା।



# ହିସାବ ଠିକ୍

**ତଥାଗତ ସତପଥୀ**

ଆଗରୁ ବନ୍ଦର ଯାଇସାରିଛି। ଅଧିକାଂଶ ଉଡ଼ାଜାହାଜ ପଡ଼ିଆ ମଧ୍ୟ ବିକ୍ରି ହୋଇସାରିଛି। ଏପରିକି ଭାରତର ଐତିହାସିକ କୀର୍ତ୍ତିରାଜି ମଧ୍ୟ ବିକ୍ରି କରିଦିଆଯାଇଛି। କିଛିମାସ ହେବ ଚାଷୀ ଆନ୍ଦୋଳନ ଚାଲିଛି। ଗତ ସାଧାରଣତନ୍ତ୍ର ଦିବସରେ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଦିଲ୍ଲୀର ପ୍ରସିଦ୍ଧ ଲାଲ୍‌କିଲ୍ଲା ୨୦୧୮ରୁ ଡାଲ୍‌ମିଆ ଭାରତ କମ୍ପାନୀକୁ ପ୍ରତ୍ୟେକ ବର୍ଷ ଭଡ଼ା ଆକାରରେ ୫ କୋଟି ଟଙ୍କା ପାଇଁ ଦେଇଦିଆଯାଇଛି। କୌତୂହଳରେ କୁହାଯାଉଛି, ସମସ୍ତ ଭାରତବର୍ଷକୁ ମଧ୍ୟ ଓଏଲ୍‌ଏକ୍ସରେ ପକାଇଦେଲେ କିଛି କ୍ଷତି ହୁଅନ୍ତା ନାହିଁ। ୧ ଫେବୃୟାରୀ ୨୦୨୧ରେ ୧୦ ହଜାର ୫ ଶହ ଶବ୍ଦବିଶିଷ୍ଟ ଏବଂ ୧୦୦ କେତେ ମିନିଟ୍‌ରେ ପଢ଼ାଯାଇଥିବା ଭାରତର ସାଧାରଣ ବଜେଟ ଏଇଭଳି ବିକ୍ରି ଏବଂ ନିର୍ବାଚନରେ ଜିଣିବା ପାଇଁ ଉଦ୍ଦିଷ୍ଟ ଥିବାଭଳି ମନେହେଉଛି। ବଜେଟରେ କୁହାଯାଇଛି ଯେ, ସରକାର ୧.୭୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ରଖିଛନ୍ତି। ଦୁଇ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଜୀବନବୀମା ନିଗମ (ଏଲ୍‌ଆଇସି)ରୁ ପୁଞ୍ଜି ପ୍ରତ୍ୟାହାର ବା ଘରୋଇକରଣ କରାଯିବା ପୂର୍ବରୁ ବୀମା କ୍ଷେତ୍ରରେ ୪୯ ପ୍ରତିଶତ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ)କୁ ୭୪ ପ୍ରତିଶତକୁ ବୃଦ୍ଧି କରାଗଲା। ଏବେ ଆମେ ବୁଝିବା ଦରକାର ଏହି ବିଦେଶୀ ପୁଞ୍ଜି କିଏ ଭାରତରେ ଲଗାଉଛି। ଏହା ଜଣାଶୁଣା ଯେ, ଭାରତର ଅର୍ଥନୀତି ଅତ୍ୟନ୍ତ ଦୁର୍ବଳ ଓ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ସେଥିପାଇଁ ଭାରତ ସରକାରଙ୍କ ବିଭିନ୍ନ ଉଦ୍ୟୋଗକୁ ବିକ୍ରି କରିବା ପଛରେ ଏକ ଉଦ୍ଦେଶ୍ୟ ରହିଛି। ଏହି ଦେଶର ଅଳ୍ପକେତେକ ବଛା ନାଗରିକଙ୍କ କଳାଧନ ବିଦେଶରେ ସଞ୍ଚିତ ଅଛି। ଯେହେତୁ ସେଗୁଡ଼ିକ କାଗଜ ଟଙ୍କାରେ ରଖାଯାଇ ନାହିଁ, ସେଥିପାଇଁ ବିମୁଦ୍ରୀକରଣ ଦ୍ୱାରା ତାହା ଉପରେ କୌଣସି ପ୍ରଭାବ ପଡ଼ିନାହିଁ। ଏବେ ଯେତେବେଳେ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ସମ୍ପର୍କରେ ଉଲ୍ଲେଖ କରାଯାଇଛି, ସେଥିରୁ ବୁଝିବାକୁ ହେବ ଯେ, ସେହି ହାତଗଣତି ଭାରତୀୟ ସେମାନଙ୍କ ଅପବିତ୍ର ଅର୍ଥ ଦେଶ ଭିତରକୁ ପୁନର୍ବାର ଫେରାଇ ଆଣିବା ପାଇଁ ଏହା ଦ୍ୱାରା ବାଟ ପ୍ରସ୍ତୁତ କରାଯାଉଛି। ଆମେରିକା ଏବଂ ଅନ୍ୟ ପାଶ୍ଚାତ୍ୟ ଦେଶଗୁଡ଼ିକରେ କରୋନା ଯୋଗୁ ଅର୍ଥନୀତି ଉପରେ ଶକ୍ତ ଧକ୍କା ଲାଗିଥିବାରୁ ସେହି ଦେଶର କୌଣସି ପୁଞ୍ଜିଲଗାଣକାରୀ ଭାରତକୁ ଆସିବେ ନାହିଁ। କ୍ରମଶଃ ସେହି ହାତଗଣତି ଭାରତୀୟ ସବୁ କିଣି ନେଉଛନ୍ତି।

ମନେପଡୁଛି ନିକଟ ଅତୀତ, ଅର୍ଥାତ୍ ୨୦୨୦ କରୋନା ଭାଇରସ ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୩ ପର୍ଯ୍ୟାୟରେ ଆତ୍ମନିର୍ଭର ଭାରତ ସହାୟତା ଦେବାର ପ୍ରତିଶ୍ରୁତି ସହିତ ୨୭.୧ ଲକ୍ଷ କୋଟି ଟଙ୍କା ଘୋଷଣା କରିଥିଲେ। ସେଥିରୁ ଅଧିକାଂଶ ଋଣ ଆକାରରେ ଥିଲା। ଆଶା କରାଯାଉଥିଲା ଏହି ବଜେଟରେ ସାଧାରଣ ଲୋକଙ୍କ ସମେତ ବଡ଼ଧରଣର ନିଯୁକ୍ତି ଦେଉଥିବା ସଂସ୍ଥାକୁ ଅର୍ଥ ଆକାରରେ ସାହାଯ୍ୟ ମିଳିବ। ନିଯୁକ୍ତି ବୃଦ୍ଧି ପାଇଲେ ଲୋକଙ୍କ ହାତକୁ ଦରମା ଅର୍ଥାତ୍ ଅର୍ଥ ପହଞ୍ଚିଥାଆନ୍ତା। ତେବେ ସାଧାରଣ ନାଗରିକର ରୋଜଗାର ବୃଦ୍ଧି ପାଇଁ ଏଥିରେ କୌଣସି ପଦକ୍ଷେପ ନିଆଯାଇଥିବା ଦେଖିବାକୁ ମିଳିନାହିଁ। ଏଥିରୁ ବୁଝିବାକୁ ହେବ ଯେ, ଘରୋଇ ଖର୍ଚ୍ଚ ମେଣ୍ଟାଇବାର ଯେଉଁ ସମସ୍ୟା ଦେଖାଯାଇଛି ତାହା ଭବିଷ୍ୟତରେ ଲାଗିରହିବ।

ବଜେଟରେ କୁହାଯାଇଛି ଯେଉଁସବୁ ବ୍ୟାଙ୍କରେ ଅତ୍ୟଧିକ ମାତ୍ରାରେ ଅନାଦାୟ ପରିସମ୍ପତ୍ତି ବା ଏନ୍‌ପିଏ ପଡ଼ିରହିଛି, ସେସବୁକୁ ଏକତ୍ରିତ କରି ଗୋଟିଏ ଆସେଟ୍ ରିକନ୍‌ଷ୍ଟ୍ରକ୍‌ଶନ୍ କମ୍ପାନୀ (ଏଆର୍‌ସି)କୁ ଧରାଇ ଦିଆଯିବ। ଏଥିରେ ଆମେ ଯାହା ବୁଝିଲୁ ଦୁର୍ବଳ ବା ବଦ୍‌ମାସ ବ୍ୟାଙ୍କ ପରିଚାଳନା ଯୋଗୁ ଜମାକାରୀଙ୍କ ଅର୍ଥକୁ ଅପବ୍ୟବହାର କରାଯାଇଛି। ଏହା କେବଳ କଂଗ୍ରେସ ସମୟରେ କରାଯାଇଥିବା କହିବା ଭୁଲ୍ ହେବ। ୨୦୧୪ ପରେ ଏହାର ପରିମାଣ ଯଥେଷ୍ଟ ମାତ୍ରାରେ ବଢ଼ିଛି। ଅର୍ଥାତ୍ ଆଜିର ସରକାର ମନ୍ଦ ଉଦ୍ଦେଶ୍ୟ ରଖି ବା ଅପାରଗତା ଯୋଗୁ ଏଭଳି ଏନ୍‌ପିଏ ବଢ଼ିବାକୁ ଦେଇଛନ୍ତି। ଏବେ କୁହାଯାଉଥିବା ଏଆର୍‌ସି ଏହିସବୁ ଅନାଦାୟ ପରିସମ୍ପତ୍ତିକୁ ମୁଣ୍ଡାଇନେଲେ ସେହି ଅର୍ଥ କିଏ ଭରଣା କରିବ ତାହା ବୁଝିବା କଷ୍ଟକର ନୁହେଁ। ପୁନର୍ବାର ପ୍ରତ୍ୟେକ ଭାରତୀୟ ମୁଣ୍ଡରେ ଋଣବୋଝ ବୃଦ୍ଧିପାଇବ। ମନେରଖିବାକୁ ହେବ ଯେ, କେବଳ କରଦାତା ଏହି ଦେଶର ଖର୍ଚ୍ଚ ସମ୍ଭାଳୁ ନାହାଁନ୍ତି। ପ୍ରତ୍ୟେକ ନାଗରିକ ତାହାର ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ସବୁ ସାମଗ୍ରୀ ପାଇଁ ଟିକସ ଦେଇ ମରିଯାଉଛି।

ଏବେ କୁହାଗଲାଣି କୃଷିକ୍ଷେତ୍ରରେ ଅର୍ଥ ବିନିଯୋଗ ପାଇଁ ପେଟ୍ରୋଲ ଓ ଡିଜେଲ୍ ଉପରେ ଏକ ନୂଆ ଟିକସ ବସାଯିବ। ତାହା କୃଷି ଭିତ୍ତିଭୂମି ସୃଷ୍ଟି କରାଯିବା ପାଇଁ ଉଦ୍ଦେଶ୍ୟ ରଖି ଆଦାୟ କରିବାକୁ ଥିବା ଏହି ଟିକସର ବାସ୍ତବ ବ୍ୟବହାର କେଉଁଭଳି ହେବ ସ୍ପଷ୍ଟ କରାଯାଉ ନାହିଁ। ଇନ୍ଧନର ସମ୍ପର୍କ କେବଳ କୃଷି ନୁହେଁ, ସବୁ କ୍ଷେତ୍ର ସହିତ ଯୋଡ଼ିବା ଅତି ସହଜ। ଆଜିର ଭାରତରେ ପେଟ୍ରୋଲ ଓ ଡିଜେଲର ଦର ପ୍ରାୟ ପ୍ରତ୍ୟେକ ଦିନ ବୃଦ୍ଧିପାଇବାରେ ଲାଗିଛି। ଏବେ ଘୋଷଣା କରାଯାଇଥିବା ଏହି ନୂଆ ଟିକସକୁ ପୁନର୍ବାର ସାଧାରଣ ଲୋକଙ୍କ ମୁଣ୍ଡରେ ଲଦି ଦିଆଯିବ। ସେଥିପାଇଁ ଏକ୍ସାଇଜ ବା ଉତ୍ପାଦ ଟିକସ ବସାଇବାର ପ୍ରତିଶ୍ରୁତି ଯାହା ଦିଆଯାଇଛି ତାହା କୌତୂହଳପୂର୍ଣ୍ଣ ମନେହେଉଛି। କାରଣ ଏବେ ଇନ୍ଧନର ଦର ବୃଦ୍ଧି ବଜାର ନିୟନ୍ତ୍ରିତ ବୋଲି ସରକାର ବାରମ୍ବାର ଘୋଷି ହେଉଛନ୍ତି। ଆଜି ୧୦ ଟଙ୍କା ଏକ୍ସାଇଜ୍ କମାଇଲେ, ଆସନ୍ତା ୧୫ ଦିନ ଭିତରେ ତାହାକୁ ୧୧ ଟଙ୍କା ବୃଦ୍ଧିକରି ଭରଣା କରାଯିବ। ଭାରତୀୟ ନାଗରିକ ଉପରେ ସମଗ୍ର ପୃଥିବୀ ତୁଳନାରେ ସର୍ବାଧିକ ଇନ୍ଧନ ଟିକସ ବସାଯାଇଛି। ଏବେ କୃଷି ନାଁରେ ନେବାକୁ ଥିବା ଟିକସ ଆଦାୟ ଏକ ମନ୍ଦ ଉଦ୍ଦେଶ୍ୟ ରଖାଯାଇ କରାଯାଇଥିବା ଭଳି ମନେହୁଏ। ବଜାର ଚାପରେ ଯେତେବେଳେ ଇନ୍ଧନ ଦର ବୃଦ୍ଧି ପାଇବ ସେତେବେଳେ ସାଧାରଣ ଲୋକଙ୍କ ମନରେ କ୍ରୋଧ ସୃଷ୍ଟି ହେବ କୃଷକଙ୍କ ବିରୋଧରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତୀୟମାନେ ଶିକ୍ଷା କର ଦୀର୍ଘଦିନ ଧରି ଦେଇଆସୁଛନ୍ତି। ଶିକ୍ଷାର ଭିତ୍ତିଭୂମି କେଉଁଭଳି ଭାବେ ଉନ୍ନତ ହେଉଛି ତାହାକୁ ପ୍ରତ୍ୟେକ ନାଗରିକ ନିଜକୁ ପଚାରିବା ଦରକାର। ସେହିଭଳି କୃଷକଙ୍କ ନାଁରେ କର ଆଦାୟ ଯୋଜନା କୃଷି କ୍ଷେତ୍ରରେ ବିନିଯୋଗ ହେବାର କୌଣସି ପରିକଳ୍ପନା କରାଯାଇ ନାହିଁ। ଏଥିରେ କେବଳ ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଏଭଳି କରାଯିବା କଥା ସ୍ପଷ୍ଟ ବୁଝାପଡୁଛି।

କରୋନା ଭୂତାଣୁ ଟିକା ପାଇଁ ୩୫ ହଜାର କୋଟି ଟଙ୍କା ଦେବାର ଉଦ୍ଦେଶ୍ୟ କ'ଣ ତାହା ବୁଝିବା କଷ୍ଟ ନୁହେଁ। ଏହାବାଦ୍ ଯେଉଁ ବିପୁଳ ଅର୍ଥ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଦିଆଯାଇଛି, ତାହା କେବଳ ଭିତ୍ତିଭୂମି ବିକାଶ ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍ ଠିକାଦାରି ଓ ଅସ୍ୱାଭାବିକ ନେଣଦେଣର ସୁଯୋଗ ରହିବା ବେଳକୁ ସାଧାରଣ ନାଗରିକଙ୍କୁ ବିନା ମୂଲ୍ୟରେ ଏହି ଟିକା ଦେବାର ଯୋଜନା ନାହିଁ। ତେବେ ଏହି ଅର୍ଥ କୁଆଡ଼େ ଯିବ ? ସହଜରେ ବୁଝିବାକୁ ହେଲେ ଏହି ବିପୁଳ ଅର୍ଥ ମୁଷ୍ଟିମେୟ ଔଷଧ କମ୍ପାନୀକୁ ଦିଆଯାଇ ଆତ୍ମସାତ କରାଯିବ। ଅପରପକ୍ଷରେ ଆମେରିକା ଭଳି ଦେଶ ତାହାର ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣା ଟିକା ଦେଉଛି।

ସାଧାରଣ ବଜେଟ ୨୦୨୧-୨୨ରେ କେବଳ ରାଜନୀତି ସର୍ବଉପରେ ରହିଛି। ଚାରିଟି ରାଜ୍ୟରେ ନିକଟରେ ହେବାକୁ ଥିବା ନିର୍ବାଚନ ଜିଣିବା ପାଇଁ ତାମିଲନାଡୁକୁ ୧.୦୩ ଲକ୍ଷ କୋଟି, କେରଳକୁ ୬୫ ହଜାର କୋଟି, ପଶ୍ଚିମବଙ୍ଗକୁ ୨୫ ହଜାର କୋଟି ଏବଂ ଆସାମକୁ ୩୪ ହଜାର କୋଟି ଟଙ୍କା ଦିଆଯାଇଛି। ଅନ୍ୟ ରାଜ୍ୟଗୁଡ଼ିକ ବାଦ୍ ପଡ଼ିଯାଇଥିବା ସତ୍ତ୍ୱେ ଏହି ୪ଟି ରାଜ୍ୟ ମଧ୍ୟରୁ ପଶ୍ଚିମବଙ୍ଗକୁ ସର୍ବନିମ୍ନ ଅର୍ଥ ଦେବାରୁ ବୁଝାପଡୁଛି ଯେ, ହୁଏତ ସେଠାରେ ଭାଜପା କ୍ଷମତାକୁ ଆସିବ ନାହିଁ ବୋଲି ବୁଝିଗଲାଣି।

ଗୋଟାଏପଟେ କରୋନା ଭୂତାଣୁ ଟିକା ମାଗଣାରେ ଦେଉ ନ ଥିବା ସରକାର କହୁଛନ୍ତି ଯେ, ୭୫ କିମ୍ବା ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ଆୟକର ଦେବାକୁ ପଡ଼ିବ ନାହିଁ। ହୁଏତ ଏହି ଆୟୁଷ ଅଧିକ ଲୋକ ଭୂତାଣୁ ଯୁଗରେ ପହଞ୍ଚିବେ ନାହିଁ ବୋଲି ସରକାର ଜାଣି ଏଭଳି ବୟସସୀମା ନିର୍ଦ୍ଧାରଣ କରିଛନ୍ତି। ୨୦୨୨ରେ ସ୍ୱାଧୀନ ଭାରତ ୭୫ ବର୍ଷର ହେବ ବୋଲି କହି ଅର୍ଥମନ୍ତ୍ରୀ ଏହି ବୟସସୀମା ଟିକସ ଛାଡ଼ ପାଇଁ ରଖିଛନ୍ତି। ଏହି ନୀତିରେ ଚାଲିଲେ ଦେଶ ୧୦୦ ବର୍ଷର ସ୍ୱାଧୀନତା ଦିବସ ପାଳନ କଲେ ପରଧାମକୁ ଯାଇ ନ ଥିବା ୧୦୦ ବର୍ଷର ବୃଦ୍ଧାବୃଦ୍ଧଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ। ହିସାବ ଠିକ୍।

# କାମକୁ ନୁହେଁ, ନାମକୁ

## ୩୪.୮୩ ଲକ୍ଷ କୋଟି ଟଙ୍କାର ବଜେଟ

**ଶସ୍ତା**



- ସୁନା, ରୁପା
- ପ୍ଲାଟିନମ ଏବଂ ପାଲାଡିୟମ ଭଳି ମୂଲ୍ୟବାନ୍ ଧାତୁ
- ମେଡିକାଲ ଡିଭାଇସ୍


**ମହଙ୍ଗା**



- ଫ୍ରିଜ୍, ଏସି କମ୍ପ୍ରେସର, ଏଲ୍‌ଇଡି ଲ୍ୟାମ୍ପ, ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ପାର୍ଟସ ଏବଂ ସ୍ପେୟାର, ଆମଦାନୀ ହେଉଥିବା ତୁଳା
- ସୋଲାର ଇନ୍‌ଭର୍ଟର ଲଣ୍ଠନ
- ଅଟୋମୋବାଇଲର ବିଭିନ୍ନ ପାର୍ଟସ
- ମୋବାଇଲ ଫୋନ୍ ପାର୍ଟସ
- କ୍ୟାମେରା ମଡ୍ୟୁଲ, କନେକ୍ଟର, ବ୍ୟାକ୍ କଭର, ସାଇଡ କି, ମୋବାଇଲ ଫୋନ ଚାର୍ଜର କମ୍ପୋନେଣ୍ଟ
- ଲିଥିୟମ ଆୟନ ବ୍ୟାଟେରି, ଇଙ୍କ୍ କ୍ୟାଟ୍ରିଜ୍, ଇଙ୍କ୍ ସ୍ପ୍ରେ ନୋଜଲ ଲାଗି କଞ୍ଚାମାଲ
- ଚମଡ଼ା ସାମଗ୍ରୀ,
- ନିୟନ ଫାଇବର ଏବଂ ୟାର୍ନ
- ପ୍ଲାଷ୍ଟିକ ବିଲ୍‌ଡର ୱେର
- ପଲିସ ହୋଇଥିବା ସିନ୍ଥେଟିକ ଷ୍ଟୋନ୍, କ୍ୟୁବିକ ଜିର୍କୋନା

**ନୂଆଦିଲ୍ଲୀ, ୧।୨**

କରୋନା ଭୂତାଣୁ ଓ ଏହାର ମୁକାବିଲା ପାଇଁ ପର୍ଯ୍ୟାୟକ୍ରମେ ଜାରି ଲକ୍‌ଡାଉନ୍ ସାରା ଦେଶର ଅର୍ଥନୀତିକୁ ଉଜାଡ଼ି ଦେଇଥିବାବେଳେ ଅର୍ଥ ବ୍ୟବସ୍ଥାକୁ ସଜାଡ଼ିବା କେନ୍ଦ୍ର ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। କଳକାରଖାନା ବନ୍ଦ ହୋଇଯିବା ଓ ଆର୍ଥିକ ଗତିବିଧିରେ ତାଲା ପଡ଼ିବା ଅବସ୍ଥାରୁ ଅର୍ଥନୀତିର ଅଣ୍ଟା ସଳଖାଇ କ୍ରମାଗତ ତଳକୁ ଖସୁଥିବା ଅଭିବୃଦ୍ଧି ହାରରେ ସ୍ଥିରତା ଆଣିବା ନିଶ୍ଚିତ ପ୍ରାଥମିକତା ହେବା ଆବଶ୍ୟକ। ଏଥିଲାଗି ମହାମାରୀ ପରେ ଆଗତ ପ୍ରଥମ ବଜେଟରେ ସରକାର ସବୁ ବର୍ଗର ଲୋକଙ୍କୁ ଆଶ୍ୱସ୍ତି ଦେବା ପାଇଁ ପ୍ୟାକେଜ୍ ଘୋଷଣା କରିବେ ବୋଲି ଅନେକେ ଆଶା କରିଥିଲେ। କାରଣ ସାଧାରଣ ଲୋକଙ୍କ ପକେଟକୁ ଅର୍ଥାଗମ ହେଲେ ଯାଇ ସେମାନଙ୍କ ବ୍ୟୟ ସାମର୍ଥ୍ୟ ବଢ଼ିବ ଓ ରାଜକୋଷ ସମୃଦ୍ଧ ହେବ। ଏହି ଦୃଷ୍ଟିରୁ ବିଶେଷକରି କୃଷକ, ଟିକସଦାତା, ମଧ୍ୟବିତ୍ତ ଓ ଶ୍ରମିକମାନେ ୨୦୨୧-୨୨ ଆର୍ଥିକ ବର୍ଷର ବଜେଟକୁ ଅପେକ୍ଷା କରିଥିଲେ। ହେଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ଲୋକ ସଭାରେ ଉପସ୍ଥାପନ କରିଥିବା ସାଧାରଣ ବଜେଟରେ ସେମାନଙ୍କ ପାଇଁ କିଛି ନାହିଁ ବୋଲି ଜାଣିବା ପରେ ଅନେକେ ନିରାଶ ହୋଇଛନ୍ତି। ବିପର୍ଯ୍ୟସ୍ତ ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବା ପାଇଁ ପ୍ରତିକୂଳ ପରିସ୍ଥିତିରୁ ମୁକୁଳାଇବା ସକାଶେ ଯେଉଁ ପ୍ରତିଷେଧକ ଟିକା ଆବଶ୍ୟକ ତାହା ଏହି ୩୪.୮୩ ଲକ୍ଷ କୋଟି ଟଙ୍କିଆ ବଜେଟରେ ନ ଥିବା ଅନୁଭୂତ ହୋଇଛି। ଏହି ଦୃଷ୍ଟିରୁ ଏଥର କେନ୍ଦ୍ରୀୟ ବଜେଟ କାମକୁ ନୁହେଁ, ବରଂ ନାମମାତ୍ର ଆର୍ଥିକ ବିଲ୍ ବୋଲି ଅନେକେ ମତ ଦେଇଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ଏହାକୁ ଏକ ଐତିହାସିକ ବଜେଟ ବୋଲି ନିଜକୁ ସାବାସି ଦେଉଥିବାବେଳେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଫମ୍ପା ଓ ଦିଗହୀନ ଭାବେ ଅଭିହିତ କରିଛନ୍ତି।




ଅର୍ଥମନ୍ତ୍ରୀ ସୀତାରାମନ ସୋମବାର ଲୋକ ସଭାରେ ୨୦୨୧-୨୨ ଆର୍ଥିକ ବର୍ଷର ବହୁପ୍ରତୀକ୍ଷିତ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥମନ୍ତ୍ରୀ ଭାବେ ସୀତାରାମନଙ୍କ ଏହା ହେଉଛି ତୃତୀୟ ବଜେଟ। ହଳଦିଆ ଫୁଲପକା ଲାଲରଙ୍ଗର ଶାଢ଼ି ପିନ୍ଧି ସୀତାରାମନ ପୂର୍ବାହ୍ନ ୧୧ଟାରେ ପ୍ରଥମ କାଗଜବିହୀନ ବଜେଟର ଅଭିଭାଷଣ ଆରମ୍ଭ କରିଥିଲେ। ସେ ଏକ ସ୍ୱଦେଶୀ ଟାବ୍‌ଲେଟରୁ ପ୍ରାୟ ୧ ଘଣ୍ଟା ୫୨ ମିନିଟର ବଜେଟ ପଢ଼ିଥିଲେ, ଯାହାର ସିଧା ପ୍ରସାରଣ ଦୂରଦର୍ଶନ, ରାଜ୍ୟ ସଭା, ଲୋକ ସଭା ଟିଭି ସମେତ ୟୁଟ୍ୟୁବ୍‌ରେ ହୋଇଥିଲା। କରୋନା ପ୍ରଭାବିତ ଅର୍ଥନୀତିକୁ ବଳ ଦେବା ପାଇଁ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି ଉପରେ ସରକାରଙ୍କ ଫୋକସ୍ ରହିଥିଲା। ସେହିପରି ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନରତ ଚାଷୀଙ୍କୁ ଖୁସି କରିବାକୁ ଯାଇ ଅର୍ଥମନ୍ତ୍ରୀ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବଜାୟ ରହିବ ବୋଲି କହିଥିଲେ। କେତେକ ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ କୃଷି ସେସ୍ ଲଗାଇବା, ବ୍ୟକ୍ତିଗତ ଆୟକର ଢାଞ୍ଚାରେ ବଡ଼ ଧରଣର ପରିବର୍ତ୍ତନ ନ ଆଣିବା, ୨ ସରକାରୀ ବ୍ୟାଙ୍କ ଓ ଗୋଟିଏ ବୀମା କମ୍ପାନୀରୁ ୧.୭୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିପ୍ରତ୍ୟାହାର ଲକ୍ଷ୍ୟ, ଜୀବନ ବୀମା ନିଗମ (ଏଲ୍‌ଆଇସି) ପାଇଁ ଇନିସିଆଲ୍ ପବ୍ଲିକ୍ ଅଫରିଂ (ଆଇପିଓ) ଏବଂ ଚଳିତବର୍ଷ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକର ରାସ୍ତା ଓ ଅନ୍ୟ ଭିତ୍ତିଭୂମିରେ ଉନ୍ନତି ଆଣିବା ପାଇଁ ଅର୍ଥ ଆବଣ୍ଟନ ଥିଲା ଏହି ବଜେଟର ମୁଖ୍ୟ ବିନ୍ଦୁ। ☞ପୃଷ୍ଠା-୪

### ବଜେଟରେ ସଂସ୍କାର ନୀତି



ବଜେଟ ୨୦୨୧-୨୨ରେ ଭାରତର ଆତ୍ମବିଶ୍ୱାସ ପ୍ରତିଫଳିତ ହୋଇଛି। ଏହା ସାରା ବିଶ୍ୱ ପାଇଁ ପ୍ରେରଣା। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଆତ୍ମନିର୍ଭରଶୀଳତା ଓ ଅନ୍ତର୍ଭୁକ୍ତିକରଣ ଦୃଷ୍ଟିକୋଣରୁ ବଜେଟ ଆଗତ କରଯାଇଛି। ଆସନ୍ତା ଦଶନ୍ଧି ପାଇଁ ଏହି ବଜେଟ ଶକ୍ତ ମୂଳଦୁଆ ପକାଇଛି ଏବଂ ଆତ୍ମନିର୍ଭର ଭାରତ ଅଭିମୁଖେ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଅଭିବୃଦ୍ଧି ଦିଗରେ ସୁଯୋଗର ବିସ୍ତାର, ଜନସମ୍ବଳର ନୂଆ ଅର୍ଥ, ଭିତ୍ତିଭୂମି ବିକାଶ ପାଇଁ ନୂତନ କ୍ଷେତ୍ର, ☞ପୃଷ୍ଠା-୪

### ଭିତ୍ତିଭୂମି ନିର୍ମାଣରେ ଓଡ଼ିଶାକୁ ଅଣଦେଖା



କେନ୍ଦ୍ର ସରକାର ସୋମବାର ପାର୍ଲାମେଣ୍ଟରେ ୨୦୨୧-୨୨ ଆର୍ଥିକବର୍ଷ ପାଇଁ ବଜେଟ ଉପସ୍ଥାପନ କରିଛନ୍ତି। ଏହା ଉପରେ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, କେନ୍ଦ୍ର ବଜେଟରେ ରାଜ୍ୟର ଭିତ୍ତିଭୂମି ନିର୍ମାଣକୁ ଅଣଦେଖା କରାଯାଇଛି। ରେଳ ଓ ଜାତୀୟ ରାଜପଥ ପାଇଁ ଓଡ଼ିଶାରେ ଅଧିକ ପୁଞ୍ଜିନିବେଶ ଆବଶ୍ୟକତା ଥିବାବେଳେ ବଜେଟରେ ଅନ୍ୟ ରାଜ୍ୟ ☞ପୃଷ୍ଠା-୪

## ରେଳ ଭିତ୍ତିଭୂମି ଲାଗି ୧.୧୦ ଲକ୍ଷ କୋଟି

**ନୂଆଦିଲ୍ଲୀ, ୧।୨**

ସାଧାରଣ ବଜେଟ ୨୦୨୧-୨୨ ରେ ରେଳ ଭିତ୍ତିଭୂମି ଲାଗି ସରକାର ୧.୧୦ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏହା ମଧ୍ୟରେ ୧.୦୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ ସାମିଲ ରହିଛି। ଆଗାମୀ ଦିନରେ ଦେଶ ମଧ୍ୟରେ ଏକ ଉନ୍ନତ ରେଳ ସିଷ୍ଟମ କାର୍ଯ୍ୟକାରୀ କରାଇବା ଲାଗି 'ନ୍ୟାଶନାଲ ରେଲ ପ୍ଲାନ୍' ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଛନ୍ତି। ୨୦୨୩ ଶେଷ ସୁଦ୍ଧା ରେଳୱେର ବ୍ରଡ୍‌ଗେଜ୍ ରୁଟ୍‌କୁ ୧୦୦% ବିଦ୍ୟୁତୀକରଣ କରିବା ଲାଗି ଯୋଜନା ରଖାଯାଇଛି। ୨୦୨୧ ଶେଷ ସୁଦ୍ଧା ବ୍ରଡ୍ ଗେଜ୍ ରୁଟ୍ ବିଦ୍ୟୁତୀକରଣ ☞ପୃଷ୍ଠା-୪



- ୧୦୦% ବିଦ୍ୟୁତୀକରଣ ହେବ ବ୍ରଡ୍‌ଗେଜ୍ ରୁଟ୍
- ୧.୦୭ ଲକ୍ଷ କୋଟିର ପୁଞ୍ଜି ଖର୍ଚ୍ଚ ଯୋଜନା
- ୨୦୨୨ ଜୁନ୍ ସୁଦ୍ଧା ୨ ସ୍ୱତନ୍ତ୍ର ମାଲ ପରିବହନ କରିଡର






# ଠକିଗଲେ ଚାଷୀକୁଳ



୩ ନୂଆ କୃଷି ଆଇନକୁ ନେଇ ମୁହାଁମୁହିଁ ସ୍ଥିତିରେ କେନ୍ଦ୍ର ସରକାର ଓ କୃଷକ ସଙ୍ଗଠନ। ଏହି ବିବାଦୀୟ ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀର ସିଙ୍ଘୁ, ଟିକ୍ରି ଓ ଗାଜିପୁର ସୀମାରେ ଲକ୍ଷାଧିକ କୃଷକ ଆନ୍ଦୋଳନରତ। ଚାଷୀଙ୍କ ଧାରଣା ୭୧ ଦିନରେ ପହଞ୍ଚିଥିବାବେଳେ ସୋମବାର ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇଛି ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ। ଦେଶର ଚାଷୀ ଆଶା କରିଥିଲେ ସରକାର ଏଥର ସେମାନଙ୍କ ପାଇଁ କିଛି ବଡ଼ ଘୋଷଣା କରିବେ। କିନ୍ତୁ ସେଭଳି ବଦାନ୍ୟତା ଦେଖିବାକୁ ମିଳିନାହିଁ। ବଜେଟରେ ବିଭିନ୍ନ ସେକ୍ଟରକୁ କରାଯାଇଥିବା ଆବଣ୍ଟନକୁ ତୁଳନାତ୍ମକ ଦୃଷ୍ଟିରେ ଦେଖିଲେ କୃଷିକ୍ଷେତ୍ରକୁ ଏକପ୍ରକାର ଅଣଦେଖା କରାଯାଇଛି। ଏପରି କି ଏମ୍ଏସ୍ପି ଆଇନ ଆଣିବା ପାଇଁ କୃଷକମାନଙ୍କ ଦାବି ସମ୍ପର୍କରେ ମଧ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମୁହଁ ଖୋଲି ନାହାନ୍ତି। ଫଳରେ ଚାଷୀକୁଳ ଠକିଯାଇଥିବା ମନେକରୁଛନ୍ତି।

ନୂଆଦିଲ୍ଲୀ,୧।୨

## ପ୍ରତିଶ୍ରୁତି ପାଣିର ଗାର

କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ କେନ୍ଦ୍ର ସରକାର ଗତ ୫-୬ ବର୍ଷ ହେଲା ପ୍ରତିଶ୍ରୁତି ଦେଇଆସୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ସେଭଳି ଆଖିଦୃଶିଆ ପଦକ୍ଷେପ ନେଉଥିବା ଭଳି ମନେହେଉନାହିଁ। ୨୦୧୯ ସାଧାରଣ ନିର୍ବାଚନ ବେଳେ ମଧ ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟ ସହଯୋଗୀମାନେ ଚାଷୀଙ୍କ ଆୟ ଦୁଇଗୁଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଲକ୍ଷ୍ୟ ପୂରଣ ପାଇଁ ବଜେଟରେ ନିର୍ଦ୍ଦିଷ୍ଟ ଭାବେ ସେପରି କିଛି ବ୍ୟବସ୍ଥା କରାଯାଇ ନ ଥିବାରୁ ଚାଷୀ ଏହାକୁ ପାଣିର ଗାର ବୋଲି ଜାଣିଗଲେଣି।

## ପୁରୁଣା କଥା ଦୋହରାଇଲେ

ଆନ୍ଦୋଳନକାରୀ କୃଷକ ଯେଉଁ ବିଷୟକୁ ନେଇ ସବୁଠୁ ଅଧିକ ଚିନ୍ତିତ, ସେଥିରୁ ପ୍ରମୁଖ ପ୍ରସଙ୍ଗ ହେଉଛି ଏମ୍ଏସ୍ପି। କିନ୍ତୁ ସାଧାରଣ ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ଏହା ଉପରେ ନିର୍ଦ୍ଦିଷ୍ଟ ଭାବେ କିଛି ନ କହି ପୁରୁଣା କଥା ଦୋହରାଇଥିଲେ। କହିଥିଲେ, କୃଷକଙ୍କ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ସମସ୍ତ ଫସଲ ଉପରେ ଉତ୍ପାଦନ ଖର୍ଚ୍ଚର ଅନ୍ୟୂନ ୧.୫ ଗୁଣ ଅଧିକ ଏମ୍ଏସ୍ପି ଦିଆଯାଉଛି। ଆମେ କୃଷକମାନଙ୍କୁ ୭୫,୦୦୦ କୋଟି ଟଙ୍କା ଅଧିକ ଦେଇଛୁ। କୃଷକଙ୍କୁ ଅର୍ଥ ପ୍ରଦାନ ପ୍ରକ୍ରିୟାକୁ ମଧ ତ୍ୱରିତ କରାଯାଇଛି। ଗହମ ପାଇଁ ୭୫,୦୬୦ ଓ ଡାଲି ଲାଗି ୧୦,୫୦୩ କୋଟି ଟଙ୍କା ଦିଆଯାଇଛି। ଧାନ ପାଇଁ ପଇଠ କରାଯାଉଥିବା ଅର୍ଥ ୧,୭୨,୭୫୨ କୋଟି ଟଙ୍କା ହୋଇପାରେ ବୋଲି ଅନୁମାନ କରାଯାଉଛି। ଏହା ବ୍ୟତୀତ କୃଷି ଉତ୍ପାଦଗୁଡ଼ିକର ରପ୍ତାନିରେ ଆଉ ୨୨ଟି ସାମଗ୍ରୀକୁ ସାମିଲ କରାଯିବ।



## ଏମ୍ଏସ୍ପି ଉପରେ ଘୋଷଣା

ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଉପରେ ଆଇନ ପ୍ରଣୟନ ଓ କୃଷି ଆଇନକୁ ଉଚ୍ଛେଦ କରିବା ଲାଗି ଦାବି ଜୋର ଧରିଥିବାବେଳେ କୃଷକମାନଙ୍କୁ ସରକାର ଏହି ବଜେଟ ଜରିଆରେ ପୁଣିଥରେ ବଡ଼ ସନ୍ଦେଶ ଦେବାକୁ ଉଦ୍ୟମ କରିଛନ୍ତି। ଅର୍ଥମନ୍ତ୍ରୀ ସୀତାରାମନ ଏମ୍ଏସ୍ପି ଉପରେ କ୍ରୟ ଜାରି ରଖିବା ପାଇଁ ଆଶ୍ୱାସନା ଦେଇଛନ୍ତି। ଏହା ବ୍ୟତୀତ ସରକାର ଉଜ୍ଜ୍ୱଳା ଯୋଜନାରେ ଅଧିକ ଲାଭାର୍ଥୀଙ୍କୁ ବଢ଼ାଇବା ପାଇଁ ଘୋଷଣା କରିଛନ୍ତି। ସେ କହିଛନ୍ତି, ମାଗଣା ରୋଷେଇ ଗ୍ୟାସ୍ ଯୋଜନା 'ଉଜ୍ଜ୍ୱଳା'ରେ ଆଉ ୧ କୋଟି ହିତାଧିକାରୀଙ୍କୁ ଯୋଡ଼ାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୪ କୋଟିରୁ ଅଧିକ କୃଷକ, ମହିଳାଙ୍କୁ ପ୍ରତ୍ୟକ୍ଷ ଅର୍ଥ ହସ୍ତାନ୍ତର କରିଛନ୍ତି।

## ସଫଳତା ବଖାଣିବାବେଳେ ବିରୋଧୀଙ୍କ ସ୍ଲୋଗାନ

ଲୋକ ସଭାରେ ସୀତାରାମନ ବଜେଟ ଉପସ୍ଥାପନ କରି କହିଛନ୍ତି, ୨୦୨୧ ଆର୍ଥିକ ବର୍ଷରେ ଗହମ ଉପରେ ୭୫,୧୦୦ କୋଟି ଟଙ୍କା ଦିଆଯାଇଛି। ଅର୍ଥମନ୍ତ୍ରୀଙ୍କ ଅନୁସାରେ ୪୩.୩୬ ଲକ୍ଷ ଗହମ ଚାଷୀଙ୍କୁ ଏମ୍ଏସ୍ପି ରୂପେ ସରକାରୀ କ୍ରୟରୁ ଲାଭ ମିଳିଛି। ଏହି ସଂଖ୍ୟା ପୂର୍ବରୁ ୩୫.୫୭ ଲକ୍ଷ ଥିଲା। ଏତିକି ବେଳେ ବିରୋଧୀ ଦଳ ସଦସ୍ୟମାନେ କେନ୍ଦ୍ରର ୩ କୃଷି ଆଇନ ବିରୋଧରେ ସ୍ଲୋଗାନ ଦେଇଥିଲେ। ଅର୍ଥମନ୍ତ୍ରୀ ସେମାନଙ୍କୁ ଜବାବ ଦେବାକୁ ଯାଇ କହିଥିଲେ, କୃଷି କ୍ରୟ ଉପରେ ଲଗାତର ବୃଦ୍ଧି ହୋଇଛି, ଯେଉଁଥିପାଇଁ କୃଷକ ଲାଭାନ୍ୱିତ ହୋଇଛନ୍ତି। ସରକାର ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ନିଜ ଲକ୍ଷ୍ୟ ଏବେ ମଧ ବଜାୟ ରଖିଛନ୍ତି। ମୋଦି ସରକାର ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାରଙ୍କଠାରୁ ପ୍ରାୟ ୩ ଗୁଣା ଅଧିକ ଅର୍ଥ କୃଷକଙ୍କ ବ୍ୟାଙ୍କ ଖାତାକୁ ପଠାଇଛନ୍ତି। ସବୁ କ୍ଷେତ୍ରରେ କୃଷକଙ୍କୁ ସାହାଯ୍ୟ କରାଯାଇଛି। ଡାଲି, ଗହମ ସମେତ ଅନ୍ୟ ଫସଲଗୁଡ଼ିକର ଏମ୍ଏସ୍ପି ବୃଦ୍ଧି କରାଯାଇଛି।

## ମୋଦିଙ୍କୁ ଫୋନ୍ ନମ୍ବର ମାଗିଲେ ଚାଷୀ ନେତା



ଦିଲ୍ଲୀ-ଉତ୍ତର ପ୍ରଦେଶ ସୀମାରେ ଆନ୍ଦୋଳନରତ କୃଷକ ନେତା ରାକେଶ ଟିକାଏତ୍ କେନ୍ଦ୍ରର ବଜେଟ ଉପସ୍ଥାପନ ପରେ ଚାଷୀଙ୍କୁ ସମ୍ବୋଧିତ କରି କହିଛନ୍ତି। ବିକେୟୁ ମୁଖପାତ୍ର ଟିକାଏତ୍ କହିଛନ୍ତି, କୃଷି ଆଇନ ପ୍ରତ୍ୟାହାର ନ କରିବା ଯାଏ ଘରକୁ ଯିବା ନାହିଁ। ଏବେ କୃଷକମାନଙ୍କ ଯେପରି ସେନା ପ୍ରସ୍ତୁତ ହୋଇ ରହିଛି ତାକୁ ଭାଙ୍ଗିବାକୁ ଦିଆଯିବ ନାହିଁ। କୃଷକଙ୍କୁ ବଦନାମ କରିବାକୁ ଉଦ୍ୟମ ଚାଲିଛି। ଏହାକୁ ନେଇ କେହି ଚିନ୍ତିତ ହେବା ଦରକାର ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଫୋନ୍ ନମ୍ବର ଦିଅନ୍ତୁ, ଆଲୋଚନା ପାଇଁ ଆମେ ଅପେକ୍ଷା କରିଛୁ। ପ୍ରକାଶ ଯେ, ଶନିବାର ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ କୃଷକ ଆନ୍ଦୋଳନ ଉପରେ ନିଜ ମତ ରଖିଥିଲେ। କହିଥିଲେ, ସରକାର ଆଲୋଚନା ପାଇଁ ପ୍ରସ୍ତୁତ। ଯଦି କୃଷକ ସଙ୍ଗଠନ ଆଗକୁ ମଧ ଚର୍ଚ୍ଚା କରିବାକୁ ଚାହୁଁଛନ୍ତି, ତେବେ ମୁଁ କେବଳ ଗୋଟିଏ ଫୋନ୍ କଲ୍ ଦୂରତାରେ ରହିଛି।

## ବଜେଟ ହୃଦୟରେ ଗାଁ ଓ କୃଷକ: ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଦେଶରେ କୃଷି କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ କୃଷକମାନଙ୍କ ଆୟ ବୃଦ୍ଧି କରିବା ଦିଗରେ ଏହି ବଜେଟରେ ଅନେକ ପଦକ୍ଷେପ ନିଆଯାଇଛି। ଚାଷୀମାନେ ସହଜରେ ଋଣ ପାଇପାରିବେ। କୃଷି ଉତ୍ପାଦ ବଜାର କମିଟି (ଏପିଏମ୍ସି) ବା ମଣ୍ଡିକୁ ଶକ୍ତ କରିବା ପାଇଁ କେତେକ ନିୟମ କରାଯାଇଛି। କୃଷି ଭିତ୍ତିଭୂମି ପାଣ୍ଠି ଏଥିରେ ସହାୟକ ହେବ। ଏହି ସବୁ ନିଷ୍ପତ୍ତିରୁ ଗୋଟିଏ ବିଷୟ ପ୍ରତିଫଳିତ ହେଉଛି ଯେ, ବଜେଟର ହୃଦୟରେ ଗାଁ ଓ ଆମ କୃଷକମାନେ ରହିଛନ୍ତି।

## ସୀତାରାମନଙ୍କ ସଫେଇ



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, କରୋନା ମହାମାରୀ ଯୋଗୁ ଏହି ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି। ଏହାର ମାନେ ଏହା ନୁହେଁ ଯେ, ବଜେଟରେ କୃଷିକୁ ଅଣଦେଖା କରାଯାଇଛି। କୃଷକଙ୍କୁ ଅଧିକ ଲାଭ ଦେବା ପାଇଁ ନାବାର୍ଡ ଲାଗି ଆବଣ୍ଟନ ବଢ଼ାଯାଇଛି। ସୀମାରେ କୃଷକମାନେ କାହିଁକି ବସିଛନ୍ତି ତାହା ଆମେ ବୁଝିପାରୁଛୁ। କୌଣସି ଚାଷୀଙ୍କ କିଛି ପ୍ରଶ୍ନ ଥିଲେ, କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଆଲୋଚନାର ସୁଯୋଗ ଦେବାକୁ କେବେ ମନାକରି ନାହାନ୍ତି। ଯାହା ବି ଆପତ୍ତି ଅଛି ତା' ଉପରେ କୃଷି ଆଇନର କେତେକ ଧାରାରେ ସଂଶୋଧନ ପାଇଁ ସରକାର ପ୍ରସ୍ତୁତ ଥିବା ତୋମାର କହିସାରିଛନ୍ତି। ତେଣୁ ଆଲୋଚନା ଜରିଆରେ ହିଁ ସମାଧାନ ସମ୍ଭବ ବୋଲି ସୀତାରାମନ ସଫେଇ ଦେଇଛନ୍ତି।

## ଦର ବଢ଼ାଇବ କୃଷି ସେସ୍

କୃଷି ଭିତ୍ତିଭୂମି ଓ ବିକାଶ ସେସ୍ (ଏଆଇଡିସି) ବୃଦ୍ଧି କରି ଲିଟର ପ୍ରତି ପେଟ୍ରୋଲ ଉପରେ ୨.୫ ଟଙ୍କା ଓ ଡିଜେଲ ଉପରେ ୪ ଟଙ୍କା ରଖାଯାଇଛି। ଏହା ବ୍ୟତୀତ ଏଗ୍ରିକଲ୍ଚର ସେସ୍ କାବୁଲି ଚଣା ଉପରେ ୩୦%, ମଟର ଉପରେ ୫୦%, ମସୁରୀ ଡାଲି ଉପରେ ୫% ଓ ତୁଳା ଉପରେ ୫% ବୃଦ୍ଧି କରାଯାଇଛି। ତେବେ ସରକାର ଏହା ଉପରେ ଲାଗୁଥିବା ସୀମା ଶୁଳ୍କକୁ ହ୍ରାସ କରିଛନ୍ତି। ଉପଭୋକ୍ତାଙ୍କ ଉପରେ ଏହାର ମୂଲ୍ୟରେ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବ ନାହିଁ ବୋଲି କହିଛନ୍ତି। ତୈଳ ଦର ଉପରେ ସରକାରଙ୍କ ନିୟନ୍ତ୍ରଣ ନ ଥିବାରୁ ଆଗକୁ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ହେବା ନିଶ୍ଚିତ। ତେଲ ଦର ବୃଦ୍ଧି ଘଟିଲେ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ପରିବହନ ଖର୍ଚ୍ଚ ବଢ଼ିବ। ତେଣୁ ସବୁ ସାମଗ୍ରୀର ଦର ବୃଦ୍ଧି ଆଶଙ୍କା କରାଯାଉଛି।

## କ'ଣ ପାଇଲେ କୃଷକ

ଦିଲ୍ଲୀ ସୀମାରେ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ ଜାରି ରଖିଥିବା ଲକ୍ଷାଧିକ କ୍ଷୁବ୍ଧ କୃଷକ ମୋଦି ସରକାରଙ୍କ ନୀତିଗୁଡ଼ିକୁ ଚାଷୀ ବିରୋଧୀ ବୋଲି କହିଛନ୍ତି। ଏଭଳି ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ କରି ଏହାକୁ କୃଷକଙ୍କ ପ୍ରତି ଉତ୍ସର୍ଗୀକୃତ ବୋଲି କହିଛନ୍ତି। ବର୍ଷ ୨୦୨୧-୨୨ର କେନ୍ଦ୍ରୀୟ ବଜେଟରେ ସରକାର କୃଷି ସେକ୍ଟର ପାଇଁ କେତେକ ଘୋଷଣା କରିଛନ୍ତି।

### ୧. ସାରା ଦେଶରେ ସ୍ୱାମିତ୍ୱ ଯୋଜନା

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାମିତ୍ୱ ଯୋଜନା ଆରମ୍ଭ କରିଥିଲେ। ଗ୍ରାମାଞ୍ଚଳରେ ସମ୍ପତ୍ତି ମାଲିକାନାରେ ସ୍ୱଚ୍ଛତା ଆଣିବା ହେଉଛି ଏହି ଯୋଜନାରେ ଉଦ୍ଦେଶ୍ୟ। ଉକ୍ତ ଯୋଜନା ଅନୁସାରେ ବର୍ତ୍ତମାନ ସୁଦ୍ଧା ୧,୨୪୧ ଗ୍ରାମର ୧.୮୦ ଲକ୍ଷ ସମ୍ପତ୍ତି ମାଲିକଙ୍କୁ ସ୍ୱତ୍ୱ ପ୍ରଦାନ କରାଯାଇଛି। ସ୍ୱାମିତ୍ୱ ଯୋଜନାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଲାଗୁ କରାଯିବ।

### ୨. ୧୬.୫ ଲକ୍ଷ କୋଟି ଋଣ

ବଜେଟ ଅଭିଭାଷଣରେ ଅର୍ଥମନ୍ତ୍ରୀ କୃଷି କ୍ଷେତ୍ର ପାଇଁ ଏଗ୍ରିକଲ୍ଚର କ୍ରେଡିଟ୍ ଟାର୍ଗେଟ (କୃଷି ଋଣ ଲକ୍ଷ୍ୟ) ବୃଦ୍ଧି ନେଇ ସୂଚନା ଦେଇଛନ୍ତି। ସୀତାରାମନ କହିଛନ୍ତି, ସରକାର କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ। ପ୍ରାଣୀ ସମ୍ପଦ, ମାଛଚାଷ ଓ ଦୁଗ୍ଧଜାତ ସମଗ୍ରୀ ଉତ୍ପାଦନ ବୃଦ୍ଧି ପାଇଁ ୨୦୨୨ରେ କୃଷକଙ୍କୁ ଅଧିକ କୃଷି ଋଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ୧୬.୫ ଲକ୍ଷ କୋଟି ଟଙ୍କାର। ଗତବର୍ଷ ଏହା ୧୫ ଲକ୍ଷ କୋଟି ଟଙ୍କା ଥିଲା।

### ୩. ଗ୍ରାମାଞ୍ଚଳ ଭିତ୍ତିଭୂମି ପାଇଁ ୩୩% ଅନୁଦାନ ବୃଦ୍ଧି

ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିକୁ ୩୦,୦୦୦ କୋଟିରୁ ୪୦,୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୩୩% ଅଧିକ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

### ୪. କ୍ଷୁଦ୍ର ଜଳସେଚନ ପାଣ୍ଠି ଦୁଇଗୁଣା

ନାବାର୍ଡ ଅଧୀନରେ ୫,୦୦୦ କୋଟି ଟଙ୍କାରେ ଆରମ୍ଭ କରାଯାଇଥିବା କ୍ଷୁଦ୍ର ଜଳସେଚନ ପାଣ୍ଠିକୁ ଅତିରିକ୍ତ ୫,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

### ୫. ଅପରେଶନ ଗ୍ରୀନ୍ ସ୍କିମ୍

କୃଷି କ୍ଷେତ୍ରରେ ଉନ୍ନତି ଆଣିବା ଓ ଆନୁଷଙ୍ଗିକ ଉତ୍ପାଦଗୁଡ଼ିକର ରପ୍ତାନି ପାଇଁ ଏହି ଯୋଜନାରେ ଅଧିକ ୨୨ଟି ପଚନଶୀଳ ସାମଗ୍ରୀକୁ ସାମିଲ କରାଯିବ। ବର୍ତ୍ତମାନ ପର୍ଯ୍ୟନ୍ତ ଅପରେଶନ ଗ୍ରୀନ୍ ସ୍କିମ୍ କେବଳ ଟମାଟୋ, ପିଆଜ ଓ ଆଳୁ (ପିଓଟିଓଏସ୍) ପାଇଁ ପ୍ରଯୁଜ୍ୟ ଥିଲା।

### ୬. ୧,୦୦୦ ମଣ୍ଡିକୁ ଇ-ନାମ୍ ସହ ଯୋଡ଼ାଯିବ

ଇ-ନାମ୍ରେ ପ୍ରାୟ ୧.୬୮ କୋଟି ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଏହା ଜରିଆରେ ୧.୧୪ ଲକ୍ଷ କୋଟି ଟଙ୍କା ବାଣିଜ୍ୟ ମୂଲ୍ୟର କାରବାର ହୋଇଛି। କୃଷି ବଜାରରେ ସ୍ୱଚ୍ଛତା ଓ ପ୍ରତିଦ୍ୱନ୍ଦ୍ୱିତା ଆଣିବା ପାଇଁ ଇ-ନାମ୍ ନିର୍ଣ୍ଣାୟକ ହୋଇଛି। ଆଗକୁ ଅଧିକ ୧,୦୦୦ ମଣ୍ଡିକୁ ଏହି ବ୍ୟବସ୍ଥାରେ ଯୋଡ଼ାଯିବ।

### ୭. ଏପିଏମ୍ସିକୁ ପ୍ରୋତ୍ସାହନ

କୃଷି ଉତ୍ପାଦ ବଜାର କମିଟି (ଏପିଏମ୍ସି)କୁ ପ୍ରୋତ୍ସାହନ ଦେବା ପାଇଁ ଏହାକୁ କୃଷି ଭିତ୍ତିଭୂମି ପାଣ୍ଠିରୁ ସହାୟତା ଦିଆଯିବ। ମଣ୍ଡିଗୁଡ଼ିକୁ ଅତିରିକ୍ତ ୫,୦୦୦ କୋଟି ଟଙ୍କାର କୃଷି ଭିତ୍ତିଭୂମି ପାଣ୍ଠି ଆବଣ୍ଟନ କରାଯାଇଥିବା ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି।

### ୮. ବିକଶିତ ହେବ ୫ ଫିଶିଂ ହାର୍ବର

କୋଚି, ଚେନ୍ନାଇ, ବିଶାଖାପାଟଣା ପାରାଦୀପ ଓ ପେଟୁଆଘାଟରେ ଥିବା ୫ ଫିଶିଂ ହାର୍ବରକୁ ଆର୍ଥିକ ଗତିବିଧିର ହବ୍ ରୂପେ ପ୍ରସ୍ତୁତ କରାଯିବ। ସେହିପରି ତାମିଲନାଡୁରେ ଫିଶିଂ ଲୋଡିଂ ସେଣ୍ଟର ବିକଶିତ କରାଯିବ।



## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୦,୩୬,୭୦,୩୧୯ | ୨୨,୪୧,୦୧୫ | ୭,୫୨,୬୯,୦୦୬ |
| ଭାରତ | ୧,୦୭,୬୪,୧୭୭ | ୧,୫୪,୪୭୨ | ୧,୦୪,୪୨,୧୩୭ |
| ଓଡ଼ିଶା | ୩,୩୫,୧୫୧ | ୧୯୦୭(+୫୩) | ୩,୩୨,୨୩୯ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ସନ୍ ହସ୍ପିଟାଲରେ ନିଆଁ

କଟକ ଅଫିସ,୧।୨



ସନ୍ ହସ୍ପିଟାଲ୍ ପଞ୍ଚମ ମହଲାରେ ଲାଗିଥିବା ନିଆଁ।

- ଅଫିସ, କମ୍ପ୍ୟୁଟର ରୁମ୍ ପୋଡ଼ିଗଲା
- ୬୦ ଅଗ୍ନିଶମ କର୍ମଚାରୀ ନିଆଁଲିଭା କାର୍ଯ୍ୟରେ ନିୟୋଜିତ
- ବିନା ଫାୟାର ଲାଇସେନ୍ସରେ ଚାଲିଥିଲା
- ରୋଗୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର

କଟକ କନିକାଛକସ୍ଥିତ ସନ୍ ହସ୍ପିଟାଲରେ ସୋମବାର ପୂର୍ବାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ ହସ୍ପିଟାଲର ପଞ୍ଚମ ମହଲାରେ ଥିବା ଅଫିସ, କମ୍ପ୍ୟୁଟର ରୁମ୍, ଏସି, ଦୁଇଟି ଏଲ୍ଇଡି ଟିଭି, ଦାମୀ ଆସବାବପତ୍ର ସମେତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ପାଉଁଶ ହୋଇଯାଇଛି। ନିଆଁ ଲାଗିବା ଜଣାପଡିବା ପରେ ହସ୍ପିଟାଲରେ ଥିବା ୧୧ ଜଣ ରୋଗୀଙ୍କୁ ସୁରକ୍ଷିତ ଭାବେ ଏସ୍ସିବି ମେଡିକାଲ ସମେତ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କଟକର ବିଭିନ୍ନ ଅଗ୍ନିଶମ କେନ୍ଦ୍ରରୁ ୭ଟି ଦମକଳ ଗାଡି ଓ ବ୍ରୋଣ୍ଟ ସ୍କାଏ ମେଶିନ ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ପ୍ରାୟ ୬୦ ଜଣ କର୍ମଚାରୀ ଅଢେଇ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ନିର୍ଦ୍ଦିଷ୍ଟ କାରଣ ଜଣାପଡି ନ ଥିଲେ ମଧ୍ୟ ସର୍ଟସର୍କିଟ୍ କିମ୍ବା ସେଠାରେ ଚାଲିଥିବା ୱେଲ୍ଡିଂ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଏଥରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ହଠାତ୍ ନିଆଁ ଲାଗିଯାଇଥିଲା। ପରେ ସେଠାରେ ଥିବା କ୍ୟାଣ୍ଟିନ ଓ ଆଡ୍ମିନ୍ଷ୍ଟ୍ରେଟିଭ ବ୍ଲକକୁ ନିଆଁ ବ୍ୟାପିଯିବାରୁ ପରିବେଶ ଧୂଆଁମୟ ହୋଇଯାଇଥିଲା। ଏ ସମ୍ପର୍କରେ ଜଣାପଡିବା ପରେ ହସ୍ପିଟାଲ କର୍ମଚାରୀ, ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆତଙ୍କିତ ହୋଇପଡିଥିଲେ। ଖବର ପ୍ରଚାରିତ ହେବାପରେ ଘଟଣାସ୍ଥଳରେ ଲୋକମାନେ ରୁଣ୍ଡ ହୋଇଯାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ଲାଗିପଡ଼ିଥିଲେ। ଅପରପକ୍ଷେ ହସ୍ପିଟାଲ କର୍ମଚାରୀମାନେ ରୋଗୀମାନଙ୍କୁ ସୁରକ୍ଷିତ ଭାବେ ଭିତରୁ ବାହାର କରି ଆମ୍ବୁଲାନ୍ସରେ ବିଭିନ୍ନ ହସ୍ପିଟାଲକୁ ପଠାଇଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍ସି କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ୍ ସିଂ ପ୍ରମୁଖ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

ଏ ନେଇ ଫାୟାର ଅଫିସର ଅବନୀ କୁମାର ସ୍ୱାଇଁ କହିଛନ୍ତି, ବିନା ଫାୟାର ଲାଇସେନ୍ସରେ ଉକ୍ତ ହସ୍ପିଟାଲ ଚାଲୁଥିଲା। ପୂର୍ବରୁ ମକ୍ଡ୍ରିଲ ଜରିଆରେ ସତର୍କ କରାଯାଇଥିବାରୁ ସମସ୍ତ ରୋଗୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହଜ ହୋଇଥିଲା।

## ସଂକ୍ଷେପରେ

### ସତ୍ୟଜିତ ମହାନ୍ତି ଓପିଏସ୍ସି ଅଧ୍ୟକ୍ଷ



ଭୁବନେଶ୍ୱର,୧।୨(ବ୍ୟୁରୋ): ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ସତ୍ୟଜିତ ମହାନ୍ତି ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍ସି)ର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଏ ନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସତ୍ୟଜିତ ଅଗ୍ନିଶମ, ହୋମଗାର୍ଡ ଡିଜି ଅଛନ୍ତି। ୬୨ ବର୍ଷ ଯାଏ ସେ ଓପିଏସ୍ସି ଅଧ୍ୟକ୍ଷ ପଦବୀରେ ରହିବେ। ଓପିଏସ୍ସି କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ବିଭୂତି ଭୂଷଣ ପଟ୍ଟନାୟକ କାର୍ଯ୍ୟ କରୁଛନ୍ତି।

### ଟାଙ୍ଗିଆରେ ହାଣି ବାପାଙ୍କୁ ହତ୍ୟାକଲେ ନାବାଳକ

ବିଷମକଟକ, ୧।୨: ପାରିବାରିକ କଳହରୁ ଅତିଷ୍ଠ ହୋଇ ଜଣେ ନାବାଳକ ଟାଙ୍ଗିଆରେ ହାଣି ତାଙ୍କ ବାପାଙ୍କୁ ହତ୍ୟା କରିଛନ୍ତି। ପୋଲିସ ନାବାଳକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଏପରି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ବିଷମକଟକ ଥାନା ଅଞ୍ଚଳରେ। ପ୍ରକାଶ ଯେ, ରବିବାର ବିଳମ୍ବିତ ରାତିରେ ମୃତକ ଓ ତାଙ୍କ ନାବାଳକ ପୁଅଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ନାବାଳକ ଜଣକ ଉତ୍ତ୍ୟକ୍ତ ହୋଇ ବାପାଙ୍କୁ ପଛପଟୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ନାବାଳକ ଫେରାର ହୋଇଯାଇଥିଲେ। ସୋମବାର ସକାଳୁ ଗ୍ରାମବାସୀ ଘଟଣା ସମ୍ପର୍କରେ ପୋଲିସକୁ କହିଥିଲେ। ବିଷମକଟକ ଥାନାଧିକାରୀ ଯଶୋବନ୍ତ ହିଆଲ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ସୋମବାର ଗାଁ ନିକଟ ଜଙ୍ଗଲରୁ ପୋଲିସ ନାବାଳକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

### ଶାଣିତ ହେବ ବିପର୍ଯ୍ୟୟ ପରିଚାଳନା ଦକ୍ଷତା

ଭୁବନେଶ୍ୱର,୧।୨(ବ୍ୟୁରୋ): ଗତବର୍ଷ ଦେଖା ଦେଇଥିବା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଶ୍ୱସ୍ତରୀୟ ସ୍ୱୀକୃତି ଲାଭ କରିବା ପରେ ରାଜ୍ୟରେ ଏହି ଦକ୍ଷତାକୁ ଅଧିକ ଶାଣିତ ଏବଂ ବ୍ୟାପକ କରିବା ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରଚେଷ୍ଟା ଆରମ୍ଭ ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓସ୍ଡମା ପରିଚାଳନା ବୈଠକରେ ଏ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି। ତୃଣମୂଳସ୍ତରରେ ବିପର୍ଯ୍ୟୟ ପରିଚାଳନାକୁ ଅଧିକ ଫଳପ୍ରସୂ ଏବଂ ବ୍ୟାପକ କରିବା ଲାଗି ଗୁରୁତ୍ୱାରୋପ କରାଯାଇଛି। ଏଥିଲାଗି ଗ୍ରାମ ସମୁଦାୟ, ପଞ୍ଚାୟତିରାଜ ପ୍ରତିନିଧି ଏବଂ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବର୍ଷର ବିଭିନ୍ନ ସମୟରେ ତାଲିମ ଏବଂ ଅନୁପ୍ରେରଣା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଉନ୍ନୟନ କମିଶନର ପ୍ରଦୀପ ଜେନା କହିଛନ୍ତି, କଟକ, ଭୁବନେଶ୍ୱର ଲାଗି ସ୍ୱତନ୍ତ୍ର ଅଗ୍ନି ନିରାପତ୍ତା ଯୋଜନାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିଲାଗି ସମ୍ପୃକ୍ତ ସଂସ୍ଥା ସହ ୨ଟି ପର୍ଯ୍ୟାୟରେ ଆଲୋଚନା ସରିଛି।

# ଖସୁଛି ପାରଦ: ପୁଣି ଥରେଇବ ଶୀତ

ଭୁବନେଶ୍ୱର,୧।୨(ବ୍ୟୁରୋ)

- ଅଧିକାଂଶ ଜିଲାରେ ଶୀତ ଲହରି
- ଅରେଞ୍ଜ ୱାର୍ନିଂ ଜାରି କଲା ପାଣିପାଗ ବିଭାଗ
- ୫ ଡିଗ୍ରୀକୁ ଖସିଲା ଫୁଲବାଣୀ

ରାଜ୍ୟରେ ଶୀତର ପ୍ରକୋପ ଦେଖାଦେଇଛି। ଗତ ଦୁଇଦିନ ହେବ ପାରଦ ତଳମୁହାଁ ହୋଇଛି। ଆସନ୍ତା ୫ ତାରିଖ ଯାଏ ରାଜ୍ୟର କେତେକ ଭାଗରେ ଶୀତ ଥରେଇବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ମଙ୍ଗଳବାର ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ, ସୁନ୍ଦରଗଡ, ବଲାଙ୍ଗୀର ଏବଂ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ଶୀତ ଲହରି ପ୍ରବାହିତ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ଏହି ସମୟରେ ସୋନପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡା, ନୟାଗଡ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, କେନ୍ଦ୍ରାପଡା, ଜଗତ୍ସିଂହପୁର, ସମ୍ବଲପୁର, ଅନୁଗୋଳ ଏବଂ ବରଗଡ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଶୀତ ଲହରି ପ୍ରବାହିତ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ସେହିପରି ଫେବୃୟାରୀ ୨ ତାରିଖରେ ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ, ସୁନ୍ଦରଗଡ, ବଲାଙ୍ଗୀର ଏବଂ କନ୍ଧମାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଡଭଙ୍ଗା ଶୀତ ହେବ। ଏ ନେଇ ପାଣିପାଗ ବିଭାଗ ଅରେଞ୍ଜ ୱାର୍ନିଂ ଜାରି କରିଛି। ସେହିପରି ସୋନପୁର, ବୌଦ୍ଧ, ନୂଆପଡା, କଳାହାଣ୍ଡି, ନୟାଗଡ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, କେନ୍ଦ୍ରାପଡା, ଜଗତ୍ସିଂହପୁର, ସମ୍ବଲପୁର, ଅନୁଗୋଳ ଏବଂ ବୌଦ୍ଧ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ଶୀତ ଲହରୀ ପ୍ରବାହିତ ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ସେହିପରି ଫେବୃୟାରୀ ୩ ତାରିଖରେ ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଦେବଗଡ, କନ୍ଧମାଳ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ବୌଦ୍ଧ ଜିଲାର କେତେକ ସ୍ଥାନରେ ଶୀତ ଲହରି ପ୍ରବାହିତ ହେବ। ୪ ତାରିଖରେ ଝାରସୁଗୁଡା, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ ଏବଂ ଦେବଗଡ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଶୀତ ଲହରି ପ୍ରବାହିତ ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ସୋମବାର ରାଜ୍ୟର ୯ଟି ସହର ପାରଦ ୧୦ ଡିଗ୍ରୀ ସେଲ୍ସିୟସ ତଳକୁ ଖସିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୭.୫, ବାରିପଦା ୯.୬, କେନ୍ଦୁଝର ୮.୪, ସୁନ୍ଦରଗଡ ୯, ବଲାଙ୍ଗୀର ୭.୮, ସୋନପୁର ୮.୬, ଦାରିଙ୍ଗବାଡି ୯, ବୌଦ୍ଧରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲ୍ସିୟସ ତଳକୁ ଖସି ଯାଇଛି।

ପ୍ରବଳ ଥଣ୍ଡା ସମ୍ଭାବନା ଥିବାରୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ସତର୍କ କରାଯାଇଛି। ବାସହୀନ ଲୋକମାନଙ୍କୁ ସ୍କୁଲ, କଲେଜ, ଗୋଷ୍ଠୀ କେନ୍ଦ୍ର ଆଦିରେ ରହିବା ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି।



ନୂଆପଡ଼ା ଜିଲାରେ ଥିବା ଧାନ ମଣ୍ଡିରେ ନାନା ଅବ୍ୟବସ୍ଥା ଓ ଦୁର୍ନୀତି ପ୍ରତିବାଦରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଦଳିତ ଅଧିକାର ମଞ୍ଚ ପକ୍ଷରୁ ନୂଆପଡ଼ାରୁ ବାହାରିଥିବା ସାଇକେଲ ଶୋଭାଯାତ୍ରା ସୋମବାର ଭୁବନେଶ୍ୱରରେ ପହଞ୍ଚିଛି।

# ପରୀ ପରିବାରକୁ ମିଳିବ ୯ ଲକ୍ଷ ଟଙ୍କା

ନୟାଗଡ ଅଫିସ,୧।୨: ଭିକ୍ଟିମ୍ କମ୍ପେନସେସନ୍ ଆକ୍ଟ ଜରିଆରେ ପରୀ ପରିବାରକୁ ଦୁଇ ପର୍ଯ୍ୟାୟରେ ମିଳିବ ୯ ଲକ୍ଷ ଟଙ୍କା। ଏନେଇ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ୱୀକୃତି ମିଳିଛି। ସୋମବାର ନୟାଗଡ଼ ଜିଲା ଜଜ୍ ଓ ଦୌରାଜଜ୍ଙ୍କ ସମ୍ମିଳନୀ କକ୍ଷରେ ଜିଲା ଆଇନ

**ରାଜ୍ୟ ଆଇନ ସେବା ପ୍ରାଧିକରଣ କମିଟି ଦେଲା ସ୍ୱୀକୃତି**

ସେବା ପ୍ରାଧିକରଣ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ଜଜ୍ ଓ ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲାପାଳ ପୋମା ଟୁଡୁ, ଏସ୍ପି ସିଦ୍ଧାର୍ଥ କଟାରିଆ, ସିଡିଏମ୍ଓ ଶକ୍ତି ପ୍ରସାଦ ମିଶ୍ର, ସରକାରୀ ଓକିଲ ବିଷ୍ଣୁ ପ୍ରସନ୍ନ ମହାପାତ୍ର ଓ ଜିଲା ଆଇନ ସେବା ପ୍ରାଧିକରଣ କମିଟିର ସମ୍ପାଦକ ଯୋଗ ଦେଇଥିଲେ। ପରୀ ହତ୍ୟାକାଣ୍ଡ ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ୯ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଇନ ସେବା ପ୍ରାଧିକରଣ କମିଟି ତା'ର ସୁପାରିସକୁ ରାଜ୍ୟ ଆଇନ ସେବା ପ୍ରାଧିକରଣ କମିଟିକୁ ପଠାଇଥିଲେ। କୌଣସି ସ୍ଥାନରେ ହତ୍ୟାକାଣ୍ଡ ଘଟିଲେ ମୃତକଙ୍କ ପରିବାରବର୍ଗଙ୍କୁ ଅତିବେଶୀରେ ୧୦ ଲକ୍ଷ ଟଙ୍କା ଭିକ୍ଟିମ୍ କମ୍ପେନସେସନ୍ ଆକ୍ଟରେ ଦିଆଯାଇ ପାରିବାର ନିୟମ ରହିଛି। ସୂଚନାଯୋଗ୍ୟ, ଗାଁ ଦାଣ୍ଡରେ ଖେଳୁଥିବାବେଳେ ଯଦୁପୁର ଗାଁର ଅଶୋକ ସାହୁଙ୍କ ୬ ବର୍ଷୀୟା ଝିଅ ପରୀ ୨୦୨୦ ଜୁଲାଇ ୧୪ରେ ନିଖୋଜ ହୋଇଯାଇଥିଲେ। ନିଖୋଜର ୧୦ଦିନ ଅର୍ଥାତ୍ ଜୁଲାଇ ୨୩ରେ ପରୀର ୧୨ ଖଣ୍ଡ ହାଡ଼, ଖପୁରି ଓ ଶାର୍ଟ ଅଖାବସ୍ତା ଭିତରୁ ତାଙ୍କ ବାରିପଟ ପୋଖରୀ ହଡ଼ାରୁ ଜବତ କରାଯାଇଥିଲା। ପୋଲିସ ୯୮/୨୦ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲା। ନ୍ୟାୟ ନ ପାଇବାରୁ ନଭେମ୍ବର ୨୪ରେ ପୋଲିସ, ଜିଲା ପ୍ରଶାସନ ଓ ନୟାଗଡର ମନ୍ତ୍ରୀ ତଥା ବିଧାୟକଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ପରୀର ମା'ବାପା ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଡିଜେଲ ଓ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଏସ୍ଆଇଟି ତଦନ୍ତ କରି ଜଣେ କଲେଜ ଛାତ୍ରଙ୍କୁ କୋର୍ଟରେ ହାଜର କରାଯାଇଥିଲା, ଯାହାର ବିଚାର ଚିଲ୍ଡ୍ରେନ କୋର୍ଟରେ ଚାଲିଛି।

# ୧୮ରୁ ବିଧାନସଭା ବଜେଟ ଅଧିବେଶନ

- ୨୨ରେ ବଜେଟ୍
- ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଲ୍
- ଦୁଇଟି ପର୍ଯ୍ୟାୟରେ ଚାଲିବ ୩୧ ଦିନ



ଭୁବନେଶ୍ୱର,୧।୨(ବ୍ୟୁରୋ): ଆସନ୍ତା ୧୮ ତାରିଖରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ଏହା ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୯ ତାରିଖ ଯାଏ ଚାଲିବ। ଫେବୃୟାରୀ ୧୮ ତାରିଖ ପ୍ରଥମ ଦିବସ ରାଜ୍ୟପାଳଙ୍କ ଅଭିଭାଷଣରୁ ଅଧିବେଶନ ଆରମ୍ଭ ହେବ। ୧୯ ଓ ୨୦ ଦୁଇଦିନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ଫେବୃୟାରୀ ୨୨ ତାରିଖରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ବଜେଟ ଉପସ୍ଥାପନ କରିବେ। ୨୫ରୁ ୨୭ ଯାଏ ବଜେଟ ଉପରେ ଆଲୋଚନା ହେବ। ମାର୍ଚ୍ଚ ୧ରୁ ୧୧ ତାରିଖ ଯାଏ ଅଧିବେଶନ ବିରତ ରହିବ। ୧୨ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ। ସେହିଦିନ ବିଧାନସଭାରେ ସମସ୍ତ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ କରାଯିବ। ୧୫ରୁ ୨୭ ଯାଏ ଖର୍ଚ୍ଚଦାବି ଉପରେ ଆଲୋଚନା ହେବ। ମାର୍ଚ୍ଚ ୩୧ରେ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଆଗତ ହେବ। ଏହି ଅଧିବେଶନରେ ମୋଟ ୩୧ଟି କାର୍ଯ୍ୟ ଦିବସ ରହିଛି।

# ବଜେଟ ପ୍ରତିକ୍ରିୟା

### ସବୁ ବର୍ଗର ଲୋକ ଉପକୃତ ହେବେ



ଚଳିତ ବଜେଟର ବିଭିନ୍ନ କ୍ଷେତ୍ରରୁ ଓଡ଼ିଶା ସିଂହଭାଗ ଲାଭ ପାଇବ ସହ ରାଜ୍ୟର ସବୁ ବର୍ଗର ଲୋକ ବିଶେଷ ଉପକୃତ ହୋଇପାରିବେ। ବଜେଟରେ କ୍ରୟ ଏବଂ ଖର୍ଚ୍ଚର ପୁନରୁଦ୍ଧାର ସହ ପୁଞ୍ଜିନିବେଶ, ନିର୍ମାଣକୁ ଗତିଦେବା, ଭିତ୍ତିଭୂମିକୁ ସୁଦୃଢ଼ କରିବା, ଏମ୍ଏସ୍ଏମ୍ଇକୁ ଅଗ୍ରାଧିକାର ଦେବା, ନୂଆ ସୁଯୋଗ ସୃଷ୍ଟି କରିବା ସହ ରୋଜଗାର ଓ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ପୁଣିଥରେ କୋଟିଏରୁ ଅଧିକ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ଯୋଗାଇଦେବା ପାଇଁ ବଜେଟରେ ବ୍ୟବସ୍ଥା ହୋଇଛି। ଆତ୍ମନିର୍ଭର ଭାରତ ସ୍ୱାସ୍ଥ୍ୟ ଯୋଜନା ସହ ପିଇବା ପାଣି, ସହରାଞ୍ଚଳରେ ଘର ନିର୍ମାଣ ଓ ପୋଷଣ ଅଭିଯାନ ନାଗରିକଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ। ଓଡ଼ିଶାରେ ପୋଷଣ ଅଭିଯାନରେ ଆମ ରାଜ୍ୟର ୧୦ଟି ଆକାଂକ୍ଷୀ ଜିଲା ପ୍ରାଥମିକତା ପାଇବ। ଅପରପକ୍ଷରେ ବଜେଟରେ ଢାଞ୍ଚାଗତ କ୍ଷେତ୍ର ତଥା ସଡ଼କପଥ, ରେଳପଥ, ଅର୍ଥନୈତିକ କୋରିଡର ତଥା ମାନବ ସମ୍ବଳର ବିକାଶ ପାଇଁ ପ୍ରାଧାନ୍ୟ ଦିଆଯାଇଛି। ଓଡ଼ିଶାର ଇସ୍ପାତ, ଖଣି କ୍ଷେତ୍ର ତଥା ମାନବପୁଞ୍ଜିର ଅନେକ ସମ୍ଭାବନା ଆଣିଛି। ଭଦ୍ରକରେ ଆଇଓସିଏଲ୍ ଦ୍ୱାରା ସୂତା କାରଖାନା ପ୍ରତିଷ୍ଠା କରାଯାଉଛି। ଏହି ଦୃଷ୍ଟିରୁ ଓଡ଼ିଶାରେ ଦେଶର ଓ ବିଶ୍ୱର ଆବଶ୍ୟକତାକୁ ଦେଖି ଟେକ୍ସଟାଇଲ କ୍ଲଷ୍ଟର ନିର୍ମାଣ ହୋଇପାରିବ। ପାରାଦୀପ ଠାରେ ବୃହତ୍ ସମନ୍ୱିତ ମତ୍ସ୍ୟ ବନ୍ଦର ପ୍ରତିଷ୍ଠାର ଯୋଜନା ରଖାଯାଇଛି।

\- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ

### ଆର୍ଥିକ ପ୍ରଗତିକୁ ଆଗେଇନେବା ଭଳି ବଜେଟ



ଦେଶର ଆର୍ଥିକ ପ୍ରଗତିକୁ ଆଗେଇନେବା ଭଳି କ୍ରାନ୍ତିକାରୀ ବଜେଟ ଆସିଛି। ଏହା ସବୁ ବର୍ଗକୁ ସୁହାଇଲା ଭଳି ହୋଇଛି। ନୂଆ ଭାରତର ପରିକଳ୍ପନାକୁ ବାସ୍ତବତାରେ ପରିଣତ କରିବା ଦିଗରେ ଏହା ସଫଳ ହେବ। ଚାଷଠାରୁ ଆରମ୍ଭକରି ମହାକାଶ ଗବେଷଣା ପର୍ଯ୍ୟନ୍ତ ଦେଶର ବିକାଶ ଓ ପ୍ରଗତି ଦିଗରେ ଗୁରୁତ୍ୱ ବହନ କରୁଥିବା ସମସ୍ତ କ୍ଷେତ୍ର ପ୍ରତି ଧ୍ୟାନ ଦିଆଯାଇଛି। ଏଥିରେ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପୁଷ୍ଟିକର ଖାଦ୍ୟ, ବିଶୁଦ୍ଧ ଜଳ ଓ ସୁଯୋଗର ସମାନତା ଉପରେ ସାଧାରଣ ପୁରୁଷ ଓ ମହିଳା ଉପକୃତ ହେବେ। ଏହି ବଜେଟ ବ୍ୟକ୍ତିବିଶେଷ, ନିବେଶକ, ଶିଳ୍ପ ଏବଂ ଭିତ୍ତିଭୂମି କ୍ଷେତ୍ର ପାଇଁ ସକାରାତ୍ମକ ପରିବର୍ତ୍ତନ ଆଣିବ। ଦେଶର ଯୁବବର୍ଗଙ୍କ ସ୍ୱପ୍ନ ସାକାର କରିବା ଦିଗରେ ବଡ଼ ଭୂମିକା ନେବ। ଏଥିରେ ଚାଷୀଙ୍କୁ ସହଜରେ ଋଣ ପ୍ରଦାନ କରିବା ଓ ମଣ୍ଡିଗୁଡିକର ଭିତ୍ତିଭୂମି ବିକାଶିତ କରାଯିବା ନେଇ ବ୍ୟବସ୍ଥା ରହିଛି। ଚାଷୀଙ୍କୁ ଦେଢ଼ଗୁଣା ଏମ୍ଏସ୍ପି ସୁନିଶ୍ଚିତ କରି ୨୦୨୨ ସୁଦ୍ଧା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରାଯିବ। ପ୍ରଥମ ପାଳି ଥିଲା ଆବଶ୍ୟକତାର ୫ ବର୍ଷ। ଏବେ ଦ୍ୱିତୀୟ ପାଳିର ୫ ବର୍ଷ ହେଉଛି ଆକାଂକ୍ଷାର ବର୍ଷ। ଦେଶର ସବୁ ବର୍ଗର ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା ଦିଗରେ ଏ ସରକାର କାମ କରିବ।

\- ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି

### ଦୀର୍ଘ ମିଆଦୀ ଯୋଜନାରେ ବିପୁଳ ଅର୍ଥ ଯୋଗାଯାଇଛି



କୋଭିଡ୍ ମୁକାବିଲା ଭିତରେ ମଧ୍ୟ ଯେପରି ବଜେଟ ଆସିଛି ତାହା ସମ୍ପୂର୍ଣ୍ଣ ଲୋକାଭିମୁଖୀ ଏବଂ ଜନହିତକାରୀ ହେବ। ଭବିଷ୍ୟତରେ ଦେଶକୁ ଅଧିକ ବିକାଶ ଦିଗରେ ନେବା ପାଇଁ ଦୀର୍ଘ ମିଆଦୀ ଯୋଜନାରେ ବିପୁଳ ଟଙ୍କା ପଶିଛି। ଚାଷୀଙ୍କ ଲାଗି ସବୁଠାରୁ ଅଧିକ ପଦକ୍ଷେପ ନିଆଯାଇଛି। ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ଯେପରି ଦେଢ଼ଗୁଣା ଅଧିକ ମିଳିବ ସେଦିଗରେ ପଦକ୍ଷେପ ନିଆଯାଇଛି। ଏହାସହ ସେମାନଙ୍କ ପାଇଁ ଅଧିକ ଟଙ୍କାର ଋଣ ବ୍ୟବସ୍ଥା ମଧ୍ୟ ହୋଇଛି। ବଜେଟର ରୂପରେଖ ଯେପରି ହୋଇଛି ସେଥିଯୋଗୁ ଦେଶର ଜିଡିପି ମଧ୍ୟ ଦୁଇଗୁଣା ବୃଦ୍ଧି ପାଇବ। ଦେଶରେ ବହୁ ବଡ଼ ବଡ଼ ରେଳପଥକୁ ଇଲେକ୍ଟ୍ରିଫିକେଶନ କରିବାର ବ୍ୟବସ୍ଥା ହୋଇଛି। ସବୁ ଜାଗାରେ ପାଇପ ଯୋଗେ ପିଇବା ପାଣିର ବ୍ୟବସ୍ଥା ହୋଇଛି। କୌଣସି କ୍ଷେତ୍ରକୁ ସରକାର ଅଣଦେଖା କରାଯାଇନାହିଁ। ଏହା ଏକ ଯୁଗାନ୍ତକାରୀ ବଜେଟ।

\- ପ୍ରଦୀପ୍ତ କୁମାର ନାଏକ, ବିରୋଧୀ ଦଳ ନେତା

### ଏହା ଦେଶ ପାଇଁ ଐତିହାସିକ ବିପତ୍ତି ଆଣିଦେବ



କୋଭିଡ୍ ପରେ ପରେ ଦେଶର ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଦୁର୍ବଳ ହୋଇପଡିଛି। ଏପରିକି ଆମ ଆର୍ଥିକ ସ୍ଥିତି ବାଂଲାଦେଶଠାରୁ ମଧ୍ୟ ଖରାପ ଅବସ୍ଥାରେ ରହିଛି। ଏକ ବୃହତମ ଦେଶରେ ଯେପରି ବଜେଟ ହେବା କଥା ହୋଇନାହିଁ। ଏହା ଦେଶ ପାଇଁ ଏକ ଐତିହାସିକ ବିପତ୍ତି। ଦେଶର ବିକାଶ ପ୍ରକ୍ରିୟା ବୃଦ୍ଧି ଘଟିବା ବର୍ତ୍ତମାନ ସମୟରେ ଜରୁରୀ। ବଜେଟ ଦେଖିଲେ ଜଣାପଡୁଛି ଗରିବ ଲୋକମାନଙ୍କ ଉପାର୍ଜନ ବଢ଼ିବା ସମ୍ଭାବନା ନାହିଁ। ଗ୍ରାମୀଣ ଲୋକଙ୍କ ଉପାର୍ଜନ ବଢ଼ିବନାହିଁ। ଦେଶରେ ୧ ପ୍ରତିଶତ ଲୋକଙ୍କ ସମ୍ପତ୍ତି ୩୫ ପ୍ରତିଶତ ବଢ଼ିଯାଇଛି, ଏଭଳି ସ୍ଥିତିରେ ଦେଶର କିପରି ବିତରଣ ବ୍ୟବସ୍ଥା ଠିକ୍ କରି ସମସ୍ତଙ୍କ ମଧ୍ୟରେ ସମାନତା କିପରି ରହିବ ସେଥିପ୍ରତି କାହାର ଧ୍ୟାନ ନାହିଁ। ଏହା ଏକ ନୈରାଶ୍ୟଜନକ ବଜେଟ। କେବଳ ନିର୍ଦ୍ଦିଷ୍ଟ ଗୋଟିଏ ସେକ୍ଟରକୁ ଫୋକସ କରି ଏହି ବଜେଟ ପ୍ରସ୍ତୁତ ହୋଇଛି।

\- ନିରଞ୍ଜନ ପଟ୍ଟନାୟକ, ପିସିସି ସଭାପତି

# ଏଲ୍ଆଇସି ଏମ୍ଡି ଦାୟିତ୍ୱ ନେଲେ ସିଦ୍ଧାର୍ଥ



ସିଦ୍ଧାର୍ଥ ମହାନ୍ତି

ନୂଆଦିଲ୍ଲୀ,୧।୨: ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ର ପରିଚାଳନା ନିର୍ଦ୍ଦେଶକ (ଏମ୍ଡି) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଓଡ଼ିଆ ପୁଅ ସିଦ୍ଧାର୍ଥ ମହାନ୍ତି। ସିଦ୍ଧାର୍ଥଙ୍କ ନିଯୁକ୍ତି ନେଇ ଭାରତ ସରକାର ଗତ ୨୦ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସେ ଏହା ପୂର୍ବରୁ ଏଲଆଇସି ହାଉସିଂ ଫାଇନାନ୍ସ ଲିମିଟେଡ (ଏଲ୍ଆଇସି ଏଚଏଫ୍ଏଲ୍) ଏମ୍ଡି ଏବଂ ସିଇଓ ଭାବରେ କାର୍ଯ୍ୟ କରୁଥିଲେ। ଦେଶର ସର୍ବବୃହତ୍ ହାଉସିଂ ଫାଇନାନ୍ସର ପରିଚାଳନା କରିବାର ଦକ୍ଷତା ସହ ଦୀର୍ଘ ଦିନ ହେବ ସିଇଓ ଭାବରେ କାର୍ଯ୍ୟ କରିଛନ୍ତି। ମହାନ୍ତି ୧୯୮୫ରେ ଜଣେ ରିକ୍ରୁଟ୍ ଅଫିସର ଭାବରେ ଏଲଆଇସିରେ ଯୋଗ ଦେଇଥିଲେ। ସମୟକ୍ରମେ ସେ ଏଲଆଇସିର ବହୁ ବଡ଼ ବଡ଼ ପଦବୀ ସହ ଏକ୍ଜିକ୍ୟୁଟିଭ ଡାଇରେକ୍ଟର (ଲିଗାଲ) ଭାବେ କାର୍ଯ୍ୟ କରିଛନ୍ତି।

ସେ ଏହି କର୍ପୋରେଶନରେ ଦୀର୍ଘ ୩୦ ବର୍ଷ ହେବ କାର୍ଯ୍ୟ କରି ସାରିଛନ୍ତି। ତାଙ୍କର ମାର୍କେଟିଂ, ମାନବ ସମ୍ବଳ, ଲିଗାଲ ଇନ୍ଭେଷ୍ଟ ଏବଂ ମୁଖ୍ୟ ଇନ୍ଭେଷ୍ଟ (ମନିଟରିଂ) ଆଦି କ୍ଷେତ୍ରରେ ମୁଖ୍ୟ ଭାବରେ କାର୍ଯ୍ୟ ସମ୍ପାଦନ କରିବାର ବିଶେଷ ଅଭିଜ୍ଞତା ରହିଛି। ସେ ମହାରାଷ୍ଟ୍ର,ଗୁଜରାଟ, ଗୋଆ, କଟକ ଓ ରାୟପୁର ଭଳି ସ୍ଥାନରେ ବିଭିନ୍ନ ପଦବୀର କାର୍ଯ୍ୟ କରିଛନ୍ତି।

# ୮ରୁ ଖୋଲିବ ନବମ,ଏକାଦଶ ଶ୍ରେଣୀ

ଭୁବନେଶ୍ୱର,୧।୨(ବ୍ୟୁରୋ)

- ଦିନକୁ ୩ଟି ପିରିୟଡ ପଢ଼ା ହେବ
- ଏପ୍ରିଲ ଶେଷ ସପ୍ତାହରେ ହେବ ବାର୍ଷିକ ପରୀକ୍ଷା
- କୋଭିଡ୍ ଗାଇଡ୍ଲାଇନ ପାଳନ କରିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ

ଫେବୃୟାରୀ ୮ ତାରିଖରୁ ନବମ ଓ ଏକାଦଶ ଶ୍ରେଣୀ ଖୋଲିବ। ସୋମବାର ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ନବମ ଓ ଏକାଦଶ ଶ୍ରେଣୀ ପାଇଁ ସୋମବାରଠାରୁ ଶନିବାର ଯାଏ ପ୍ରତ୍ୟହ ସକାଳ ୮ଟା ୩୦ ମିନିଟରୁ ୧୦ଟା ୩୦ ମିନିଟ ଯାଏ ୩ଟି ପିରିୟଡ ହେବ। ଏହା ମଧ୍ୟରେ କୌଣସି ମଧ୍ୟାନ୍ତର ହେବ ନାହିଁ। ନବମ ଓ ଏକାଦଶ ଶ୍ରେଣୀ ପାଇଁ ମାର୍ଚ୍ଚ ମାସର ଦ୍ୱିତୀୟ ସପ୍ତାହରେ ଏକ ୟୁନିଟ୍ ପରୀକ୍ଷା ହେବ। ଏପ୍ରିଲ ମାସର ଶେଷ ସପ୍ତାହରେ ବାର୍ଷିକ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଛି। ସ୍କୁଲ ଖୋଲିବା ପୂର୍ବରୁ ୨୦୨୧ ଜାନୁୟାରୀ ୨ ତାରିଖରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୧୧୫ରେ ଦିଆଯାଇଥିବା ମାର୍ଗଦର୍ଶିକା ଏବଂ କୋଭିଡ୍ ଗାଇଡ୍ଲାଇନ ପାଳନ କରିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଛାତ୍ରାବାସ ଥିବା ସ୍କୁଲଗୁଡିକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଜାନୁୟାରୀ ୩ ତାରିଖରେ ଦିଆଯାଇଥିବା ପତ୍ର ସଂଖ୍ୟା ୧୧୭ର ଗାଇଡ୍ଲାଇନ ପାଳନ କରିବାକୁ କୁହାଯାଇଛି।

କୋଭିଡ୍-୧୯ ଯୋଗୁ ଦୀର୍ଘ ୧୦ ମାସ ହେବ ସ୍କୁଲ ବନ୍ଦ ରହିଥିଲା। ପିଲାମାନଙ୍କୁ ଅନ୍ଲାଇନରେ ଶିକ୍ଷାଦାନ କରାଯାଉଥିଲା। ତେବେ ଅନେକ ଅଞ୍ଚଳରେ ଅନ୍ଲାଇନ ଶିକ୍ଷାଦାନରୁ ବହୁ ଛାତ୍ରୀଛାତ୍ର ବଞ୍ଚିତ ହେଉଥିବା ଅଭିଯୋଗ ହେଉଥିଲା। କରୋନା ପ୍ରକୋପ ହ୍ରାସ ପାଇବା ପରେ ରାଜ୍ୟ ସରକାର ପ୍ରଥମେ ଜାନୁୟାରୀ ୮ ତାରିଖରୁ ଦଶମ ଓ ଯୁକ୍ତ୨ ଶ୍ରେଣୀଙ୍କୁ ଖୋଲିଥିଲେ। ଏହି ଦୁଇ ଶ୍ରେଣୀର ପିଲାମାନଙ୍କୁ ପରୀକ୍ଷା ପୂର୍ବରୁ ୧୦୦ ଦିନ ପାଠ ପଢାଇବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ରବିବାର ମଧ୍ୟ ଶିକ୍ଷକମାନେ ସ୍କୁଲ ଆସିବାକୁ କୁହାଯାଇଛି। ପରୀକ୍ଷା କମ୍ ଦିନ ଥିବାରୁ ସରକାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଗଣାରେ ପରୀକ୍ଷା ଦର୍ପଣ ଭଳି ଟେଷ୍ଟ ପେପର ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି।

**ସମ୍ପତ୍ତି ତାଲିକା ଦାଖଲ କରିବାକୁ ପ୍ୟାକ୍ସ ସମ୍ପାଦକଙ୍କୁ ନିର୍ଦ୍ଦେଶ**

**ଭୁବନେଶ୍ୱର:** ରାଜ୍ୟର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ସମ୍ପାଦକମାନେ ସମ୍ପତ୍ତି ତାଲିକା ସରକାରଙ୍କ ନିକଟରେ ଦାଖଲ କରିବା ପାଇଁ ସୋମବାର ସମବାୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ପାଦକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମ୍ପତ୍ତି ତାଲିକାର ସଦ୍ୟତମ ସ୍ଥିତି ସମ୍ପର୍କରେ ଏକ ରିପୋର୍ଟ ପଠାଇବା ପାଇଁ ସମସ୍ତ ଡିଭିଜନର ଡିଆରସିଏସ୍ ଏବଂ ସମସ୍ତ ସର୍କଲର ଏଆର୍‌ସିଏସ୍‌ମାନଙ୍କୁ କୁହାଯାଇଛି। ନିବନ୍ଧକ, ସମବାୟ ସମିତି ସମୂହଙ୍କ ପକ୍ଷରୁ ଏହି ମର୍ମରେ ଡିଭିଜନାଲ ଡେପୁଟି ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟି ଏବଂ ସର୍କଲର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟିଙ୍କୁ ପତ୍ର ଲେଖାଯାଇଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଭାବେଶ୍ ପରିବାରବର୍ଗ


ପ୍ରଭାସିନୀ ପରିବାରବର୍ଗ


କାଳିଆ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## କାମକୁ ନୁହେଁ,...

ସୀତାରାମନ ମହାମାରୀକୁ ଦୃଷ୍ଟିରେ ରଖି ତିନୋଟି ପର୍ଯ୍ୟାୟରେ ୨୭.୧ ଲକ୍ଷ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ଆତ୍ମନିର୍ଭର ପ୍ୟାକେଜରେ ସରକାର ଢାଞ୍ଚାଗତ ସଂସ୍କାରକୁ ଗୁରୁତ୍ୱ ଦେଇଛନ୍ତି। ଭାରତରେ ୨ଟି ଭାକ୍ସିନ ଲଞ୍ଚ୍ ହୋଇଥିବାବେଳେ ଶୀଘ୍ର ଆଉ ୨ ଟିକା ଆସିବ ବୋଲି ସେ କହିଛନ୍ତି। ଅତି ଗରିବଙ୍କ ନିକଟରେ ସମ୍ବଳ ପହଞ୍ଚିବା ଉପରେ ଫୋକସ୍ କରାଯାଇଛି। ନିରନ୍ତର ଅଭିବୃଦ୍ଧି ଲାଗି ଅର୍ଥ ବ୍ୟବସ୍ଥାକୁ ସହାୟତା ଦେବାକୁ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିବା ଅର୍ଥମନ୍ତ୍ରୀ ପ୍ରକାଶ କରିଛନ୍ତି। ସେ ଆତ୍ମନିର୍ଭର ଭାରତ ହେଲ୍‌ଥ ପ୍ରୋଗ୍ରାମ ପ୍ରସ୍ତାବ ଦେଇଛନ୍ତି। ନ୍ୟାଶନାଲ ହେଲ୍‌ଥ ମିଶନ ବାଦ୍ ଏଥିରେ ୬୪, ୧୮୦ କୋଟି ଟଙ୍କା ବିନିଯୋଗ କରାଯିବ।

ବଜେଟରେ ମୋଟ ୬ଟି ସ୍ତମ୍ଭକୁ ଫୋକସ୍ କରାଯାଇଛି। ଏହା ମଧ୍ୟରେ ସ୍ୱାସ୍ଥ୍ୟ, ଭିତ୍ତିଭୂମି ଏବଂ ଫାଇନାନ୍ସିଆଲ କ୍ୟାପିଟାଲ ଭଳି ପ୍ରସଙ୍ଗ ସ୍ଥାନ ପାଇଛି। ୨୦୨୧-୨୨ରେ କରୋନା ଭାକ୍ସିନ ଲାଗି ସରକାର ୩୫ ହଜାର କୋଟି ଟଙ୍କା ଯୋଗାଇ ଦେବେ। ଆବଶ୍ୟକ ହେଲେ ଏହି ପରିମାଣକୁ ବଢ଼ାଯିବ। ଅର୍ଥମନ୍ତ୍ରୀ ଜଳ ଜୀବନ ମିଶନ ସମ୍ପର୍କରେ ଘୋଷଣା କରିଛନ୍ତି। ୪୩୭୮ ସହରାଞ୍ଚଳ ଲାଗି ୨.୮୭ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିଭଳି ସ୍ୱଚ୍ଛ ଭାରତ ମିଶନ ୨.୦ରେ ଆଗାମୀ ୫ ବର୍ଷରେ ୧.୪୧ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯିବ। ଉତ୍ପାଦନ ସଂଯୋଗୀ ନିବେଶ (ପିଏଲ୍ଆଇ) ଯୋଜନା ବାଦ୍ ବୟନ ପାର୍କ ଲାଗି ମେଗା ଯୋଜନା ହାତକୁ ନିଆଯିବ। ସରକାର ୨୦ ହଜାର କୋଟି ଟଙ୍କା ବ୍ୟୟବରାଦରେ ଏକ ଡେଭେଲପମେଣ୍ଟ ଫାଇନାନ୍ସ କର୍ପୋରେଶନ ଗଠନ ଲାଗି ନୂଆ ବିଲ୍ ଆଣିବେ। ଚଳିତ ଆର୍ଥିକ ବର୍ଷରୁ ଆଗାମୀ ୫ ବର୍ଷ ଲାଗି ପିଏଲ୍ଆଇ ଯୋଜନାରେ ୧.୯୭ ଲକ୍ଷ କୋଟି ଟଙ୍କା ବିନିଯୋଗ କରାଯିବ। ସମ୍ଭାବ୍ୟ ବ୍ରାଉନ୍‌ଫିଲ୍ଡ ଭିତ୍ତିଭୂମି ଆସେଟ୍ ଲାଗି ନ୍ୟାଶନାଲ ମନିଟାଇଜେଶନ ପାଇପ୍‌ଲାଇନ ଆସିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ପୁରୁଣା ଯାନଗୁଡ଼ିକୁ ବଜାରରୁ ହଟାଇବା ଲାଗି ସ୍ୱେଚ୍ଛାକୃତ ଭେହିକିଲ ସ୍କ୍ରାପିଂ ପଲିସି ସମ୍ପର୍କରେ ବଜେଟରେ ଘୋଷଣା କରାଯାଇଛି। ବ୍ୟକ୍ତିଗତ ଯାନ ୨୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ହୋଇଥିଲେ ସେଗୁଡ଼ିକର ଫିଟ୍‌ନେସ୍ ପରୀକ୍ଷା କରାଇବାକୁ ପଡ଼ିବ। ବଜେଟରେ ପୁଞ୍ଜିଖର୍ଚ୍ଚକୁ ବଢ଼ାଯାଇ ୫.୫୪ ଲକ୍ଷ କୋଟି ଟଙ୍କା କରାଯାଇଛି। ଗତ ଆର୍ଥିକ ବର୍ଷରେ ଏହି ପରିମାଣ ୪.୩୯ ଲକ୍ଷ କୋଟି ଟଙ୍କା ଥିଲା। ରେଲୱେ ଏହାର ଡେଡିକେଟେଡ୍ ମନିଟାଇଜ କରିବ। ଗେଲ୍ ଇଣ୍ଡିଆ, ଇଣ୍ଡିଆନ ଅଏଲ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମର ପାଇପ୍‌ଲାଇନ ମଧ୍ୟ ମନିଟାଇଜ କରାଯିବ। ପୁଞ୍ଜି ଖର୍ଚ୍ଚ ଆବଶ୍ୟକତା ମେଣ୍ଟାଇବା ଲାଗି ରାଜ୍ୟ ଏବଂ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକୁ କେନ୍ଦ୍ର ସରକାର ୨ ଲକ୍ଷ କୋଟି ଟଙ୍କା ଯୋଗାଇବେ। ଭିତ୍ତିଭୂମି ଦୃଢ଼ୀକରଣ ଲାଗି ୨୦୨୨ ମାର୍ଚ୍ଚ ସୁଦ୍ଧା ୮,୫୦୦ କି.ମି.ର ରାଜପଥ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯିବ। ପଶ୍ଚିମବଙ୍ଗ ଲାଗି ୨୫ ହଜାର କୋଟି ଟଙ୍କାର ରାଜପଥ ପ୍ରକଳ୍ପ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ରେଳପଥ ଲାଗି ୧.୧୦ ଲକ୍ଷ କୋଟି ଟଙ୍କାର ରେକର୍ଡ ବ୍ୟୟବରାଦ ହୋଇଛି। ଏହା ମଧ୍ୟରେ ୧.୦୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ ସାମିଲ ରହିଛି। କେରଳର ରାଜପଥ ପ୍ରକଳ୍ପ ଲାଗି ୬୫ ହଜାର କୋଟି ଏବଂ ଆସାମ ଲାଗି ୩,୪୦୦ କୋଟି ବ୍ୟୟବରାଦ ହୋଇଛି।

ସୀତାରାମନ କହିଛନ୍ତି, ଗତ ୬ବର୍ଷ ଧରି ଶକ୍ତି କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟା ଜାରି ରହିଛି। ୧୩୮ ଗିଗାୱାଟ୍ ଇନ୍‌ଷ୍ଟାଲ୍ଡ କ୍ଷମତା ସଂଯୋଗ କରାଯାଇଛି। ୨୦୨୩ ଡିସେମ୍ବର ସୁଦ୍ଧା ରେଲୱେର ବ୍ରଡ୍‌ଗେଜ୍ ଟ୍ରାକ୍ ୧୦୦% ବିଦ୍ୟୁତୀକରଣ ନେଇ ଘୋଷଣା କରାଯାଇଛି। ସେହିଭଳି ବିଦ୍ୟୁତ୍ ଉପଭୋକ୍ତାମାନେ ବିଦ୍ୟୁତ୍ ବିତରଣ କମ୍ପାନୀ ଚୟନ କରିବା ନେଇ ଏକ ବ୍ୟବସ୍ଥା ଆସିବ। ସରକାର ଓ ଘରୋଇ ସହଭାଗୀତା (ପିପିପି) ମୋଡ୍‌ରେ ୭ ବନ୍ଦର ବିକାଶ ଲାଗି ୨ ହଜାର କୋଟି ଟଙ୍କା ବିନିଯୋଗ ହେବ। ସହରାଞ୍ଚଳରେ ସାଧାରଣ ପରିବହନ ବ୍ୟବସ୍ଥାର ଉନ୍ନତୀକରଣ ଲାଗି ୧୮ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ୧୦୦ରୁ ଅଧିକ ସହରରେ ପରିବାରଗୁଡ଼ିକୁ ପାଇପ୍ ଯୋଗେ ଘରୋଇ ଗ୍ୟାସ୍ ଏବଂ ଅଟୋମୋବାଇଲ ଲାଗି ସିଟିଗ୍ୟାସ୍ ସଂଯୋଗ କରାଯିବ। ସବୁଜ ଶକ୍ତି ବ୍ୟବହାର ଦ୍ୱାରା ଆସନ୍ତା ଆର୍ଥିକ ବର୍ଷରୁ ହାଇଡ୍ରୋଜେନ ଏନର୍ଜି ମିଶନ ଶୁଭାରମ୍ଭ ଲାଗି ସରକାର ପ୍ରସ୍ତାବ ଦେଇଛନ୍ତି।

ଫାଇନାନ୍ସ ପ୍ରଡକ୍ଟ କ୍ଷେତ୍ରରେ ନିବେଶକ ଚାର୍ଟର ଗଠନ ପ୍ରସ୍ତାବ ରହିଛି। ଭାରତରେ ମର୍ଚ୍ଚାଣ୍ଟଶିପ୍ ଆରମ୍ଭ ଲାଗି ସରକାର ସବ୍‌ସିଡି ସହାୟତା ଦେବେ। ଉଜ୍ଜ୍ୱଳାରେ ଆଉ ୧ କୋଟି ଲୋକଙ୍କୁ ଗ୍ୟାସ୍ ଯୋଗାଣ ନେଇ ଯୋଜନା କରାଯାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁଞ୍ଜି ଯୋଗାଣ କାର୍ଯ୍ୟକ୍ରମ ଅନ୍ତର୍ଗତ ସରକାର ୨୦ହଜାର କୋଟି ଟଙ୍କା ପ୍ରଦାନ କରିବେ। ଗ୍ୟାସ୍‌ଭିତ୍ତିକ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଲାଗି ଗ୍ୟାସ୍ ପାଇପ୍‌ଲାଇନର କମନ କ୍ୟାରିୟର କ୍ୟାପାସିଟି ପାଇଁ ଟ୍ରାନ୍ସପୋର୍ଟ ସିଷ୍ଟମ୍ ଅପରେଟର ଘୋଷଣା କରାଯାଇଛି। ବୀମା କ୍ଷେତ୍ର ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) ସୀମାକୁ ୪୯%ରୁ ୭୪%କୁ ବଢ଼ାଯାଇଛି। ବ୍ୟାଙ୍କଗୁଡ଼ିକର ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ଲାଗି ଆସେଟ୍ କନ୍‌ଷ୍ଟ୍ରକଶନ ଏବଂ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ପ୍ରତିଷ୍ଠା କରାଯିବ।

ସେହିଭଳି ଛୋଟ କମ୍ପାନୀଗୁଡ଼ିକର ପରିଭାଷା ବଦଳିବ। ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲର ଦୃଢ଼ୀକରଣ, ୨୦୨୨ରେ ଏଲ୍ଆଇସି ଲାଗି ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଆଣିବା ଯୋଜନା ରଖାଯାଇଛି। ଭାରତ ପେଟ୍ରୋଲିୟମ ଏୟାର ଇଣ୍ଡିଆ, ଶିପିଂ କର୍ପୋରେଶନ, କଣ୍ଟେନର କର୍ପୋରେଶନର ପୁଞ୍ଜି ପ୍ରତ୍ୟାହାର ଆଗାମୀ ଆର୍ଥିକ ବର୍ଷରେ ସାରିବା ଲାଗି ଯୋଜନା ରହିଛି। ୨୦୨୧-୨୨ ଆର୍ଥିକ ବର୍ଷରେ ସରକାର ୧.୭୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ରଖିଛନ୍ତି। ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଗୋଟିଏ ସାଧାରଣ ବୀମା କମ୍ପାନୀରୁ ଅଂଶଧନ ପ୍ରତ୍ୟାହାର ହେବ। ପାର୍ଲାମେଣ୍ଟର ଚଳିତ ଅଧିବେଶନରେ ଏ ନେଇ ବିଲ୍ ଆସିବ। ୪ ଷ୍ଟ୍ରାଟେଜିକ୍ କ୍ଷେତ୍ରକୁ ଛାଡ଼ିଦେଲେ ଅନ୍ୟ କ୍ଷେତ୍ରର ରାଷ୍ଟ୍ରାୟତ୍ତ କମ୍ପାନୀଗୁଡିକୁ ସରକାର ଘରୋଇକରଣ କରିବେ। ବଜେଟରେ ସୀତାରାମନ ନୂଆ ପୁଞ୍ଜି ପ୍ରତ୍ୟାହାର ନୀତି ଘୋଷଣା କରିଛନ୍ତି। କେଉଁ କମ୍ପାନୀଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ହେବ ସେନେଇ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ନୀତି ଆୟୋଗକୁ କୁହାଯାଇଛି।

କୃଷକଙ୍କ ଉନ୍ନତି ଲାଗି ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ସୀତାରାମନ ବଜେଟ ଅଭିଭାଷଣରେ ସୂଚନା ଦେଇଛନ୍ତି। କୃଷକଙ୍କ ଉନ୍ନତୀକରଣ ଲାଗି ଏବେ ସେମାନଙ୍କଠାରୁ ଖାଦ୍ୟଶସ୍ୟ ସଂଗ୍ରହ ବୃଦ୍ଧି କରାଯାଇଛି। ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗୁ ୪୩.୩୬ ଲକ୍ଷ ଗହମ ଚାଷୀ ଲାଭବାନ୍ ହୋଇଛନ୍ତି। ଚଳିତ ଆର୍ଥିକ ବର୍ଷରେ କୃଷକଙ୍କୁ ଗହମ ଏମ୍ଏସ୍‌ପି ବାବଦ ୭୫,୧୦୦ କୋଟି ଟଙ୍କା ଦିଆଯାଇଛି। ୨୦୨୧-୨୨ ଲାଗି କୃଷିଋଣ ବାବଦକୁ ୧୬.୫ ଲକ୍ଷ କୋଟି ଟଙ୍କା ଯୋଗାଣ ନେଇ ଲକ୍ଷ୍ୟ ରଖାଯାଇଛି। ଗ୍ରାମୀଣ ଭିତ୍ତିଭୂମିକୁ ପ୍ରାଥମିକତା ଦେଇ ସରକାର ଚଳିତ ଥର ଏଥିରେ ୪୦ ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଅପରେଶନ ଗ୍ରୀନ୍ ଯୋଜନାରେ ୨୨ରୁ ଉର୍ଦ୍ଧ୍ୱ ଫଳ ଏବଂ ପନିପରିବାକୁ ସାମିଲ କରାଯାଇଛି। ଦେଶରେ ୫ ପ୍ରମୁଖ ମତ୍ସ୍ୟ ଉତ୍ପାଦନ ହବ୍ ନିର୍ମାଣ ଲାଗି ଅର୍ଥମନ୍ତ୍ରୀ ଘୋଷଣା କରିଛନ୍ତି।

ଇଲେକ୍‌ଟ୍ରୋନିକ ନ୍ୟାଶନାଲ ମାର୍କେଟ (ଇ-ନାମ୍) ସହ ଦେଶର ୧୦୦୦ ମଣ୍ଡିକୁ ଯୋଡ଼ିବା ନେଇ ଯୋଜନା ରଖାଯାଇଛି। କୃଷି ଉତ୍ପାଦ ବଜାର କମିଟି (ଏପିଏମ୍‌ସି)ର ଭିତ୍ତିଭୂମି ବିକାଶ ଲାଗି କୃଷି ଭିତ୍ତିଭୂମି ପାଣ୍ଠି ସହାୟକ ହେବ। କୃଷି ଭିତ୍ତିଭୂମି ପାଣ୍ଠିକୁ ୪୦ ହଜାର କୋଟିକୁ ବଢ଼ାଯିବ। ସେହିଭଳି କ୍ଷୁଦ୍ର ଜଳସେଚନ କର୍ପସକୁ ୧୦ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯିବ। ପ୍ଲାଟ୍‌ଫର୍ମ ଶ୍ରମିକ ଏବଂ ଗିଗ୍ ୱାର୍କର୍ସଙ୍କ ଲାଗି ସାମାଜିକ ସୁରକ୍ଷା ବ୍ୟବସ୍ଥା କରାଯିବ। 'ୱାନ୍ ନେଶନ ୱାନ୍ ରାଶନ' କାର୍ଡ ବ୍ୟବସ୍ଥା ବର୍ତ୍ତମାନ ୩୨ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି। ସେହିଭଳି ଲେହରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ନିର୍ମାଣ ଏବଂ ବିଲ୍‌ଡିଂ କ୍ଷେତ୍ର ଶ୍ରମିକ ଓ ଗିଗ୍ ୱାର୍କର୍ସଙ୍କ ସୂଚନା ସଂଗ୍ରହ ଲାଗି ସରକାର ଏକ ପୋର୍ଟାଲ ବ୍ୟବସ୍ଥା କରିବେ। ଏନ୍‌ଜିଓଗୁଡ଼ିକର ସହଭାଗିତାରେ ୧୦୦ ସୈନିକ ସ୍କୁଲ ସ୍ଥାପନ ଏବଂ ନ୍ୟାଶନାଲ ଏଜୁକେଶନ ପଲିସି ଦ୍ୱାରା ୧୫ ହଜାର ସ୍କୁଲ ଦୃଢ଼ୀକରଣ ଲାଗି ପ୍ରସ୍ତାବ ରହିଛି। ଯୁବବର୍ଗଙ୍କୁ ଉତ୍ସାହିତ କରିବା ଲାଗି ଶିକ୍ଷା ନବୀସ ନୀତି ଆଇନରେ ସଂଶୋଧନ ହେବ। ଆଗାମୀ ୫ ବର୍ଷରେ ୫୦ ହଜାର କୋଟି ଟଙ୍କା ବିନିଯୋଗରେ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ ପ୍ରତିଷ୍ଠା କରାଯିବ।

ଡିଜିଟାଲ ପେମେଣ୍ଟକୁ ଉତ୍ସାହିତ କରିବା ଲାଗି ସରକାର ବଜେଟରେ ୧୫ ଶହ କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ସେହିଭଳି ରାଷ୍ଟ୍ରୀୟ ଅନୁବାଦ ଯୋଜନା ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପ୍ରସ୍ତାବ ରହିଛି। ଆଗାମୀ ୫ ବର୍ଷରେ ଗଭୀର ସମୁଦ୍ର ମିଶନ ଲାଗି ସରକାର ୪ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ସେହିଭଳି ନ୍ୟାଶନାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫେରି କମିଶନ ବିଲ୍ ଆଣିବାକୁ ପ୍ରସ୍ତାବ ଦିଆଯାଇଛି। ଦେଶରେ ପ୍ରଥମକରି ଡିଜିଟାଲ ଜନଗଣନା ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ ୩,୭୨୬ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଠିକା କ୍ଷେତ୍ରରେ ରହୁଥିବା ବିଭିନ୍ନ ବିବାଦର ତ୍ୱରିତ ସମାଧାନ ଲାଗି ଏକ ବ୍ୟବସ୍ଥା ଆଣିବାକୁ ମଧ୍ୟ ଯୋଜନା ରଖାଯାଇଛି।

ସୀତାରାମନ ପୁଣି କହିଛନ୍ତି, ମହାମାରୀ ଯୋଗୁ ରାଜସ୍ୱ ପ୍ରଭାବିତ ହୋଇଥିବା ବେଳେ ଅଧିକ ଖର୍ଚ୍ଚ ବଢ଼ିଛି। ଗତ ବର୍ଷ ବଜେଟ ଘୋଷଣା ବେଳେ ୩୦.୪୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ କୁହାଯାଇଥିଲେ ମଧ୍ୟ ବ୍ୟୟ ପରିମାଣ ୩୪.୫୦ ଲକ୍ଷ କୋଟି ଟଙ୍କା ଛୁଇଁଛି। ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ୯.୫% ରହିଛି। ଆସନ୍ତା ଆର୍ଥିକ ବର୍ଷରେ ଏହା ୬.୮% ରହିବା ନେଇ ଆକଳନ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ଆଉ ୨ ମାସର ଖର୍ଚ୍ଚକୁ ମେଣ୍ଟାଇବା ଲାଗି ସରକାର ପ୍ରାୟ ୮୦ ହଜାର କୋଟି ଟଙ୍କା ଋଣ କରିବେ। ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ସରକାର ୧୨ ଲକ୍ଷ କୋଟି ଟଙ୍କା ଋଣ କରିବେ। ମୋଟ ୩୪.୮୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବା ନେଇ ଯୋଜନା ରହିଛି। ଏହା ମଧ୍ୟରେ ୫.୫୪ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ ସାମିଲ ରହିଛି।

ଆର୍ଥିକ ବର୍ଷ ୨୦୨୫-୨୬ ବେଳକୁ ବିତ୍ତୀୟ ନିଅଣ୍ଟକୁ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୫%କୁ ହ୍ରାସ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ସେହିଭଳି ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ଟିକସର ୪୧% ରାଜ୍ୟ ପାଇବେ। କମିଶନଙ୍କ ପ୍ରସ୍ତାବକୁ ସରକାର ଗ୍ରହଣ କରି ନେଇଛନ୍ତି। ୨୦୧୪ରେ ୩.୩୧ କୋଟି ଟିକସଦାତା ଆୟକର ଦେଇଥିବାବେଳେ ଏହା ୨୦୨୦ରେ ୬.୪୮ କୋଟିକୁ ବଢ଼ିଛି। ସେହିଭଳି ପେନ୍‌ସନ ପାଉଥିବା ୭୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ଲାଗି ଆୟକର ରିଟର୍ନ ଫାଇଲ ଛାଡ଼ କରାଯାଇଛି। ଟିକସ ମାମଲାଗୁଡିକୁ ପୁଣି ଚାଲୁ କରିବାର ସମୟକୁ ୬ ବର୍ଷରୁ ୩ ବର୍ଷକୁ ହ୍ରାସ କରାଯାଇଛି। ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଆୟର ଟିକସ ମାମଲା କ୍ଷେତ୍ରରେ ୧୦ ବର୍ଷ ପରେ ମାମଲାଗୁଡ଼ିକୁ ରିଓପନ୍ କରାଯିବ। ଆୟକର ଆପିଲେଟ ଟ୍ରିବ୍ୟୁନାଲକୁ ଫେସ୍‌ଲେସ୍ କରିବା ଲାଗି ସରକାର ପ୍ରସ୍ତାବ ଦେଇଛନ୍ତି। ସେହିଭଳି କେନ୍ଦ୍ର ସ୍ତରରେ ଜାତୀୟ ଆୟକର ଆପିଲେଟ ଟ୍ରିବ୍ୟୁନାଲ ସ୍ଥାପନ କରାଯିବ। ଯେଉଁ କମ୍ପାନୀ ଡିଜିଟାଲ ମୋଡ୍‌ରେ ଅଧିକାଂଶ କାରବାର କରୁଛନ୍ତି, ସେମାନଙ୍କ ଲାଗି ଟାକ୍ସ ଅଡିଟ୍‌ର ସୀମା ୧୦ କୋଟିକୁ ବଢ଼ାଯାଇଛି। ଡିଭିଡେଣ୍ଡ୍ ଦେୟ ପ୍ରଦାନ ପରେ ଯାଇ ଡିଭିଡେଣ୍ଡ୍ ଆୟ ଉପରେ ଟିକସ ଲାଗୁ ହେବ। ସୁଲଭ ବାସଗୃହର ସୁଧ ପ୍ରଦାନ କ୍ଷେତ୍ରରେ ୧.୫ ଲକ୍ଷ ଡିଡକ୍‌ଶନ ସୀମା ଆଉ ବର୍ଷେ ବଢ଼ାଯାଇଛି। ସେହିଭଳି ଷ୍ଟାର୍ଟଅପ୍‌ଗୁଡ଼ିକ ଲାଗି ୧ ବର୍ଷର ଟିକସ ରିହାତି, ଜିଏସ୍‌ଟି ଢାଞ୍ଚାରେ ପରିବର୍ତ୍ତନ, କେତେକ ସାମଗ୍ରୀ ଉପରେ ଭିତ୍ତିଭୂମି ସେସ୍ ଲାଗି ପ୍ରସ୍ତାବ ରଖାଯାଇଛି। ପେଟ୍ରୋଲ ଉପରେ ୨.୫ ଟଙ୍କା ଏବଂ ଡିଜେଲ ଉପରେ ୪ ଟଙ୍କାର ଭିତ୍ତିଭୂମି ସେସ୍ ଲାଗୁ କରାଯାଇଛି। ଅନୁରୂପ ଭାବେ ମଦ ଉପରେ ସର୍ବାଧିକ ୧୦୦% କୃଷି ଭିତ୍ତିଭୂମି ସେସ୍ ବସାଯାଇଛି।

## ରେଳ ଭିତ୍ତିଭୂମି...

୪୬ ହଜାର କି.ମି.ରେ ପହଞ୍ଚିବା ନେଇ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଜୁନ୍ ୨୦୨୨ ସୁଦ୍ଧା ୱେଷ୍ଟର୍ନ ଡେଡିକେଟେଡ୍ ଫ୍ରେଟ୍ କରିଡର (ଡିଏଫ୍‌ସି) ଏବଂ ଇଷ୍ଟର୍ନ ଡିଏଫ୍‌ସି କାର୍ଯ୍ୟକ୍ଷମ କରାଇବାକୁ ଲକ୍ଷ୍ୟ ରଖାଯାଇଛି। ମେକ୍ ଇନ୍ ଇଣ୍ଡିଆକୁ ଧ୍ୟାନରେ ରଖି ଏଭଳି କାର୍ଯ୍ୟକ୍ରମ ସରକାର ହାତକୁ ନେଉଛନ୍ତି।

ବଜେଟରେ ଅନ୍ୟ କେତେକ ନୂଆ ପଦକ୍ଷେପ ସମ୍ପର୍କରେ ପ୍ରସ୍ତାବ ଦିଆଯାଇଛି। ୨୦୨୧-୨୨ରେ ଇଷ୍ଟର୍ନ ଡିଏଫ୍‌ସିର ସୋନାଗର-ଗୋମୁହ ସେକ୍ସନ(୨୬୩.୭ କି.ମି.) କାର୍ଯ୍ୟ ସରକାରୀ ଏବଂ ଘରୋଇ ସହଭାଗିତା(ପିପିପି)ରେ ହାତକୁ ନିଆଯିବ। ଆଗାମୀ ଦିନରେ ଆସିବାକୁ ଥିବା ଆଉ କିଛି ମାଲ ପରିବହନ କରିଡର ସମ୍ପର୍କରେ ମଧ୍ୟ ବଜେଟରେ ପ୍ରସ୍ତାବ ରଖାଯାଇଛି। ଏହା ମଧ୍ୟରେ ଖଡଗପୁର ଏବଂ ବିଜୟୱାଡା ମଧ୍ୟରେ ଇଷ୍ଟକୋଷ୍ଟ କରିଡର, ଭୁସାଭାଲ-ଖଡଗପୁର ଏବଂ ଡାଙ୍କୁଣି ମଧ୍ୟରେ ଇଷ୍ଟ-ୱେଷ୍ଟ କରିଡର, ଇଟାର୍ଶୀ-ବିଜୟୱାଡା ମଧ୍ୟରେ ନର୍ଥ ସାଉଥ କରିଡର ସାମିଲ ରହିଛି।

ଯାତ୍ରୀ ସୁବିଧା ଲାଗି କେତେକ ପଦକ୍ଷେପ ସମ୍ପର୍କରେ ବଜେଟରେ ଘୋଷଣା କରାଯାଇଛି। ଉନ୍ନତ ଭାବେ ଡିଜାଇନ ହୋଇଥିବା ଭିଷ୍ଟାଡୋମ୍ ଏଲ୍ଏଚ୍‌ବି କୋଚ୍ ପର୍ଯ୍ୟଟନ ରୁଟ୍‌ଗୁଡିକରେ ଗଡିବ। ସ୍ୱଦେଶୀ ଭାବେ ବିକଶିତ ହୋଇଥିବା ଅଟୋମେଟିକ ଟ୍ରେନ ପ୍ରୋଟେକଶନ ସିଷ୍ଟମ ମଧ୍ୟ ଲାଗୁ କରାଯିବ। ମାନବକୃତ ଭୁଲ୍ ପାଇଁ ହେଉଥିବା ଟ୍ରେନ୍ ଦୁର୍ଘଟଣାକୁ ଏଡାଇବା ଦିଗରେ ଏହା ସହାୟକ ହେବ। ବ୍ୟସ୍ତବହୁଳ ନେଟ୍‌ୱାର୍କଗୁଡିକରେ ଏହି ସିଷ୍ଟମକୁ ଲାଗୁ କରାଯିବ ବୋଲି ସୂଚନା ମିଳିଛି।

## ଭିତ୍ତିଭୂମି ନିର୍ମାଣରେ...

ଉପରେ ଗୁରୁତ୍ୱ ଦିଆଯାଇଛି। ପେଟ୍ରୋଲ ଓ ଡିଜେଲ ଉପରେ ସେସ୍ ଲଗାଇବା ବ୍ୟବସ୍ଥା ରହିଥିବାରୁ ଏହା କେନ୍ଦ୍ର-ରାଜ୍ୟ ଆର୍ଥିକ ସ୍ଥିତିକୁ ବିଗାଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବର୍ଷ ଓଡ଼ିଶାର କେନ୍ଦ୍ରୀୟ ଟିକସ ଭାଗ ୧୦,୮୪୦ କୋଟି ଟଙ୍କା ହ୍ରାସ ପାଇବା ଯୋଗୁ ରାଜ୍ୟ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ଏଥିସହିତ ପଞ୍ଚଦଶ ଅର୍ଥ କମିଶନ ସୁପାରିସ ଅନୁସାରେ ଆସନ୍ତା ୫ ବର୍ଷ ପାଇଁ ଭୂସମାନ୍ତର ଅଂଶ ୪.୬୨୯ ପ୍ରତିଶତରୁ ୪.୫୨୮କୁ ହ୍ରାସ ପାଇବ। ଏହା ରାଜ୍ୟ ଉପରେ ଗୁରୁତର ପ୍ରଭାବ ପକାଇବ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଋଣ ଦେବା ନେଇ ବ୍ୟାଙ୍କଗୁଡ଼ିକୁ ଉତ୍ତରଦାୟୀ ରହିବା ପାଇଁ ବଜେଟରେ ବ୍ୟବସ୍ଥା ହେବା ଦରକାର। ଏଥିସହିତ ସାମାଜିକ କ୍ଷେତ୍ର ଏବଂ ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକ ପାଇଁ ଅଧିକ ପାଣ୍ଠି ଯୋଗାଇ ଦେବାର ଆବଶ୍ୟକତା ରହିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍ ପରବର୍ତ୍ତୀ ସମୟର ଏହା ହେଉଛି ପ୍ରଥମ ବଜେଟ। ନୂତନ ଆହ୍ୱାନକୁ ସମ୍ମୁଖୀନ ହେବାକୁ ଏହି ବଜେଟରେ ଅନେକ କିଛି ବ୍ୟବସ୍ଥା କରାଯିବା ଆଶା କରାଯାଉଛି। ଆର୍ଥିକ ଅଭିବୃଦ୍ଧି ପାଇଁ ବଜେଟରେ ପୁଞ୍ଜିନିବେଶ(କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ) ଉପରେ ଗୁରୁତ୍ୱ ଦିଆଯାଇଛି। ବିକାଶମୂଳକ ଆର୍ଥିକ ସଂସ୍ଥାନଗୁଡ଼ିକୁ ପୁଣିଥରେ ଛିଡ଼ା କରିବାର ପ୍ରୟାସ ହୋଇଛି। ବଜେଟରେ କୋଭିଡ୍ ଟିକାକରଣ ପାଇଁ ଅନୁଦାନର ବ୍ୟବସ୍ଥା ହୋଇଛି। ଶିଳ୍ପ ଏବଂ କ୍ଷେତ୍ରୱାରି ବ୍ୟୟବରାଦ କରାଯାଇଛି। ଅଭିବୃଦ୍ଧିକୁ ବଳ ଦେବା ଲାଗି ବିତ୍ତୀୟ ନିଅଣ୍ଟ ସତ୍ତ୍ୱେ ସାହସିକ ପଦକ୍ଷେପ ନିଆଯାଇଛି। ଏହି ବଜେଟରେ ଆତ୍ମନିର୍ଭର ଭାରତ ପାଇଁ ମଧ୍ୟମ ଓ ଦୀର୍ଘକାଳୀନ ଲକ୍ଷ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗତବର୍ଷ ଓଡ଼ିଶା ଡିଜିଟାଲ ବଜେଟ ଉପସ୍ଥାପନ କରିଥିଲା। ଚଳିତ ବର୍ଷ ପ୍ରଥମ ଥର ଲାଗି କେନ୍ଦ୍ର ସରକାର ଡିଜିଟାଲ ବଜେଟ ଉପସ୍ଥାପନ କରିଥିବାରୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇ ମିଶନ ଶକ୍ତିକୁ ବଜେଟରେ ଅନ୍ତର୍ଭୁକ୍ତ କରିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି।

## ବଜେଟରେ ସଂସ୍କାର...

ଆଧୁନିକୀକରଣ ଓ ନୂଆ ସଂସ୍କାର ନୀତିରେ ବଜେଟ ପ୍ରସ୍ତୁତ ହୋଇଛି। କୃଷି କ୍ଷେତ୍ରକୁ ମଜଭୁତ କରିବା, କୃଷକଙ୍କ ଆୟ ବୃଦ୍ଧି ଉପରେ ଏଥିରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ନିଯୁକ୍ତି ସୁଯୋଗ ଓ ଏମ୍ଏସ୍ଏମ୍‌ଇ କ୍ଷେତ୍ର ପାଇଁ ଦ୍ୱିଗୁଣା ବଜେଟ ପ୍ରସ୍ତୁତ କରାଯାଇଛି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ସ୍ୱଗୃହୀ ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ପ୍ରତ୍ୟେକ କ୍ଷେତ୍ରରେ ସାହସିକ ପଦକ୍ଷେପରୁ କୃତକାର୍ଯ୍ୟ ହେବେ। ଯାନବାହନ, ହୋଟେଲ ଶିଳ୍ପ, ଛୋଟ ଦୋକାନ, ଆନୁଷ୍ଠାନିକ କାମ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଏବଂ କୌଣସି କାମ ଅଟକିବ ନାହିଁ।

**ବୃଷ** ରୋହିଣୀ ନକ୍ଷତ୍ର ମଧୁର ବ୍ୟବହାର ଦ୍ୱାରା ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ପ୍ରିୟପାତ୍ର ହେବେ। ଆଜି ଆପଣଙ୍କ ସକାଶେ ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପ୍ରଦାନ କରିପାରନ୍ତି। କୌଣସି ବୟସ୍କ ବ୍ୟକ୍ତିଙ୍କ ଅସୁସ୍ଥତା ଯୋଗୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ** ସ୍ୱାସ୍ଥ୍ୟ ସମସ୍ୟା କାମକୁ ନିରୁତ୍ସାହିତ କରିବ କିମ୍ବା କୌଣସି ବନ୍ଧୁ ସମସ୍ୟାର କାରଣ ହୋଇପାରନ୍ତି। ଆର୍ଦ୍ରା ନକ୍ଷତ୍ର ନିଜ ପରିସରରେ କୌଣସି ସ୍ୱଳ୍ପ ବୟସ୍କ ବାଳକ ସକାଶେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପରାମର୍ଶକୁ ଗ୍ରହଣ କରିବେ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି।

**କର୍କଟ** ଅଶ୍ଳେଷା ନକ୍ଷତ୍ର ଭୁଲ୍ ନିଷ୍ପତ୍ତି ଗ୍ରହଣ କରି କିମ୍ବା ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରିବେ। ଅର୍ଥ ସମ୍ପର୍କୀୟ ଆଲୋଚନାରେ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପରେ ସମୟ କଟାଇବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିପାରନ୍ତି। ଚେଷ୍ଟା କରୁଥିବା କାମରେ ମନଲାଖି ଫଳ ପାଇବେ।

**ସିଂହ** ପାରିବାରିକ ସମସ୍ୟା ବୃଦ୍ଧି ସଙ୍ଗକୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମଘା ନକ୍ଷତ୍ର କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ମନ ଚହଲିଯିବ। ବ୍ୟବସାୟ, ପରିବହନ ଏବଂ ଆନୁଷ୍ଠାନିକ କାର୍ଯ୍ୟରେ ବନ୍ଧୁ ମିଳନରୁ ଖୁସି ହେବେ। ଆର୍ଥିକ ସ୍ଥିତି କିଛି ମାତ୍ରାରେ ବଦଳିଯିବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**କନ୍ୟା** ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ବ୍ୟବସାୟ ଓ ସାମ୍ବାଦିକତା ତଥା ଏଜେନ୍ସିପ୍ରରୁ ଖୁସି ରହିବେ। ଅଚାନକ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ଚିତ୍ରା ନକ୍ଷତ୍ରର ଆକସ୍ମିକଭାବରେ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ତୁଳା** ସ୍ୱାତୀ ନକ୍ଷତ୍ରର ମାନସିକ ସ୍ଥିତି ପୂର୍ବପରି ବଳବତ୍ତର ରହିବ। ପାରିବାରିକ ସମସ୍ୟାକୁ ସମ୍ପର୍କୀୟଙ୍କ ସହାୟତାରେ ସୁଧାରି ନେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ସଭାସମିତିରେ ସୁନାମ ମିଳିବ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ।

**ବିଛା** ଗ୍ରହବୈଗୁଣ୍ୟ କାରଣରୁ ଅତୀତ ଘଟଣା ସମୂହକୁ ମନେ ପକାଇ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି କାରଣରୁ ସାମାଜିକ ପ୍ରତିଷ୍ଠା ବଢିବ। ଅଟକି ରହିଥିବା କାମଟି ହଠାତ୍ ହୋଇଯିବ। ଜ୍ୟେଷ୍ଠା ନକ୍ଷତ୍ର ଯୋଗୁ କୌଣସି ଏକ ସାଧାରଣ କଥାରେ ପରିବହନ କ୍ଷେତ୍ରରେ ଅସୁବିଧାରେ ପଡିପାରନ୍ତି।

**ଧନୁ** ଦୀର୍ଘଦିନର ଅପୂରଣୀୟ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି ଆପଣଙ୍କ କାମ ସୁବିଧାରେ ହୋଇଯିବ। ପୂର୍ବାଷାଢ଼ା ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର** ସମ୍ପର୍କୀୟଙ୍କ ସହଯୋଗକ୍ରମେ ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇବେ। ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ନିନ୍ଦା ଶୁଣିବେ। ଉତ୍ତରାଷାଢ଼ା ନକ୍ଷତ୍ର ପ୍ରଶାସନ, ଶିଳ୍ପ, ବାଣିଜ୍ୟ,ପରିବହନ ଓ ଏଜେନ୍ସିପ୍ରରୁ ଖୁସି ରହିବେ।

**କୁମ୍ଭ** ପୂର୍ବଭାଦ୍ରବ ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ନିର୍ମାଣ କାମ ଧିମେଇ ଯିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିବେ। ପରିହାସ ଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ବ୍ୟବସାୟିକ ସଫଳତା ଅବଶ୍ୟ ମିଳିବ କିନ୍ତୁ ସମ୍ପୂର୍ଣ୍ଣ ସନ୍ତୋଷଜନକ ହେବନାହିଁ।

**ମୀନ** ଆଜି ଯାହା କହିବେ କିମ୍ବା କରିବେ ତାହା ଆପଣଙ୍କ ବିପକ୍ଷରେ ଯାଇପାରେ। ସାମାଜିକ ସ୍ତରରେ କିମ୍ବା ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଉତ୍ତରଭାଦ୍ରବ ନକ୍ଷତ୍ରର ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ବୃଦ୍ଧି ପାଇବ। ଆଜିର ଅଫିସ୍‌ରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

ଆଜି ମାଘ କୃଷ୍ଣ ୫ମୀ ମଙ୍ଗଳବାର, ଫେବୃୟାରୀ ୨ ତାରିଖ, ରାଶିନକ୍ଷତ୍ର-ଚିତ୍ରା/କନ୍ୟା, ଦିବା ଘ.୦୯.୦୭ମି. ଗତେ ତୁଳା ଚନ୍ଦ୍ର, ବୃଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର। ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮.୩୯ମି. ଗତେ ଘ.୧୦.୫୩ମି. ମଧ୍ୟେ, ଘ.୦୧.୦୭ମି. ଗତେ ଘ.୦୨.୩୬ମି. ମଧ୍ୟେ, ଘ.୦୩.୨୧ମି. ଗତେ ଘ.୦୪.୫୦ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୨.୪୮ମି. ଗତେ ଘ.୦୪.୧୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ତମାଣ୍ଡୋ yellowzone plot 30' ରାସ୍ତାଥାଇ କିଣନ୍ତୁ। 7894216209, 7064615305. D-70167

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70504

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

ଭୁବନେଶ୍ୱର ଖଣ୍ଡଗିରିରୁ 10K.M distance ରେ ପିତାପଲ୍ଲୀ ଛକ NHକୁ ଲାଗି boundary, patta, registry cost ଏବଂ ମୋରମ୍ filling ସହ sqft. 1100/-ରେ ମିଳୁଛି। 9090963952. D-70153

ତମାଣ୍ଡୋ ବଜାର ପଛପଟେ yellowzone ଘରବାରି ପାଚେରି ହୋଇ ପ୍ଲଟ୍ ମିଳୁଅଛି। 9439864322. D-70172

ଭୁବନେଶ୍ୱର ସୁନ୍ଦରପଦା Hitech ଛକଠାରୁ 400mtr. ଦୂରରେ ଘରବାରି boundarywall ପ୍ଲଟ୍ 30ft. ରାସ୍ତା ଥାଇ ମିଳୁଅଛି। Contact: 8338932027. D-19790

**construction**

For construction only in your plot inside Bhubaneswar area, contact MRC-9937064680. D-27287

**to-let**

LIG-123, PKRIT Colony, Puri, Small Family only, 9338382508/ 6370040155. D-67779

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**packers & movers**

Odisha Packers & Movers Since-1999. Households, Car, Office, Shifting. Local / Countrywide. 9438133699, 9437390670. D-19789

**healthcare**

Get refreshment Body Massage by Expert Therapist. Contact for: 6371537969. D-70516

Newly open full body massage ladies and gents. 9337349409. D-70423

Refreshing your mind & body with best therapy at Lotus SPA. 8018234866. D-70424

Swarna SPA newly open positively health benefits with expert therapist. 9556978408. D-70508

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

New opening Saikrupa Panchakarma and SPA jointpain, fullbody massage, 8984068077. D-65910

Newly open Spa offer @ 799/-, Positively health benefits, Jayadevbihar, 7846814019. D-59977

**LOST**

ମୁଁ ହେମଲତା ସାହୁ, ସ୍ୱା- ନଟବର ସାହୁ, ଗ୍ରାମ- ମନ୍ଦାରିଆ ପାଟଣା, ପୋ- ଜଗନ୍ନାଥପୁର, ଥାନା- ବାଲିଅନ୍ତା, ଜି- ଖୋର୍ଦ୍ଧା ଘୋଷଣା କରେକି ମୋର ଓରିଜିନାଲ ଜମିର ଦଲିଲ୍ ଖାତା ନଂ.- ୬୩୨/୫୨୮ ପ୍ଲଟ୍ ନଂ.- ୨୩୯ ହଜିଯାଇଅଛି। ଧ-୧୯୮୧୫

**AFFIDAVIT**

By an affidavit before the Executive Magistrate, Cuttack, I, Sayed Safiullah, S/o- Late Kafaitullah Shah, Sisua, Bairoi, Olatpur, Cuttack as per Aadhaar and Voter but in all Educational Certificates & Service Book my name mentioned as SK Saffiullah, S/o- SK Kafaitullah. Therefore, Sayed Safiullah and SK Saffiullah is one and same person and known as Sayed Safiullah for all purposes. D-14578

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଦ୍ୱିତୀୟ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା**



ପ୍ରତୀକ୍ ମହାପାତ୍ର (କାଳିଆ)
ସେବକ ସାହି, ସାକ୍ଷୀଗୋପାଳ
ସାକ୍ଷୀଗୋପାଳଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ୨ବର୍ଷ ଜନ୍ମଦିନ ଅବସରରେ ତୋର ଦୀର୍ଘ ଓ ନିରାମୟ ଜୀବନ କାମନା ପାଇଁ ପ୍ରଭୁ ଗୋପାଳ, ମାଆ ରାଧାରାଣୀଙ୍କ ଚରଣରେ ପ୍ରାର୍ଥନା କରୁଛୁ।
-:ଶୁଭେଚ୍ଛା ସହ:-
ବାପା, ମାଆ, ନନା ବୋଉ, ଅଜା, ଆଈ, ପିଇସା, ନାନୀ, ମାମୁ ଓ ପରିବାରବର୍ଗ।
ଧ-୬୬୬୩୧

**ଜନ୍ମଦିନ ଶୁଭେଚ୍ଛା**



ପ୍ରଭାସିନୀ ଦାଶ
ଖୋଡ଼ାସିଙ୍ଗି, ବ୍ରହ୍ମପୁର
ଶୁଭ ଜନ୍ମଦିନ ଅବସରରେ ଏତିକି କାମନା ଏବଂ ପ୍ରାର୍ଥନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଆମ ପୂଜ୍ୟ ବୋଉ ଦୀର୍ଘାୟୁ ନୀରୋଗୀ ଏବଂ ସୁସର୍ବଦା ଖୁସିରହୁ। (Happy Birthday Bou).
-:ଶୁଭେଚ୍ଛା ସହ:-
ଦାଶ ପରିବାର।
ଧ-୧୯୮୧୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



## ପୂର୍ବାପେକ୍ଷା ସଂକ୍ଷିପ୍ତ

**ନୂଆଦିଲ୍ଲୀ:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଚଳିତ ବଜେଟ ଅଭିଭାଷଣ ପୂର୍ବବର୍ଷ ଅପେକ୍ଷା ସଂକ୍ଷିପ୍ତ ଥିଲା। ଗତ ବଜେଟରେ ସେ ୨ ଘଣ୍ଟା ୪୦ ମିନିଟ୍ ଧରି ବିଭିନ୍ନ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ହେଲେ ଚଳିତ ଥର ଏହି ଅବଧି ରହିଥିଲା ୧ ଘଣ୍ଟା ୫୦ ମିନିଟ୍। ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା ବଜେଟ ଅଭିଭାଷଣ ୧୨ଟା ୫୦ରେ ଶେଷ ହୋଇଥିଲା। ଇତିହାସକୁ ଦେଖିଲେ ୧୯୭୦ ମସିହାରେ ଅର୍ଥମନ୍ତ୍ରୀ ଥିବା ସମୟରେ ଇନ୍ଦିରା ଗାନ୍ଧୀ ସବୁଠାରୁ କମ୍ ସମୟ ଅବଧିର ବଜେଟ ଉପସ୍ଥାପନା କରିଥିଲେ। ସେହିପରି ୨୦୧୪ରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲି ୨ଘଣ୍ଟା ୧୦ ମିନିଟ୍‌ର ବଜେଟ ଉପସ୍ଥାପନ କରିଥିଲେ। ଶବ୍ଦକୁ ହିସାବ କରି ଦେଖିଲେ ୧୯୯୧ରେ ଅର୍ଥମନ୍ତ୍ରୀ ମନମୋହନ ସିଂଙ୍କ ଭାଷଣରେ ରହିଥିଲା ୧୮,୭୦୦ ଶବ୍ଦ। ସେହିପରି ମୋରାରଜୀ ଦେଶାଇ ୧୦,୦୦୦ ଶବ୍ଦ ଏବଂ ୱାଇ. ବି. ଚହ୍ୱାନ ୯,୩୦୦ ଶବ୍ଦର ବଜେଟ ଉପସ୍ଥାପନ କରିଥିଲେ। ସୀତାରାମନ ୨୦୨୧-୨୨ ବଜେଟ ଅଭିଭାଷଣରେ ଟାକ୍ସ, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଶବ୍ଦକୁ ବହୁଥର ଉଚାରଣ କରିଛନ୍ତି। ଟାକ୍ସ ଶବ୍ଦକୁ ସେ ୪୬ ଥର, ଭିତ୍ତିଭୂମି ୩୭ ଥର ଏବଂ ୨୪ ଥର ସ୍ୱାସ୍ଥ୍ୟ ଶବ୍ଦ ପଢ଼ିଥିଲେ।

## ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରି ଯୋଜନା


ନୂଆଦିଲ୍ଲୀ,୧।୨: କୋଭିଡ୍-୧୯ ମହାମାରୀର ଯନ୍ତ୍ରଣାକୁ ଭୁଲିପାରି ନାହାନ୍ତି ପ୍ରବାସୀ ଶ୍ରମିକ। ଜୀବିକା ହରାଇ ଗାଁମୁହାଁ ହେବା ହେଉ କି ଅନାହାରରେ ରାସ୍ତାରେ ଚାଲି ଚାଲି ଜୀବନ ହାରିବା ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଥିଲା। ଦାଦନଙ୍କ ଦୁଃଖ ଲାଘବ କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ଉପସ୍ଥାପିତ ବଜେଟରେ ସେମାନଙ୍କ ପାଇଁ କେତେକ ଘୋଷଣା କରିଛନ୍ତି। ପ୍ରବାସୀଙ୍କ ସମେତ ଅନ୍ୟ ଅସ୍ଥାୟୀ ଶ୍ରମିକ କର୍ମଚାରୀଙ୍କୁ ସର୍ବନିମ୍ନ ବେତନ ପ୍ରଦାନ କରାଯିବ। ୨୦୧୫ରେ ଭାରତରେ ପରିବର୍ତ୍ତିତ ମଜୁରି ଦିନକୁ ୧୬୦ ଟଙ୍କା କରାଯାଇଛି। ପ୍ରଥମ ଥର ପାଇଁ ଅସ୍ଥାୟୀ, ଠିକା ତଥା ପ୍ଲାଟଫର୍ମ ଶ୍ରମିକଙ୍କ ନିମନ୍ତେ ସାମାଜିକ ସୁରକ୍ଷା ବ୍ୟବସ୍ଥା କରାଯିବ। ସବୁ ବର୍ଗର ଶ୍ରମିକଙ୍କ ପାଇଁ ସର୍ବନିମ୍ନ ବେତନ ଲାଗୁ ସହ କର୍ମଚାରୀ ରାଜ୍ୟ ବୀମା ନିଗମ(ଇଏସ୍‌ଆଇ) ସୁବିଧା ମଧ ପ୍ରଦାନ କରାଯିବ। ଏହା ଦ୍ୱାରା ପ୍ରାୟ ୪୫୩ ମିଲିୟନ ପ୍ରବାସୀ ଶ୍ରମିକ ଲାଭବାନ ହେବେ। ଏଥିସହ ବସ୍ତିରେ ରହୁଥିବା ଶ୍ରମିକଙ୍କ ନିମନ୍ତେ ଶସ୍ତାରେ ଘର ଯୋଗାଯିବ।

# ନିର୍ବାଚନ ଉପରେ ନଜର

ଚଳିତ ବର୍ଷ ପଶ୍ଚିମବଙ୍ଗ, ଆସାମ, କେରଳ ଏବଂ ତାମିଲନାଡୁରେ ବିଧାନସଭା ନିର୍ବାଚନ ଥିବାବେଳେ ବଜେଟରେ ଏହି ରାଜ୍ୟକୁ ଗୁରୁତ୍ୱ ଦେଇଛନ୍ତି କେନ୍ଦ୍ର ସରକାର। ପ୍ରଥମେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତାଙ୍କ ଭାଷଣରେ ପଶ୍ଚିମବଙ୍ଗ ଜନ୍ମିତ ନୋବେଲ ପୁରସ୍କାରପ୍ରାପ୍ତ କବି ରବୀନ୍ଦ୍ରନାଥ ଟାଗୋରଙ୍କ କବିତା ପଢ଼ିବା ସହ ତାମିଲ କବି ତଥା ସନ୍ଥ ଥିରୁବଲ୍ଲୁଭରଙ୍କୁ ସମ୍ମାନ ଜଣାଇଥିଲେ। ଏଥିସହ ଉକ୍ତ ୪ ରାଜ୍ୟରେ ସଡ଼କ ଭିତ୍ତିଭୂମି କ୍ଷେତ୍ରକୁ ବଜେଟରେ ଗୁରୁତ୍ୱ ଦେଇଛନ୍ତି।

ତାମିଲନାଡୁରେ ୩,୫୦୦ କି.ମି. ଜାତୀୟ ରାଜପଥ ନିର୍ମାଣ ପାଇଁ ୧.୩ ଲକ୍ଷ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ମଦୁରାଇ-କୋଲାମ କରିଡର, ଚିତୋର-ଥାଚର କରିଡର ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଚେନ୍ନାଇ ମେଟ୍ରୋ ରେଲୱେ ନିମନ୍ତେ ୬୩ ହଜାର ୨୪୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପଶ୍ଚିମବଙ୍ଗରେ ୬୭୫ କି.ମି. ରାଜପଥ ନିର୍ମାଣ ସହ ସଡ଼କ ଭିତ୍ତିଭୂମି ପାଇଁ ୨୫ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମାଲ ପରିବହନ ପାଇଁ ଖଡଗପୁରରୁ ବିଜୟୱାଡା ଇଷ୍ଟ କୋଷ୍ଟ କରିଡର ଏବଂ ଖଡଗପୁରରୁ ଡାନ୍‌କୁନି ଇଷ୍ଟ ୱେଷ୍ଟ କରିଡର ପାଇଁ ଯୋଜନା କରାଯାଇଛି। ଉଭୟ ପଶ୍ଚିମବଙ୍ଗ ଓ ଆସାମ ଚା' ଚାଷୀଙ୍କ ନିମନ୍ତେ ୧ ହଜାର କୋଟି ଟଙ୍କା ପ୍ରଦାନ କରାଯିବ। କେରଳରେ ୬୫ ହଜାର କୋଟି ବ୍ୟୟରେ ଶହେ କିମି ଦୀର୍ଘ ଜାତୀୟ ରାଜପଥ ଓ ମୁମ୍ବାଇ-କନ୍ୟାକୁମାରୀ କରିଡରର ୬୦୦ କିମି ନିର୍ମାଣ ପାଇଁ ଘୋଷଣା କରାଯାଇଛି। କୋଚି ମେଟ୍ରୋ ରେଲ୍‌ୱେ ଫେଜ୍-୨ ପ୍ରୋଜେକ୍ଟ ପାଇଁ ୧୯୫୭.୦୫ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ଆସାମରେ ଏବେ ପ୍ରାୟ ୧୯ ହଜାର କୋଟି ଟଙ୍କାର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଏହି ରାଜ୍ୟ ପାଇଁ ଆହୁରି ୩୪ ହଜାର କୋଟି ଟଙ୍କା ବ୍ୟୟ ବରାଦ ରହିଛି। ଏହି ଅର୍ଥରେ ଆସନ୍ତା ୩ ବର୍ଷରେ ୧୩ ଶହ କି.ମି. ଜାତୀୟ ରାଜପଥ ନିର୍ମାଣ କରାଯିବ ବୋଲି ଘୋଷଣା ହୋଇଛି। ସୂଚନାଯୋଗ୍ୟ, ଆସନ୍ତା ଏପ୍ରିଲ/ମେ ମାସରେ ଉକ୍ତ ରାଜ୍ୟଗୁଡ଼ିକରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି।

- ତାମିଲନାଡୁ ପାଇଁ ୧.୩ ଲକ୍ଷ କୋଟି
- ପଶ୍ଚିମବଙ୍ଗକୁ ୨୫ ହଜାର କୋଟି
- କନ୍ୟାକୁମାରୀ କରିଡର ଲାଗି ୬୫ ହଜାର କୋଟି
- କେରଳକୁ ୩୪ ହଜାର କୋଟି
- ଚା' ଶ୍ରମିକଙ୍କ ନିମନ୍ତେ ୧ ହଜାର କୋଟି




### ପେପର ବଦଳରେ ଟାବ୍‌ଲେଟ୍‌ରୁ ପଢ଼ିଲେ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ପାରମ୍ପରିକ ପେପର ଡକ୍ୟୁମେଣ୍ଟ ବା କାଗଜ ବହି ବଦଳରେ ଭାରତରେ ନିର୍ମିତ ଟାବଲେଟରୁ ବଜେଟ ପଢ଼ିଛନ୍ତି। ଲାଲ ରଙ୍ଗର କଭ୍‌ରରେ ଅର୍ଥମନ୍ତ୍ରୀ ଟାବଲେଟ ଧରି ଭିତରକୁ ଯାଇଥିଲେ। ସ୍ୱାଧୀନ ଭାରତରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ବିନା ପେପରରେ ବଜେଟ ଆଗତ କରାଯାଇଛି। ବିନା କୌଣସି ବାଧାରେ ପାର୍ଲାମେଣ୍ଟ ସଦସ୍ୟଙ୍କ ସମେତ ସାଧାରଣ ଲୋକଙ୍କ ନିକଟରେ ବଜେଟ ଡକ୍ୟୁମେଣ୍ଟ ପହଞ୍ଚାଇବା ନିମନ୍ତେ ଅର୍ଥମନ୍ତ୍ରୀ ପୂର୍ବରୁ 'ୟୁନିୟନ ବଜେଟ ମୋବାଇଲ ଆପ୍' ଲଞ୍ଚ୍ କରିଥିଲେ। ଫ୍ରେଞ୍ଚ ଶବ୍ଦ ବଜେଟ୍‌ର ଅର୍ଥ ହେଉଛି ଚମଡ଼ା ବ୍ରିଫକେସ୍। ୧୯୪୭ରେ ଭାରତର ପ୍ରଥମ ଅର୍ଥମନ୍ତ୍ରୀ ଆର୍. କେ. ଷଣ୍ମୁଗମ ଚେଟି ବଜେଟ ଆଗତ କରିବା ପାଇଁ ଏକ ଲେଦର ବା ଚମଡ଼ା ବ୍ରିଫ୍‌କେସ ଧରିଥିଲେ।

## ଆଶା ଏକ ଏଭଳି ପକ୍ଷୀ...

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୧ ଘଣ୍ଟା ୫୧ ମିନିଟ୍ ଓ ୩୦ ସେକେଣ୍ଡର ବଜେଟ୍ ଅଭିଭାଷଣ ବେଳେ ଦୁଇ ମହାନ କବିଙ୍କ କବିତାର ୨ଟି ପଂକ୍ତି ଆବୃତ୍ତି ସହ ତାହାର ଅର୍ଥ ବୁଝାଇଥିଲେ। ମହାମାରୀ କରୋନା ସଂକଟ ଦେଇ ଗତି କରୁଥିବା ଦେଶବାସୀଙ୍କ ମନରେ ଆଶାର ନୂଆ କିରଣ ଜାଗ୍ରତ କରିବା ଉଦ୍ଦେଶ୍ୟରେ ପ୍ରଥମେ ସେ ପଶ୍ଚିମବଙ୍ଗର ବିଶିଷ୍ଟ କବି ରବୀନ୍ଦ୍ର ନାଥ ଟାଗୋରଙ୍କ କବିତା ପଢ଼ିଥିଲେ। ଅର୍ଥମନ୍ତ୍ରୀ କହିଥିଲେ, ରବୀନ୍ଦ୍ରନାଥ ଟାଗୋରଙ୍କ ଭାଷାରେ 'ଆଶା ଏକ ଏଭଳି ପକ୍ଷୀ, ଯିଏ ଆଲୋକକୁ ଅନୁଭବ କରିପାରେ ଏବଂ ଅନ୍ଧାରରେ ମଧ ଚିକ୍‌ମିକ୍ କରୁଥାଏ'। ପରେ ସୀତାରାମନ ତାମିଲ କବି ସନ୍ଥ ତୀରୁବଲ୍ଲୁବରଙ୍କ କବିତାର ଏକ ପଙ୍କ୍ତି 'ରାଜା ସିଏ, ଯିଏ ଧନର ସନ୍ଧାନ ଏବଂ ଅଧିଗ୍ରହଣ କରେ, ପରେ ଉନ୍ନତି ପାଇଁ ଏହାକୁ ସଂରକ୍ଷିତ ରଖେ ଏବଂ ବଣ୍ଟନ କରିଥାଏ' ପଢ଼ିଥିଲେ। ଅର୍ଥମନ୍ତ୍ରୀ ତାମିଲ ଭାଷାରେ ଏହାକୁ ଆବୃତ୍ତି କରିବା ସହ ଇଂରାଜୀରେ ତାହାର ଅର୍ଥ ବୁଝାଇଥିଲେ। ସୀତାରାମନ କହିଥିଲେ, କବି ତୀରୁବଲ୍ଲୁବର କହିଛନ୍ତି କି, 'ଏକ ଭଲ ଦେଶର ୫ଟି ଲକ୍ଷଣ ଥାଏ। ପ୍ରଥମେ ସେଠାରେ ରୋଗ ନ ଥାଏ, ଅର୍ଥ ଥାଏ, ଭଲ ଫସଲ ଉତ୍ପାଦନ ହୁଏ, ସର୍ବତ୍ର ଖୁସି ବିରାଜମାନ କରେ ଏବଂ ତାହା ସୁରକ୍ଷିତ ହୋଇଥାଏ'। ଅର୍ଥମନ୍ତ୍ରୀଙ୍କ ଏହି ଲାଇନକୁ ଏମ୍‌ପିମାନେ ପସନ୍ଦ କରିବା ସହ ଟେବୁଲ ବାଡେଇ ସମର୍ଥନ କରିଥିଲେ।



ବଜେଟ ୨୦୨୧-୨୨ରେ ଭାରତର ଆତ୍ମବିଶ୍ୱାସ ପ୍ରତିଫଳିତ ହୋଇଛି। ଏହା ସାରା ବିଶ୍ୱ ପାଇଁ ପ୍ରେରଣା। ପ୍ରତିକୂଳ ପରିସ୍ଥିତି ମଧରେ ଆତ୍ମନିର୍ଭରଶୀଳତା ଓ ଅନ୍ତର୍ଭୁକ୍ତିକରଣ ଦୃଷ୍ଟିକୋଣରୁ ବଜେଟ ଆଗତ କରଯାଇଛି। ଆସନ୍ତା ଦଶନ୍ଧି ପାଇଁ ଏହି ବଜେଟ ଶକ୍ତ ମୂଳଦୁଆ ପକାଇଛି ଏବଂ ଆତ୍ମନିର୍ଭର ଭାରତ ଅଭିମୁଖେ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଅଭିବୃଦ୍ଧି ଦିଗରେ ସୁଯୋଗର ବିସ୍ତାର, ଜନସମ୍ବଳର ନୂଆ ଅର୍ଥ, ଭିତ୍ତିଭୂମି ବିକାଶ ପାଇଁ ନୂତନ କ୍ଷେତ୍ର, ଆଧୁନିକୀକରଣ ଓ ନୂଆ ସଂସ୍କାର ନୀତିରେ ବଜେଟ ପ୍ରସ୍ତୁତ ହୋଇଛି। କୃଷି କ୍ଷେତ୍ରକୁ ମଜଭୁତ କରିବା, କୃଷକଙ୍କ ଆୟ ବୃଦ୍ଧି ଉପରେ ଏଥିରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ନିଯୁକ୍ତି ସୁଯୋଗ ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ଦୁଇଗୁଣା ବଜେଟ ପ୍ରସ୍ତୁତ କରାଯାଇଛି।

**- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



ସାଧାରଣ ବଜେଟ 'ଆତ୍ମନିର୍ଭର ଭାରତ' ପାଇଁ ଉଦ୍ଦିଷ୍ଟ। ଏହା ଅର୍ଥନୀତିକୁ ମଜଭୁତ କରିବ। ଲୋକେ କେବେ ବି ଆଶା କରି ନ ଥିଲେ ଯେ ଏଭଳି ସମୟରେ ଏପରି ଏକ ବଜେଟ ଆଗତ କରାଯିବ। ଏହାର ଯେତେ ପ୍ରଶଂସା କରାଯିବ ତାହା କମ୍। ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ବ୍ୟୟ ମଞ୍ଜୁରୀ ମିଳିଛି।

**- ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ**



କରୋନା ମହାମାରୀ ଏବଂ ରାଜସ୍ୱ ସଂଗ୍ରହରେ ହ୍ରାସ ସତ୍ତ୍ୱେ କେନ୍ଦ୍ର ସରକାର ଏକ ସନ୍ତୁଳିତ ବଜେଟ ଆଣିଛନ୍ତି। ବିଶ୍ୱସ୍ତରୀୟ ଭିତ୍ତିଭୂମି ସହ ୭ ମେଗା ଟେକ୍ସଟାଇଲ ପାର୍କ ଆସନ୍ତା ୩ ବର୍ଷରେ ନିର୍ମାଣ ପାଇଁ ଯୋଜନା ରହିଛି ଯାହାଦ୍ୱାରା ରୋଜଗାର ମିଳିବ। ସୋଲାର ପାୱାର ଏବଂ ନବୀକରଣଯୁକ୍ତ ଶକ୍ତି ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି, ଯାହା ବେଶ୍ ସ୍ୱାଗତଯୋଗ୍ୟ।

**- ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ**



ଲୋକଙ୍କ ହାତରେ ଟଙ୍କା ଦେବାକୁ ମୋଦି ସରକାର ଭୁଲିଯାଇଛନ୍ତି। ସେ ଭାରତର ସମ୍ପତ୍ତିକୁ ତାଙ୍କ ପୁଞ୍ଜିପତି ବନ୍ଧୁଙ୍କ ହାତକୁ ଟେକି ଦେବାକୁ ଚାହାନ୍ତି।

**- ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



ଏହି ଭାଜପା ସରକାର ମୋତେ ସେହି ଗ୍ୟାରେଜ ମେକାନିକ୍‌ଙ୍କ କଥା ସ୍ମରଣ କରାଇଛନ୍ତି, ଯିଏ ନିଜ କ୍ଲାଏଣ୍ଟଙ୍କୁ କହିଥିଲେ- 'ମୁଁ ଆପଣଙ୍କ ବ୍ରେକ୍ ଠିକ୍ କରିପାରିଲିନି। ସେଥିପାଇଁ ଆପଣଙ୍କ ଗାଡ଼ିର ହର୍ନ ଧ୍ୱନି ବଢ଼ାଇଦେଇଛି।

**- ଶଶୀ ଥରୁର, ବରିଷ୍ଠ କଂଗ୍ରେସ ନେତା**



କେବଳ ଭାରତ ନୁହେଁ ସାରା ବିଶ୍ୱକୁ ପ୍ରଭାବିତ କରିଛି। ଏହା ସତ୍ତ୍ୱେ ଏକ ସନ୍ତୁଳିତ ବଜେଟ ଆଗତ ହୋଇଛି। ଏଥିରେ ସମସ୍ତ ବର୍ଗକୁ ପ୍ରାଧାନ୍ୟ ଦିଆଯାଇଛି।

**- ଚିରାଗ ପାଶ୍ୱାନ, ଏଲ୍‌ଜେପି ନେତା**



ଆତ୍ମନିର୍ଭର ଭାରତ ନାଁରେ ଭାଜପା ଦେଶବାସୀଙ୍କୁ ବିଭ୍ରାନ୍ତରେ ପକାଇଚାଲିଛି। ଚଳିତ ବଜେଟରେ ମଧ ତାହା ପ୍ରତିଫଳନ ହୋଇଛି। ମହମାରୀବେଳେ ବଜେଟରୁ ଅନେକ କିଛି ଦେଶବାସୀ ଆଶା ରଖିଥିଲେ ବି କେନ୍ଦ୍ର ସରକାର ସେମାନଙ୍କୁ ନିରାଶ କରିଛନ୍ତି। ୨ ମାସରୁ ଅଧିକ ସମୟ ଧରି ଆନ୍ଦୋଳନ କରୁଥିବା କୃଷକଙ୍କ ପାଇଁ ଏଥିରେ କିଛି ବି ବ୍ୟବସ୍ଥା କରାଯାଇନାହିଁ। ପ୍ରଧାନମନ୍ତ୍ରୀ କେବଳ ଗୋଟିଏ ପରେ ଗୋଟିଏ ମିଛ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭଣ୍ଡାଇ ଚାଲିଛନ୍ତି। ଯୁବବର୍ଗ, ଗରିବ ଓ ମଧମବର୍ଗ ଲୋକଙ୍କ ପାଇଁ ବଜେଟରେ କିଛି ନାହିଁ।

**- କମଲନାଥ, ପୂର୍ବତନ ମୁଖ୍ୟମନ୍ତ୍ରୀ ମଧ୍ୟପ୍ରଦେଶ**



ଦେଶକୁ ବିକିବା ଲକ୍ଷ୍ୟରେ ଭାଜପା ସରକାର ବଜେଟ ଆଣିଛନ୍ତି। ଏଥିରେ ସରକାରୀ ପ୍ରତିଷ୍ଠାନ ଓ ସମ୍ପତ୍ତି ବିକ୍ରି ପାଇଁ ରାସ୍ତା ବାହାର କରାଯାଇଛି। ଟ୍ରେନ୍, ରେଲୱେ ଷ୍ଟେଶନ, ବିଏସ୍‌ଏନ୍‌ଏଲ୍, ଏଲ୍‌ଆଇସି ପରେ ଏବେ ବ୍ୟାଙ୍କ, ବନ୍ଦର, ବିଦ୍ୟୁତ୍ ଲାଇନ, ଜାତୀୟ ସଡ଼କ, ଷ୍ଟାଡିୟମ, ତେଲ ପାଇପଲାଇନ ମଧ ବିକି ଦେବାକୁ ଭାଜପା ନିଷ୍ପତ୍ତି ନେଇଛି।

**- ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା**



ଏହା ଜନତା ବିରୋଧୀ ବଜେଟ। ଭାରତର ପ୍ରଥମ ପେପରଲେସ୍ ବଜେଟ ପ୍ରାୟ ସବୁ କ୍ଷେତ୍ରକୁ ବିକ୍ରି କରିଦେଇଛି। ଅଣସଙ୍ଗଠିତ କ୍ଷେତ୍ର ପାଇଁ ଏଥିରେ କିଛି ନାହିଁ।

**- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



କେନ୍ଦ୍ର ସରକାର ସ୍ୱାସ୍ଥ୍ୟକ୍ଷେତ୍ରରେ ବ୍ୟୟ ବରାଦ ବଢ଼ାଇଥିବା କହୁଛନ୍ତି। କିନ୍ତୁ ପ୍ରକୃତରେ ଏଥିରେ କୌଣସି ବୃଦ୍ଧି କରାଯାଇନାହିଁ। ମୁଦ୍ରାସ୍ଫୀତି ସହ ତୁଳନା କଲେ ଏହି ବର୍ଦ୍ଧିତ ପାଣ୍ଠି ଶୂନ ସହ ସମାନ।

**- ପି. ଚିଦାମ୍ବରମ, ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ**



ଏହି ବଜେଟ ଆତ୍ମନିର୍ଭର ଭାରତ ସହ ଦେଶର ପ୍ରତ୍ୟେକ ବର୍ଗ ଏବଂ ପ୍ରତି କ୍ଷେତ୍ରରେ ପ୍ରଗତି ଆଣିବ। ନିବେଶକମାନଙ୍କ ପାଇଁ ଏହା ଉତ୍ସାହଜନକ ହୋଇଥିବାବେଳେ ଉଦ୍ୟୋଗ ସମେତ ବିଭିନ୍ନ ଇନ୍‌ଫ୍ରାଷ୍ଟ୍ରକଚର କ୍ଷେତ୍ରରେ ଏହା ସକାରାତ୍ମକ ପରିବର୍ତ୍ତନ ପାଇଁ ଉଦ୍ଦିଷ୍ଟ।

**- ପୀୟୂଷ ଗୋଏଲ, କେନ୍ଦ୍ରମନ୍ତ୍ରୀ**


### ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ବଜେଟ ଅନୁକୂଳ



ଏଥର ବଜେଟ ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ନୂତନ ଆଶା ଓ ସୁଯୋଗ ନେଇ ଆସିଛି। ବିଶେଷ କରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେଶିନ ଲର୍ନିଂ, ଡାଟା ସାଇନ୍ସ ତଥା ଇଣ୍ଟରନେଟ କ୍ଷେତ୍ରଗୁଡିକରେ ଅନେକ ସକାରାତ୍ମକ ଯୋଜନା ରହିଛି। ଷ୍ଟାର୍ଟଅପ କ୍ଷେତ୍ରପାଇଁ ମଧ ଟିକସ ରିହାତି ତଥା ଟିକସ ସରଳୀକରଣ ବ୍ୟବସ୍ଥା ଏହି ବଜେଟରେ ଦେଖିବାକୁ ମିଳିଛି। ଏହା ନିଶ୍ଚିତ ମାତ୍ରାରେ ପ୍ରାଦ୍ୟୋଗିକ କ୍ଷେତ୍ର ପାଇଁ ସହାୟକ ହେବ ବୋଲି ମୋର ଆଶା। ଜଣେ ଡାଟା ସାଇନ୍ସ ସ୍ପେସିଆଲିଷ୍ଟ ହିସାବରେ ମୁଁ ଆଗରୁ ମଧ କହିଆସିଛି ଯେ ଡାଟା ହେଉଛି ନୂତନ ଇନ୍ଧନ। ବେସରକାରୀ କ୍ଷେତ୍ରକୁ ସାରା ଦେଶରେ ଡାଟା ସେଣ୍ଟର୍ ପାର୍କ ନିର୍ମାଣ ସକ୍ଷମ କରିବାକୁ ନୀତି ଖୁବ୍ ଶୀଘ୍ର ଆରମ୍ଭ ହେବ। ଅଙ୍ଗନୱାଡି, ଗ୍ରାମ ପଞ୍ଚାୟତ ଏବଂ ପୋଲିସ ଷ୍ଟେଶନ ପରି ତୃଣମୂଳ ସ୍ତରରେ ଥିବା ସମସ୍ତ ଅନୁଷ୍ଠାନକୁ ଡିଜିଟାଲ ସେବା ସଂଯୋଗ ଯୋଗାଇ ଦିଆଯିବ।ଉତ୍ପାଦନ କ୍ଷେତ୍ରରେ ନୂତନ କମ୍ପାନୀଗୁଡିକ ପାଇଁ କର୍ପୋରେଟ ଟିକସ ହାରକୁ ୧୫ ପ୍ରତିଶତକୁ ହ୍ରାସ କରିବାର ନିଷ୍ପତ୍ତି ସ୍ୱାଗତଯୋଗ୍ୟ।

**- ଡ.ଷ୍ଟାଲିନ ମିଶ୍ର, ସୂଚନା ପ୍ରଯୁକ୍ତିବିତ**

### ବଜେଟ ସ୍ଲୋଗାନ ମଧରେ ସୀମିତ



ବଜେଟ ସ୍ଲୋଗାନ ମଧରେ ସୀମିତ ରହିଯାଇଛି। ଏକଥା କେହି ଅସ୍ୱୀକାର କରିବେ ନାହିଁ ଯେ ଅର୍ଥନୀତି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ବଜେଟରେ ଆତ୍ମନିର୍ଭର କଥା ପୁଣି କୁହାଯାଇଛି। କିନ୍ତୁ ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର, ତାହାର ଘରୋଇକରଣ, ବୀମା ପରି ଲାଭଦାୟକ କ୍ଷେତ୍ରରେ ଏଫଡିଆଇ ସୀମା ବୃଦ୍ଧି କିପରି ଆତ୍ମନିର୍ଭର ଭାରତ ଗଠନରେ ସାହାଯ୍ୟ ହେବ ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**- ଡ଼ ସନ୍ତୋଷ କୁମାର ମହାପାତ୍ର, ସ୍ତମ୍ଭକାର**

### ଶିକ୍ଷାର ଭିତ୍ତିଭୂମି ବିକାଶ ପାଇଁ ସେଭଳି ବ୍ୟୟ ବରାଦ ନାହିଁ



ବଜେଟରେ ଶିକ୍ଷା କ୍ଷେତ୍ର ପାଇଁ ୯୩,୨୨୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି,ଯାହା କି ଗତ ବର୍ଷର ବଜେଟ(୯୯,୩୨୨ କୋଟି ଟଙ୍କା) ବରାଦଠାରୁ କମ୍। ଦେଶରେ ବେସରକାରୀ ସଂସ୍ଥାଗୁଡ଼ିକ ସହାୟତାରେ ୧୦୦ଟି ନୂଆ ସୈନିକ ସ୍କୁଲ ଖୋଲିବା ପାଇଁ ଘୋଷଣା କରାଯାଇଛି। ନୂତନ ଶିକ୍ଷା ନୀତି ଲାଗୁ କରିବା ପାଇଁ କେତେକ ପଦକ୍ଷେପ ନିଆଯାଇଛି। ତନ୍ମଧରୁ ଉଚ୍ଚଶିକ୍ଷା ଆୟୋଗ ଗଠନ କରିବା ପାଇଁ ଘୋଷଣା, ଗୋଟିଏ ସହରରେ ଥିବା ଅନେକ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନକୁ ଗୋଟିଏ ସୂତ୍ରରେ ବାନ୍ଧିବା ପାଇଁ ସଂଯୋଗ ଆର୍ଥିକ ସହାୟତା, ଜାତୀୟ ଗବେଷଣା ଫାଉଣ୍ଡେଶନ, ଭାରତୀୟ ଭାଷାରେ ଅନୁବାଦ କରିବା ପାଇଁ ସ୍ୱତନ୍ତ୍ର ଅନୁଦାନ ଘୋଷଣା କରାଯାଇଛି। ନୂତନ କେନ୍ଦ୍ର ଶାସିତ ଅଞ୍ଚଳ ଲେହରେ ଏକ ନୂତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଅର୍ଥ ବରାଦ କରାଯାଇଛି। ପୂର୍ବରୁ ପ୍ରତିଷ୍ଠା ହୋଇଥିବା ୭୫୦ଟି ଏକଲବ୍ୟ ବିଦ୍ୟାଳୟ ପାଇଁ ଆର୍ଥିକ ଅନୁଦାନ ଘୋଷଣା କରାଯାଇଛି। ସେହିପରି ଛାତ୍ରବୃତ୍ତିକୁ ପୁନର୍ବିନ୍ୟାସ କରାଯାଇଛି। କୌଶଳ ବିକାଶ କ୍ଷେତ୍ରରେ ଜାପାନ ଓ ସମ୍ମିଳିତ ଆରବ ଦେଶଗୁଡ଼ିକ ସହ ଭାଗୀଦାରି ଘୋଷଣା କରାଯାଇଛି। କରୋନା ମହାମାରୀ ସମୟରେ ଅନ୍‌ଲାଇନ ଶିକ୍ଷା ବ୍ୟବସ୍ଥାରେ ଥିବା ଦୁର୍ବଳ ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ସେହିପରି ନୂତନ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ବିକାଶ ଲାଗି ଯଥେଷ୍ଟ ଆର୍ଥିକ ଅନୁଦାନ ବରାଦ କରାଯାଇନାହିଁ।

**- ଡ. ଅମରେନ୍ଦ୍ର ଦାସ, ଆସିଷ୍ଟାଣ୍ଟ ପ୍ରଫେସର, ନାଇଜର**

### ଆଶଙ୍କା ଦୂର ହେବ ବୋଲି ଆଶା



ଏପିଏମ୍‌ସି ଆଇନକୁ ଦୁର୍ବଳ କୃଷି ବିଲ୍ କରିବ ବୋଲି କୃଷକନେତାମାନେ କହୁଥିବାବେଳେ ଅର୍ଥମନ୍ତ୍ରୀ କହିଛନ୍ତି ଭିତ୍ତିଭୂମି ବିକାଶ ପାଇଁ ଯେଉଁ ଏକଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଛି ସେଥିରୁ ଏପିଏମ୍‌ସିର ଭିତ୍ତିଭୂମିର ବିକାଶ ପାଇଁ ଖର୍ଚ୍ଚ ହୋଇପାରିବ। ପୁନଶ୍ଚ କୃଷି କ୍ଷେତ୍ରର ବିକାଶ ପାଇଁ ପେଟ୍ରୋଲ ଓ ଡିଜେଲ ଉପରେ ସେସ୍ ବସାଯାଇଛି। ଖାଉଟିମାନେ ଆତଙ୍କିତ ହୋଇପଡ଼ିଥିଲେ,ସେମାନଙ୍କ ଉପରେ ଏହି ସେସ୍ ପଡ଼ିବ। କିନ୍ତୁ ଅର୍ଥମନ୍ତ୍ରୀ ତା'ର ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ,ଏହା ଖାଉଟିମାନଙ୍କ ଉପରେ ପଡ଼ିବ ନାହିଁ, ତାହା ଆଭ୍ୟନ୍ତରୀଣ ଭିତ୍ତିରେ ଆଦାୟ ହେବ।

**- ନଟବର ଖୁଣ୍ଟିଆ, କୃଷି ବିଶେଷଜ୍ଞ**

### କର୍ମନିଯୁକ୍ତିର କୌଣସି ବ୍ୟବସ୍ଥା ନାହିଁ



୨୦୨୧-୨୨ ବଜେଟରେ କିଛି ନୂତନତ୍ୱ ନାହିଁ। ସରକାରଙ୍କ ଅର୍ଥନୈତିକ ସର୍ଭେ ଦାରିଦ୍ର୍ୟ ଦୂରୀକରଣ ଓ ଅର୍ଥନୈତିକ ବୈଷମ୍ୟକୁ ଦୂର କରିବା ପାଇଁ ଅଗ୍ରାଧିକାର ଦେଇଥିଲାବେଳେ ଚଳିତ ବଜେଟରେ ଏହି ଦିଗ ପ୍ରତି ଦୃଷ୍ଟି ଦିଆଯାଇନାହିଁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ବଜେଟର ବୃଦ୍ଧି ଯାହା କରାଯାଉଛି, ତାହା ଅତି ସାମାନ୍ୟ। କରୋନା ମହାମାରୀ ଓ ଟିକାକରଣରେ ଖର୍ଚ୍ଚକୁ ଏଥିରେ ଯୋଡାଯାଇଛି। ସରକାରୀ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ପାଇଁ କିଛି ବ୍ୟବସ୍ଥା ନାହିଁ। ଅଧିକ କର୍ମନିଯୁକ୍ତିର କୌଣସି ବ୍ୟବସ୍ଥା ନାହିଁ।

**- କିଶୋର ଜେନା, ପ୍ରାବନ୍ଧିକ**

### ବ୍ୟାଙ୍କ ଜମାକାରୀଙ୍କୁ ବଜେଟରୁ ଭରସା ମିଳିଛି



ଏହି ବଜେଟର ପ୍ରଭାବ ବ୍ୟାକିଙ୍ଗ କ୍ଷେତ୍ରରେ କିଛିଟା ରହିବ। ୨୦,୦୦୦ କୋଟି ଟଙ୍କାର ରିକ୍ୟାପିଟାଲାଇଜେଶନ ପ୍ରସ୍ତାବ, ବ୍ୟାଙ୍କଗୁଡ଼ିକୁ ଅଧିକ ଆସେଟ ବା ଋଣ ଦେବା ପାଇଁ ପ୍ରୋତ୍ସାହିତ କରିବ। ସେହିପରି ବ୍ୟାଙ୍କଗୁଡ଼ିକ ଏନ୍‌ବିଏଫ୍‌ସିମାନଙ୍କୁ ଅଧିକ ଋଣ ଯୋଗାଇବା ପ୍ରସ୍ତାବ ବ୍ୟାକିଙ୍ଗ କ୍ଷେତ୍ରରେ ଲାଭବାନ ହେବ। ଗୃହଋଣ କ୍ଷେତ୍ରରେ ବଜେଟର ପ୍ରସ୍ତାବ ସ୍ୱାଗତଯୋଗ୍ୟ। ଯଥା ସରକାର ଏନ୍‌ଏଚ୍‌ବିଠାରୁ ହାଉସିଂ ଲୋନ ରେଗୁଲେଟିଂ ଅଥରିଟି କାଢ଼ିନେଇ ଆର୍‌ବିଆଇକୁ ହସ୍ତାନ୍ତର କରିବା, ସେହିପରି ସେଲ୍‌ଫ ଅକ୍ୟୁପାଇଡ ହାଉସ ଓନରମାନେ ଗୃହ ଋଣ କ୍ଷେତ୍ରରେ ୩.୫ ଲକ୍ଷ ଯାଏ ଟିକସ ରିହାତି ଯୋଗୁ ଅଧିକ ଋଣ ନେବା ପାଇଁ ପ୍ରୋତ୍ସାହିତ ହେବେ, ଯାହାକି ବ୍ୟାଙ୍କଗୁଡ଼ିକର ଏଚ୍‌ଏଲ୍ ସେଗ୍‌ମେଣ୍ଟ ବୃଦ୍ଧିରେ ସହାୟକ ହେବ। କିନ୍ତୁ ପର୍ସନାଲ ଲୋନ ଏବଂ କୃଷି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକୁ ବଜେଟ ସେମିତି କିଛି ସହାୟକ ହେବ ନାହିଁ। ବ୍ୟାଙ୍କର ଜମାକାରୀମାନଙ୍କୁ ଏହି ବଜେଟରୁ କିଛିଟା ଭରସା ମିଳିଛି।

**- ବ୍ରଜକିଶୋର ନାୟକ, ନିର୍ଦ୍ଦେଶକ, ଏସ୍‌ବିଆଇ ଆର୍ଥିକ ସାକ୍ଷରତା ପରିଷଦ**

ପ୍ରତିଭାବାନ ମଣିଷମାନେ ସମସ୍ତେ ମନେ ହୁଅନ୍ତି– ସତେ କି ଅସ୍ୱାଭାବିକ ଏବଂ ସେମାନଙ୍କ ଧାତୁ ବି ମନେ ହୁଏ ଅଲଗା। କାହିଁକି ହେବ ନାହିଁ ? ପ୍ରତିଭାର ଜନ୍ମ ତ ଅସ୍ୱାଭାବିକ। ସାଧାରଣ ଧାତୁ ବା ପ୍ରକୃତିର ବାହାରେ ତା'ର ସ୍ଥାନ। –ଶ୍ରୀଅରବିନ୍ଦ



# ସ୍ୱଚ୍ଛତା, ସ୍ୱାସ୍ଥ୍ୟରକ୍ଷା ଓ ଆମ ଶିଶୁମାନେ



ଲୋକନାଥ ପଣ୍ଡା

ନିକଟରେ ରାୟଗଡ଼ ଜିଲାର ଗ୍ରାମାଞ୍ଚଳରେ କେତେକ ସରକାରୀ ବିଦ୍ୟାଳୟରେ ଚତୁର୍ଥରୁ ଦଶମ ପର୍ଯ୍ୟନ୍ତ ପଢୁଥିବା ଶିଶୁମାନଙ୍କ ସହ କଥାବାର୍ତ୍ତା ହେବାର ସୁଯୋଗ ମିଳିଥିଲା। ସ୍କୁଲ ପିଲାମାନଙ୍କ ମଧ୍ୟରେ ସ୍ୱଚ୍ଛତା, ପରିମଳ, ହାତଧୁଆ, ଜଳକୁ ନେଇ ସଚେତନତା ସୃଷ୍ଟି କରିବା ପରିପ୍ରେକ୍ଷୀରେ ଏକ ସୃଜନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ସଂଯୋଗ ସୃଷ୍ଟି ହୋଇଥିଲା। କରୋନାର ସମସ୍ତ ପ୍ରକାର ଗାଇଡ୍ ଲାଇନ ଅନୁସାରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। ପ୍ରାୟତଃ ଅଧିକାଂଶ ବିଦ୍ୟାଳୟରେ ହେଉଥିବା କାର୍ଯ୍ୟକ୍ରମ ମଧ୍ୟରେ ୨୦ରୁ ୪୦ ଶିଶୁ ଯୋଗ ଦେଉଥିଲେ। କାଁ ଭାଁ କେତେକ ସ୍ଥାନରେ ଅଧିକ ଶିଶୁ ଆଗ୍ରହ ସହକାରେ ଯୋଗ ଦେଉଥିଲେ। ଶିଶୁମାନଙ୍କ ମନରେ ସ୍ୱଚ୍ଛତା, ସ୍କୁଲ ବନ୍ଦ ସମୟର ଅନୁଭୂତି, ପରିମଳ ଓ ଗୋଷ୍ଠୀ ସଚେତନତା ଏହିଭଳି କିଛି ବିଷୟ ଉପରେ ଲେଖିବା, ଚିତ୍ରାଙ୍କନ କରିବା ଏବଂ ସାଧାରଣ ଜ୍ଞାନ (କୁଇଜ୍) ପ୍ରତିଯୋଗିତା ମାଧ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଅନେକଙ୍କୁ ପୁରସ୍କୃତ କରାଯାଉଥିଲା।

ଏହି କାର୍ଯ୍ୟକ୍ରମରେ ଶିଶୁମାନେ ସୁନ୍ଦର ଭାବରେ କୋଭିଡ୍ ସମୟରେ କିପରି ଯତ୍ନ ନିଆଯିବ, ସେ ସମ୍ପର୍କରେ ସଚେତନ ଲେଖା ମାଧ୍ୟମରେ ଉପସ୍ଥାପନା କରିଥିଲେ। ପ୍ରତି ଗାଁରେ କିପରି ଗେଟ୍ କରାଯାଇଥିଲା, ବାହାର ଲୋକଙ୍କୁ ଗାଁ ଭିତରକୁ ଛଡ଼ା ନ ଯିବା, ଆବଶ୍ୟକ ସ୍ଥଳେ ହାତ ଧୋଇବାର ବ୍ୟବସ୍ଥା ଗାଁ ମୁଣ୍ଡରେ କରିବା, ମାସ୍କ ବ୍ୟବହାର ଆଦି ସମ୍ପର୍କରେ ଅତି ସୁନ୍ଦର ଭାବରେ ଆଲୋଚନା ପ୍ରସଙ୍ଗରେ କହୁଥିଲେ, ଚିତ୍ର ମାଧ୍ୟମରେ ଫୁଟାଉଥିଲେ। କୁଇଜ୍ ମାଧ୍ୟମରେ ଉତ୍ତର ଦେଇ ଉତ୍ସାହିତ ହେଉଥିଲେ। କରୋନା ମହାମାରୀ ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ ମଧ୍ୟ ଶିଶୁମାନେ କେତେ ସଚେତନ, ତାହା ମୁଁ ଅନୁଭବ କରୁଥିଲି।

ସବୁଠାରୁ ବଡ଼ କଥା ହେଲା, ମୁଁ ଶିଶୁଙ୍କ ସହ ସ୍କୁଲ ବନ୍ଦ ପରିପ୍ରେକ୍ଷୀରେ କିପରି ସମୟ କଟାଉଛ, କରୋନା ସମୟରେ ଗୋଷ୍ଠୀ କେତେ ସଚେତନ ହୋଇଛି, ସ୍ୱଚ୍ଛତା, ହାତଧୁଆ କେତେ ମାତ୍ରାରେ ଅଭ୍ୟାସ ଚାଲିଛି ଇତ୍ୟାଦି ସମ୍ପର୍କରେ କଥା ହେଉଥିଲି ଏବଂ ଯେଉଁମାନେ ଆଗ୍ରହ ଦେଖାଉଛନ୍ତି, ସେମାନଙ୍କୁ ଲେଖିବାକୁ ଦେଇଥିଲି। ଚତୁର୍ଥ ଶ୍ରେଣୀରେ ପଢୁଥିବା କୁନି ଝିଅଟିଏ ଲେଖିଥିଲା, ମୁଁ ବର୍ତ୍ତମାନ ଘର ଓଳେଇବା, ଘର କାମ କରିବା ଛୁଟି ସମୟରେ ଶିଖୁଛି। ଅନ୍ୟ ଜଣେ କୁନି ଝିଅ ଲେଖିଥିଲା, ମୋ ବାପା ଆଉ ଲାଇନ୍ ବିଜିନେସ୍ କରିବାକୁ ଯାଇପାରୁ ନ ଥିଲେ, ମା' ପ୍ରେସ୍ ମିଶିନ୍ (ଖଲି ତିଆରି କରିବା ପାଇଁ ବ୍ୟବହୃତ ଯନ୍ତ୍ର)ରେ କାମ କରିବାକୁ ଯାଉ ନ ଥିଲେ। ଅନେକ କରୋନା ସମୟରେ ସେମାନଙ୍କ ପରିବାର, ସେମାନଙ୍କ ଉପରେ ପ୍ରଭାବ କିପରି ପଡ଼ିଛି ସେ ସମ୍ପର୍କରେ ଲେଖିଥିଲେ। ଅଷ୍ଟମ, ନବମ ପଢୁଥିବା ବାଳିକାମାନେ ଲେଖିଥିଲେ ଯେ, ସେମାନେ କପା ତୋଳିବାକୁ ଓ ଧାନ କାଟିବାକୁ ଯାଉଛନ୍ତି, ନିଜର ଘର ବିଲ ସହିତ ଗୋଷ୍ଠୀର ଅନ୍ୟମାନଙ୍କ ବିଲରେ ସାହାଯ୍ୟ କରଛନ୍ତି। ଜଣେ ଛାତ୍ରୀ ଲେଖିଥିଲା, ମୁଁ ଛୁଟିରେ ମୋ ପିତାଙ୍କୁ ମଦ ପିଇବା ଛଡ଼େଇଛି। ମୋ' କଥା ବାପା ରଖିଛନ୍ତି। ଆବଶ୍ୟକ ସ୍ଥଳେ ମୋ ରୋଜଗାରରୁ ବାପା,ମାଆଙ୍କ ନିମନ୍ତେ ଖର୍ଚ୍ଚ କରୁଛି। ଗାଆଁରେ ଯେଉଁମାନେ ମଦ ପିଉଛନ୍ତି, ସେମାନେ ଯଦି ଛାଡ଼ନ୍ତି, ତେବେ ଭଲ ହୁଅନ୍ତା।

ସେହିଭଳି ପୁଅମାନେ ମଧ୍ୟ ବେଶ୍ ସୁନ୍ଦରଭାବେ ନିଜ ନିଜର ଉପସ୍ଥାପନା କରିଥିଲେ। ଜଣେ ୧୦ମ ଶ୍ରେଣୀରେ ପଢୁଥିବା ଛାତ୍ରଟିଏ ଲେଖିଥିଲା, ମୁଁ ପରୀକ୍ଷା (ଡିସେମ୍ବର) ମାସରେ କାମ କରିବାକୁ ରାଜମହେନ୍ଦ୍ରୀ ଚାଲିଗଲି। ସେଠାରେ ଚିଙ୍ଗୁଡ଼ି କାରଖାନାରେ କାମ କଲି। ଦୁଇମାସ କାମ କଲି। ଇତି ମଧ୍ୟରେ ଲକ୍‌ଡାଉନ୍ ହୋଇଗଲା। ମୁଁ ପାଞ୍ଚଶହ ପଚାଶ ଟଙ୍କା ଦେଇ କେରେଡ଼ା ଗେଟ୍ ପର୍ଯ୍ୟନ୍ତ ଟ୍ରକରେ ଆସିଲି। ସେଠାରୁ ମୁଁ ବସରେ ଆସିଲି ଏବଂ କ୍ୱାରେଣ୍ଟାଇନ୍‌ରେ ୧୫ ଦିନ ରହିଲି। ବର୍ତ୍ତମାନ ଘରେ ରହି ପାଠପଢ଼ିବା ସହିତ ଚାଷବାସ, କପା ତୋଳିବା ଆଦି କାମ କରୁଛି। କିଛି ଛାତ୍ର ଲେଖିଥିଲେ, ପାଠ ପଢ଼ିବା ସହିତ ଗାଈ ଚରେଇବାକୁ ଯାଉଛି। ଏହିଭଳି ଅନେକ କିଛି ସ୍ମୃତି ଅନୁଭୂତିରୁ ଲେଖିବା ସହିତ ଆଲୋଚନା ମାଧ୍ୟମରେ କହୁଥିଲେ। କିଏ ପାଠ ପଢ଼ିବା ସହିତ ମିସ୍ତ୍ରି କାମ କରୁଛି। ଜଣେ ଦୁଃଖରେ ଲେଖିଥିଲା, ମୋତେ ବିଶ୍ୱାସ ହେଉନି, ଆଉ ସ୍କୁଲକୁ ଯିବି ବୋଲି!

ବିଭିନ୍ନ ଅଞ୍ଚଳରେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିଧତା ମଧ୍ୟରେ ଏକତା କିପରି ରହିଛି, ତାହା ଅନୁଭୂତ ହେଉଥିଲା। ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ସୀମା ଅଞ୍ଚଳରେ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷାଭାଷୀ ଶିଶୁ, ତେଲୁଗୁରେ କିଛି ଶିଶୁଙ୍କୁ ବୁଝାଇ ଦେଉଥିଲେ। ସେଠାରେ ଅନୁଭୂତ ହେଉଥିଲା ଯେ, କେତେ ଶିଶୁ କେବଳ ତେଲୁଗୁ ଭାଷା ଜାଣିବା, କେତେକ କୁଇ ଭାଷା ଜାଣିବା ଏବଂ କେତେକ ଓଡ଼ିଆ ଭାଷା ଜାଣିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରେ ସୁନ୍ଦର ସମନ୍ୱୟ ରହୁଥିଲା। ଅବଶ୍ୟ ବିଦ୍ୟାଳୟରେ ଥିବା ଶିକ୍ଷକବୃନ୍ଦ ତେଲୁଗୁ ଭାଷାରେ ଅନୁବାଦ କରି ବୁଝାଇ ଦେଉଥିଲେ। କେତେକ ବିଦ୍ୟାଳୟର ପ୍ରାଥମିକ ସ୍ତରର ଶିଶୁମାନେ ଓଡ଼ିଆ ବୁଝିପାରୁ ନ ଥିଲେ, ସେମାନଙ୍କୁ ବଡ଼ ଶିଶୁମାନେ କୁଇଭାଷାରେ ବୁଝାଇ ଦେଉଥିଲେ। ସେହି ଶିଶୁମାନେ ଚିତ୍ର ମାଧ୍ୟମରେ ନିଜ ସୃଜନକୁ ଫୁଟାଉଥିଲେ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁମାନଙ୍କୁ ହାତଧୁଆ, ସ୍ୱଚ୍ଛତା, ପାଇଖାନା ବ୍ୟବହାର, ପରିମଳ ବ୍ୟବସ୍ଥା ସମ୍ପର୍କରେ ସଚେତନତା କରାଯାଉଥିଲା। କିନ୍ତୁ ଶିଶୁମାନେ ଅଙ୍ଗନୱାଡ଼ି କିମ୍ବା ଆଶା ଦିଦିଙ୍କ ଦ୍ୱାରା ହେଉ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହେଉ, କରୋନା ସମୟରୁ ସେମାନଙ୍କର ସ୍ୱଚ୍ଛତା, ହାତଧୁଆ, ପାଇଖାନା ଗଲେ ସାବୁନରେ ହାତ ଧୋଇବା, ଗରମ ପାଣି ପିଇବା, ବିଶେଷ କାମ ନ ଥିଲେ ବାହାରକୁ ଯିବା ନାହିଁ, ସାନିଟାଇଜରର ବ୍ୟବହାର ଆଦି ସମ୍ପର୍କରେ ବେଶ୍ ସଚେତନ ଥିଲେ।

ଅଧିକାଂଶ ଶିଶୁ କୃଷକ କିମ୍ବା ଶ୍ରମଜୀବୀ ପରିବାରର ଥିଲେ। ଅଧିକାଂଶ କୃଷି ପରିବାରର ହୋଇଥିବାରୁ ଗତ ଆଠ/ନଅ ମାସ ମଧ୍ୟରେ କୃଷି କ୍ଷେତ୍ରରେ କିପରି ନିଜକୁ କିଛି କିଛି ସମୟ ନିୟୋଜିତ କରିଛନ୍ତି, ସେ ସମ୍ପର୍କରେ ଲେଖିଥିଲେ। ଜଣେ ଶିଶୁଟି ଲେଖିଥିଲା, ମୁଁ ବର୍ତ୍ତମାନ ଘରେ ରହି ମୋତେ ଭଲ ଲାଗୁଛି। ମାଆଙ୍କୁ ଘରୋଇ କାମରେ ସାହାଯ୍ୟ କରୁଛି। ଅନ୍‌ଲାଇନ୍ କ୍ଲାସ ମଧ୍ୟ କରୁଛି। ଗ୍ରାମରେ ଭାଇମାନେ କ୍ଲାସ କରୁଛନ୍ତି, ଆବଶ୍ୟକ ହେଲେ ନ ବୁଝିଲେ ପଚାରୁଛି। ସାର୍‌ମାନେ ମଧ୍ୟ ସ୍କୁଲକୁ ଆସୁଛନ୍ତି, ଗ୍ରାମରେ ଯାଇ ପଚାରୁଛନ୍ତି, ସେମାନଙ୍କୁ ମଧ୍ୟ ପଚାରୁଛି। କେତେକ ଶିଶୁ ମତ ଦେଇଥିଲେ ଆମେ ମୋବାଇଲ ମାଧ୍ୟମରେ ଏକାଠି ମିଶି ପାଠ ପଢୁଛୁ।

ଗୋଟିଏ ବିଦ୍ୟାଳୟର ଶିଶୁମାନେ ଉପସ୍ଥାପନା କରିଛନ୍ତି, ଶିକ୍ଷକଙ୍କ ସହଯୋଗରେ ଶିଶୁମାନେ ଲାପ୍‌ଟପ୍ ପାଇଛନ୍ତି। ଲାପ୍‌ଟପ୍ ମାଧ୍ୟମରେ ୫ ଜଣ ଏକାଠି ହୋଇ କ୍ଲାସ କରୁଛନ୍ତି। ଏହିଭଳି ଯଦି ଆହୁରି ଭିତର ଗାଁଗୁଡ଼ିକରେ ଥିବା ଶିଶୁମାନଙ୍କୁ ସୁବିଧା ମିଳନ୍ତା, ତେବେ ଭଲ ହୋଇଥାଆନ୍ତା।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି କାର୍ଯ୍ୟକ୍ରମରେ ଯେଉଁ ଶିଶୁମାନେ ଭାଗ ନେଉଥିଲେ, ଅଧିକ ସଂଖ୍ୟାରେ ବାଳିକା ଥିଲେ ଏବଂ ସେମାନଙ୍କର ଆଗ୍ରହ ବେଶ୍ ଥିଲା। ପୂର୍ବଦିନ ଶିକ୍ଷକଙ୍କଠାରୁ ଖବର ପାଇଥିଲେ ମଧ୍ୟ ବେଶ୍ ସଫାସୁତୁରା ହୋଇ ବିଦ୍ୟାଳୟରେ ନିର୍ଦ୍ଧାରଣ ପୂର୍ବରୁ ପହଞ୍ଚି ଯାଉଥିଲେ। ଅନେକ କ୍ଷେତ୍ରରେ ଦେଖାଦେଇଥିଲା ଯେ, ଶିକ୍ଷକମାନେ କମ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିବା ବେଳେ ଅନ୍ୟ ଶିଶୁଠାରୁ ଶୁଣି ଅଧିକ ମାତ୍ରାରେ ଶିଶୁ ଆଗ୍ରହ ସହିତ ଅଂଶଗ୍ରହଣ କରିବା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ। ଅଧିକାଂଶ ଶିଶୁ ବିଦ୍ୟାଳୟ ବନ୍ଦ ହେବା ହେତୁ ଦୁଃଖୀ ଅଟନ୍ତି ଏବଂ କେବେ ଖୋଲିବ ବୋଲି ପ୍ରଶ୍ନ କରୁଥିଲେ।

ସମୟ ଆସିଛି ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ଗ୍ରାମରେ ବିଦ୍ୟାଳୟ ହେଉଛି ଶିକ୍ଷା, ସାକ୍ଷରତା, ସଚେତନତା ସୃଷ୍ଟି କରିବାର ଏକ କେନ୍ଦ୍ର। ଶିଶୁଟିଏ ହେଉ, ଅଭିଭାବକଟିଏ ହେଉ, ନିଜର ଶିଶୁଟିର ଭବିଷ୍ୟତ, ଶିକ୍ଷାରେ ଉନ୍ନତି ଏବଂ ଏକ ଭଲ ମଣିଷଟିଏ ହେବ ବୋଲି ବିଦ୍ୟାଳୟର ସ୍କୁଲ ଶିକ୍ଷକଙ୍କ ନିକଟରେ ଛାଡୁଛି। ଶିକ୍ଷକଙ୍କ ଉପରେ ବିଶ୍ୱାସ ରଖୁଛି ! ଶିକ୍ଷକ ମଧ୍ୟ ନିଜର ଦାୟିତ୍ୱ ନିଭାଇବା ପାଇଁ ପ୍ରୟାସ କରୁଛି ! ଏହ ପରିପ୍ରେକ୍ଷୀରେ ବିଦ୍ୟାଳୟର ଗରିମା, କର୍ତ୍ତବ୍ୟ, ଦାୟିତ୍ୱବୋଧକୁ ବିଦ୍ୟାଳୟର ସମସ୍ତ ଅଂଶୀଦାରଙ୍କୁ ଗୁରୁତ୍ୱର ସହ ବିଚାର ଓ ହୃଦୟଙ୍ଗମ କରିବାକୁ ପଡ଼ିବ। ଭାରତ ଜ୍ଞାନ ବିଜ୍ଞାନ ସମିତି, ୟୁନିସେଫ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ସହଯୋଗରେ ଗ୍ରାମାଞ୍ଚଳରେ ଏହିଭଳି କମ୍ ସମୟ ପାଇଁ ହେଲେ ମଧ୍ୟ ଏକ ସୃଜନାତ୍ମକ କାର୍ଯ୍ୟକ୍ରମ ଦ୍ୱାରା ଅନେକ ଶିଶୁଙ୍କ ମନରେ ଗଭୀର ପ୍ରଭାବ ପକାଇବା ଅନୁଭୂତ ହେଉଥିଲା।

୪ର୍ଥ ଗଳି, ହାତୀପଥର ରାସ୍ତା, ରାଣୀଗୁଡ଼ା, ରାୟଗଡ଼ା,
ମୋ: ୯୪୩୮୦୮୧୪୩୦

# କ୍ଷେତ ବିଷମୁକ୍ତ ହେଉ



ବାଦଲ ଭୂୟାଁ

ସାମ୍ପ୍ରତିକ ସମୟରେ ଚାଷୀଟିଏ କ୍ଷେତରେ ଜୈବିକ ଖତ ପ୍ରୟୋଗ କରିବା ପ୍ରତି ଯେତିକି ଯତ୍ନବାନ ହେଉନାହିଁ ତା'ଠାରୁ ଅଧିକ ଯତ୍ନବାନ ହେଉଛି ଫସଲରେ ରାସାୟନିକ ସାର ଓ କୀଟନାଶକ ଇତ୍ୟାଦିର ପ୍ରୟୋଗ ପ୍ରତି। ଏହାଦ୍ୱାରା ସେ ଯେ କେବଳ ନିଜର କ୍ଷେତ ଓ ଫସଲକୁ ବିଷାକ୍ତ କରୁଛି ତା' ନୁହେଁ, ନିଜର ଜୀବନକୁ ମଧ୍ୟ ବିଷାକ୍ତ କରୁଛି; ଯେଉଁଥିପାଇଁ ବେଳେ ବେଳେ ନିଜର ଜୀବନକୁ ହରାଇବାକୁ ପଡୁଛି। ଏଇ କୀଟନାଶକ ଯୋଗୁ ଗତବର୍ଷ ମହାରାଷ୍ଟ୍ରର ଅମରାବତୀ ଏବଂ ୟବତ୍‌ମାଲ ଜିଲାର ନିହାତି କମ୍‌ରେ ୪୦ଜଣ ଚାଷୀ ଓ କୃଷି ଶ୍ରମିକ ପ୍ରାଣ ହରାଇବା ସହିତ କୀଟନାଶକର ବିଫଳତା ଯୋଗୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଚକଡ଼ା ପୋକଙ୍କ ପ୍ରାଦୁର୍ଭାବ ଦେଖା ଦେଇଥିଲା; ଯେଉଁଥିପାଇଁ ଏସବୁ ଅଞ୍ଚଳର କେତେକ ଚାଷୀଙ୍କର ବ୍ୟାପକ ଫସଲ ହାନି ହୋଇଥିଲା ଏବଂ ତାକୁ ସହି ନ ପାରି ସେମାନଙ୍କ ମଧ୍ୟରୁ କିଛି ଚାଷୀ ଆତ୍ମହତ୍ୟା କରିଥିବାର ଖବର ମଧ୍ୟ ବିଭିନ୍ନ ସମୟରେ ଖବରକାଗଜରେ ପ୍ରକାଶିତ ହୋଇଥିଲା। ପରେ ନକଲି କୀଟନାଶକ ଓଡ଼ିଶାର ଚାଷୀଙ୍କ ଦୁର୍ଦ୍ଦଶାର କାରଣ ବୋଲି ଅଭିଯୋଗ ମଧ୍ୟ ହୋଇଥିଲା। କୀଟନାଶକ ଯୋଗୁ ଚାଷୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ମହାରାଷ୍ଟ୍ର ସରକାର ଏକ ଏସ୍‌ଆଇଟି ଗଠନ କରିଥିଲେ, ଯାହା ନିକଟରେ ତା'ର ରିପୋର୍ଟ ପ୍ରଦାନ କରିଛି। ରିପୋର୍ଟରେ ଚାଷୀ ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କ ପ୍ରଶାସନିକ କଳକୁ ଦାୟୀ କରାଯିବା ସଙ୍ଗେ ସଙ୍ଗେ ମୃତ୍ୟୁର ଶିକାର ହୋଇଥିବା ଚାଷୀମାନଙ୍କୁ ମଧ୍ୟ ଦାୟୀ କରାଯାଇଛି, କାରଣ ଏହିସବୁ ଚାଷୀମାନେ ବିଷାକ୍ତ ଦ୍ରବ୍ୟ ବ୍ୟବହାର କରିବା ସମୟରେ ସୁରକ୍ଷାର ନିୟମଗୁଡ଼ିକୁ କଡ଼ାକଡ଼ି ପାଳନ କରିବାରେ ବିଫଳ ହୋଇଥିଲେ। ଭବିଷ୍ୟତରେ ଏଭଳି ଘଟଣା ଯେପରି ନ ଘଟିବ, ସେଥିପାଇଁ ଏସ୍‌ଆଇଟି କେତେଗୁଡ଼ିଏ ପ୍ରତିଷେଧମୂଳକ ବ୍ୟବସ୍ଥା ସୁପାରିସ କରିଛନ୍ତି। ସେଗୁଡ଼ିକ ଯଥାକ୍ରମେ କୀଟନାଶକର ମାନ ପରୀକ୍ଷା କରିବା ନିମନ୍ତେ ଉତ୍ସର୍ଗୀକୃତ ମନୋଭାବସମ୍ପନ୍ନ ଗୁଣାତ୍ମକ ମାନ ଯାଞ୍ଚ କର୍ମଚାରୀ ନିଯୁକ୍ତ,ଜିଲା ଓ ଗ୍ରାମାଞ୍ଚଳର ହସ୍ପିଟାଲଗୁଡ଼ିକରେ ଆଇସିୟୁ ପ୍ରତିଷ୍ଠା କରିବା ସହିତ ଯେଉଁସବୁ ଚାଷୀ ବା କୃଷି ଶ୍ରମିକ କୀଟନାଶକ ବ୍ୟବହାର ସମ୍ପର୍କିତ ନିୟମାବଳୀଗୁଡ଼ିକୁ ନ ମାନିବେ, ସେମାନଙ୍କ ପାଇଁ ଆଇପିସିରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରିବା ଇତ୍ୟାଦି ରହିଛି। ଏତଦ୍‌ବ୍ୟତୀତ କମିଟି ମନୋକ୍ରୋଟୋଫସ୍ ଏବଂ ପଞ୍ଜୀକୃତ ହୋଇ ନ ଥିବା ଉଦ୍ଭିଦ ବୃଦ୍ଧି ନିୟନ୍ତ୍ରକ ଦ୍ରବ୍ୟଗୁଡ଼ିକ ଉପରେ ନିଷେଧାଦେଶ ଜାରି କରିଛନ୍ତି।

ଭାରତରେ କୃଷିର ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ତଥା ଅଧିକାଂଶ କୃଷକଙ୍କ ଶିକ୍ଷାର ସ୍ତର ଅତ୍ୟନ୍ତ ଦୁର୍ବଳ ହୋଇଥିବା ବେଳେ ଏସ୍‌ଆଇଟିର ଏପରି ସୁପାରିସକୁ ନିରପେକ୍ଷ କହିବା ସହଜ ନୁହେଁ, ଯଦିଓ ଏଭଳି ପ୍ରସ୍ତାବ ଅତ୍ୟଧିକ ମହତ୍ତ୍ୱାକାଂକ୍ଷୀ ମନେହୁଏ। କାରଣ ଏହି ରିପୋର୍ଟରେ ଚାଷୀ ମୁଣ୍ଡରେ ଦୋଷ ଲଦିବାକୁ ଚେଷ୍ଟା କରାଯାଇଥିବା ଭଳି ମନେହୁଏ। ଏହା ପରିବର୍ତ୍ତେ ବରଂ କୀଟନାଶକଗୁଡ଼ିକର ଉତ୍ପାଦକମାନେ ସେମାନଙ୍କର ଭୂମିକା ଓ ଦାୟିତ୍ୱକୁ ଠିକ୍ ନିର୍ବାହ କରୁଛନ୍ତି କି ନାହିଁ, ସେସବୁର ଉତ୍ତମ ରୂପେ ତଦାରଖ କରାଯିବାର ଆବଶ୍ୟକତା ରହିଛି। ବସ୍ତୁତଃ, କୀଟନାଶକ ଆଇନରେ ଉଲ୍ଲେଖ ଅଛି ଯେ ସେଗୁଡ଼ିକୁ କିପରି ନିରାପଦରେ ବ୍ୟବହାର କରାଯାଇ ପାରିବ ଏବଂ ବ୍ୟବହାର ପୂର୍ବରୁ ସୁରକ୍ଷା ସମ୍ବନ୍ଧିତ ପଦକ୍ଷେପ ନେବାକୁ କୀଟନାଶକଗୁଡ଼ିକର ଉତ୍ପାଦନକର୍ତ୍ତା ଓ ଡିଷ୍ଟ୍ରିବ୍ୟୁଟରମାନେ ବ୍ୟବହାରକାରୀମାନଙ୍କ ପାଇଁ ଉତ୍ତମ ପ୍ରଶିକ୍ଷଣର ବ୍ୟବସ୍ଥା କରିବା ଆବଶ୍ୟକ। ଏତଦ୍‌ବ୍ୟତୀତ ମହାରାଷ୍ଟ୍ରର ଚାଷୀମାନଙ୍କ ମୃତ୍ୟୁ ପାଇଁ ମୁଖ୍ୟତଃ ମନୋକ୍ରୋଟୋଫସ୍ ଏବଂ ଅକ୍ସିଡିମେଟନ୍‌ମେଥିଲ୍ ନାମକ ଦୁଇଗୋଟି କୀଟନାଶକକୁ ଦାୟୀ କରାଯାଇଥିବା ବେଳେ ମାରାତ୍ମକ ବିଷାକ୍ତ ଦ୍ରବ୍ୟ ହୋଇଥିବାରୁ ଏ ଦୁଇଟିକୁ ପ୍ରଥମ ଶ୍ରେଣୀର କୀଟନାଶକ ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ଏ ଦୁଇଟି କେବଳ ମହାରାଷ୍ଟ୍ର ନୁହେଁ, ସମଗ୍ର ଭାରତବର୍ଷରେ ବ୍ୟାପକ ଭାବରେ ବ୍ୟବହାର ହେଉଛି। ଏକ ସିଏସଇ ରିପୋର୍ଟର ତଥ୍ୟ ଅନୁସାରେ ୨୦୧୫-୧୬ରେ ଦେଶରେ ଯେତିକି ଓଜନର କୀଟନାଶକ ଦ୍ରବ୍ୟ ବ୍ୟବହୃତ ହୋଇଥିଲା, ତା'ର ପାଖାପାଖି ୩୦ ପ୍ରତିଶତ ଥିଲା ପ୍ରଥମ ଶ୍ରେଣୀର କୀଟନାଶକ। ତେଣୁ ମୋଟାମୋଟି ଏତିକି କୁହାଯାଇପାରେ ଯେ କୀଟନାଶକ ଦ୍ରବ୍ୟଗୁଡ଼ିକର ବ୍ୟବହାର ପାଇଁ ଦେଶରେ ଏକ ନୂଆ କୀଟନାଶକ ପରିଚାଳନା ଆଇନର ଆବଶ୍ୟକତା ରହିଛି।

ପୁରୁଣା ସୋନାରୀ, ଜାମ୍‌ସେଦପୁର,
ମୋ-୯୨୦୪୬୫୨୦୬୫

## ଏଇ ଭାରତରେ

ପେସାରେ ସାମ୍ବାଦିକ ହେଲେ ମଧ ଚାଷରେ ଏକ ନମ୍ବର। ଏମିତି ଜଣେ ସାମ୍ବାଦିକ ହେଉଛନ୍ତି କେରଳର ୫୦ ବର୍ଷୀୟ ନାରାୟଣନ୍ କନାଲୟାମ। ତାଙ୍କ ଫାର୍ମରେ ୮୭ ପ୍ରକାରର ବିନ୍ସ ଉତ୍ପାଦନ କରୁଛନ୍ତି। ପୁରୁଣା ପ୍ରଜାତିର ଶସ୍ୟ ସଂରକ୍ଷଣ କରିବା ଲକ୍ଷ୍ୟରେ ସେ ଏହି ଚାଷ ଜାରି ରଖିଛନ୍ତି। ୨୦୧୬ରୁ ନାରାୟଣନ୍ ଚାଷ ଆରମ୍ଭ କରିଥିଲେ। ୱାୟନାଡାସ୍ଥିତ ଏମ୍. ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେଶନସ୍ କମ୍ୟୁନିଟି ଆଗ୍ରୋବାୟୋଡାଇଭର୍ସିଟି ସେଣ୍ଟରରୁ ୨୭ ପ୍ରକାର ବିନ୍ସ ବିହନ ଆଣି ପ୍ରଥମେ ୭ ଏକର ଜମିରେ ଚାଷ କରିଥିଲେ। ଏହାପରେ ସେ ରାଜସ୍ଥାନ ଏବଂ ଆସାମର ଚାଷୀମାନଙ୍କଠାରୁ ଅବଶିଷ୍ଟ ବିନ୍ସର ବିହନ ସଂଗ୍ରହ କରିଛନ୍ତି। ନାରାୟଣନ୍‌ଙ୍କ ମା' ଓ ତାଙ୍କ ସ୍ତ୍ରୀ ତାଙ୍କୁ କୃଷିରେ ସହଯୋଗ କରୁଛନ୍ତି। ସେ ସକାଳ ୫ଟାରୁ ୭ଟା ଯାଏ କ୍ଷେତରେ କାମ କରି ତା'ପରେ ଅଫିସ ବାହାରିଯାଆନ୍ତି। ପୁଣି ଅପରାହ୍ନ ୪ଟାରେ ଫେରି ତାଙ୍କ ମା'ଙ୍କ ସହ କାର୍ଯ୍ୟରେ ଯୋଗଦିଅନ୍ତି। ବିନ୍ସରୁ ସେ ମାସକୁ ୨୫,୦୦୦ ରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଛନ୍ତି। ସ୍ଥାନୀୟ ଚାଷୀମାନଙ୍କୁ ସେ ବିନ୍ସ ବିହନ ବି ଯୋଗାଇ ଦେଉଛନ୍ତି। କେବଳ ଏତିକି ନୁହେଁ, ତାଙ୍କ ଅଞ୍ଚଳରେ ପ୍ରାୟ ୮୦ ଜଣ ମହିଳାଙ୍କୁ କିଚେନ ଗାର୍ଡେନରେ ପରିବା ଉତ୍ପାଦନ କରିବା ଲାଗି ଉତ୍ସାହିତ କରିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨ ଫେବୃୟାରୀ ୧୯୯୬

- ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ବିଚାରପତି ଦେବପ୍ରିୟ ମହାପାତ୍ରଙ୍କୁ ଆହ୍ଲାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରାଯାଇଛି।
- ଜନସାଧାରଣଙ୍କ ସେବା ପାଇଁ ରସୁଲଗଡ଼ ପୋଷ୍ଟ ଅଫିସର ପୋଷ୍ଟମ୍ୟାନ୍ କୃଷ୍ଣଚନ୍ଦ୍ର ସାମନ୍ତରାୟ ଶ୍ରେଷ୍ଠ ପୋଷ୍ଟମ୍ୟାନ୍ ପୁରସ୍କାର ଲାଭ କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | | | | | | 7 | | | A | | | | C | E |
| | C | | 0 | 3 | | 5 | | D | | | | 2 | | |
| 9 | 1 | | | | 8 | | 3 | B | | C | E | | D | |
| | | | | | | | | 2 | | D | 1 | | | |
| | 5 | | | 6 | | 1 | 4 | | 7 | | 0 | | | |
| | | | | 4 | 5 | 9 | | 3 | | | | 8 | | 6 |
| 1 | | | | | 2 | | | 5 | 0 | | | B | | |
| | | 8 | 6 | A | | | | | | 4 | | 5 | 1 | |
| | | | | 8 | | | | E | | 7 | C | | | |
| C | D | 0 | | | 7 | | A | | | 3 | 5 | | E | |
| | | 6 | 2 | | | | 7 | 8 | | | | | | 0 |
| | | | | | 9 | | | 4 | | | | | 2 | A |
| 7 | 9 | | | 1 | A | 0 | E | | 4 | | | 3 | | |
| | | D | | | | | | A | | | | | | |
| | | | | D | | 2 | 9 | | | | | C | | |

ଏହାର ଉତ୍ତର ଗତକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 1 | 6 | D | C | 0 | 3 | B | 2 | 8 | 4 | 5 | 7 | 9 | E |
| 7 | 3 | D | A | B | 4 | 5 | 1 | 9 | E | 0 | C | 8 | 6 | 2 |
| 5 | B | E | 7 | 9 | 2 | A | 4 | 8 | 3 | 6 | D | C | 0 | 1 |
| C | 0 | 9 | 5 | 8 | 1 | 7 | E | 6 | B | A | 2 | 4 | 3 | D |
| 2 | 8 | 4 | 6 | E | 3 | C | D | 0 | 7 | 9 | 1 | A | 5 | B |
| 1 | 4 | 5 | 9 | 7 | E | 2 | C | B | D | 3 | 6 | 0 | A | 8 |
| 0 | C | 7 | 4 | 5 | D | 8 | A | 3 | 2 | B | 9 | 1 | E | 6 |
| 3 | 6 | B | 2 | 0 | 8 | 1 | 7 | 4 | A | 5 | E | 9 | D | C |
| D | A | 8 | 1 | 6 | B | 9 | 0 | E | 4 | C | 7 | 5 | 2 | 3 |
| E | 9 | 2 | 3 | A | C | D | 6 | 5 | 0 | 1 | 8 | B | 4 | 7 |
| 4 | 5 | 3 | 0 | 1 | 6 | E | 2 | A | C | 7 | B | D | 8 | 9 |
| 6 | 7 | C | B | 4 | A | 0 | 8 | D | 9 | E | 3 | 2 | 1 | 5 |
| 8 | 2 | A | E | 3 | 9 | B | 5 | 7 | 1 | D | 4 | 6 | C | 0 |
| B | E | 1 | 8 | D | 5 | 4 | 9 | C | 6 | 2 | 0 | 3 | 7 | A |
| 9 | D | 0 | C | 2 | 7 | 6 | 3 | 1 | 5 | 8 | A | E | B | 4 |

ଗତ କାଲିର ଉତ୍ତର

# ମରିଯାଉଛି ମଣିଷପଣିଆ



ଇବ୍ରାର ଖାଁ

ସମାଜରେ ମଣିଷ ଚରିତ୍ର ଆଜି ପୂରାପୂରି ବଦଳି ଯାଇଛି। ସଭ୍ୟ ଶିକ୍ଷିତ ମଣିଷ ପରିମାର୍ଜିତ ଜୀବନକୁ ନେଇ ଗର୍ବ କରି ଚାଲିଥିଲେ ମଧ ନିଜ ଭିତରେ ଥିବା ମଣିଷପଣିଆକୁ କେତେଦୂର ପରିସ୍ଫୁଟ କରିପାରିଛି ତାହା ହିଁ ବିଚାର୍ଯ୍ୟ। ଆଜି ସାମାଜିକ ସ୍ଥିତିକୁ ଅବଲୋକନ କରି ଯେ କେହି ବିବେକବାନ ବ୍ୟକ୍ତି ବ୍ୟଥିତ ହେବା ସ୍ୱାଭାବିକ। କାରଣ ସମାଜରେ ମଧୁରବଚନ କହି ବୁଲୁଥିବା ଅନେକ ବ୍ୟକ୍ତିଙ୍କ ହୃଦୟରେ ଭରି ରହିଥିବା କୁଟିଳତାକୁ ସେମାନେ କର୍ମରେ ବ୍ୟବହାର କରୁଥିବାରୁ ସମାଜ ବହୁଳ ଭାବରେ କ୍ଷତିଗ୍ରସ୍ତ ହେଉଛି। ଗଣମାଧ୍ୟମର ଯେକୌଣସି ବିଭାଗକୁ ଅନୁଧ୍ୟାନ କଲେ ସମାଜର ଯେଉଁ ଚିତ୍ର ଉଦ୍ଭାସିତ ହୁଏ ତାହା ଯେତିକି କଦର୍ଯ୍ୟ ସେତିକି ଅମାନବୀୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଟିଭି ଚ୍ୟାନେଲଗୁଡ଼ିକରେ ଉଦ୍‌ଘୋଷିତ ଖବର ହେଉ କିମ୍ବା ପ୍ରିଣ୍ଟ ମିଡିଆରେ ପ୍ରତିଦିନ ପରିବେଷିତ ଖବରକୁ ନିରୀକ୍ଷଣ କଲେ ସମାଜର ଗତି, ସ୍ଥିତି ଓ ଦୁର୍ଗତିର ଯେଉଁ ବୀଭତ୍ସ କାହାଣୀ ସବୁ ସାମନାକୁ ଆସେ ତାହା ମାନବ ସମାଜକୁ ପତନର ଗର୍ତ୍ତ ଆଡକୁ ଟାଣି ନେଉଥିବା ପରି ମନେହୁଏ। ତେଣୁ ଆଜି ସମାଜର ପ୍ରତ୍ୟେକ ସ୍ତରରେ ପରିବର୍ତ୍ତନ ଆଣି, ସାମାଜିକ ସ୍ଥିତାବସ୍ଥାକୁ ସୁଦୃଢ଼ ଭାବରେ ବ୍ୟବସ୍ଥିତ କରା ନ ଗଲେ ଦେଶର ସାଧାରଣ ଜନଜୀବନ ଧ୍ୱସ୍ତବିଧ୍ୱସ୍ତ ହୋଇଯିବ, ଏଥିରେ ସନ୍ଦେହ ନାହିଁ।

ଘର, ପରିବାର ହେଉଛି ସମାଜର ପ୍ରାଣକେନ୍ଦ୍ର। ସୁସ୍ଥ, ଶାନ୍ତ ସବଳ ପରିବାର ହିଁ ସମାଜକୁ ସରସସୁନ୍ଦର କରି ଗଢ଼ି ତୋଳିଥାଏ। ପରିବାରରୁ ହିଁ ଶିକ୍ଷା, ସଂସ୍କାର ଓ ସଂସ୍କୃତିର ମୂଳଦୁଆ ପଡ଼େ। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା, ଭକ୍ତି, ପ୍ରେମ ଓ ସମ୍ବେଦନଶୀଳତା ବିକଶିତ ହେଲେ ଘର ସ୍ୱର୍ଗରେ ପରିଣତ ହୋଇଥାଏ। କିନ୍ତୁ ଆଜି ପାରିବାରିକ ଜୀବନରେ ସେହିସବୁ ମହତ ନୈସର୍ଗିକ ଗୁଣର ଅଭାବଜନିତ କାରଣରୁ ଯୌଥ ପରିବାର ଖଣ୍ଡବିଖଣ୍ଡିତ ହୋଇ ସେଥିରୁ ଯେଉଁ ସ୍ୱାର୍ଥକୈନ୍ଦ୍ରିକ ଜୀବନର ଅଭ୍ୟୁଦୟ ଘଟୁଛି ତାହା ହିଁ ସାମାଜିକ ଅଧଃପତନର ମୂଳକାରଣ କହିଲେ ଅତ୍ୟୁକ୍ତି ହେବନାହିଁ। ପେଟ ପିଠିରୁ କାଟି ମା'ବାପା ଯେଉଁ ସନ୍ତାନର ଭବିଷ୍ୟତ ଗଢ଼ିବା ପାଇଁ ସୁଖଦୁଃଖକୁ ଆଦରି ଦିନ ରାତି ଲହୁଲୁହକୁ ଏକ କରି ସନ୍ତାନକୁ ନିଜ ଗୋଡ଼ରେ ଠିଆ କରାଇବାକୁ ସମର୍ଥ ହୁଅନ୍ତି, ଶେଷରେ ସେମାନେ ପାଆନ୍ତି କ'ଣ ; ତିରସ୍କାର, ଘୃଣା ଆଉ ଦୁର୍ବ୍ୟବହାର। ନିଜ ପିଲା ଆଉ ପରିବାରକୁ ନେଇ ବ୍ୟସ୍ତ ରହୁଥିବା ସ୍ୱାର୍ଥାନ୍ଧ ମଣିଷ ଆଜି ଭୁଲିଯାଉଛି ମାତାପିତାଙ୍କର ନିଃସ୍ୱାର୍ଥ ତ୍ୟାଗ ଆଉ ଅନାବିଳ ସ୍ନେହ, ପ୍ରେମର ମହନୀୟତାକୁ; ଯାହା ଦିନେ ତାକୁ ସଭ୍ୟଶିକ୍ଷିତ ମଣିଷ ରୂପେ ଗଢ଼ି ତୋଳିଥିଲା। ଯୌବନର ଉନ୍ମାଦନାରେ ଉନ୍ମାଦିତ ହୋଇ କ୍ଷଣିକ ସୁଖ ପାଇଁ ସେହି ପୁଅ ଆଜି ଦେବପ୍ରତିମ ପିତାଙ୍କୁ ହାଣିଲାଣି ତ କେଉଁଠି ଭାଇବେକରେ ଛୁରା ଭୁସିବାକୁ ପଛଘୁଞ୍ଚା ଦେଉନି। ଆଧୁନିକତା ନାଁରେ ଯେତେସବୁ ଅପସଂସ୍କୃତିକୁ ଆଜିର ଯୁବପିଢ଼ି ଆପଣେଇ ନେଉଥିବାରୁ ସମାଜରେ ଦିନକୁ ଦିନ ବ୍ୟଭିଚାର, ଭ୍ରଷ୍ଟାଚାର, ଦୁର୍ନୀତି, ଅନ୍ୟାୟ ଅନୀତି ଆଉ ଅତ୍ୟାଚାର ଯେପରି ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି ତା'ର ଶେଷ ପରିଣତି ଯେ କ'ଣ ହେବ ତାହା ଏବେଠାରୁ କଳନା କରିବା ଅସମ୍ଭବ।

ବୃଥା ଅହମିକାରେ ଭ୍ରମିତ ମଣିଷ ସାମାଜିକ ପ୍ରତିଷ୍ଠା ହାସଲ ପାଇଁ ରାତାରାତି ବଡ଼ଲୋକ ହେବାର ଯେଉଁ ସ୍ୱପ୍ନ ସବୁ ଦେଖି ଚାଲିଛି ତାହା ହିଁ ସବୁ ଅନର୍ଥର ମୂଳକାରଣ । ଜୀବନକୁ ଉପଭୋଗ କରିବାକୁ ଯାଇ ସୁରା ଆଉ ସାକୀ ମୋହରେ ଛନ୍ଦିହୋଇ ସମାଜରେ ମଣିଷ ଆଜି ଯେଉଁ ଅପକର୍ମ କରିଚାଲିଛି ସେଥିପାଇଁ ନାରୀ ଅପହରଣ, ବଳାତ୍କାର, ଯୌନନିର୍ଯାତନା ସହ ହତ୍ୟା, ଲୁଟ, ଠକାମି ପରି ଜଘନ୍ୟ ଅପରାଧ ମାନ ସଂଘଟିତ ହେଉଛି। ଏହି ଦୃଷ୍ଟିରୁ ଆଜି କେହି କାହାରିକୁ ବିଶ୍ୱାସ କରିବା ଅବସ୍ଥାରେ ନାହାନ୍ତି। ଏଯୁଗରେ ଯାହାକୁ ବିଶ୍ୱାସ କଲ ଜାଣ ଠକାମିର ଶିକାର ହେବା ଥୟ। ଚାକିରିର ପ୍ରଲୋଭନ ଦେଖାଇ, ଇଣ୍ଟରନେଟରେ ଫେକ୍ ଆକାଉଣ୍ଟ ଖୋଲି ଦଲାଲମାନେ ସାଧାରଣ ଜନମାନସରେ ଯେପରି ଭୟର ବାତାବରଣ ସୃଷ୍ଟି କଲେଣି ତାହା ସବୁ ମହଲରେ ଚିନ୍ତାର କାରଣ ହେଲାଣି। ମୋବାଇଲ ଫୋନର ବ୍ୟାପକ ଅପବ୍ୟବହାର ଯୁବଗୋଷ୍ଠୀକୁ ପଥଭ୍ରଷ୍ଟ କରିଦେଉଥିବାରୁ ସମାଜରେ ଯୌନ ଅପରାଧ ଏବେ ଚରମ ସୀମାରେ ପହଞ୍ଚି ଗଲାଣି। ଫଳରେ ଆଜି ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ କୁମାରୀ ମାତୃତ୍ୱ ହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି।

ସମାଜର କିଛି ଧୂର୍ତ୍ତବ୍ୟକ୍ତି ଧନକୁବେର ବନିବା ନିଶାରେ ମଣିଷପଣିଆ ଭୁଲି ଖାଦ୍ୟ ପଦାର୍ଥରେ ବିଷକୁ ଅପମିଶ୍ରଣ କରି ନକଲି ଜିନିଷକୁ ଅସଲି କହି ଜନତାଙ୍କ ଜୀବନ ସହ ଯେପରି ଖେଳ ଖେଳୁଛନ୍ତି ତାହା ଯେତିକି ନିନ୍ଦନୀୟ ସେତିକି ଅକ୍ଷମଣୀୟ। ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥର ନକଲି ଉତ୍ପାଦ ପାଇଁ କାର୍ଯ୍ୟକ୍ଷମ ଥିବା ଅନେକ କାରଖାନାକୁ ଚଢ଼ାଉ ପରେ ବନ୍ଦ କରିଦିଆଯାଇଥିଲେ ମଧ୍ୟ ଆହୁରି ଅନେକ କାରଖାନା ଲୋକଲୋଚନର ଆଢୁଆଳରେ ରହି କାମ କରୁ ନ ଥିବ ବୋଲି କିଏ କହିବ ?

ସମାଜର ସବୁସ୍ତରରେ ପରିବ୍ୟାପ୍ତ ଅସାମାଜିକତା, ଦେଶରେ ଭିଡହିଂସା ଆଉ ଦଙ୍ଗା ସହ ଜଳାପୋଡ଼ା, ବଳାତ୍କାର, ହତ୍ୟା, ଅପହରଣ, ଲୁଟ, ମାଡ଼ଗୋଳ ପରି ସଙ୍ଗିନ ଅପରାଧ ସବୁକୁ ସଂଘଟିତ କରୁଥିବାରୁ ସାଧାରଣ ଜନଜୀବନରେ ଶାନ୍ତି ସହାବସ୍ଥାନ ବହୁମାତ୍ରାରେ ପରାହତ ହେଲାଣି। ଏସବୁକୁ ରୋକିବା ପାଇଁ ଜନଜାଗରଣର ଆବଶ୍ୟକତା ରହିଛି। ସମାଜରୁ ଏପରି ବିଷ ତତ୍ତ୍ୱ ସବୁକୁ ଖୋଜି ବାହାର କରି ଦୃଢ଼ ପ୍ରତିକାର ବ୍ୟବସ୍ଥା କରିବାକୁ ପଡ଼ିବ। ତା' ନ ହେଲେ କାଳକାଳରୁ ସମାଜରେ ତିଷ୍ଠି ରହିଥିବା ଅତୁଟ ଭାଇଚାରା ସାଂଘାତିକ ଭାବେ ପ୍ରଭାବିତ ହେବ। କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ସ୍ୱାର୍ଥ ସିଦ୍ଧି ପାଇଁ ଧର୍ମ ଏବଂ ଜାତିକୁ ନେଇ ସମାଜରେ ଯେଉଁ ବିଭ୍ରାନ୍ତ ସୃଷ୍ଟି କରୁଛନ୍ତି ତା'ର ଦୃଢ଼ ପ୍ରତିରୋଧ କରିବା ସହ ସେମାନଙ୍କ ଅସଲ ମୁଖା ଖୋଲି ଦେବାକୁ ପଡିବ। ସାମାଜିକସ୍ତରରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଆଧାତ୍ମିକ ଚିନ୍ତାକୁ ଜୀବନର ଉପଜୀବ୍ୟ ରୂପେ ଗ୍ରହଣ କରିବାକୁ ହେବ। ବିଦ୍ୱେଷ ଓ ଅବିଶ୍ୱାସର ବାତାବରଣରୁ ବାହାରି ସବୁ ଧର୍ମକୁ ସମ୍ମାନ ଦେଇ ଜନମାନସରେ ଭାଇଚାରାକୁ ସଶକ୍ତ କରାଯାଇ ପାରିଲେ ସାମାଜିକ ଜୀବନର ସ୍ୱର୍ଗୀୟ ଆନନ୍ଦ ପୁନଃ ସ୍ଫୁରିତ ହେବ। ପ୍ରତ୍ୟେକ ସଚେତନ ନାଗରିକ ନିଜ ଭିତରେ ଥିବା ମଣିଷପଣିଆକୁ ଉଜାଗର କରି ନିଜ କର୍ତ୍ତବ୍ୟ ଓ ଦାୟିତ୍ୱବୋଧକୁ ଠିକ ଭାବରେ ନିର୍ବାହ କଲେ ଆମ ଦେଶ ସମଗ୍ର ବିଶ୍ୱରେ ଆଉ ଏକ ମହାଶକ୍ତି ରୂପେ ଉଭା ହୋଇ ଠିଆହେବ, ଏଥିରେ ସନ୍ଦେହ ନାହିଁ।

ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଜ, ଖୋର୍ଦ୍ଧା
ମୋ:୯୩୩୭୬୦୧୭୦୫

## ପାଠକ ଶ୍ରେଷ୍ଠ ବିଚାରକ

### କୃଷକ ଆନ୍ଦୋଳନର ଶୀଘ୍ର ସମାଧାନ ହେଉ

ମହାଶୟ,

ଦେଶରେ ଚାଲିଥିବା କୃଷକ ଆନ୍ଦୋଳନ ଦୁଇ ମାସ ଅତିକ୍ରମ କରିଛି ଏବଂ ଏଥିରେ ୬୦ରୁ ଅଧିକ କୃଷକଙ୍କ ଜୀବନ ଗଲାଣି। ଜାନୁୟାରୀରେ ୨୬ରେ ବି ଦିଲ୍ଲୀ ଅଶାନ୍ତ ହୋଇ ଉଠିଲା। ଜଣେ କୃଷକଙ୍କ ଜୀବନ ଗଲା ଓ ବହୁ ସୁରକ୍ଷାକର୍ମଚାରୀ ଆହତ ହେଲେ। କେନ୍ଦ୍ର ସରକାରଙ୍କ ୩ଟି କୃଷି ଆଇନର ସମ୍ପୂର୍ଣ୍ଣ ଉଚ୍ଛେଦ ଦାବି କରି ଏହି ଆନ୍ଦୋଳନ ଚାଲିଛି। ଏହି ଆନ୍ଦୋଳନର ଶୀଘ୍ର ସମାଧାନ ପାଇଁ ସମଗ୍ର ଦେଶବାସୀ ଉଦ୍‌ବିଗ୍ନ ଅଛନ୍ତି। ଏହାର କାରଣ ଏହି ଆନ୍ଦୋଳନ ସହିତ କୃଷକଙ୍କ ସ୍ୱାର୍ଥ ସହ ଜାତୀୟ ସ୍ୱାର୍ଥ ନିହିତ ଅଛି। କୃଷକ ନେତା ଓ କେନ୍ଦ୍ର ସରକାରଙ୍କ ମଧରେ ଚାଲିଥିବା ଆଲୋଚନାରେ ମଧ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଆଲୋଚନା ବାରମ୍ବାର ବିଫଳ ହେବାର କାରଣ ଉଭୟପକ୍ଷଙ୍କ ଜିଦ୍ ଓ ପରସ୍ପର ମଧରେ ବିଶ୍ୱାସର ସଙ୍କଟ। କୃଷକଙ୍କ ଦାବିଗୁଡିକ ସମ୍ପୂର୍ଣ୍ଣ ଯଥାର୍ଥ ନ ହେଲେ ବି ଏଥିରେ ନିଶ୍ଚିତ ଭାବରେ କିଛିଟା ଯୁକ୍ତି ଯୁକ୍ତତା ରହିଛି। ନ ହେଲେ ସରକାର ସେମାନଙ୍କ ସହ ପ୍ରାୟ ୧୦ ଥର ଆଲୋଚନା କରି ନ ଥାନ୍ତେ। ତେବେ ଅବୁଝା ଚାଷୀଙ୍କୁ ବୁଝାଇ ସେମାନଙ୍କୁ ସୁହାଇଲା ଭଳି ଏକ ସନ୍ତୋଷଜନକ ସମାଧାନ କରିବା କେନ୍ଦ୍ର ସରକାରଙ୍କ ପ୍ରମୁଖ ଦାୟିତ୍ୱ। ଏହି ସମସ୍ୟାର ଯେତେ ଶୀଘ୍ର ସମାଧାନ ହେବ, ସେତେ ଦେଶର ମଙ୍ଗଳ ହେବ ଓ ସରକାରଙ୍କ ପ୍ରତିଷ୍ଠା ଏବଂ ସମ୍ମାନ ବଢ଼ିବ। ଏହା କେନ୍ଦ୍ର ସରକାର ବୁଝିବା ଦରକାର।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଧରାର କେଉଁ ଅତଳ ତଳୁଁ
ଉଠିଲା ଭେଦି ବିଶ୍ୱମରୁ
ସକଳ ପଥେ ସକଳ ଘାଟେ
ଚକିତ କଲା ବାଜି,
ଶବଦ ନବ ଉଠିଲା କାହୁଁ ରାଜି।
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଟାଙ୍ଗିଆ ଚୋଟରେ ୫ ଆହତ

ଗୁଣିପୁର,(ଡି.ଏନ୍.ଏ.) ରାୟଗଡା ଜିଲା କାଶୀପୁର ଥାନା ଅନ୍ତର୍ଗତ ତଳ କଣ୍ଟାରୋ ଗ୍ରାମରେ ଜଣେ ଯୁବକଙ୍କ ଟାଙ୍ଗିଆ ମାଡ଼ରେ ୫ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ଗାଁର ଦେବୁମାଝି ନାମକ ଜଣେ ଯୁବକ ମାନସିକ ଭାରସାମ୍ୟ ହରାଇଥିବା କାରଣରେ ୫ ଜଣଙ୍କୁ ଆକ୍ରମଣ କରିଥିଲେ। ଗ୍ରାମବାସୀ ତାଙ୍କୁ ଅଟକ ରଖି ପୋଲିସ ଜିମା ଦେଇଛନ୍ତି।

## ସଂକ୍ଷେପରେ

### ସର୍ବସାଧାରଣ ଜବରଦଖଲ ଜାଗାକୁ ବିରୋଧ: ଉପଜିଲାପାଳଙ୍କୁ ଭେଟିଲେ ସାହିବାସିନ୍ଦା

ଜୟପୁର,୧।୨(ନି.ପ୍ର.)- ଜୟପୁର ପୌରାଞ୍ଚଳର ପ୍ରକାଶନଗରର ଗ୍ଲୋବାଲ ହସ୍ପିଟାଲ ପଛପଟେ ରହୁଥିବା ସାହିବାସିନ୍ଦା ସୋମବାର ଜୟପୁର ଉପଜିଲାପାଳଙ୍କୁ ଭେଟି ସର୍ବସାଧାରଣଙ୍କ ଜାଗା ଜବରଦଖଲ ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ପ୍ରଶାସନଙ୍କୁ ଦେଇଛନ୍ତି। କେତେଜଣ ବ୍ୟକ୍ତି ପ୍ରକାଶନଗରର ରାସ୍ତାପାର୍ଶ୍ୱ ଖୋଲା ଜାଗାକୁ ଜବରଦଖଲ କରି ଉକ୍ତ ଜାଗାରେ ପିଲର ଖୋଳିବା ସହ କୂଅ ଖନନ କରିଛନ୍ତି। ଘର କାମ ଆରମ୍ଭ କଲେଣି। ସାହିବାସିନ୍ଦା ଏହାକୁ ରୋକିବାକୁ ଚେଷ୍ଟାକରି ବିଫଳ ହୋଇଛନ୍ତି। ଏନେଇ ପୌର ପରିଷଦକୁ ଜଣାଇବା ପରେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଶେଷରେ ସେମାନେ ଉପଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ତହିଁରେ ତଦାରଖ କରିବାକୁ ମଧ୍ୟ ଅବଗତ କରାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ପ୍ରଶାସନ ତୁରନ୍ତ ଏହି କାର୍ଯ୍ୟ ରୋକିବାକୁ ପ୍ରକାଶନଗରର କ୍ଷେତ୍ରିଜ୍ଞାନ ମହାପାତ୍ର, ଭଗବାନ ରାଉତ, ନିଖିଳ ବେହେରା, ବିରଞ୍ଚି ନାରାୟଣ ହୋତାଙ୍କ ସମେତ ଅନ୍ୟମାନେ ଦାବିକରିଛନ୍ତି।

### ମୁର୍ଗାହାଣ୍ଡି ଦୁର୍ଘଟଣା ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀଙ୍କ ସହାୟତା ରାଶି ଘୋଷଣା

କୋରାପୁଟ,୧।୨(ସ୍ୱ.ପ୍ର.) ରବିବାର ରାତିରେ କୋରାପୁଟ ଜିଲାର ମୁର୍ଗାହାଣ୍ଡିଠାରେ ପିକଅପ ଭ୍ୟାନ ଓଲଟି ମୃତ୍ୟୁବରଣ କରିଥିବା ୯ ଜଣଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଟୁଇଟ କରି ଜଣାଇଛନ୍ତି। ସେହିପରି ଦୁର୍ଘଟଣାରେ ଆହତ ପ୍ରତ୍ୟେକ ବ୍ୟକ୍ତିଙ୍କ ଚିକିତ୍ସା ଲାଗି ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ବଜେଟରୁ ମଧ୍ୟବିତ ବର୍ଗ ପାଇବେନି ସୁଫଳ

### ଦରଦାମ ବୃଦ୍ଧି ପାଇବ



ସାଧାରଣ ଲୋକଙ୍କପାଇଁ ବଜେଟରେ ସ୍ୱାସ୍ଥ୍ୟ ଓ ଟିକା ପାଇଁ ଅର୍ଥ ବରାଦ କରାଯାଇଥିବାରୁ ଏହା ଏକ ଉତ୍ତମ ପଦକ୍ଷେପ। ପେଟ୍ରୋଲ ଓ ଡ଼ିଜେଲରେ ବିଭିନ୍ନ ସେସ ବଢ଼ିବାରୁ ଲୋକଙ୍କ ପକେଟକୁ ଏହା ସୁହାଇବ ନାହିଁ। ଏହାଦ୍ୱାରା ଅଗାମୀ ଦିନରେ ପେଟ୍ରୋଲ ଓ ଡ଼ିଜେଲ ଦର ସହ ଅନ୍ୟ ଖାଉଟି ସାମଗ୍ରୀର ଦରଦାମ ବୃଦ୍ଧି ପାଇବ।

–ଜୟଶ୍ରୀ ମିଶ୍ର ଗୃହିଣୀ,ରାୟଗଡା

### ମଧ୍ୟବିତଙ୍କୁ ସୁହାଇବ ନାହିଁ



କରୋନା ପରେ କେନ୍ଦ୍ର ସରକାର ଏବେ ଦେଶ ପରିଚାଳନା ପାଇଁ ବଜେଟ୍ ଆଣିଛନ୍ତି। ଏହା ଉପରେ ସବୁ ବର୍ଗର ବ୍ୟକ୍ତି ବିଶେଷ ଆଶା ରଖିଥିଲେ। ତେବେ ସୋମବାର ପାର୍ଲାମେଣ୍ଟରେ ଯେଉଁ ବଜେଟ ଉପସ୍ଥାପନ କରାଯାଇଛି ଏଥିରେ କୃଷକଙ୍କ ଆୟକୁ ଦିଗୁଣିତ କରିବା, ଶିକ୍ଷାର ଉନ୍ନତି ପାଇଁ ଏଥିରେ ପ୍ରାଧାନ୍ୟ ରହିଛି। ମଧ୍ୟବିତଙ୍କୁ ଏହି ବଜେଟ୍ ସୁହାଇବ ନାହିଁ। ୭୫ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ପାଇଁ ବଜେଟରେ ବ୍ୟବସ୍ଥା ରହିଛି। ପୁରୁଣା ଯାନବାହନ ଲାଗି ବଜେଟରେ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ଲୋକଙ୍କ ଉପରେ ଅଧିକ ପ୍ରଭାବ ପକାଇବ ବୋଲି ଅନୁମାନ କରାଯାଉଛି।

–ରବୀନ୍ଦ୍ର କୁମାର ମିଶ୍ର, ଅର୍ଥନୀତି ଅଧ୍ୟାପକ,ଉମରକୋଟ

### ସ୍ୱାବଲମ୍ବୀ,କର୍ମଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ



ବଜେଟରେ ସୁନା ଆମଦାନିରେ ଶୁଳ୍କ ରିହାତି ନିଶ୍ଚିତ ଭାବରେ ଏକଖୁସି ଖବର। ଚଳିତ ବଜେଟରେ ସ୍ୱାବଲମ୍ବୀ ଓ କର୍ମ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ ମିଳିଛି। ଶିକ୍ଷା କ୍ଷେତ୍ର ପାଇଁ ମଧ୍ୟ ପଦକ୍ଷେପମାନ ନିଆଯାଇଛି। ୭୦ ବର୍ଷ ବୟସ୍କଙ୍କୁ ଆୟକର ଛାଡ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

–ସଂଘମିତ୍ରା,ଶିକ୍ଷୟିତ୍ରୀ କୋରାପୁଟ

### ବଜେଟରେ ନୂତନତା ରହୁ



ବଜେଟରେ କିଛି ନୁତନତ୍ୱ ଆଣିବା ଦରକାର। ବର୍ଷ ବର୍ଷ ଧରି ଏଭଳି ବଜେଟ୍ ହୋଇ ଆସିଛି। ମାତ୍ର ସାଧାରଣ ଲୋକଙ୍କ ପାଇଁ କୌଣସି ସ୍ୱତନ୍ତ୍ରତା ରହୁନାହିଁ। ଚିରାଚରିତ ବଜେଟ କରା ନ ଯାଇ କୃଷି, ଶିକ୍ଷା, ଶିଳ୍ପ ଓ ସାଧାରଣ ଲୋକଙ୍କ ଆବଶ୍ୟକତାକୁ ବିଚାର କରି ବଜେଟ ହେବା ଉଚିତ।

– ଦୁର୍ଗା ପ୍ରସାଦ ତ୍ରିପାଠୀ, ଆଇନଜୀବୀ ମାଲକାନଗିରି

### ବଜେଟରେ ବିଶେଷତ୍ୱ ରହିଛି



ରୋଜଗାର ସହ କୃଷି ଓ କୃଷକର ଉନ୍ନତି ଏହି ବଜେଟକୁ ଗ୍ରାମାଞ୍ଚଳ ଲୋକାଭିମୁଖୀ ବଜେଟ ରୂପେ ଚନ୍ତା କରାଯାଇପାରିବ। ଏକ ବିକଶିତ ରାଷ୍ଟ୍ର ନିର୍ମାଣରେ ଏହା ସହାୟକ ହେବ। ବଜେଟରେ ଶିକ୍ଷା ପାଇଁ ୭୫୦ ଏକଲବ୍ୟ ବିଦ୍ୟାଳୟ ନିର୍ମାଣ, ୧୦୦ ନୂତନ ସୈନିକ ସ୍କୁଲ ପ୍ରତିଷ୍ଠା, ୭୫ହଜାର ବିଦ୍ୟାଳୟକୁ ପୁର୍ନରୁଦ୍ଧାରପରି ଯୋଜନା ବଜେଟର ବିଶେଷତ୍ୱ ବହନ କରେ।

–ବିଶାଳ କୁମାର, ଛାତ୍ର,କୋରାପୁଟ

### ନିମ୍ନ, ମଧ୍ୟମ ବର୍ଗ ଲୋକ ଓ କ୍ଷୁଦ୍ର ଚାଷୀଙ୍କୁ ସୁହାଇବ ନାହିଁ



ସରକାର ସମସ୍ତଙ୍କୁ ଦୃଷ୍ଟିରେ ରଖି ବଜେଟ କରିଛନ୍ତି। ୭୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ଆୟକର ଛାଡ, କୃଷକର ଆର୍ଥିକ ଉନ୍ନତି ପାଇଁ ବ୍ୟବସ୍ଥା, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ତେବେ ନିମ୍ନ ବର୍ଗ ଓ ମାଧ୍ୟମ ବର୍ଗ, କ୍ଷୁଦ୍ର ଚାଷୀମାନଙ୍କୁ ଏହି ବଜେଟ ସୁହାଇଲା ଭଳି ଲାଗୁ ନାହିଁ।

–ଆଶୁତୋଷ ଜେନା, ଡାବୁଗାଁ

### ସମସ୍ତଙ୍କୁ ସୁହାଇବ



ଏହି ବଜେଟ୍ ସମସ୍ତଙ୍କୁ ସୁହାଇବ। ଏହା ଏକ ଡିଜିଟାଲ ବଜେଟ। କୋଭିଡ୍ ସମୟରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆ ଯାଇଛି। ବରିଷ୍ଠ ନାଗରିକଙ୍କ ପାଇଁ ଆଇଟି ରିଟର୍ନ ଫାଇଲ କରିବାକୁ ପଡିବା ନାହିଁ। ପ୍ରବାସୀ ଶ୍ରମିକଙ୍କ ପାଇଁ ମଧ୍ୟ ଏଥିରେ ସୁବିଧା ରହିଛି। ଅନୁସୂଚିତ ଜାତି ଓ ଜନଜାତି ମହିଳାଙ୍କୁ ରୋଜଗାର କ୍ଷମ କରିବା ପାଇଁ ଅର୍ଥ ବ୍ୟୟ ହେଉଛି।

–ବବି ଲତା ଶୋରଫ,
ଅର୍ଥନୀତି ବିଭାଗ ଅଧ୍ୟାପକ ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ

### ପ୍ରଭାବୀ ବଜେଟ ହେଉ



ମୁଁ ଯୁକ୍ତ ୨ ବିଜ୍ଞାନର ଛାତ୍ରୀ। ପ୍ରତିବର୍ଷ ବଜେଟ୍ ଆସୁଛି ଅଥଚ ଗରିବ ଓ ମଧ୍ୟବିତ ପରିବାରଙ୍କ ପାଇଁ ସୁହାଇଲା ଭଳି ବଜେଟ ହେଉନାହିଁ। ବିଶେଷ କରି ଶିକ୍ଷା କ୍ଷେତ୍ର ପାଇଁ ମଧ୍ୟ ଉପଯୁକ୍ତ ହେଉନାହିଁ। ଶିକ୍ଷା ସହ ସାଧାରଣ ଲୋକେ ଉପକୃତ ହେବା ପରି ବଜେଟ କଲେ ଏହା ପ୍ରଭାବୀ ହୋଇପାରନ୍ତା।

–ଭି.ଏସ୍. ଗୋପୀ ନିରଜା, ଛାତ୍ରୀ, ମାଲକାନଗିରି

# ମଦ,ଡ୍ରଗ୍ସମୁକ୍ତ ରାଜ୍ୟ ଗଠନ ଦାବିକଲା କଂଗ୍ରେସ

ଜୟପୁର,୧।୨(ନି.ପ୍ର.)

କୋରାପୁଟ ଜିଲା କଂଗ୍ରେସ କମିଟିର ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ତତ୍ତ୍ୱାବଧାନରେ ଜିଲା ଉପସଭାପତି ବିନୋଦ ମହାପାତ୍ରଙ୍କ ନେତୃତ୍ୱରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମହାତ୍ମାଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟକୁ ମଦ ଓ ଡ୍ରଗ୍ସମୁକ୍ତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ଦାବି କରାଯାଇଛି। ରାଜ୍ୟରେ ଡ୍ରଗ୍ସ, ଗଞ୍ଜେଇ, ଚରସ, କୋକେନ ଆଦି ନିଶାଦ୍ରବ୍ୟର ଚୋରା ଚାଲାଣ ବୃଦ୍ଧି ପାଉଛି। ଏଥିପାଇଁ ରାଜ୍ୟରେ ଚୋରି, ହତ୍ୟା, ରାହାଜାନି, ବଳାତ୍କାର ଘଟଣା ବୃଦ୍ଧି ପାଉଛି। ରାଜ୍ୟ ସରକାର ଏହାକୁ ରୋକିବା ପାଇଁ କଡ଼ା ଆଇନ କରିବା ସହ ଏନେଇ କଠୋର ଦଣ୍ଡ ବ୍ୟବସ୍ଥା କଲେ ଓଡ଼ିଶା ମଦ ଓ ଡ୍ରଗ୍ସମୁକ୍ତ ହୋଇପାରିବ ବୋଲି କଂଗ୍ରେସ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ସମୟରେ ଦୁର୍ଗାଶଙ୍କର ସାହୁ, ସୁକାନ୍ତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ନେପାକ, କାନ୍ତ ପାଢ଼ୀ, ନରି ମହାନ୍ତି, ଦୁର୍ଗା ଶର୍ମା, ବ୍ରଜ ନାଗ, ହସନ ମଦାନି, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କିଶୋରୀ ସଶକ୍ତୀକରଣକୁ ଗୁରୁତ୍ୱ



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅତିଥିମାନେ।

ରାୟଗଡ଼ା ଅଫିସ,୧।୨

### ୧୧ ବାଳିକା,୧୧ ଅଙ୍ଗନୱାଡି କର୍ମୀ ସମ୍ମାନିତ

ରାୟଗଡ଼ା ସହରସ୍ଥିତ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଛି। ଜିଲାରେ ଚାଲିଥିବା ଜାତୀୟ ଶିଶୁ କନ୍ୟା ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଯାପନି ଦିବସରେ ଏହି ବୈଠକର ଆୟୋଜନ ହୋଇଛି। ବାଳିକାମାନଙ୍କୁ ସଶକ୍ତ କଲେ ହିଁ ସମାଜ ଆଗକୁ ବଢ଼ିବ ବୋଲି ବୈଠକରେ କୁହାଯାଇଛି। ଶିଶୁକନ୍ୟାଙ୍କ ସୁରକ୍ଷା ପାଁ ସମସ୍ତଙ୍କୁ ଏକଜୁଟ ହେବାକୁ ପଡିବ ବୋଲି ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି।

ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଜିଲାଧୀକାରୀ ଲକ୍ଷ୍ମୀ ନାରାୟଣ ପୃଷ୍ଟି, ଆନାସ୍ଥେସିଆ କେରକେଟା, ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥାର ସହକାରୀ ଯନ୍ତ୍ରୀ ସରୋଜ ଭୂଷଣ ପାଣି, ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନଉପସ୍ଥିତ ଥିଲେ। ଏହି ଅବସରରେ ନିଜ ବାଲ୍ୟ ବିବାହକୁ ନାଁ କହିଥିବା, ନିୟମିତ ସ୍କୁଲକୁ ଯାଉଥିବା ଓ କରୋନା ସମୟରେ ଲୋକଙ୍କୁ ସଚେତନ କରିଥିବା ୧୧ କିଶୋରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ସେହିଭଳି ୨୦୧୯–୨୦ ନିଜ ଅଞ୍ଚଳରେ କୌଣସି ବି ବାଲ୍ୟ ବିବାହ କରାଇ ଦେଇ ନ ଥିବା ୧୧ ଜଣ ଅଙ୍ଗନୱାଡ଼ି କର୍ମୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଏହି ଅଙ୍ଗନୱାଡି କର୍ମୀମାନେ ଜିଲା ସମାଜ ମଙ୍ଗଳ ଅଧିକାରୀ ୱାହିଦା ବେଗମ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ତଦାରଖ କ୍ରମେ କିଶୋରୀ ବାଳିକା ମଣ୍ଡଳର ନିୟମିତ ବୈଠକ କରି ଆଇଏଫଏ ଟାବଲେଟ ବଣ୍ଟନ ଓ ଖାଇବା ପାଇଁ ଉତ୍ସାହିତ କରିଥିଲେ।

# ନାରୀନେତ୍ରୀ ହାରାବତୀ ଗଣ୍ଡ ସମ୍ମାନିତ

ଉମରକୋଟ, ୧।୨(ସ୍ୱ.ପ୍ର.)

ଝାରସୁଗୁଡା ଜିଲା ଲୋହିକେର ବ୍ଲକ ଓଡ଼ିଆ ପାଲିରେ କ୍ରାନ୍ତିକାରି ମହିଳା ସମାବେଶ କରାଯାଇଛି। ଏଥିରେ ଅଭିଭକ୍ତ କୋରାପୁଟ ଜିଲା ନାରୀନେତ୍ରୀ ହାରାବତୀ ଗଣ୍ଡଙ୍କୁ ସମ୍ମାନତ କରାଯାଇଛି। ନବରଙ୍ଗପୁର ଜିଲା ମହିଳାଙ୍କ ପାଇଁ ସେ ଅନେକ କାର୍ଯ୍ୟ କରିଛନ୍ତି। ଗତ ନେତାଜୀ ଜୟନ୍ତୀରେ ତାଙ୍କୁ ଭୁବନେଶ୍ୱରରେ ସମ୍ମାନିତ କରାଯଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଓ କୁସୁମ ବେନ ପଟେଲ ଉପସ୍ଥିତ ଥିଲେ। ଏହି ସମାବେଶରେ ହାରାବତୀ ଉମରକୋଟରେ ଲାଗି ରହିଥିବା ଡାକ୍ତର ଓ ରକ୍ତ ଭଣ୍ଡାର ସମସ୍ୟା ଉପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

**KHADI & VILLAGE INDUSTRIES COMMISSION**
**Ministry of MSME, Govt. of India**
STATE OFFICE: J/16, BHIMPUR, GANDAMUNDA, KHANDAGIRI, BHUBANESWAR-30
No.OSO/FBI/GVY-GKRA/2020-21 / Date: 01.02.2021

**NOTICE FOR EXTENSION OF TENDER SUBMISSION DATE**

This is in continuation to our notice dated 02.01.2021 available in official website of KVIC **www.kvic.org.in/Tender**, Sealed Tenders are invited from experienced suppliers of Beehives with live Bee colonies of Apis Cerana Indica and toolkits. The last date of submission of Tender to this office is hereby extended upto **09.02.2021** at **1.00 P.M.** Tender will be opened at **09.02.2021** at **15.00 Hrs**. All conditions in the tender will remain unchanged.

The authority reserves the right to cancel or reject the part or the entire tender process without assigning any reason thereof.

Sd./- State Director

# ଉପନିର୍ବାଚନ ପାଇଁ ବିଭିନ୍ନ ଦଳର ନାମାଙ୍କନ ଦାଖଲ

ଗୁଣପୁର,୧।୨(ଡି.ଏନ୍.ଏ.)



ଭାଜପା ପାର୍ଥୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

ରାୟଗଡା ଜିଲା ପଦ୍ମପୁର 'ଖ' ଜୋନ ଜିଲା ପରିଷଦ ଉପନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସୋମବାର ସରିଛି। ଶେଷ ଦିନରେ ଭାଜପାର ବିଦ୍ୟାଧର ଶବର, କଂଗ୍ରେସର ମାନୁଏଲ ମାଝି ଏବଂ ସିପିଆଇଏମ୍‌ଏଲ୍ ସମର୍ଥିତ ବାବୁଲା ମାଝି ନାମାଙ୍କନ ପତ୍ର ଦାଖଲ କରିଥିଲେ। ପୂର୍ବରୁ ବିଜେଡିର କରୁଣାକର ଶବର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଭାଜପା ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରିଥିଲା। ଶତାଧିକ କର୍ମୀ ଏବଂ ନେତା ଉପଜିଲାପଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାଚନ ଅଧିକାରୀ ଜେ.ସୋନାଲଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ସମୟରେ ପ୍ରାର୍ଥୀ ବିଦ୍ୟାଧର ଶବରଙ୍କ ସମେତ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ଜିଲା ସଭାପତି ଶିବ ପଟ୍ଟନାୟକ, ଜିଲା ପ୍ରଭାରୀ ଗୋବିନ୍ଦ ଜୈନ, ଶିବ ଉଲକା, ବସନ୍ତ ଉଲାକା, କାଳିରାମ ମାଝି, ଶିଶିର ଗମାଙ୍ଗ, ୱାଇ.ଗଣପତି, ରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସର ନାମାଙ୍କନ ପତ୍ର ଦାଖଲରେ ପୂର୍ବତନ ଜିଲା ପରିଷଦ ସଭାପତି ବିଜୟ ଗମାଙ୍ଗ, ଜିଲା ସଭାପତି ଦୁର୍ଗା ପଣ୍ଡା, ଶ୍ରୀକାନ୍ତ ବେହେରା, ବାବା ପ୍ରସାଦଙ୍କ ସମେତ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ। ସେହିଭଳି ସିପିଆଇଏମର ସମର୍ଥିତ ପ୍ରାର୍ଥୀ ନାମାଙ୍କପ ପତ୍ର ଦାଖଲ ସମୟରେ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ଦାମୋଦର ଶବର, ବୃନ୍ଦାବନ ବିଡିକା, ସୋମନାଥ ମାଝି, ସମ୍ବରା ଶବର ଏବଂ କୈଳାଶ ଶବର ଉପସ୍ଥିତ ଥିଲେ। ମଙ୍ଗଳବାର ନାମାଙ୍କନ ପତ୍ର ଯାଞ୍ଚ କରାଯିବ।

# ହେପାଟାଇଟିସ୍ ପଜିଟିଭ୍, କିଡ୍‌ନୀ ରୋଗୀଙ୍କ ହୋଇପାରୁନି ଡାଏଲିସିସ୍

ନବରଙ୍ଗପୁର, ୧।୨(ବି.ପ୍ର.)

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କିଡନି ରୋଗୀଙ୍କୁ ଡାଏଲିସିସ୍ ସେବା ଯୋଗାଇବା ପାଇଁ ୩ଟି ମେସିନ୍ ସଂଯୋଗ ହୋଇଛି। ତେବେ ହେପାଟାଇଟିସ୍ ପଜିଟିଭ୍ ଥିବା କିଡ୍‌ନୀ ରୋଗୀଙ୍କ ପାଇଁ କୌଣସି ସ୍ୱତନ୍ତ୍ର ମେଶିନ୍ ର ବ୍ୟବସ୍ଥା ନଥିବାରୁ ରୋଗୀ ମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଡାଏଲିସିସ୍ ସେବା କେନ୍ଦ୍ରରେ ୩୨ଜଣ ରୋଗୀ ଆସି ନିୟମିତ ଡାଏଲିସିସ୍ କରୁଥିବା ବେଳେ ସେଥି ମଧ୍ୟରୁ ୧୪ ଜଣଙ୍କର ହେପାଟାଇଟିସ୍ ପଜିଟିଭ୍ ରହିଛି। ଏମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ମେଶିନ୍‌ର ଆବଶ୍ୟକ ରହିଥିବା ବେଳେ ନବରଙ୍ଗପୁର ଜିଲାରେ ଏମାନଙ୍କ ପାଇଁ ସ୍ୱତନ୍ତ୍ର ମେଶିନ୍‌ର ବ୍ୟବସ୍ଥା ନାହିଁ। ଯାହା ଫଳରେ ଏହି ରୋଗୀମାନେ ଛତିଶଗଡର ଜଗଦଳପୁର କିମ୍ବା ଆନ୍ଧ୍ରର ବିଶାଖାପାଟଣାର ଘରୋଇ ହସ୍ପିଟାଲକୁ ଯାଇ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ସପ୍ତାହରେ ୨ଥର ଯାଇ ଡାଏଲିସିସ୍ କରିଲେ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଛି। ଯାହାକି ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ ବୋଲି ରୋଗୀମାନେ କହିଛନ୍ତି। ଏ ନେଇ ପୂର୍ବରୁ ରୋଗୀମାନେ ଦାବି କରି ଆସୁଥିଲେ ମଧ୍ୟ କେହି ଗୁରୁତ୍ୱ ଦେଉ ନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସୋମବାର ମକର ଧ୍ୱଜ ପାତ୍ର, ଦିଲ୍ଲୀପ ନାୟକ, ସଦାନନ୍ଦ ଚୌଧୁରୀ, ଶୈଳବାଳା ନନ୍ଦ, ସୁଶିଳା ଦାସ, ନରେନ୍ଦ୍ର ଜଗନ୍ନାଥ ନାୟକ, ସଞ୍ଜୀବ ସିଉଳି ପ୍ରମୁଖ ନବରଙ୍ଗପୁର ଡାଏଲିସିସ୍ କେନ୍ଦ୍ରକୁ ଆସି ସେମାନଙ୍କୁ ଏହି ସେବା ଯୋଗାଇଦେବା ପାଇଁ ଦାବି କରିଛନ୍ତି।

# କୃଷି ସୂଚନା ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ନିର୍ବାଚନ

ଚନ୍ଦ୍ରପୁର, ୧।୨(ଡି.ଏନ୍.ଏ.)– ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ରର ନିର୍ବାଚନ ସୋମବାର କରାଯାଇଛି। ତୁରୀଗୁଡା ପଞ୍ଚାୟତ ସଭ୍ୟ ପଟ୍ଟନାୟକ କୁତ୍ରୁକାଙ୍କ କେନ୍ଦ୍ରର ଅଧ୍ୟକ୍ଷ ଭାବେ, ମୋନାନିତ କରାଯାଇଛି। ଏ ନେଇ ବୈଠକେର ରାମଲାଲ ସମାଡ଼ ତାଙ୍କ ନାମ ଘୋଷଣା କରିଥିଲେ। ବୈଠକରେ ସହକାରୀ ଉଦ୍ୟାନ ଅଧିକାରୀ ଅଶୋକ କୁମାର ସେଠି, ଚନ୍ଦ୍ରପୁର ବ୍ଲକ ପ୍ରାଣୀ ସମ୍ପଦ ବିଭାଗ ଡାକ୍ତର ଭି.ଏସ୍ ଶଙ୍କର ହିଆଲ, କୃଷି ବିଭାଗର ଏଟିଏମ୍ ଜଗନାଥ ମହାପାତ୍ର, ସୁଧାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ସକ୍ରିୟ ସଭ୍ୟଭାବେ ସାମୁଏଲ କିମ୍ବାକାଙ୍କୁ ମନୋନୀତ କରାଯାଇଛି।

**B.J.B AUTONOMOUS COLLEGE**
**BHUBANESWAR-751014**
No. CAD-1141
NAAC ACCREDITED AT THE "A" LEVEL

**ADMISSION NOTICE FOR FEW VACANT SEATS : 2020-21**

Applications are Invited for admission for few vacant seats in ONLINE MODE into the following Self-financing Courses under PPP Mode for the session 2020-21. For Online application & other details such as Course fee & Selection Criteria etc. download admission **Prospectus** available in official website: www.bjbcollege.in

| COURSE | DURATION | ELIGIBILITY |
|---|---|---|
| **MATHM** MA in Tourism and Hospitality Management | 2 Years | Graduate in any Stream with 40% In aggregate |

**Available Online Application form- 29.01.2021 to 05.02.2021**

Master Degree In Tourism and Hospitality Management :
**9437311169 / 9776987162 / 9899912763**

OIPR-11011/11/0005/2021 Sd/- Principal

**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 762/P.S.C., dt. 1.2.21 Website- http://opsc.gov.in

**No. D-158:-** On the basis of written examination held from 13.10.2020 to 16.10.2020 for recruitment to the post of **Assistant Law Officer** (Group-B) pursuant to Advertisement No. 07 of 2019-20, **27 (Twenty seven)** candidates bearing following Roll Numbers have been provisionally qualified for admission to the Viva voce Test. The physical verification of original documents/certificates in respect of the above qualified candidates will be held in the Office of the Commission at 19, Dr. PK Parija Road, Cuttack-753001 on **08.02.2021** as per the programme detailed below.

The candidates are required to come with hard-copies of online application forms (indicating their Roll Nos. At the top right corner), three passport size photographs, self-attested copies of all relevant certificates/documents etc. with original certificates of the same as per **para-9** of the Advertisement along with duly filled in **"Attestation Form"** & **"Bio-data Form"** ( to be downloaded from the website of the Commission) and submit the same in person on the day of verification.

It is also made clear that, the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

The **Viva voce Test** in respect of eligible candidates will be held on **19.02.2021**. The detailed programme of Viva voce test will be published later on in the website of the Commission after the completion of verification process.

**PROGRAMME OF VERIFICATION**

| Date | Time of Verification | Roll Number of candidates |
|---|---|---|
| 08/02/21 | 10.30 A.M. to 12.00 Noon | 100006, 100008, 100009, 100036, 100037, 100042, 100052, 100055, 100062, 100065 = **10 Candidates** |
| | 12.00 Noon to 1.30 P.M. | 100067, 100078, 100083, 100088, 100091, 100094, 100097, 100103, 100105, 100112 = **10 Candidates** |
| | 3.00 P.M. to 4.00 P.M. | 100115, 100123, 100126, 100133, 100135, 100143, 100146 = **07 Candidates** |

**N.B.:- The candidates are advised to report at the Office of the Commission one hour before the commencement of verification on their scheduled dates & time as mentioned against each.**

OIPR-12002/11/0069/2021 Sd./- Secretary

**OFFICE OF THE JOINT MANAGER**
**THE ODISHA STATE POLICE HOUSING AND WELFARE CORPORATION LTD., CUTTACK DIVISION**
**Inside 6th Bn., O.S.A.P., Cuttack**

**PRE QUALIFICATION NOTICE**

**(For Enlistment of Different Class of Contractor for Execution of Work through K2 Agreement)**

The Odisha State Police Housing & Welfare Corporation Limited (OSPHWC), Cuttack invites application for enlistment of Contractors for execution of Civil, P.H. & Internal Electrification Work of various Projects through out Cuttack Division (Cuttack, Kendrapada, Jagatsinghpur & Jajpur). These applications will be received & evaluated by OSPHWC as per terms & conditions laiddown in the Pre-qualification documents for enlistment. After successful evaluation of pre-qualification documents, the firms will be registered in OSPHWC's Contractors list for a period of 1 (One) year from date of issue of enlistment letter.

The pre-qualification documents can be obtained from the office of the undersigned during office hours on payment of Rs.2240/- (Rupees two thousand two hundred forty) only inclusive of 12% GST (Rs.2000.00 + Rs.240.00) (Non-refundable) in Cash or Demand Draft or Pay Order drawn on any Nationalzied Bank payable at Cuttack in favour of "The Odisha State Police Housing & Welfare Corporation Ltd., Cuttack". The above documents can also be obtained through Speed Post by sending a self addressed envelope of size 35cm × 25cm with stamped Rs.75.00 (Rupees seventy five) only along with Demand Draft or Pay Order of Rs.2240/- (Rupees two thousand two hundred forty) only inclusive of % GST (Non-refundable) on any Scheduled Bank payable at Cuttack in favour of "The Odisha State Police Housing & Welfare Corporation Ltd., Cuttack". The pre-qualification document will also be available in the website **www.orissa.gov.in/tender/newtender/newtender.htm (Home Department)** and the same can be downloaded to be used for pre-qualification document. However in case of downloaded pre-qualification documents an amount of Rs.2240/- (Rupees two thousand two hundred forty) only (Non-refundable) inclusive of 12% GST in shape of Demand Draft or Pay Order drawn on any Nationalized Bank payable at Cuttack in favour of "The Odisha State Police Housing & Welfare Corporation Ltd., Cuttack" towards cost of the documents shall be enclosed along with the pre-qualification documents, failing which pre-qualification documents shall be liable for rejection.

Application for pre-qualification shall be submitted in a sealed cover superscribing "Application for pre-qualification of Contractors in OSPHWC" and to be sent to the Project Manager, OSPHWC, Cuttack Division, Inside 6th Bn., OSAP, Cuttack by Speed/Registered Post. Authority will not be held responsible for any postal delay.

The pre-qualification document not submitted in prescribed format or other than in the manner prescribed in the document shall be rejected. Authority reserves the right to reject the bid fully or partly without assigning any reason thereof.

**Issue of Pre-qualification document:**
**From 04.02.2021 to 15.02.2021 upto 5.00 P.M. (Working days)**
**Last date for receipt of pre-qualification document is upto: 2.00 P.M. on Dt.19.02.2021.**
**Date of opening of pre-qualification document at: 4.30 P.M. on Dt.19.02.2021.**

Sd./- Project Manager

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଗୁଣୁପୁର ବଜାର ଶାଖା, ଗୁଣୁପୁର, ଜିଲ୍ଲା: ରାୟଗଡ଼ା

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ।

| ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ କଟକ ଚଣ୍ଡୀ ସୁଇଟ୍ସ, ସ୍ୱତ୍ୱାଧିକାରୀ : ଶ୍ରୀ ନାରାୟଣ ସାହୁ, ପିତା: ରଥ ସାହୁ, ସା/ପୋ: ବ୍ରାହ୍ମଣୀ ଷ୍ଟ୍ରିଟ୍, ଗୁଣୁପୁର, ଜିଲ୍ଲା : ରାୟଗଡ଼ା, ପିନ୍-୭୬୫୦୨୨। | ଜାମିନଦାର / ସମ୍ପତ୍ତିର ମାଲିକ : ଶ୍ରୀମତୀ ଧଡ଼ି ସାହୁ, ସ୍ୱାମୀ: ରଥ ସାହୁ, ସା/ପୋ: ବ୍ରାହ୍ମଣୀ ଷ୍ଟ୍ରିଟ୍, ଗୁଣୁପୁର, ଜିଲ୍ଲା : ରାୟଗଡ଼ା, ପିନ୍-୭୬୫୦୨୨। | ଶ୍ରୀମତୀ ଧଡ଼ି ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା : କୋଟଲଗୁଡ଼ା, ଗୁଣୁପୁର, ଖାତା ନଂ.: ୫/୧୨୦, ପ୍ଲଟ ନଂ.: ୫୯/୧୩୮/୧୪୬, କ୍ଷେତ୍ର : ଏକର ୦.୦୧୫ ଡିସିମିଲ, ଚୌହଦୀ-ପୂର୍ବ: ୪ କୋଣା ରାମନାମାଙ୍କ ଜମି, ପଶ୍ଚିମ: କେ. ପାଣିଗ୍ରାହୀଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ୪ କୋଣା ରାମନାମାଙ୍କ ଜମି। | ୦୬.୦୩.୨୦୧୮ | ୨୮.୦୧.୨୦୨୧ | ୨୮.୦୧.୨୦୨୧ ସୁଦ୍ଧା ଟ.୪,୩୯,୨୦୪/- ଏବଂ ତତ୍‌ପରବର୍ତ୍ତୀ ସୁଧ + ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ତାରିଖ : ୦୧.୦୨.୨୦୨୧, ସ୍ଥାନ : ଗୁଣୁପୁର ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ମୁଖ୍ୟାଂଶ

- ସ୍ୱାସ୍ଥ୍ୟ ବଜେଟ ୯୪,୦୦୦ କୋଟିରୁ ୨.୩୮ ଲକ୍ଷ କୋଟିକୁ ବୃଦ୍ଧି
- ଆରମ୍ଭ ହେବ ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା
- କୋଭିଡ୍ ଟିକା ପାଇଁ ୩୫,୦୦୦ କୋଟି
- ବୀମା କ୍ଷେତ୍ରରେ ବିଦେଶୀ ପୁଞ୍ଜି ବିନିଯୋଗ ୪୯%ରୁ ୭୪%କୁ ବଢ଼ିଲା
- ରେଲୱେକୁ ପୁଞ୍ଜି ବ୍ୟୟ ପାଇଁ ୧.୧ ଲକ୍ଷ କୋଟି
- ରେଲୱେ ପ୍ରସ୍ତୁତ କରିଛି ଜାତୀୟ ରେଳ ଯୋଜନା
- ୨୦୨୩ ସୁଦ୍ଧା ବ୍ରଡଗେଜ୍ ହେବ ସମ୍ପୂର୍ଣ୍ଣ ବିଦ୍ୟୁତ୍କରଣ
- ନିର୍ମାଣ ହେବ ପୂର୍ବ-ପଶ୍ଚିମ ରେଳ କରିଡର
- ଗ୍ରାମୀଣ ଭିତ୍ତିଭୂମି ପାଇଁ ୪୦,୦୦୦ କୋଟି
- କୃଷିଋଣ ଲକ୍ଷ୍ୟ ୧୬.୫ ଲକ୍ଷ କୋଟି
- ଧାନଚାଷୀଙ୍କ ପାଇଁ ୧.୭୨ ଲକ୍ଷ କୋଟି ଟଙ୍କା
- ସଡ଼କ ପରିବହନ ମନ୍ତ୍ରଣାଳୟ ପାଇଁ ୧.୧୮ ଲକ୍ଷ କୋଟି
- ସଡ଼କ ଭିତ୍ତିଭୂମିର ବିକାଶ ପାଇଁ ନୂତନ ଅର୍ଥନୈତିକ କରିଡର
- ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରି ନୀତି
- ଅଟୋମୋବାଇଲ ପାଇଁ ସ୍ୱେଚ୍ଛାକୃତ ସ୍କ୍ରାପେଜ୍ ନୀତି
- ୭୫ ବର୍ଷୀୟଙ୍କୁ ଆୟକର ରିଟର୍ନ ଦାଖଲ କରିବାକୁ ପଡ଼ିବ ନାହିଁ
- କ୍ଷୁଦ୍ର ଟିକସଦାତାଙ୍କ ବିବାଦର ସମାଧାନ ପାଇଁ କମିଟି
- ଏନ୍ଆରଆଇ ଟିକସ ବିବାଦ ଅନ୍‌ଲାଇନ୍‌ରେ ସମାଧାନ ହେବ
- ୧୦୦ ନୂତନ ସୈନିକ ସ୍କୁଲ ଖୋଲିବ
- ପ୍ରତିଷ୍ଠା ହେବ ୭୫୦ ନୂତନ ଏକଲବ୍ୟ ମଡେଲ ସ୍କୁଲ
- ଲଦାଖର ଲେହରେ ନିର୍ମାଣ ହେବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ
- ଜାତୀୟ ଶିକ୍ଷାନୀତି ଅଧୀନରେ ୧୫,୦୦୦ ସ୍କୁଲକୁ ମଜଭୁତ କରାଯିବ
- ଜମ୍ମୁକଶ୍ମୀରରେ ଗ୍ୟାସ୍ ପାଇପ୍‌ଲାଇନ୍ ପ୍ରକଳ୍ପ
- ସିଟି ଗ୍ୟାସ୍ ନେଟ୍‌ୱର୍କରେ ୧୦୦ ଜିଲ୍ଲା
- ଆରମ୍ଭ ହେବ ଜଳ ଜୀବନ ମିଶନ (ସହରାଞ୍ଚଳ)
- ୧ କୋଟିରୁ ଅଧିକ ଲୋକଙ୍କ ପାଇଁ ଉଜ୍ଜ୍ୱଳା ଯୋଜନା
- ଡିଜିଟାଲ ପେମେଣ୍ଟ ପ୍ରୋତ୍ସାହନ ଯୋଜନା
- ଅସଂଗଠିତ କ୍ଷେତ୍ର ପାଇଁ ନୂତନ ପୋର୍ଟାଲ
- ୩ ବର୍ଷରେ ନିର୍ମାଣ ହେବ ୭ ଟେକ୍ସଟାଇଲ ପାର୍କ
- ଆରମ୍ଭ ହେବ ଜାତୀୟ ଅନୁବାଦ ଯୋଜନା
- ବାୟୁ ପ୍ରଦୂଷଣକୁ ଏଡ଼ାଇବା ପାଇଁ ୨,୨୧୭ କୋଟି
- ଷ୍ଟାର୍ଟ-ଅପ୍ ପାଇଁ ଟ୍ୟାକ୍ସ ରିହାତି ଏକ ବର୍ଷ ବଢ଼ିଲା
- ତାମିଲନାଡୁରେ ପ୍ରତିଷ୍ଠିତ ହେବ ବହୁମୁଖୀ ସାମୁଦ୍ରିକ ପାର୍କ
- ଗ୍ରାମୀଣ ଇନ୍‌ଫ୍ରା ପାଣ୍ଠି ୪୦,୦୦୦ କୋଟିକୁ ବୃଦ୍ଧି ପାଇଲା
- ଜନଗଣନା ହେବ ଡିଜିଟାଲ: ଖର୍ଚ୍ଚ ହେବ ୩,୭୬୮ କୋଟି
- ସୁଲଭ ଘର ପାଇଁ ଋଣ ଉପରେ ୧.୫ ଲକ୍ଷ ଅତିରିକ୍ତ ରିହାତି
- କଟନ ଉପରେ ୧୦% କଷ୍ଟମ୍ ଡ୍ୟୁଟି











# ବନ୍ଦର ଘରୋଇକରଣକୁ ଇଙ୍ଗିତ



ନୂଆଦିଲ୍ଲୀ: ବନ୍ଦର ଘରୋଇକରଣ ମାଧ୍ୟମରେ ରାଜକୋଷ ବଢ଼ାଇବାକୁ ଯୋଜନା କରୁଛନ୍ତି କେନ୍ଦ୍ର ସରକାର। ପାରାଦୀପ, ବିଶାଖାପାଟଣା, କୋଚି ଏବଂ ଚେନ୍ନାଇ ବନ୍ଦରକୁ ମାଛଧରା ହବ୍‌ରେ ପରିଣତ କରିବାକୁ ବଜେଟ୍‌ରେ ନିଷ୍ପତ୍ତି ହୋଇଛି। ଅନ୍ୟପଟେ ବୃହତ୍ ବନ୍ଦରଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ଲାଗି ପିପିପି ମୋଡ୍‌ରେ ୭ ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିଲାଗି ୨୦୦୦ କୋଟି ଟଙ୍କା ବିନିଯୋଗ କରାଯିବ। ଭାରତୀୟ ଶିପିଂ କମ୍ପାନୀ, ନାବିକମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ବଜେଟରେ ବିଶେଷ ଧ୍ୟାନ ଦିଆଯାଇଛି। ବିଶ୍ୱସ୍ତରୀୟ ଶିପିଂ କମ୍ପାନୀଗୁଡ଼ିକର ସହଭାଗିତାରେ ବିଭିନ୍ନ ପରିଯୋଜନା କରାଯାଇଛି। ଏଥିଲାଗି ୫ବର୍ଷରେ ୧୬୨୪ କୋଟି ଟଙ୍କା ସବ୍‌ସିଡି ପ୍ରଦାନ କରାଯିବ। ୨୦୧୯ ହଂକଂ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଯାୟୀ ଜାହାଜ ଭଙ୍ଗା ଲାଗି ନିୟମ ଲାଗୁ କରାଯାଇଛି। ତଦନୁଯାୟୀ ଗୁଜରାଟର ଅଲଙ୍ଗରେ ପ୍ରମାଣପତ୍ର ହାସଲ କରିସାରିଛି। ରିସାଇକ୍ଲିଂ ୟାର୍ଡରେ ୯୦ଟି ଜାହାଜ ଭଙ୍ଗାଯିବା ଅପେକ୍ଷାରେ ରହିଛି। ୟୁରୋପ ଏବଂ ଜାପାନରୁ ଅଧିକ ଜାହାଜ ଅଣାଯିବାକୁ ଯୋଜନା ରହିଛି। ଜାହଜ ଭଙ୍ଗାଯିବା ଦ୍ୱାରା ୨୦୨୪ ସୁଦ୍ଧା ପୁନଃଚକ୍ରଣ କ୍ଷମତା ୪.୫ ମିଲିୟନ ଏଲ୍‌ଡିଟିରୁ ଦୁଇଗୁଣା ହେବା ସମ୍ଭାବନା ରହିଛି। ଏହାଦ୍ୱାରା ୧.୫ ଲକ୍ଷ ଲୋକଙ୍କୁ ରୋଜଗାର ମିଳିବ। ରେଲୱେ, ବିମାନବନ୍ଦର ପରେ କେନ୍ଦ୍ର ସରକାର ବୃହତ୍ ଜଳମାର୍ଗ ବନ୍ଦରଗୁଡ଼ିକର ଘରୋଇକରଣ କରିବାକୁ ମସୁଧା କରୁଛନ୍ତି। ଦେଶର ପୂର୍ବ ଏବଂ ପଶ୍ଚିମ ତଟବର୍ତ୍ତୀ ଅଞ୍ଚଳରେ ଥିବା ୧୩ ବୃହତ୍ ବନ୍ଦର ଭିତରେ ୨୦୨୨ ସୁଦ୍ଧା ଅନେକ ଘରୋଇ କରଣ ହୋଇସାରିଥିବ ବୋଲି ସେମାନେ ମତ ଦେଇଛନ୍ତି।

## ସେନ୍‌ସେକ୍ସ ୨୩୦୦ ପଏଣ୍ଟ ବୃଦ୍ଧି



ମୁମ୍ବାଇ,୧।୨: କେନ୍ଦ୍ର ସରକାରଙ୍କ ନୂଆ ବଜେଟ ଅଭିଭାଷଣକୁ ସ୍ୱାଗତ କରିଛି ଶେୟାର ବଜାର। ସୋମବାର ସକାଳର କାରବାର ଆରମ୍ଭରୁ ସନ୍ଧ୍ୟା ପର୍ଯ୍ୟନ୍ତ ସେନ୍‌ସେକ୍ସ ନୀଳରଙ୍ଗରେ ରହିଥିଲା। ଶେଷ ଖବର ସୁଦ୍ଧା ସେନ୍‌ସେକ୍ସ ୨୩୧୪.୮୪ ପଏଣ୍ଟ ବୃଦ୍ଧି ସହ ୪୮୬୦୦.୬୧ ପଏଣ୍ଟରେ ବନ୍ଦ ହୋଇଥିବା ଜଣାପଡିଛି। ସେହିଭଳି ନିଫ୍‌ଟି ୬୪୬.୬୦ ପଏଣ୍ଟ ବଢି ୧୪,୨୮୧.୨୦ ପଏଣ୍ଟରେ କାରବାର ଶେଷ ହୋଇଛି। ବିଗତ ଦିନର ଯେକୌଣସି ବଜେଟ ଦିନର କାରବାରଠାରୁ ଏହା ହେଉଛି ସେନ୍‌ସେକ୍ସରେ ସର୍ବାଧିକ ପଏଣ୍ଟ ବୃଦ୍ଧି। ନିର୍ମଳାଙ୍କ ବିଗତ ଦୁଇ ବଜେଟ ଘୋଷଣା ଦିନ ଷ୍ଟକ୍ ବଜାରରେ ମଧ୍ୟ ହ୍ରାସ ପାଇଥିବା ଦେଖାଦେଇଥିଲା। ଏହି ବଜେଟରେ ଅର୍ଥମନ୍ତ୍ରୀ ସ୍ୱାସ୍ଥ୍ୟସେବା କ୍ଷେତ୍ର, ଭିତ୍ତିଭୂମି, କୃଷି, ଅଟୋମୋବାଇଲ୍ସ, ବ୍ୟାଙ୍କିଙ୍ଗ୍ ଆଦି କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଫଳରେ ସରକାର ଘୋଷଣା କରିଥିବା ପୁରୁଣା ଯାନବାହନ ବଦଳ ନୀତି ଯୋଗୁ ଅଟୋମୋବାଇଲ ଶିଳ୍ପରେ ଚାହିଦା ବୃଦ୍ଧି ପାଇବ। ଏହା ଫଳରେ ଅଟୋମୋବାଇଲ ଷ୍ଟକ୍‌ଗୁଡ଼ିକରେ ବୃଦ୍ଧି ଦେଖାଦେଇଛି। ସେହିପରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ୨୨ ହଜାର କୋଟିର ପୁଞ୍ଜିନିବେଶ ଘୋଷଣା ଦ୍ୱାରା ବ୍ୟାଙ୍କଗୁଡ଼ିକରେ ମଧ୍ୟ ଷ୍ଟକ୍ ବୃଦ୍ଧି ଦେଖାଦେଇଛି। କୃଷି ଓ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇଥିବା କାରଣରୁ ଟ୍ରାକ୍ଟର ଓ କୃଷି ଉପକରଣ କମ୍ପାନୀଗୁଡିକଙ୍କ ପାଇଁ ଏକ ସକାରାତ୍ମକ ଅଭିବୃଦ୍ଧି ରହିଛି। ଅନ୍ୟପକ୍ଷରେ ବିଭିନ୍ନ ସାମାଜିକ କ୍ଷେତ୍ରରେ ବ୍ୟୟବରାଦ ବୃଦ୍ଧି ଯୋଗୁ ତାହା ସାମଗ୍ରିକ ଭାବେ ଚାହିଦା ବୃଦ୍ଧି କରିବ।

## ଆରମ୍ଭ ହେବ ଜଳ ଜୀବନ ମିଶନ (ଅର୍ବାନ)

ସହରାଞ୍ଚଳର ୨.୮୬ କୋଟି ପରିବାରକୁ ଟ୍ୟାପ୍ ଯୋଗେ ପାନୀୟ ଜଳ ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଜଳ ଜୀବନ ମିଶନ (ଅର୍ବାନ) ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଆଗାମୀ ୫ ବର୍ଷରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଏହି ମିଶନ ଲାଗି ୨,୮୭,୦୦୦ କୋଟି ଟଙ୍କା ବ୍ୟୟ ହେବ। ଏହା ଦ୍ୱାରା ସମସ୍ତ ୪.୩୭୮ ପୌରାଞ୍ଚଳର ୨.୮୬ କୋଟି ପରିବାରକୁ ଟ୍ୟାପ୍ ପାଣି ସଂଯୋଗ ଦିଆଯିବ। ଜଳଜୀବନ ମିଶନ (ରୁରାଲ) ୨୦୧୯ରେ ଆରମ୍ଭ ହୋଇଥିଲା। ୨୦୨୪ ସୁଦ୍ଧା ଗ୍ରାମାଞ୍ଚଳର ସମସ୍ତ ପରିବାରକୁ ଟ୍ୟାପ୍ ପାଣି ଯୋଗାଇଦେବାକୁ ଏହି ଯୋଜନାରେ ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୩ କୋଟି ପରିବାରକୁ ଟ୍ୟାପ୍ ପାଣି ସଂଯୋଗ କରାଗଲାଣି।




## ଶକ୍ତି କ୍ଷେତ୍ରର ଗୋଲାପୀ ଚିତ୍ର




ସ୍ମାର୍ଟ ମିଟରଠାରୁ ଆରମ୍ଭ କରି ଅକ୍ଷୟ ଶକ୍ତିର ଉତ୍ସର ଭରପୂର ଉପଯୋଗ। ରନ୍ଧନ ଗ୍ୟାସ୍‌ଠାରୁ ହାଇଡ୍ରୋଜେନ୍‌ର ମିଶନ ଆଦି ସବୁ ବିଷୟର ଗୋଲାପୀ ଚିତ୍ର ଦେଖିବାକୁ ମିଳିଛି ବଜେଟ୍‌ରେ। ସୌରଶକ୍ତିର ଉପଯୋଗ କରିବା ଲାଗି ସୋଲାର ଏନର୍ଜି କର୍ପୋରେଶନ ଅଫ୍ ଇଣ୍ଡିଆ(ଏସ୍‌ଇସିଆଇ) ପାଇଁ ଅତିରିକ୍ତ ୧୦୦୦ କୋଟି ଏବଂ ଇଣ୍ଡିଆନ ରିନେୱେବଲ ଏନର୍ଜି ଡେଭଲପ୍‌ମେଣ୍ଟ ଏଜେନ୍ସି (ଆଇଆର୍‌ଇଡିଏ) ପାଇଁ ୧୫୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ୨୦୨୧-୨୨ ବର୍ଷରେ ସବୁଜ ଶକ୍ତି ଉତ୍ପାଦନ ଲାଗି ହାଇଡ୍ରୋଜେନ ମିଶନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରାଯାଇଛି। ସ୍ୱଚ୍ଛ ବାୟୁ ଏବଂ ପରିବେଶ ସୁନିଶ୍ଚିତ କରିବା ଲାଗି ବଜେଟରେ ୧୦ଲକ୍ଷ ଜନସଂଖ୍ୟା ବିଶିଷ୍ଟ ୪୨ ସହରାଞ୍ଚଳ ପାଇଁ ୨୨୧୨ କୋଟି ଟଙ୍କା ଆବଣ୍ଟନ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଶକ୍ତି କମ୍ପାନୀଗୁଡ଼ିକ ଲାଗି ସ୍ୱତନ୍ତ୍ର ଭାବେ ୩.୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଆସନ୍ତା ୩ ବର୍ଷ ଭିତରେ ୧୦୦ରୁ ଅଧିକ ଜିଲାରେ ସିଟି ଗ୍ୟାସ୍ ନେଟୱର୍କ ଯୋଡ଼ାଯିବ। ଏଣିକି ବିଦ୍ୟୁତ୍ ଉପଭୋକ୍ତାମାନେ ନିଜ ଇଚ୍ଛା ଅନୁଯାୟୀ ବିଦ୍ୟୁତ୍ ବିତରକ କମ୍ପାନୀ ଚୟନ କରିପାରିବେ। ଉଜ୍ଜ୍ୱଳା ଯୋଜନାରେ ନୂତନ କରି ଆଉ ୧ କୋଟି ଉପଭୋକ୍ତାଙ୍କୁ ସାମିଲ କରାଯିବାକୁ ବ୍ୟବସ୍ଥା କରାଯାଇଛି।

## ୧ ଟଙ୍କାର ଆୟ




## ୧ ଟଙ୍କାର ବ୍ୟୟ




# ସ୍ୱାସ୍ଥ୍ୟକୁ ଗୁରୁତ୍ୱ







### ସ୍ୱାସ୍ଥ୍ୟସେବା
**୨.୨୪ ଲକ୍ଷ କୋଟି**

କରୋନା ମହାମାରୀ ଦ୍ୱାରା ଗୁରୁତର ପ୍ରଭାବିତ ହୋଇଥିବା ଅର୍ଥନୀତିକୁ ସଜାଡ଼ିବା ଲକ୍ଷ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୧-୨୨ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି ବଜେଟରେ ୬ଟି ସ୍ତମ୍ଭ ଉପରେ ଫୋକସ୍ କରାଯାଇଛି। ସେଗୁଡ଼ିକ ହେଲା ସ୍ୱାସ୍ଥ୍ୟସେବା ଓ ଚିକିତ୍ସା, ଭୌତିକ ଓ ଆର୍ଥିକ ପୁଞ୍ଜି ଏବଂ ଭିତ୍ତିଭୂମି, ମହତ୍ତ୍ୱାକାଂକ୍ଷୀ ଭାରତର ସାମଗ୍ରିକ ବିକାଶ, ମାନବ ପୁଞ୍ଜିକୁ ସୁଦୃଢ଼ କରିବା, ଇନୋଭେଶନ, ଗବେଷଣା ଓ ବିକାଶ ଏବଂ ସର୍ବନିମ୍ନ ସରକାର ଓ ସର୍ବାଧିକ ଶାସନ। ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ଏଥର ବଜେଟରେ ଏହି ବିଭାଗ ପାଇଁ ୨,୨୩,୮୪୬ କୋଟି ଟଙ୍କା ବ୍ୟୟ ଲାଗି ପ୍ରସ୍ତାବ ରଖିଛନ୍ତି ସୀତାରାମନ୍। ଚଳିତ ଆର୍ଥିକ ବର୍ଷରେ ସ୍ୱାସ୍ଥ୍ୟ ବିଭାଗ ଲାଗି ୯୪,୪୫୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ଏଥର ଏହି ଖର୍ଚ୍ଚକୁ ୧୩୭ ପ୍ରତିଶତ ବୃଦ୍ଧି କରାଯାଇଛି। ଆଗାମୀ ଆର୍ଥିକ ବର୍ଷରେ କୋଭିଡ୍ ଟିକାକରଣ ଲାଗି ଅର୍ଥମନ୍ତ୍ରୀ ୩୫,୦୦୦ କୋଟି ଟଙ୍କା ପ୍ରସ୍ତାବ ରଖିଛନ୍ତି। ଦେଶରେ ନିମୋକୋକାଲ ଟିକାକରଣ ଅଭିଯାନ କରାଯିବ ଓ ଏହା ବର୍ଷକୁ ୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ବଜେଟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟକୁ ୭୧,୨୬୮.୭୭ କୋଟି ଟଙ୍କା ବ୍ୟୟବରାଦ ହୋଇଛି, ଯାହା ୨୦୨୦-୨୧ ବଜେଟରେ ୬୫,୦୧୧.୮ କୋଟି ଥିଲା। ପରେ କରୋନା ମହାମାରୀ ଯୋଗୁ ସେଥିରେ ସଂଶୋଧନ କରାଯାଇ ୭୮,୮୬୬ କୋଟିକୁ ବୃଦ୍ଧି କରାଯାଇଥିଲା। ୨୦୨୧-୨୨ ବଜେଟରେ ସ୍ୱାସ୍ଥ୍ୟ ଗବେଷଣା ବିଭାଗକୁ ୨,୬୬୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଆୟୁଷ ମନ୍ତ୍ରଣାଳୟକୁ ୨,୯୭୦.୩୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି, ଯାହା କି ପୂର୍ବ ବଜେଟରେ ୨,୧୨୨.୦୮ କୋଟି ଟଙ୍କା ଥିଲା।

### କୋଭିଡ୍ ଟିକା
**୩୫,୦୦୦ କୋଟି**

୨୦୨୧-୨୨ ଆର୍ଥିକ ବର୍ଷରେ କୋଭିଡ୍-୧୯ ଟିକାକରଣ ଅଭିଯାନ ଲାଗି ଅର୍ଥମନ୍ତ୍ରୀ ବଜେଟରେ ୩୫,୦୦୦ କୋଟି ବ୍ୟୟବରାଦ କରିଛନ୍ତି। ଆବଶ୍ୟକ ପଡ଼ିଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ସରକାର ଜାନୁୟାରୀ ଆରମ୍ଭରେ ଦୁଇଟି କୋଭିଡ୍ ଟିକାକୁ ବ୍ୟବହାର ଲାଗି ମଞ୍ଜୁରୀ ପ୍ରଦାନ କରିଥିଲେ। ସିରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ ଅକ୍ସଫୋର୍ଡ କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ ଟିକାକୁ ନେଇ ଜାନୁୟାରୀ ୧୬ରୁ ଦେଶରେ କୋଭିଡ୍ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟକର୍ମୀ ଓ ଆଗଧାଡ଼ିର କର୍ମଚାରୀମାନଙ୍କୁ ଟିକା ଦିଆଯାଉଛି। ପରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏବଂ ଅନ୍ୟାନ୍ୟ ରୋଗ ଥିବା ଲୋକଙ୍କୁ ଏହି ଟିକା ପ୍ରଦାନ କରିବା ଲାଗି ଯୋଜନା ରହିଛି।

### ପିଏମ୍ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା
**୬୪,୧୮୦ କୋଟି**

ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟରେ ଏକ ନୂଆ ଯୋଜନା ଘୋଷଣା କରିଛନ୍ତି। ୬୪,୧୮୦ କୋଟି ଟଙ୍କା କେନ୍ଦ୍ରୀୟ ବ୍ୟୟରେ ଆଗାମୀ ୬ ବର୍ଷ ଲାଗି 'ପିଏମ୍ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା' କାର୍ଯ୍ୟକାରୀ ହେବ। ଏହି ଯୋଜନା ମୁଖ୍ୟତଃ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସାମର୍ଥ୍ୟ ବୃଦ୍ଧି, ନୂଆ ରୋଗ ଚିହ୍ନଟ ଓ ଚିକିତ୍ସା ଅନୁଷ୍ଠାନଗୁଡ଼ିକର ବିକାଶ ଉପରେ ଫୋକସ୍ କରିବ। ଯୋଜନାରେ ଗ୍ରାମାଞ୍ଚଳର ୧୭,୭୮୮ ଏବଂ ସହରାଞ୍ଚଳର ୧୧,୦୨୪ ଚିକିତ୍ସାକେନ୍ଦ୍ରକୁ ସହାୟତା ଯୋଗାଇ ଦିଆଯିବ। ଜାତୀୟ ସ୍ୱାସ୍ଥ୍ୟ ମିଶନ ବାହାରେ ଏହି ଅର୍ଥ ବ୍ୟୟ ହେବ ବୋଲି ସୀତାରାମନ୍ କହିଥିଲେ। ସମସ୍ତ ଜିଲାରେ ଉନ୍ନୀତ ସରକାରୀ ସ୍ୱାସ୍ଥ୍ୟ ଲାବ୍ ସ୍ଥାପନ ହେବ। ୧୧ ରାଜ୍ୟରେ ୩,୩୮୨ ବ୍ଲକ୍ ପବ୍ଲିକ୍ ହେଲ୍ଥ ୟୁନିଟ ପ୍ରତିଷ୍ଠା ହେବ। ୬୦୨ଟି ଜିଲାରେ କ୍ରିଟିକାଲ କେୟାର ହସ୍ପିଟାଲ ବ୍ଲକ୍ ସହ ୧୨ଟି କେନ୍ଦ୍ରୀୟ ଅନୁଷ୍ଠାନ ନିର୍ମାଣ କରାଯିବ। ସେହିପରି ଜାତୀୟ ରୋଗ ନିରାକରଣ କେନ୍ଦ୍ର (ଏନ୍‌ସିଡିସି) ଓ ଏହାର ୫ଟି ଆଞ୍ଚଳିକ ଶାଖା ଏବଂ ୨୦ଟି ମେଟ୍ରୋପଲିଟାନ ସ୍ୱାସ୍ଥ୍ୟ ସର୍ଭିଲାନ୍ସ ୟୁନିଟକୁ ସୁଦୃଢ଼ କରାଯିବ ବୋଲି ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ ବେଳେ କହିଛନ୍ତି। ସମସ୍ତ ଜନସ୍ୱାସ୍ଥ୍ୟ ଲାବ୍‌କୁ ସଂଯୋଗ କରି ସବୁ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳକୁ ସୂଚନା ଯୋଗାଇଦେବା ଲାଗି ସମନ୍ୱିତ ସ୍ୱାସ୍ଥ୍ୟ ସୂଚନା ପୋର୍ଟାଲକୁ ସମ୍ପ୍ରସାରିତ କରାଯିବ। ୧୭ ନୂଆ ଜନସ୍ୱାସ୍ଥ୍ୟ ୟୁନିଟ୍ କାର୍ଯ୍ୟକାରୀ କରାଯିବା ସହ ୩୨ ବିମାନବନ୍ଦର, ୧୧ ବନ୍ଦର ଓ ୭ ଲ୍ୟାଣ୍ଡ କ୍ରସିଂ ପ୍ରବେଶ ପଥରେ ଥିବା ୩୩ ଜନସ୍ୱାସ୍ଥ୍ୟ ୟୁନିଟକୁ ସୁଦୃଢ଼ କରାଯିବ। ସେହିପରି ୧୫ଟି ହେଲ୍ଥ ଇମର୍ଜେନ୍ସି ଅପରେଶନ ସେଣ୍ଟର ଏବଂ ୨ଟି ମୋବାଇଲ୍ ହସ୍ପିଟାଲ ସ୍ଥାପନ ହେବ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଦକ୍ଷିଣପୂର୍ବ ଏସିଆ ଅଞ୍ଚଳ ପାଇଁ ଏକ ଆଞ୍ଚଳିକ ଗବେଷଣା ପ୍ଲାଟଫର୍ମ ସହିତ ୯ଟି ଜୈବ ନିରାପତ୍ତା ସ୍ତର ୩ ଲାବ୍ ଓ ୪ଟି ଆଞ୍ଚଳିକ ଜାତୀୟ ଭାଇରୋଲୋଜି ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନ ହେବ।


## 'ମେଟ୍ରୋ ଲାଇଟ' ଏବଂ 'ମେଟ୍ରୋ ନିଓ'



ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ଚଳିତ ବଜେଟରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ସହରାଞ୍ଚଳରେ ସାଧାରଣ ପରିବହନକୁ ବୃଦ୍ଧି କରିବା ପାଇଁ ମେଟ୍ରୋ ରେଳ ବ୍ୟବସ୍ଥାକୁ ସମ୍ପ୍ରସାରଣ କରାଯିବ। ଏଥିସହିତ ସହରରେ ବସ୍ ସେବାକୁ ମଧ୍ୟ ଅଧିକ କ୍ରିୟାଶୀଳ କରିବା ଉପରେ ବଜେଟରେ ଗୁରୁତ୍ୱ ଦିଆଯାଇଛି। ସାଧାରଣ ବସ୍ ପରିବହନ ପାଇଁ ୧୮ହଜାର କୋଟିର ନୂଆ ଯୋଜନା ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ୨୦ହଜାର ବସ୍ ଅଧିକ ଚାଲିବ। ଏହାକୁ ପିପିପି ମୋଡ୍‌ରେ କରାଯିବ, ଯାହାଫଳରେ ଅଟୋମୋବାଇଲ ସେକ୍ଟର, ଅର୍ଥନୈତିକ ଅଭିବୃଦ୍ଧି ଏବଂ ଯୁବଗୋଷ୍ଠୀପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଏବେ ୭୦୨କିଲୋମିଟର ମେଟ୍ରୋ କାର୍ଯ୍ୟକାରୀ ହେଉଛି। ଆଉ ୧,୦୧୬କିଲୋମିଟର ମେଟ୍ରୋ ଏବଂ ଆର୍‌ଆର୍‌ଟିଏସ୍ ୨୭ଟି ସହରରେ ନିର୍ମାଣାଧୀନ ରହିଛି। ମେଟ୍ରୋ ରେଳ ବ୍ୟବସ୍ଥାରେ କମ୍ ଖର୍ଚ୍ଚରେ 'ମେଟ୍ରୋ ଲାଇଟ' ଏବଂ 'ମେଟ୍ରୋ ନିଓ' ଟେକ୍ନୋଲୋଜି ବ୍ୟବହାର କରାଯିବ। ୧୧.୫ କିଲୋମିଟର କୋଚି ମେଟ୍ରୋ ରେଲ୍‌ୱେ ଫେଜ୍-୨ ପାଇଁ ୧୯୫୭.୦୫କୋଟି, ଚେନ୍ନାଇ ମେଟ୍ରୋ ରେଲ୍‌ୱେ ଫେଜ୍-୨ର ୧୧୮.୯କିଲୋମିଟର ପାଇଁ ୬୩,୨୪୬ କୋଟି ଏବଂ ବେଙ୍ଗାଲୁର ମେଟ୍ରୋ ରେଲ୍‌ୱେ ପ୍ରୋଜେକ୍ଟ ଫେଜ୍-୨ଏ ଏବଂ ୨-ବିର ୫୮.୧୯ କିଲୋମିଟର ପାଇଁ ୧୪,୭୮୮ କୋଟିର ବ୍ୟୟ ବରାଦ କରାଯାଇଛି।

## ରାସ୍ତାରୁ ହଟିବ ୧୫ରୁ ୨୦ ବର୍ଷର ଗାଡ଼ି

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ବଜେଟ ଉପସ୍ଥାପନ ସମୟରେ କହିଥିଲେ, ଦେଶର ପରିବେଶ ସୁରକ୍ଷା ଓ ଇନ୍ଧନ ଶକ୍ତିର ବ୍ୟବହାରକୁ ହ୍ରାସ କରାଇବା ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ଯାନବାହନ ବଦଳ ନୀତି ପରିବର୍ତ୍ତନ ହେବା ଜରୁରୀ ଅଟେ। ସେହିଭଳି ଏହି ନୂଆ ନୀତି ଖୁବ୍‌ଶୀଘ୍ର ଆସିବ। ଏହି ନୂତନ ନିୟାମବଳୀ ଅନୁସାରେ ୧୫ ବର୍ଷରୁ ଅଧିକ ସମୟ ବ୍ୟବହୃତ ପୁରୁଣା ବ୍ୟବସାୟିକ ଯାନ ଏବଂ ୨୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଗତ ପୁରୁଣା ଯାନକୁ ରାସ୍ତାରୁ ହଟାଇବା ପାଇଁ ଏହି ଆଇନରେ ବ୍ୟବସ୍ଥା କରାଯାଇଛି। ଏହା ଫଳରେ ପରିବେଶ ପ୍ରଦୂଷଣ ହ୍ରାସ ପାଇବା ସହ ଦେଶର ତୈଳ ଆମଦାନୀରେ ମଧ୍ୟ ସଞ୍ଚୟ ବୃଦ୍ଧି ହେବ ବୋଲି ଅର୍ଥମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି। ପରବର୍ତ୍ତୀ ସମୟରେ ଏହି ଯାନବାହନ ବଦଳ ନୀତି ସମ୍ପର୍କରେ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଭାବରେ ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଥିଲେ। ୨୫ ଡିସେମ୍ବରରେ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ସରକାରୀ ଯାନବାହନ ବଦଳ ନୀତିକୁ ମଞ୍ଜୁର ଦିଆଯାଇଥିଲା। ଆସନ୍ତା ବର୍ଷ ଏପ୍ରିଲ ପହିଲାରୁ ଏହି ନୂଆ ନୀତି କେବଳ କେନ୍ଦ୍ର ଓ ରାଜ୍ୟ ସରକାରୀ ଯାନବାହନଗୁଡ଼ିକ ପାଇଁ ଲାଗୁହେବ। ପରବର୍ତ୍ତୀ ସମୟରେ ସମସ୍ତ ବ୍ୟବସାୟିକ ଓ ବ୍ୟକ୍ତିଗତ ଗାଡ଼ି ପାଇଁ ଏହି ନୀତି ଲାଗୁ କରାଯିବ ବୋଲି ଜଣାପଡିଛି।






## ୪.୭୮ ଲକ୍ଷ କୋଟି ବ୍ୟୟବରାଦ

ଦୀର୍ଘଦିନ ଧରି ଚାଇନା ସହ ସୀମାବିବାଦ ଲାଗି ରହିଥିବାବେଳେ ଗତବର୍ଷ ମେ'ରୁ ଦୁଇ ଦେଶର ସୈନ୍ୟ ପୂର୍ବ ଲଦାଖ ସେକ୍ଟର ଅନ୍ତର୍ଗତ ଏଲ୍‌ଓସିରେ ମୁହାଁମୁହିଁ ସ୍ଥିତିରେ ରହିଛନ୍ତି। ଉଭୟ ଚାଇନା ଓ ପାକିସ୍ତାନ ପଟୁ ଆକ୍ରମଣ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଭଳି ସମୟରେ କେନ୍ଦ୍ର ସରକାର ୨୦୨୧-୨୨ ବଜେଟରେ ପ୍ରତିରକ୍ଷା ସେକ୍ଟର ପାଇଁ ୪.୭୮ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଗତବର୍ଷ ବଜେଟରେ ଏହି ସେକ୍ଟର ଲାଗି ୪.୭୧ ଲକ୍ଷ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଆଗାମୀ ଆର୍ଥିକ ବର୍ଷରେ ଅସ୍ତ୍ରଶସ୍ତ୍ର ଓ ସିଷ୍ଟମ କ୍ରୟ ଲାଗି ୧.୩୫ ଲକ୍ଷ କୋଟି ରଖାଯାଇଛି, ଯାହା କି ଚଳିତ ଆର୍ଥିକ ବର୍ଷ ତୁଳନାରେ ୧୯ ପ୍ରତିଶତ ଅଧିକ। ପୂର୍ବ ବଜେଟରେ ଅସ୍ତ୍ର ଓ ସିଷ୍ଟମ କ୍ରୟ ବାବଦରେ ୧.୧୩ ଲକ୍ଷ କୋଟି ବ୍ୟୟବରାଦ ହୋଇଥିଲା। ସେହିପରି ୨.୧୨ ଲକ୍ଷ କୋଟି ଟଙ୍କା ରାଜସ୍ୱ ବ୍ୟୟ ହେବାକୁ ଥିବାବେଳେ ପ୍ରତିରକ୍ଷା କର୍ମଚାରୀଙ୍କ ପେନ୍‌ସନ ବାବଦରେ ୧.୧୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ଗତବର୍ଷ ପ୍ରତିରକ୍ଷା ପେନ୍‌ସନ୍ ବିଲ୍‌ଠାରୁ ଏହା କମ୍। ଗତବର୍ଷ ପେନ୍‌ସନ ବାବଦରେ ୧.୩୩ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରତିରକ୍ଷା ବ୍ୟୟବରାଦ ୪.୩ ଲକ୍ଷ କୋଟି ଟଙ୍କା ଥିଲା।

## ପର୍ଯ୍ୟଟନ ବ୍ୟୟବରାଦ ୧୯% ହ୍ରାସ

ପର୍ଯ୍ୟଟନ ମନ୍ତ୍ରଣାଳୟକୁ ଏଥର ବଜେଟରେ ୧୯ ପ୍ରତିଶତ କମ୍ ବ୍ୟୟବରାଦ କରାଯାଇଛି। ଗତ ବଜେଟରେ ଏହି ସେକ୍ଟରକୁ ୨,୫୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳେ ୨୦୨୧-୨୨ ବଜେଟରେ ୨୦୨୬.୭୭ କୋଟି ଟଙ୍କା ରଖାଯାଇଛି। ମହାମାରୀ ଯୋଗୁ ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଥିବା ପର୍ଯ୍ୟଟନ ଶିଳ୍ପ ପ୍ରତି ଏହା ଏକ ଝଟ୍‌କା ବୋଲି କୁହାଯାଉଛି। ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ଲାଗି ୧,୦୮୮.୦୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। କରୋନା ମହାମାରୀ ଜନିତ କଟକଣା ଯୋଗୁ ପର୍ଯ୍ୟଟନ ସେକ୍ଟର ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗତବର୍ଷ ମାର୍ଚ୍ଚରୁ ବିଦେଶୀ ପର୍ଯ୍ୟଟକ ଆସୁନାହାନ୍ତି। ଏପରିକି ଘରୋଇ ପର୍ଯ୍ୟଟକ ସଂଖ୍ୟା ମଧ୍ୟ ବହୁତ କମ୍ ରହିଛି। ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ପ୍ରଚାର ପ୍ରସାର ପାଇଁ ୬୬୮.୭୨ କୋଟି ବ୍ୟୟବରାଦ ହୋଇଥିବାବେଳେ ସେଥିରୁ ୫୨୪.୦୨ କୋଟି ବିଦେଶୀ ବଜାର ପାଇଁ ଓ ୧୪୪.୭୦ କୋଟି ଘରୋଇ ପର୍ଯ୍ୟଟକଙ୍କ ନିମନ୍ତେ ବ୍ୟୟ ହେବ। ସେବା ପ୍ରଦାନକାରୀମାନଙ୍କ ସାମର୍ଥ୍ୟ ବୃଦ୍ଧି ଲାଗି ୬୩.୬୫ କୋଟି ବ୍ୟୟ ହେବାକୁ ଥିବାବେଳେ ପ୍ରଶିକ୍ଷଣ ଓ ଦକ୍ଷତା ବିକାଶ ଲାଗି ୧୩୮.୬୫ କୋଟି ଟଙ୍କା ବ୍ୟୟ ହେବ। ପର୍ଯ୍ୟଟନ ଶିଳ୍ପର ସ୍ଥିତି ସୁଧାରିବା ଲାଗି ତୁରନ୍ତ ପ୍ରତ୍ୟକ୍ଷ ସହାୟତାର ଆବଶ୍ୟକ ଥିଲା। ବଜେଟ ଭାରତୀୟ ଭ୍ରମଣ ଓ ପର୍ଯ୍ୟଟନ ଶିଳ୍ପକୁ ଅସନ୍ତୁଷ୍ଟ କରିଥିବା ଏଫ୍‌ଏଆଇଟିଏଚ୍ (ପର୍ଯ୍ୟଟନ, ଭ୍ରମଣ, ଆତିଥେୟତା ଶିଳ୍ପ ସଂଗଠନଗୁଡ଼ିକର ମହାସଂଘ) ପକ୍ଷରୁ କୁହାଯାଇଛି।



## ଏମ୍‌ଏସ୍‌ଏମ୍‌ଇକୁ ଦୁଇଗୁଣା ବ୍ୟୟବରାଦ

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରକୁ ଆଗାମୀ ଆର୍ଥିକ ବର୍ଷ ଲାଗି ୧୫,୭୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା ପୂର୍ବବର୍ଷ ତୁଳନାରେ ଦୁଇଗୁଣ। ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ସହାୟତା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏଥର ବଜେଟରେ ଏହି ସେକ୍ଟରକୁ ୧୫,୭୦୦ କୋଟି ଟଙ୍କା ଦିଆଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ୨୦୨୦-୨୧ ବଜେଟରେ ଏହି କ୍ଷେତ୍ରକୁ ୭,୫୭୨.୨୦ କୋଟି ବରାଦ ହୋଇଥିଲା। ପରେ ଏହାକୁ ୫,୬୬୪.୨୨ କୋଟିକୁ କମାଇ ଦିଆଯାଇଥିଲା। ଏଥର ବଜେଟରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଏବଂ ଅନ୍ୟାନ୍ୟ ଋଣ ସହାୟତା ଯୋଜନାକୁ ପୂର୍ବବର୍ଷର ୨,୮୦୦ କୋଟିରୁ ୧୨,୪୯୯.୭୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି।

## ୧୦୦ସୈନିକ ସ୍କୁଲ, ୭୫୦ ଏକଲବ୍ୟ ମଡେଲ ସ୍କୁଲ ଖୋଲିବ

ଚଳିତ ବର୍ଷ (୨୦୨୧-୨୨)ର ବଜେଟ ଉପସ୍ଥାପନ କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ସରକାର ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଫଳରେ ଦେଶରେ ଆଉ ଶହେଟି ନୂତନ ସୈନିକ ସ୍କୁଲ ପ୍ରତିଷ୍ଠା କରାଯିବ। ରାଜ୍ୟ ସରକାର ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଓ ବେସରକାରୀ ବିଦ୍ୟାଳୟଗୁଡ଼ିକର ସହଭାଗିତାରେ ଏହି ବିଦ୍ୟାଳୟ ସବୁ ପ୍ରତିଷ୍ଠା କରିବେ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିଭଳି ୭୫୦ଟି ନୂଆ ଏକଲବ୍ୟ ମଡେଲ ସ୍କୁଲ ପ୍ରତିଷ୍ଠା କରାଯିବ। ପ୍ରତି ସ୍କୁଲ ପିଛା ପ୍ରାୟ ୩୮ କୋଟି ଟଙ୍କା ବ୍ୟୟ କରାଯିବ ଏବଂ ପାହାଡ଼ିଆ ଅଞ୍ଚଳରେ ପ୍ରାୟ ୪୮ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। ସେହିପରି ଭାରତର ଉଚ୍ଚଶିକ୍ଷା କମିଶନ ପ୍ରତିଷ୍ଠା କରାଯିବ ବୋଲି ସେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଲେହରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ବଜେଟ ଅଭିଭାଷଣରେ ସୂଚନା ଦେଇଛନ୍ତି। ୪ କୋଟି ଅନୁସୂଚିତ ଜାତିର ଛାତ୍ରୀଛାତ୍ରଙ୍କ ପାଇଁ ସରକାର ୩୫,୨୧୯ କୋଟି ଟଙ୍କା ୨୦୨୫-୨୬ ସୁଦ୍ଧା ବିନିଯୋଗ କରାଯିବ ବୋଲି ଜଣାପଡିଛି। ଏଥିରେ ଛାତ୍ରୀଛାତ୍ରମାନଙ୍କ ଲାଗି ସଂଯୁକ୍ତ ଆରବ ସହିତ ମିଶି ଦକ୍ଷତା ବିକାଶ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ। ଏହାଫଳରେ ସେମାନେ ରୋଜଗାରକ୍ଷମ ହୋଇପାରିବେ।

## ମହାକାଶ ବିଭାଗକୁ ୧୩,୯୪୯ କୋଟି

୨୦୨୧-୨୨ ବଜେଟରେ ମହାକାଶ ବିଭାଗକୁ ୧୩,୯୪୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେଥିରୁ ପୁଞ୍ଜି ବ୍ୟୟ ୮,୨୨୮ କୋଟି। ଏହା ପୂର୍ବବର୍ଷ ବଜେଟଠାରୁ ୪,୪୪୯ କୋଟି ଅଧିକ ହୋଇଥିବାବେଳେ ୨୦୧୯-୨୦ ବଜେଟ ତୁଳନାରେ ୯୦୦ କୋଟି ଟଙ୍କା ଅଧିକ। ଗତ ବଜେଟରେ ମହାକାଶ ବିଭାଗ ପାଇଁ ୧୩,୪୭୯.୪୭ କୋଟି ବ୍ୟୟବରାଦ ହୋଇଥିଲା। ପରେ ଏହାକୁ ୯,୫୦୦ କୋଟି ଟଙ୍କାକୁ କମାଇ ଦିଆଯାଇଥିଲା। ମହାକାଶ ବିଭାଗ ଅଧୀନରେ ନୂଆକରି ଗଢ଼ାଯାଇଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟୁ ସ୍ପେସ୍ ଇଣ୍ଡିଆ ଲିମିଟେଡ୍ (ଏନ୍‌ଏସ୍‌ଆଇଏଲ୍) ପାଇଁ ୭୦୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ନୂଆ ପିଏସ୍‌ୟୁ ପିଏସ୍‌ଏଲ୍‌ଭି-ସିଏସ୍୫୧ କାର୍ଯ୍ୟକାରୀ କରିବ। ବ୍ରାଜିଲରୁ ଆମାଜୋନିଆ ସାଟେଲାଇଟ୍ ଓ ଭାରତର ଅନ୍ୟ କେତେକ କ୍ଷୁଦ୍ର ଉପଗ୍ରହକୁ ଉକ୍ତ ରକେଟ ମହାକାଶକୁ ପଠାଇବ ବୋଲି ଅର୍ଥମନ୍ତ୍ରୀ କହିଥିଲେ। ରକେଟ ଆଦି ବିଭିନ୍ନ ମହାକାଶ ଉପକରଣର ଉତ୍ପାଦନ, ଟେକ୍ନୋଲୋଜି ସ୍ଥାନାନ୍ତର ଏବଂ ସ୍ପେସ୍ ଉତ୍ପାଦଗୁଡ଼ିକର ମାର୍କେଟିଂକୁ ବ୍ୟବସାୟୀକରଣ କରିବା ଲାଗି ରାଷ୍ଟ୍ରାୟତ୍ତ କମ୍ପାନୀ ଗଢ଼ାଯାଇଛି। ଭାରତର ମାନବଯୁକ୍ତ ମହାକାଶ ଅଭିଯାନ ଗଗନୟାନ ପାଇଁ ୪ ଭାରତୀୟ ମହାକାଶଚାରୀ ରୁଷିଆରେ ପ୍ରଶିକ୍ଷଣ ନେଇଛନ୍ତି। ପ୍ରଥମ ମାନବବିହୀନ ମହାକାଶ ଅଭିଯାନ ୨୦୨୧ ଡିସେମ୍ବରରେ ହେବ ବୋଲି ସୀତାରାମନ୍ କହିଥିଲେ। ୨୦୨୦ ଡିସେମ୍ବରରେ ଏହି ମିଶନ ହେବାକୁ ପୂର୍ବରୁ ଧାର୍ଯ୍ୟ ହୋଇଥିବାବେଳେ ମହାମାରୀ ଯୋଗୁ ସ୍ଥଗିତ ରହିଥିଲା।





## ସ୍ୱଚ୍ଛ ଭାରତ ୨.୦କୁ ୧,୪୧,୬୭୮ କୋଟି

ସ୍ୱଚ୍ଛ ଭାରତ ୨.୦ ପାଇଁ କେନ୍ଦ୍ର ସରକାର ୧,୪୧,୬୭୮ କୋଟି ଟଙ୍କା ବ୍ୟୟବରାଦ କରିଥିବା ଅର୍ଥମନ୍ତ୍ରୀ ସୋମବାର ଘୋଷଣା କରିଛନ୍ତି। ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସହରଗୁଡ଼ିକରେ ବାୟୁ ପ୍ରଦୂଷଣ ସମସ୍ୟାର ମୁକାବିଲା ପାଇଁ ୪୨ ଅର୍ବାନ ସେଣ୍ଟର ନିମନ୍ତେ ୨,୨୧୭ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସହରାଞ୍ଚଳଗୁଡ଼ିକର ସ୍ୱଚ୍ଛତା ପାଇଁ 'ସ୍ୱଚ୍ଛ ଭାରତ ଓ ସ୍ୱାସ୍ଥ୍ୟ ଭାରତ' ଯୋଜନାରେ ବର୍ଜ୍ୟ ଜଳ ପରିଚାଳନା ଓ ପାଇଖାନା ସେପ୍ଟି ଟାଙ୍କି ଆଦିରୁ ମଇଳା ସଂଗ୍ରହ ପରିବହନ ଓ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ୨୦୨୧ରୁ ୫ ବର୍ଷ ଲାଗି ସହରାଞ୍ଚଳ ସ୍ୱଚ୍ଛ ଭାରତ ମିଶନ ୨.୦ କାର୍ଯ୍ୟକାରୀ ହେବ ବୋଲି ଅର୍ଥମନ୍ତ୍ରୀ କହିଥିଲେ।

## ମିଶନ ପୋଷଣ ୨.୦

ଅନୁପୂରକ ପୋଷଣ କାର୍ଯ୍ୟକ୍ରମ ଏବଂ ପୋଷଣ ଅଭିଯାନର ମିଶ୍ରଣରେ ଦେଶରେ ମିଶନ ପୋଷଣ ୨.୦ ଆରମ୍ଭ ହେବାକୁ ଯାଉଛି। ଦେଶର ୧୧୨ ଜିଲାରେ ପୋଷଣ ଫଳାଫଳରେ ଉନ୍ନତି ଲାଗି ସ୍ୱତନ୍ତ୍ର କୌଶଳ ଅବଲମ୍ବନ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପାଇଁ ୨୪,୪୩୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ସେଥିରୁ ୨୦,୧୦୫ କୋଟି ଟଙ୍କା ସକ୍ଷମ ଅଙ୍ଗନୱାଡ଼ି ଏବଂ ପୋଷଣ ୨.୦ ପାଇଁ ରଖାଯାଇଛି। ପୋଷଣ ୨.୦ ଯୋଜନା ଅଧୀନରେ ସମନ୍ୱିତ ଶିଶୁ ବିକାଶ ସେବା, ପୋଷଣ ଅଭିଯାନ, ଅଙ୍ଗନୱାଡ଼ି ସେବା, କିଶୋରୀମାନଙ୍କ ଲାଗି ଯୋଜନା ଏବଂ ଜାତୀୟ କ୍ରେଚ୍ ଯୋଜନା ରହିବ।

**ତ୍ରିନାଥ ସେବା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ**

ଜୟପୁର,(ନି.ପ୍ର.)-ଜୟପୁର ତ୍ରିନାଥ ସେବା ପରିଷଦ ପକ୍ଷରୁ ସୋମବାର ଏକ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସହ ସଂଯୋଜକ ଖଗେଶ୍ୱର ଦାସଙ୍କୁ ସମ୍ମାନିତ କରାଯାଇଥିଲା। ପରିଷଦ ସଭାପତି ପରେଶ ରଥଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ସହ ଅଭିଯାନ ପ୍ରମୁଖ କାହ୍ନୁ ଗନ୍ତାୟତ, ନିଧି ପ୍ରମୁଖ ଦୁର୍ଗା ଦାସ, ବୁଲୁ ମିଶ୍ର, ସତ୍ୟ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଶ୍ରଦ୍ଧାନିଧି ସଂଗ୍ରହ ସଚେତନତା କାର୍ଯ୍ୟକ୍ରମ ପାଇଁ କୋରାପୁଟ ଜିଲା ଦାୟିତ୍ୱରେ ଦାସ ରହିଥିଲେ। ଏହି ଅବସରରେ ସଂଗୃହୀତ ୬ହଜାର ୮ଶହ ଟଙ୍କା ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରକୁ ଦାନ କରାଯାଇଥିଲା। କୋରାପୁଟର ସଂସ୍କୃତି ମହାନ୍ ଭଗବାନ ଶ୍ରୀରାମ ଏହି ଅଞ୍ଚଳ ଦେଇଯାଇଥିଲେ। ରାମଗିରି, ସୀତାକୁଣ୍ଡ, ଆମାକୁଣ୍ଡ, ପଞ୍ଚବଟୀ ବନାଞ୍ଚଳ ଏହାର ପ୍ରମାଣ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସମ୍ପାଦକ ଲକ୍ଷ୍ମୀକାନ୍ତ ମିଶ୍ର ପରିଚାଳନା ଓ ଦେବାଶିଷ ମହାପାତ୍ର ଅତିଥି ପରିଚୟ ଦେଇଥିଲେ।

## ସଂକ୍ଷେପରେ

### ଆଇନଜୀବୀଙ୍କ ମୃତ୍ୟୁରେ ଓକିଲଙ୍କ କାର୍ଯ୍ୟବନ୍ଦ

ରାୟଗଡ଼ା ଅଫିସ/ଗୁଣୁପୁର, ୧।୨ (ଡି.ଏନ୍.ଏ.)- ବରିଷ୍ଠ ଆଇନଜୀବୀ ପ୍ରତାପ ଚନ୍ଦ୍ର ଦାସଙ୍କର କରୋନାରେ ମୃତ୍ୟୁ ହୋଇଯାଇଛି। ଏହାପରେ ଓକିଲ ସଂଘ କାର୍ଯ୍ୟବନ୍ଦ କରିଛି। ସଂଘ ସଭାପତି ବ୍ରଜସୁନ୍ଦର ନାୟକଙ୍କ ଅଧକ୍ଷତାରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ନୀରବ ପ୍ରାର୍ଥନାର ଆୟୋଜନ କରାଯାଇଥିଲା। ଜିଲା ଜଜ୍ ଚିତ୍ତରଞ୍ଜନ ଦାସ, ପରିବାର ଅଦାଲତ ଜଜ୍ ଆଶିଷ କୁମାର ତ୍ରିପାଠୀ, ଆଇନଜୀବୀ ଭି.ଏସ୍.ରାଜୁ, ମହେଶ୍ୱର ମହାପାତ୍ର, ରାମପ୍ରସାଦ ପାତ୍ର, ବିରଜା ପ୍ରସାଦ ପାତ୍ର, ଶୁଭ୍ରା ପଣ୍ଡା, କୁମାର ସ୍ୱାମୀଙ୍କ ସମେତ ଓକିଲମାନେ ଉପସ୍ଥିତ ଥିଲେ। ଗୁଣପୁର ଓକିଲ ସଂଘ ମଧ୍ୟ ଶୋକବ୍ୟକ୍ତ କରିଛି। ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ଅଧକ୍ଷତାରେ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ସମ୍ପାଦକ ରମେଶ ଲିମାଙ୍କ ସମେତ ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ, ଦୁର୍ଗା ପ୍ରସାଦ ମଣିପାତ୍ର, ରାଜେନ୍ଦ୍ର ପ୍ରସାଦ ସାହୁ, କୃଷ୍ଣ ସେନାପତି, ଗଣେଶ ପଣ୍ଡା, ଇଶ୍ୱର ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

### ୪୦ ଲିଟର ମଦ ଜବତ, ୧ ଗିରଫ

ଝରିଗାଁ, ୧।୨(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ପୋଲିସ ସାହାଜଭଣ୍ଡା ଜଙ୍ଗଲରେ ଚଢ଼ାଉ କରି ସେଠାରେ ରନ୍ଧା ଯାଉଥିବା ଦେଶୀମଦ ନଷ୍ଟ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଚିକିଲି ଗ୍ରାମର ସତ୍ୟନାରାୟଣ ଗୌଡ଼(୩୬)। ପ୍ରକାଶ ଯେ, ଜଙ୍ଗଲରେ ନଦୀକୂଳ ପାଖରେ ଦେଶୀ ମଦ ରନ୍ଧାଯାଉଥିବା ପୋଲିସ ଖବରପାଇ ସେଠାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ୩ଶହ ଲିଟର ପୋଚ ନଷ୍ଟ କରିବା ସହ ୪୦ ଲିଟର ଦେଶୀମଦ ଜବତ କରି ସତ୍ୟନାରାୟଣଙ୍କୁ ଗିରଫ କରିଥିବା ଥାନାଧିକାରୀ ଉମେଶ ସାହୁ କହିଛନ୍ତି।

### ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସିସିଆର୍‌ଟି ତାଲିମ

ଚିତ୍ରକୋଣ୍ଡା,୧।୨(ଡି.ଏନ୍.ଏ.)- ମାଲକାନଗିରି ଶିକ୍ଷା ଜିଲା ଆନୁକୂଲ୍ୟରେ ଚିତ୍ରକୋଣ୍ଡା ବ୍ଲକର ଟେମ୍ପରାରି କଲୋନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଚିତ୍ରକୋଣ୍ଡା ଓ ଦୋରାଗୁଡ଼ା ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସିସିଆର୍‌ଟି ତାଲିମ ପ୍ରଦାନ କରାଯାଇଛି। ବିଇଓ ଗାୟତ୍ରୀ ଦେବୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ରୂପେ ସାମାଜିକ କର୍ମୀ ରତ୍ନପର୍ଣ୍ଣା ମହାନ୍ତି ଏବଂ ଡାକ୍ତର ଅଞ୍ଜଳି ମହାନ୍ତି ଯୋଗଦେଇଥିଲେ। ସିସିଆର୍‌ଟିର ନୂଆଦିଲ୍ଲୀରୁ ତାଲିମପ୍ରାପ୍ତ ବିଇଓ ଏବଂ ସୁରେଶ ବେହେରା ତାଲିମ ଦେଇଥିଲେ। ପିଲାମାନଙ୍କୁ ହସ୍ତକଳା ମାଧମରେ ଶିକ୍ଷାଦାନ, ବିଦ୍ୟାଳୟରେ ପାଠପଢ଼ା ପ୍ରତି ଛାତ୍ରୀଛାତ୍ରଙ୍କ ମଧରେ ଆଗ୍ରହ ସୃଷ୍ଟି, ସରଳ, ସୁବିଧା ଓ କମ୍ ସମୟରେ କିପରି ବିଭିନ୍ନ ଚିତ୍ରକଳା ପ୍ରଦର୍ଶିତ ହୋଇପାରିବ ସେନେଇ ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୋଷ୍ଠୀଗତ ଭାବରେ ୪ଟି ଦଳରେ ବିଭକ୍ତ ହୋଇ ତାଲିମ ନେଇଥିଲେ। ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସେଠୀ, ସହକାରୀ ଶିକ୍ଷୟିତ୍ରୀ ରୀତା ମହାରଣା ପରିଚାଳନା କରିଥିଲେ।

### ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ,୩ ଗିରଫ

ବୈପାରିଗୁଡା,୧।୨ (ଡି.ଏନ୍.ଏ.)- ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବୈପାରୀଗୁଡା ପୋଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏଠାରୁ ୨ କିମି ଦୂର ମାଲକାନାଗିରି ରାସ୍ତାର ଲକ୍ଷ୍ମୀପୁର ଛକରେ ଗାଡିମୋଟର ଯାଞ୍ଚ ବେଳେ ଏକ ପିକ୍‌ଅପ ଭ୍ୟାନରୁ (ଓଡି୧୦ ଇ ୪୬୪୫ ) ୧ କୁଇଣ୍ଟାଲ ୯୩ କେଜି ଗଞ୍ଜେଇ ମିଳିଥିଲା ବୋଲି ଥାନା ଅଧିକାରୀ ରଘୁରାମ ମାଝି କହିଛନ୍ତି। କେସ୍‌ନଂ. ୨୧/୨୧।

# ବିଦ୍ୟାଳୟ ସ୍ଥାନାନ୍ତରକୁ ଗ୍ରାମବାସୀଙ୍କ ବିରୋଧ

ମାଲକାନଗିରି,୧।୨ (ଡି.ଏନ୍.ଏ.)



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

ଚଳିତବର୍ଷ ୧୫ରୁ କମ୍ ଛାତ୍ରୀଛାତ୍ର ଅଧୟନ କରୁଥିବା ବିଦ୍ୟାଳୟଗୁଡିକରୁ ଛାତ୍ରୀଛାତ୍ରଙ୍କୁ ସ୍ଥାନାନ୍ତର କରାଯାଇ ନିକଟସ୍ଥ ବିଦ୍ୟାଳୟରେ ପାଠ ପଢିବା ଲାଗି ବ୍ୟବସ୍ଥା କରିବାକୁ ନିୟମ ହୋଇଛି। ଏହି ଅନୁସାରେ ମାଲକାନଗିରି ଜିଲାରେ ୧୪୦ଟି ବିଦ୍ୟାଳୟ ଛାତ୍ରୀଛାତ୍ର ସ୍ଥାନାନ୍ତର ହେବେ। ଏପରିସ୍ଥଳେ କାଲିମେଳା ବ୍ଲକ ଏମ୍‌ଭି-୯୮ ଗ୍ରାମବାସୀ ଚିତ୍ରାଙ୍ଗପାଲି ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର ନ କରିବାକୁ ସୋମବାର ଜିଲାପାଳଙ୍କୁ ଲିଖିତ ରୂପେ ଜଣାଇଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ଚିତ୍ରାଙ୍ଗପାଲି ପଞ୍ଚାୟତର ଏହି ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୨୬ ଜଣ ଛାତ୍ରୀଛାତ୍ର ରହିଛନ୍ତି। ୪୮ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ବିଦ୍ୟାଳୟ ଏଠାରେ ରହିଛି। ଏଠାରୁ ୪ କି.ମି. ଦୂରରେ ଥିବା ସୁପାଲୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଆସିଛି। ଏଠାରେ ନିୟମ ଅନୁଯାୟୀ ୨୬ ଛାତ୍ରୀଛାତ୍ର ଥିବା ବେଳେ ୧୫ ଜଣ ରହିଥିବା କିପରି ଦର୍ଶାଯାଇଛି ବୋଲି ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏହି ନିଷ୍ପତ୍ତିକୁ ସେମାନେ ବିରୋଧ କରି ଚଳିତବର୍ଷ ଏହି ବିଦ୍ୟାଳୟର ଛାତ୍ରୀଛାତ୍ର

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ସଂଖ୍ୟା ୩୧କୁ ବୃଦ୍ଧି ପାଇଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ, ଓ କାଲିମେଳା ବିଡିଓଙ୍କୁ ଲିଖିତ ରୂପେ ସେମାନେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନ ନେଲେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ତହସିଲଦାରଙ୍କୁ ଦାବିପତ୍ର ଦେଲେ ଆର୍‌ଆଇ, ଏଆର୍‌ଆଇ

ତେନ୍ତୁଳିଖୁଣ୍ଟି, ୧।୨(ଡି.ଏନ୍.ଏ.)



ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଆର୍‌ଆଇ ଓ ଏଆର୍‌ଆଇମାନେ।

ଜଗତ୍‌ସିଂହପୁର ଜିଲା ବାଲିକୁଦା ଆର୍‌ଆଇଙ୍କୁ ମାଡ଼ ଘଟଣାକୁ ନିନ୍ଦା କରିଛି ରାଜ୍ୟ କ୍ଷେତ୍ର କର୍ମଚାରୀ ସଂଘ। ସଂଘର ନିଷ୍ପତ୍ତିକ୍ରମେ

- ବାଲିକୁଦା ରାଜସ୍ୱ ନିରୀକ୍ଷକଙ୍କୁ ମାଡ଼ପ୍ରତିବାଦ
- କଳାବ୍ୟାଜ୍ ପିନ୍ଧି ଧାରଣା

ସୋମବାରଠାରୁ ତେନ୍ତୁଳିଖୁଣ୍ଟିରେ କାର୍ଯ୍ୟରତ ଆର୍‌ଆଇ ଓ ଏଆର୍‌ଆଇମାନେ କଳାବ୍ୟାଜ୍ ପିନ୍ଧି ଧାରଣ ଦେବା ସହ ଏକ ସ୍ମାରକପତ୍ର ତହସିଲଦାର ପ୍ରଦୀପ କରଙ୍କୁ ପ୍ରଦାନ କରିଛନ୍ତି। ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ କଳାବ୍ୟାଜ୍ ଧାରଣ କରିବେ ବୋଲି ଜଣାଇଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ମୁରଲୀଧର ସ୍ୱାଇଁ, ଜାଭେଦ ଅଖତର, ସୁଦର୍ଶନ ଭତ୍ରା, ଶଙ୍କର ବିଶୋଇ, ବାବୁଲା ଭତ୍ରା, ବଳରାମ ହରିଜନ, ସୁମିତ ଚନ୍ଦନ ଭୂଷଣ, ସନ୍ତୋଷ ଗରଡ଼ା ପ୍ରମୁଖ ଉପସ୍ଥିତ ଥିଲେ। କ୍ଷେତ୍ରରେ କାର୍ଯ୍ୟ ବେଳେ ସୁରକ୍ଷା ସୁନିଶ୍ଚିତ କରିବାକୁ ସେମାନେ ଦାବି କରିଛନ୍ତି।

# କୋଟପାଡରେ ମୃତଦେହ ବ୍ୟବଚ୍ଛେଦ

କୋଟପାଡ଼,୧।୨(ଡ଼ି ଏନ ଏ)



ଜଗଦଲପୁର ବିଧାୟକ ରେକଚାନ୍ଦ ଜେନ ମୃତକଙ୍କ ପରିବାର ଲୋକଙ୍କୁ ସହାୟତା ରାଶି ଦେଉଛନ୍ତି।

କୋରାପୁଟ ଜିଲା କୋଟପାଡ଼ ମୂର୍ତ୍ତାହାଣ୍ଡି ପଞ୍ଚାୟତର ପୂର୍ତ୍ତ ବିଭାଗ ରାସ୍ତାରେ ରବିବାର ସନ୍ଧ୍ୟା ୮ଟାରେ ଘଟିଥିବା ସଡ଼କ ଦୁର୍ଘଟଣାରେ ୯ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୧୩ ଜଣ ଗୁରୁତର ଆହତ ହୋଇଥିଲେ। ଆହତମାନଙ୍କୁ ଛତିଶଗଡ଼ ଜଗଦଲପୁରର ଡୁମୁରିପାଲ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ଜଗଦଲପୁରଠାରୁ ୧୦କି.ମି.ଦୂର କୋଲଚା ଗ୍ରାମର ସମସ୍ତ ବ୍ୟକ୍ତି ହୋଇଥିବା ଜଣାପଡିଛି। ସେମାନେ ବେଳେ ମୂର୍ତ୍ତାହାଣ୍ଡି ଗ୍ରାମକୁ ଜଣେ ସମ୍ପର୍କୀୟଙ୍କ ଏକ ଦଶାହ କାର୍ଯ୍ୟରେ ଯୋଗଦେଇ ଏକ ପିକଅପ୍ ଭ୍ୟାନରେ ଫେରୁଥିଲେ। ଏହି ସମୟରେ ସିନ୍ଧୁଗାଁ-ମୂର୍ତ୍ତାହାଣ୍ଡି ରାସ୍ତାରେ ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରେ କୋଲଚା ଗ୍ରାମର ଫୁଲ ଭତରା, ଲାକ୍ଷ୍ମୀ କାଶ୍ୟପ, ପାର୍ବତୀ କାଶ୍ୟପ, ନୀଳ ଭଗେଲ, ଲାକମି କାଶ୍ୟପ, ଜୁଣ୍ଡି ବଗେଲ, ପଦ୍ମା ଭତରା, ଆସମତି ଭାତରା ଓ ନିଲା ଭଗେଲ ରହିଛନ୍ତି। ଏଯାଏ ଆହତଙ୍କ ପରିଚୟ ମିଳିପାରି ନାହିଁ। ସମସ୍ତେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତ ୯ ମହିଳାଙ୍କ ମୃତଦେହ କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୋମବାର ଜଗଦଲପୁର ବିଧାୟକ ରେକଚାନ୍ଦ ଜେନ ଓ ପ୍ରଶାସନିକ ଅଧିକାରୀ ଡ଼ି.ଏମ. କୋଟପାଡ଼ରେ ପହଞ୍ଚିଥିଲେ। ବୋରିଗୁମା ଏସଡ଼ିପିଓ ହରେକୃଷ୍ଣ ମାଝି, କୋଟପାଡ଼ ଆଇଆଇସି ଉଲ୍ଲାସ ମାଝି,ତହସିଲଦାର ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ପ୍ରମୁଖଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମୃତକଙ୍କ ପରିବାରର୍ଗଙ୍କୁ ୧୦ ହଜାର ଲେଖାଏ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜଗଦଲପୁର ବିଧାୟକ ନିଜ ପାଣ୍ଠିରୁ ମୃତ

**ସଡ଼କ ଦୁର୍ଘଟଣାରେ ୯ଜଣଙ୍କ ମୃତ୍ୟୁ ଘଟଣା**

ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବା ସହ ମୃତଦେହ ସତ୍କାର ସକାଶେ ୧୦ହଜାର ଲେଖାଏ ଦେଇଛନ୍ତି। ଆହତଙ୍କ ଚିକିତ୍ସା ଲାଗି ୫୦ହଜାର ସହାୟତା ଦେବାକୁ ଘୋଷଣା କରିଛନ୍ତି। ସୋମବାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝି, ହସ୍ତତନ୍ତ୍ର ବୟନ ଶିଳ୍ପ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକା ପଦ୍ମିନୀ ଦିଆନ ସମ୍ପୃକ୍ତ ପରିବାର ବର୍ଗଙ୍କନିକଟରେ ପହଞ୍ଚି ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ। ଖବର ଲେଖା ହେବା ବେଳକୁ କୋଲଚା ଗ୍ରାମରେ ସମସ୍ତ ମୃତକଙ୍କ ମୃତଦେହ ସତ୍କାର ହୋଇଥିବା ଜଣାପଡ଼ିଛି। ଏହାକୁ ନେଇ କୋଟପାଡ଼ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

# ତଦନ୍ତ ପାଇଁ ପହଞ୍ଚିଲେ କ୍ରାଇମ ବ୍ରାଞ୍ଚ ଟିମ୍

ମାଲକାନଗିରି,୧।୨(ଡି.ଏନ୍.ଏ.)- ଡିସେମ୍ବର ୨୦୧୯ରେ ତ୍କାଳୀନ ମାଲକାନଗିରି ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁ ରହସ୍ୟ ଖୋଲିବା ପାଇଁ ସୋମବାର କ୍ରାଇମବ୍ରାଞ୍ଚର ଏକ ଟିମ୍ ଭୁବନେଶ୍ୱରରୁ ଆସି ତଦନ୍ତ ଆରମ୍ଭ କରିଛନ୍ତି। ଏହି



ତିନିଜଣିଆ ଟିମ୍ ମାଲକାନଗିରି ସଦର ମହକୁମାସ୍ଥିତ ପଣ୍ଡାଙ୍କ ଘରକୁ ଯାଇ ତାଙ୍କ

**ଦେବନାରାୟଣ ପଣ୍ଡା ମୃତ୍ୟୁ ମାମଲା**

ସ୍ତ୍ରୀ ବନଜା ପଣ୍ଡାଙ୍କ ସହ ଆଲୋଚନା କରି ବିଭିନ୍ନ ନଥିପତ୍ର ଯାଞ୍ଚ କରିଥିଲେ। ସ୍ୱର୍ଗତ ପଣ୍ଡାଙ୍କ ମୃତ୍ୟୁର କିଛି ମାସ ପରେ ବନଜା ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଦାବି କରି ତାଙ୍କ ନାମରେ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ମାମଲାର ତଦନ୍ତରେ ବିଳମ୍ବ ଯୋଗୁ ସେ ଆଉ ଏକ ମାମଲା ମାଲକାନଗିରି ଏସ୍‌ପିଙ୍କ ସମେତ ୫ଜଣ ପୋଲିସ କର୍ମଚାରୀଙ୍କ ନାମରେ କରିଥିଲେ। ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ ଦ୍ୱାରା କରିବାକୁ ସେ ଦାବି କରିଥିଲେ।

## ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ

ଜୟପୁର,୧।୨(ନି.ପ୍ର.)

ଜୈବିକ ପ୍ରକ୍ରିୟାରେ ଚାଷକରି ଲୋକଲୋଚନକୁ ଆସିଥିବା ପଦ୍ମଶ୍ରୀ କମଳା ପୂଜାରୀ ନିଜ ବାସଗୃହରେ ଏକ ମାସ ଧରି ଅସୁସ୍ଥ ରହିବା ପରେ ସୋମବାର ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ଉଚ୍ଚ ରକ୍ତଚାପ ଯୋଗୁ ଗୁରୁତର ହୋଇପଡିବାରୁ ତାଙ୍କୁ ଅପରାହ୍ଣରେ ତାଙ୍କ ପୁଅ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ତାଙ୍କୁ ଏକ ସ୍ୱତନ୍ତ୍ର କ୍ୟାବିନରେ ରଖି ଚିକିତ୍ସା କରାଯାଉଥିବା ଡାକ୍ତର ଆର.ଏନ ମିଶ୍ର କହିଛନ୍ତି। ସେ ଚିକିତ୍ସାଳୟରେ ଭର୍ତ୍ତି ହେବା ସମୟରେ ତାଙ୍କର ରକ୍ତଚାପ ଅଧିକ ଥିଲା। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଛି। ଗୋଟିଏ ଦିନ ଡାକ୍ତରଖାନାରେ ଅବଜରଭେଶନରେ ରହିବା ପରେ ମଙ୍ଗଳବାର ତାଙ୍କୁ ଏଠାରୁ ଛଡାଯିବ ବୋଲି ଡାକ୍ତର ମିଶ୍ର କହିଛନ୍ତି।

## ୪୮ ବସ୍ତା ଗଞ୍ଜେଇ ଜବତ: ୮ ଗିରଫ

ମାଲକାନଗିରି,୧।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଏମ୍.ଭି ୭୯ ଥାନା ଅଞ୍ଚଳରୁ ୪୮ ବସ୍ତା ପ୍ରାୟ ୧ କୁଇଣ୍ଟାଲ ୪୧୧ କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୮ଜଣଙ୍କୁ ଗିରଫ କରାଯାଇଥିବା ସୋମବାର ମାଲକାନଗିରି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ରବିବାର ରାତିରେ ଏମ୍‌ଭି- ୭୯ ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏମ୍.ଭି ୭୨ ଗ୍ରାମ ଆଡ଼ରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରାକ୍ଟରକୁ ଦେଖି ଅଟକାଇଥିଲେ। ଟ୍ରାକ୍ଟର ନ ଅଟକି ଦ୍ରୁତଗତିରେ ଚାଲି ଯାଇଥିଲା। ଏହାକୁ ପିଛା କରି ପୋଲିସ ଧରିବାରେ ସକ୍ଷମ ହୋଇଥିଲା। ମୋଟସାଇକେଲରେ ସୁରକ୍ଷା ଦେଇ ଯାଉଥିବା ଏବଂ ଟ୍ରାକ୍ଟରରୁ ୪ଜଣଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ କାଲିମେଳା ଥାନାର ଜଣେ ହୋମଗାର୍ଡ ଏଥିରେ ସମ୍ପୃକ୍ତ ଥିବା ଜାଣି ତାଙ୍କୁ ମଧ୍ୟ ପୋଲିସ ଗିରଫ କରାଯାଇଛି। ଏଥିସହ ଏକ କାରରେ ୩ଜଣ କସ୍ତୁରୀ ମୃଗ ଧରି ଯାଉଥିବା ବେଳେଯାଞ୍ଚ ବେଳେ ଧରାପଡିଛନ୍ତି। ସେମାନଙ୍କୁ ଗିରଫ କରାଯାଇଛି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ ନୂତନ ବିଡିଓ

ତେନ୍ତୁଳିଖୁଣ୍ଟି, ୧।୨(ଡି.ଏନ୍.ଏ.)

ତେନ୍ତୁଳିଖୁଣ୍ଟିର ନୂତନ ବିଡିଓ ଭାବେ ପଦ୍ମନାଭ ବେହେରା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ତେନ୍ତୁଳିଖୁଣ୍ଟିରେ ଏବିଡିଓଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟଭାର ଗ୍ରହଣ କରିବା ପରେ ବିଡିଓ ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ବିଭାଗ, ମଙ୍ଗଳ ବିଭାଗ, ଶିଶୁ ବିକାଶ ବିଭାଗର ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା କରିଥିଲେ। ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମନ୍ଥରତା ନେଇ ବିଗିଡ଼ିଥିଲେ। ଉନ୍ନୟନ ବିଭାଗର କାର୍ଯ୍ୟ ମଧ୍ୟ ଅନ୍ୟ ବ୍ଲକ ତୁଳନାରେ ମନ୍ଥର ଗତିରେ ଚାଲୁଛି ବୋଲି ମତ ରଖିଥିଲେ। ୫-ଟିକୁ ଠିକ୍‌ଭାବେ ପାଳନ କରିବାକୁ ସେ ମତ ଦେଇଥିଲେ। ପ୍ରକାଶ ଯେ, ତେନ୍ତୁଳିଖୁଣ୍ଟି ବ୍ଲକର ପୂର୍ବତନ ବିଡିଓ ଅକ୍ଷମିତା କାର୍ତ୍ତିକଙ୍କୁ କୋଷଗୁମୁଡ଼ା ବଦଳି କରାଯାଇଛି। ଏହାପରେ ଏବିଡିଓ ପଦ୍ମନାଭ ତ୍ରିପାଠୀଙ୍କୁ ତେନ୍ତୁଳିଖୁଣ୍ଟି ବିଡିଓ ଦାୟିତ୍ୱ ନେବାକୁ ଜିଲାପାଳ ଅଜିତ ମିଶ୍ର ଆଦେଶ ଦେଇଥିଲେ। ରବିବାର ଅକ୍ଷମିତା କାର୍ତ୍ତିକ ତେନ୍ତୁଳିଖୁଣ୍ଟିରୁ ରିଲିଭ ହେବାପରେ ପଦ୍ମନାଭ ବିଡିଓ ଦାୟିତ୍ୱ ନେଇଥିଲେ।

## ଧାନବସ୍ତା ରଖି ୪ଘଣ୍ଟା ରାସ୍ତାରୋକୋ



ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

ନବରଙ୍ଗପୁର/ପାପଡାହାଣ୍ଡି , ୧।୨(ବି.ପ୍ର./ ଡି.ଏନ୍.ଏ.)

ମଣ୍ଡିରୁ ଧାନ ଉଠୁନି। ଫଳରେ ଚାଷୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ବିରୋଧରେ ପାପଡାହାଣ୍ଡିରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ସୋମବାର ଚାଷୀମାନେ ଧାନବସ୍ତା ରଖି ୪ଘଣ୍ଟା ପାପଡାହାଣ୍ଡି-କୋଷାଗୁମୁଡା ରାସ୍ତାରୋକୋ କରିଛନ୍ତି। ଫଳରେ ଯାତାୟତରେ ବାଧା ଦେଖାଦେଇଥିଲା। ୧୫ଦିନରୁ ଅଧିକ ଦିନ ହେବ ମୋକିଆ ମଣ୍ଡିରେ ଧାନ ପଡିଥିଲା।

**ଆନ୍ଦୋଳନ ପରେ ଉଠିଲା ଧାନ**

ଏହାଛଡ଼ା ମିଲର୍ସମାନେ କୁଇଣ୍ଟାଲ ଧାନରେ ପ୍ରାୟ ୪ କିଲୋ କଟେଣୀଛାଟେଣୀ କରି ନେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ଚାଷୀମାନେ ରାସ୍ତାରୋକୋ କରିଥିଲେ। ମଣ୍ଡିରୁ ଧାନ ନ ଉଠିବା ପର୍ଯ୍ୟନ୍ତ ରାସ୍ତାରୋକୋ କରାଯିବ ବୋଲି ଚାଷୀ କହିଛନ୍ତି। ଖବରପାଇ ଲ୍ୟାମ୍ପସ ଓ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ବୁଝାଶୁଝା କରିବା ପରେ ରାସ୍ତାରୋକ ହଟଇଥିଲା। ମଣ୍ଡିରୁ କେତେଜଣ ଚାଷୀଙ୍କ ଧାନ ମଧ୍ୟ ଉଠିଛି।

## ଗ୍ରାମବାସୀ ନିଜ ଉଦ୍ୟମରେ ରାସ୍ତା ମରାମତି କଲେ

କୋରାପୁଟ,୧।୨(ସ୍ୱ.ପ୍ର.)

କୋରାପୁଟ ସଦର ବ୍ଲକ ଅନ୍ତର୍ଗତ ମଣ୍ଡିପୁଟ ପଞ୍ଚାୟତର ବଣ୍ଡାଗୁଡ଼ା ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ଗ୍ରାମ ରାସ୍ତାକୁ ମରାମତି କରିଛନ୍ତି। ଦୀର୍ଘ ମାସ ହେଲା ଗ୍ରାମରାସ୍ତା ଶୋଚନୀୟ ହୋଇପଡିଛି। ଏହାର ମରାମତି ପାଇଁ ଅନେକ ଥର ବ୍ଲକ ପ୍ରଶାସନଠାରୁ ଆରମ୍ଭକରି ଜିଲା ପ୍ରଶାସନକୁ ଜଣାଇଥିଲେ ମଧ ଏହି ରାସ୍ତାର ମରାମତି ନ ହେବାରୁ ରବିବାର ଗ୍ରାମବାସୀ ଉକ୍ତ ରାସ୍ତା ମରାମତି ପାଇଁ ଅଣ୍ଟା ଭିଡିଥିଲେ। ଗ୍ରାମର ଯୁବବର୍ଗ ରାସ୍ତା ମରାମତି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ବଣ୍ଡାଗୁଡା ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ଜନଜାତି ପରିବାରର ୩୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଏହି ଗ୍ରାମର ଆଦିବାସୀ ସାହିରୁ ଅନୁସୂଚିତ ଜାତିର ବସ୍ତି ମଧ୍ୟରେ ଦୂରତା ହେଉଛି ୮୦୦ ମିଟର। ଏହି ରାସ୍ତା ମାଟି ରାସ୍ତା ରହିଛି । ଚଳିତ ବର୍ଷ ପ୍ରବଳ ବର୍ଷାରେ ରାସ୍ତା ଧୋଇହୋଇ ଖାଲଖମା ହୋଇଯାଇଥିଲା । ଏନେଇ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏପରିକି ଜାନୁୟାରୀ ୨୬ରେ ଗ୍ରାମବାସୀ ଗ୍ରାମସଭାରେ ଉପସ୍ଥିତ ସରକାରୀ କର୍ମଚାରୀଙ୍କୁ ମଧ୍ୟ ରାସ୍ତା ମରାମତି ନେଇ ଜଣାଇଥିଲେ । ଶେଷରେ ରବିବାର ଗ୍ରାମର ୱାର୍ଡମେମ୍ବର ମଦନମୋହନ ଖରାଙ୍କ ନେତୃତ୍ୱରେ ପିଣ୍ଟୁ ଚେଙ୍ଗି, ବଳରାମ ଖରା, ଶିଶିର କୁମାର ଖରାଙ୍କ ସମେତ ବହୁ ଗ୍ରାମବାସୀ ରାସ୍ତାର ଖାଲଖମାରେ ମାଟି ପକାଇ ସମତଳ କରି ରାସ୍ତା ନିର୍ମାଣ କରିଛନ୍ତି। ଗ୍ରାମବାସୀଙ୍କ ଏପରି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।



ଗ୍ରାମବାସୀ ମାଟି ପକାଇ ରାସ୍ତା ନିର୍ମାଣ କରୁଛନ୍ତି।

## ୩ କି.ମି. ରାସ୍ତା ନିର୍ମାଣ ନେଇ ବିତିଲାଣି ୫ବର୍ଷ

ଜୟପୁର,୧।୨ (ନି.ପ୍ର.)

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ କେନ୍ଦୁପଡ଼ା ରାସ୍ତାର ବୀରଖମ୍ବ ମନ୍ଦିର ନିକଟରୁ ଝିଡ଼ିଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଦାବି ହୋଇଛି। ଏହି ୩ କି.ମି. ରାସ୍ତା ନିର୍ମାଣ ପାଇ ଦୀର୍ଘ ୫ ବର୍ଷ ହେଲା ଦାବି, ଆନ୍ଦୋଳନ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ନୀରବ ରହିଛି । ଏନେଇ ଏବେ ଗ୍ରାମବାସୀ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହା ରାସ୍ତା ଉପରେ ଝିଡ଼ିଗୁଡ଼ା, ପଟ୍ରୋଗୁଡ଼ା ଓ ଦୋରାପୁଟ ଗ୍ରାମର ପ୍ରାୟ ୧ ହାଜରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି । ବର୍ଷାଦିନରେ ଉକ୍ତ ରାସ୍ତାଟି ପାଣିକାଦୁଅରେ ଭର୍ତ୍ତି ହୋଇଯାଉଛି । ୫ ବର୍ଷ ଧରି ରାସ୍ତା ନିର୍ମାଣ ପାଇଁ ବିଡିଓଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ଯାଏ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପ୍ରଶାସନ କିଛିପଦକ୍ଷେପ ନେଇ ନାହିଁ। ସୂଚନାଯୋଗ୍ୟ, ଏହି ରାସ୍ତା ନେଇ ବୈପାରିଗୁଡ଼ା ବ୍ଲକବାସୀ ଦୁଇ ଥର ଆନ୍ଦୋଳନ କରିଛନ୍ତି ।

# ଚାଷୀଙ୍କ ସମସ୍ୟାର ସମାଧାନ କରାଯାଉ

ରାଇଘର, ୧।୨(ଡି.ଏନ୍.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଭାଜପା ସୋମବାର ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ବିରୋଧ କରିଛି। ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୩ ଲକ୍ଷ ମୂଲ୍ୟର ଗୋଟିଏ କୋଠାଘର ଉଦ୍‌ଘାଟନ ପାଇଁ ହେଲିକେପ୍ଟର ଆସି ଏତେ ଅର୍ଥ ଖର୍ଚ୍ଚ କରିବାକୁ ବିରୋଧ କରିଛନ୍ତି। ଏଥିସହ ସ୍ଥାନୀୟ ଅଞ୍ଚଳରେ କେବେ ମକା ମଣ୍ଡି ଖୋଲିବ, ଚାଷୀଙ୍କୁ ଧାନ ବିକ୍ରି ଟୋକୋନ କେବେ ମିଳିବ ସେ ସମ୍ପର୍କରେ ପ୍ରଶ୍ନ କରିଛନ୍ତି। ସେହିପରି ଅନେକ ଅସୁବିଧାରେ ସ୍ଥାନୀୟ ଚାଷୀ ହନ୍ତଶନ୍ତ

**ଭାଜପାର ଖବରଦାତା ସମ୍ମିଳନୀ**

ହେଉଛନ୍ତି ତାହାର ସମାଧାନ କେବେ ହେବ ବୋଲି ଭାଜପା ନେତାମାନେ ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରାଇଘର ଜିଲା ପରିଷଦ ସଭ୍ୟ ସୁଦର୍ଶନ ମାଝୀ, ବିଧାୟକ ପ୍ରତିନିଧି ବି.କେ.ବାନାର୍ଜୀ, ରାଜ୍ୟ ଯୁବମୋର୍ଚ୍ଚା କୋଷାଧକ୍ଷ ସନ୍ତୋଷ ମହାପାତ୍ର ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତା।

# ଶୁକ୍ରିଗୁଡ଼ା: ଚୁଆପାଣିରେ ଯେଉଁଠି ଜୀବନ ବଞ୍ଚେ

କୋରାପୁଟ, ୧।୨(ସ୍ୱ.ପ୍ର.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ମୁଜାଙ୍ଗା ପଞ୍ଚାୟତର ଶୁକ୍ରିଗୁଡା ଗ୍ରାମର ଗାଦବା ସାହି ଲୋକେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅବସ୍ଥା ଭୋଗୁଛନ୍ତି। ଏଠାରେ ୧୬ଟି ଆଦିବାସୀ କନ୍ଧ ସମ୍ପ୍ରଦାୟର ପରିବାର ସବୁ କ୍ଷେତ୍ରରେ ଅବହେଳିତ ହୋଇ ରହିଛନ୍ତି। ଏଯାଏ ସେମାନଙ୍କୁ ଗୋଟିଏ ପକ୍କାଘର ମଧ୍ୟ ମିଳିନି। ବନ ସୁରକ୍ଷା ସମିତି ଗୃହ ପାର୍ଶ୍ୱରେ ଥିବା ନଳକୂପ ଦୀର୍ଘବର୍ଷ ହେଲା ଅଚଳ ହୋଇପଡିଛି । ଗ୍ରାମବାସୀ ଏଠାରେ ଜମିରେ ଥିବା ଏକ ଚୁଆ ପାଣି ଉପରେ



ଚୁଆରୁ ଗ୍ରାମବାସୀ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

ନିର୍ଭରକରୁଛନ୍ତି। ଏହି ପାଣିରେ ସେମାନଙ୍କ ଦୈନନ୍ଦିନ ଜୀବନ ବିତୁଛି। ବର୍ଷା ଦିନେ ଗୋଳିଆପାଣି ଓ ଖରାଦିନେ କାଦୁଅ ପାଣି ପିଇ କାଛୁ କୁଣ୍ଡିଆ ଓ ଝାଡାବାନ୍ତି ପରି ବିଭିନ୍ନ ରୋଗରେ ପିଡିତ ହୋଇଥାନ୍ତି। ପାନୀୟ ଜଳ ସୁବିଧା ପାଇଁ ଗ୍ରାମବାସୀ ପଞ୍ଚାୟତ ଓ ପଞ୍ଚାୟତ ସମିତିକୁ ବାରମ୍ବାର ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଚାଷକୁ ଜୀବିକା ରୂପେ ଗ୍ରହଣ କରିଥିବା ଏହି ଗ୍ରାମବାସୀ ସେଥିରୁ ଯାହା ଫସଲ ଉତ୍ପାଦନ କରନ୍ତି ସେଥିରେ କଷ୍ଟରେ ଚଳିଯାନ୍ତି। ଜଳସେଚନର ସୁବିଧା ନ ଥିବାରୁ ଲୋକେ ଧାନ ଚାଷ କରିପାରୁନାନ୍ତି। କେବଳ ମାଣ୍ଡିଆ ଓ ସୁଆଁ ଚାଷ କରିଥାନ୍ତି। ଗ୍ରାମରେ ଥିବା ନଳକୂପର ମରାମତି ନଚେତ ନୂତନ ନଳକୂପ ଖନନ କରିବାକୁ ଗ୍ରାମର ସନା ଜାନି, ମୁନୁ ସାଉଁତା, ନୀଳ ସାଉନ୍ତା, କୁନି ସାଉନ୍ତା, ଆଲେମ ସାଉନ୍ତି, ଆମରି ସାଉନ୍ତା , ସନିଆ ସାଉଁତା ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ଶନିବାର ରାସ୍ତା ଅବରୋଧ କରିବେ ଚାଷୀ

**ନୂଆଦିଲ୍ଲୀ, ୧।୨:** କେନ୍ଦ୍ରର ନୂଆ କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା ଚାଷୀମାନେ ଆସନ୍ତା ଶନିବାର ସାରା ଦେଶରେ ଚକା ଜାମ୍ ଆନ୍ଦୋଳନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସେଦିନ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯିବ। ସବୁ ପ୍ରକାର ପରିବହନ ବନ୍ଦ ରହିବ ବୋଲି ସୋମବାର ସନ୍ଧ୍ୟାରେ କୃଷକ ନେତାମାନେ ଘୋଷଣା କରିଛନ୍ତି। ସାଧାରଣତନ୍ତ୍ର ଦିବସରେ କୃଷକମାନଙ୍କ ଟ୍ରାକ୍ଟର ରାଲି ହିଂସାତ୍ମକ ରୂପ ନେବା ପରେ ସୋମବାର ପାର୍ଲାମେଣ୍ଟ ଭବନ ଅଭିମୁଖେ ପ୍ରସ୍ତାବିତ ପଦଯାତ୍ରାକୁ ସ୍ଥଗିତ ରଖାଯାଇଥିଲା। ଲାଲ୍‌କିଲ୍ଲା ହିଂସା ପରେ କୃଷକ ସଂଗଠନଗୁଡ଼ିକ ପ୍ରତି ରହିଥିବା ସଦିଚ୍ଛା ହ୍ରାସ ପାଇଥିଲା। ସୋସିଆଲ ମିଡିଆରେ ଅନେକେ ଆନ୍ଦୋଳନକାରୀଙ୍କୁ ନିନ୍ଦା କରିଥିଲେ। ଦିଲ୍ଲୀ ସୀମାରୁ ଚାଷୀ ହଟିଯିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ।

### ମା'ଙ୍କ ଗାଳି ସହି ନ ପାରି ନାବାଳକଙ୍କ ଆତ୍ମହତ୍ୟା

**ଧର୍ମଗଡ଼, ୧।୨ (ଡି.ଏନ୍.ଏ.) :** ମା'ଙ୍କ ଗାଳି ସହି ନ ପାରି ନାବାଳକ ପୁଅ ଆତ୍ମହତ୍ୟା କରିଛନ୍ତି। ସୋମବାର କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ସହରରେ ଏଭଳି ଏକ ଘଟଣା ଘଟିଛି। ମୃତ ନାବାଳକ ହେଲେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟ ଭବାନୀପୁର ଅଞ୍ଚଳର। ଖବର ପାଇ ପୋଲିସ ଧର୍ମଗଡ଼ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ନାବାଳକ ଓ ତାଙ୍କ ମା' ଗତ ଡିସେମ୍ବର ୧୦ ତାରିଖରେ ଧର୍ମଗଡ଼ ସହରସ୍ଥିତ ଜେଲ ପଛପଟେ ଥିବା ଜଣେ ବନ୍ଧୁଙ୍କ ଘରକୁ କୁଣିଆ ଆସିଥିଲେ। ସୋମବାର ଅପରାହ୍ନରେ ନାବାଳକ ଖେଳୁଥିବା ବେଳେ ତାଙ୍କ ମା' ନ ଖେଳିବା ପାଇଁ ତାଗିଦା କରିବା ସହ ଗାଳି କରିଥିଲେ। ଏଥିରେ ସେ ରାଗିଯାଇ ଗାଧୁଆଘର ଭିତରକୁ ପଶି କବାଟ ବନ୍ଦ କରିଦେଇଥିଲେ। ପରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ତୁରନ୍ତ କବାଟ ଭାଙ୍ଗି ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଧର୍ମଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ମ୍ୟାନ୍‌ମାରରେ ସାମରିକ ବିଦ୍ରୋହ

- ଅଙ୍ଗ୍ ସାନ୍ ସୁ କୀ ଗିରଫ
- ବର୍ଷକ ପାଇଁ ସେନା ନିୟନ୍ତ୍ରଣରେ ରହିବ ଦେଶ

**ନେପିତାଉ, ୧।୨**

ମ୍ୟାନ୍‌ମାର ସୈନ୍ୟବାହିନୀ ସୋମବାର ଏକ ବିଦ୍ରୋହ ବଳରେ ଦେଶ ଶାସନକୁ ଗୋଟିଏ ବର୍ଷ ପାଇଁ ନିଜ ନିୟନ୍ତ୍ରଣକୁ ନେଇଛି। ନୋବେଲ ପୁରସ୍କାର ବିଜେତା ନେତ୍ରୀ ଅଙ୍ଗ୍ ସାନ୍ ସୁ କୀଙ୍କ ସମେତ ବହୁ ବରିଷ୍ଠ ନେତାଙ୍କୁ ଗିରଫ କରାଯାଇଛି। ଦୀର୍ଘ ୫ ଦଶନ୍ଧିର ସାମରିକ ଶାସନ ପରେ ଦକ୍ଷିଣପୂର୍ବ ଏସିଆର ଏହି ଦେଶକୁ ଗଣତନ୍ତ୍ର ଫେରିଥିଲା। ପୁଣିଥରେ ଦେଶ ସେନା କବଳକୁ ଚାଲିଯାଇଛି।

ସେନା ମୁଖ୍ୟ ସିନିୟର ଜେନେରାଲ ମିନ୍ ଅଙ୍ଗ୍ ହ୍ଲାଇଙ୍ଗ୍ ଗୋଟିଏ ବର୍ଷ ପାଇଁ ଶାସନ ଦାୟିତ୍ୱରେ ରହିବେ ବୋଲି ସୈନ୍ୟବାହିନୀ ମାଲିକାନାରେ ଥିବା ମ୍ୟାଓ୍ୱାଡି ଟିଭି ପକ୍ଷରୁ ଘୋଷଣା କରାଯାଇଛି। ନଭେମ୍ବର ମାସରେ ହୋଇଥିବା ନିର୍ବାଚନରେ ଜାଲିଆତି ହୋଇଥିବା ସୈନ୍ୟବାହିନୀ ଅଭିଯୋଗ କରିଆସୁଥିବାବେଳେ ସରକାର କୌଣସି ପଦକ୍ଷେପ ନେଉ ନ ଥିଲେ। ତେଣୁ ଶାସନ କ୍ଷମତା ଦଖଲ କରିବାର ଆବଶ୍ୟକ ଥିଲା ବୋଲି ସେନା ପକ୍ଷରୁ କୁହାଯାଇଛି। ସୁ କୀଙ୍କ ଶାସକ ଦଳ କ୍ଷମତା ଦଖଲ କରିବା ଲାଗି କରୋନା ମହାମାରୀ ସତ୍ତ୍ୱେ ନିର୍ବାଚନ କରିବାକୁ ସରକାର ଅନୁମତି ଦେଇଥିଲେ।


ଅଙ୍ଗ୍ ସାନ୍ ସୁ କୀ


ସେନାମୁଖ୍ୟ ମିନ୍ ଅଙ୍ଗ୍ ହ୍ଲାଇଙ୍ଗ୍

ସୋମବାର ନୂଆ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ସୈନ୍ୟବାହିନୀ ବିଦ୍ରୋହ ବଳରେ କ୍ଷମତା ଦଖଲ କରିଛି। କ୍ଷମତା ଦଖଲ ଆଇନ ଦୃଷ୍ଟିରୁ ଯଥାର୍ଥ ବୋଲି ସେନା କହିଛି। ଜାତୀୟ ଜରୁରୀ ସ୍ଥିତି ବେଳେ ଶାସନକୁ ନିୟନ୍ତ୍ରଣ କରିବା ଲାଗି ସମ୍ବିଧାନରେ ଉଲ୍ଲେଖ ରହିଛି। ତେବେ ଏହା ବିଦ୍ରୋହ ବୋଲି ସୁ କୀଙ୍କ ଦଳ ମୁଖପାତ୍ର ସମେତ ଅନେକ ଅନ୍ତର୍ଜାତୀୟ ପର୍ଯ୍ୟବେକ୍ଷକ ମତ ଦେଇଛନ୍ତି।

୧୯୬୨ରୁ ମ୍ୟାନ୍‌ମାରରେ କଠୋର ସାମରିକ ଶାସନ ଚାଲିଥିଲା ଓ ଏହି ଦେଶ ଅନ୍ତର୍ଜାତୀୟ ସମୁଦାୟଠାରୁ ଅଲଗା ହୋଇ ରହିଥିଲା। କିଛି ବର୍ଷ ହେଲା ସେଠାରେ ଗଣତନ୍ତ୍ର ଫେରିଥିବାବେଳେ ପୁଣିଥରେ ପଛକୁ ହଟିଛି। ସାମରିକ ଶାସନ ବେଳେ ଗଣତନ୍ତ୍ର ପାଇଁ ଉଦ୍ୟମ ଚଳାଇଥିବା ସୁ କୀଙ୍କୁ ଦୀର୍ଘବର୍ଷ ଗୃହବନ୍ଦୀ କରି ରଖାଯାଇଥିଲା। ୨୦୧୫ରେ ତାଙ୍କ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି ନିର୍ବାଚନ ଜିତିବା ପରେ ସୁ କୀ ଦେଶର ନେତା ହୋଇଥିଲେ।

## ଆୟୁଷ୍ମାନଙ୍କ ନାୟିକା ସାଜିବେ ରକୁଲ

**ମୁମ୍ବାଇ:** ଜଙ୍ଗଲି ପିକଚର୍ସ ଆୟୁଷ୍ମାନ ଖୁରାନାଙ୍କୁ ନେଇ ପୁଣିଥରେ ଫିଲ୍ମ 'ଡକ୍ଟର ଜୀ' ନିର୍ମାଣ କରିବାକୁ ଯୋଜନା କରିଛି। ଏ ସମ୍ପର୍କରେ ଗତ ଡିସେମ୍ବରରେ ଘୋଷଣା କରାଯାଇଥିଲା । ଏଥିରେ ରକୁଲପ୍ରୀତ ସିଂଙ୍କୁ ନାୟିକା ଭାବେ ନିଆଯିବା ବୋଲି ନିଷ୍ପତ୍ତି ହୋଇଛି। ଆୟୁଷ୍ମାନ ଡାକ୍ତର ଓ ରକୁଲ ଜଣେ ମେଡିକାଲ ଛାତ୍ରୀ ଭୂମିକାରେ ନଜର ଆସିବେ। ଏହି ବିଷୟ ଜାଣିବା ପରେ ରକୁଲ ବେଶ ଖୁସି ହୋଇ କହିଛନ୍ତି ଏହି ଫିଲ୍ମରେ ଅଭିନୟ ମୋ ପାଇଁ ଏକ ଭିନ୍ନ ଅନୁଭବ ଆଣିବ। ଆୟୁଷ୍ମାନଙ୍କ ସହ ପ୍ରଥମଥର ସ୍କ୍ରିନ ଶେୟାର କରିବା, ଏହାସହ ମେଡିକାଲ ପ୍ରଫେଶନ ଓ କଲେଜ କ୍ୟାମ୍ପସର କାହାଣୀ ଦର୍ଶକଙ୍କୁ ବେଶ ପସନ୍ଦ ଆସିବ। ଏହାର ଶୁଟିଂ ପାଇଁ କେବଳ ମୁଁ ଅପେକ୍ଷା କରିଛି। ଆଉ ଏଥିପାଇଁ ପ୍ରଯୋଜକ ନିର୍ଦ୍ଦେଶକଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି । ନିର୍ଦ୍ଦେଶକ ଅନୁଭୂତି କଶ୍ୟପ କହିଛନ୍ତି ଦୁଇ ଭିନ୍ନ ଭିନ୍ନ ଚରିତ୍ରଙ୍କ ସହ କାମ କରିବାକୁ ନେଇ ସେ ମଧ୍ୟ ଉତ୍ସାହିତ ଅଛନ୍ତି । ଆଉ ଏମାନଙ୍କ ଏନର୍ଜି ସହ କେମେଷ୍ଟ୍ରି ଦର୍ଶକଙ୍କୁ ନିଶ୍ଚୟ ପସନ୍ଦ ଆସିବ। ଏହାର ଶୁଟିଂ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସେ କହିଛନ୍ତି ।



## ୨୯ ଶିଳ୍ପସଂସ୍ଥା ବନ୍ଦ, ୧୧କୁ କାରଣ ଦର୍ଶାଅ ନୋଟିସ

**ଭୁବନେଶ୍ୱର,୧।୨(ବ୍ୟୁରୋ):** ପରିବେଶ ସଂକ୍ରାନ୍ତୀୟ ଗୃହ କମିଟି ବୈଠକ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜଙ୍ଗଲ ଓ ପରିବେଶ, ଗୃହ ଓ ନଗର ଉନ୍ନୟନ ବିଭାଗ ଶାସନ ସଚିବଙ୍କ ସହ ବିଭାଗୀୟ ପଦାଧିକାରୀମାନେ ଯୋଗଦେଇ ଅନୁପାଳନ ରିପୋର୍ଟ ପ୍ରଦାନ କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧୀନରେ ୭୩୦୦ ଶିଳ୍ପ ପ୍ରତିଷ୍ଠାନ ଅନ୍ତର୍ଭୁକ୍ତ ଥିବାବେଳେ ସେଥିରୁ ୧୭ ଅତ୍ୟନ୍ତ ପ୍ରଦୂଷଣ ମୁକ୍ତ ଶିଳ୍ପ ପ୍ରତିଷ୍ଠାନ ଏବଂ ୧୧୮୯ ବର୍ଜ୍ୟଜଳ ନିଷ୍କାସନ କରନ୍ତି। ସାଧାରଣତଃ ତାପଜ ବିଦ୍ୟୁତ୍ ସାର କାରଖାନା, ଚିନି କାରଖାନା, କାଗଜକଳ, ଲୁହା ଓ ଇସ୍ପାତ କାରଖାନା, ଚାଉଳ କଳ ଇତ୍ୟାଦିରୁ ପ୍ରଚୁର ପରିମାଣରେ ବର୍ଜ୍ୟବସ୍ତୁ ନିଷ୍କାସିତ ହୁଏ ଏବଂ ଏଥିରେ ପ୍ରାୟ ୬୦୦ ଲକ୍ଷ ଲିଟର ଦୂଷିତ ଜଳ ନିଷ୍କାସିତ ହୁଏ, ଯେଉଁଥିରୁ ୧୦୦ ଲକ୍ଷ ଲିଟର ଜଳ ନଦୀରେ ମିଶେ । ରାଜ୍ୟର ୨୯ଟି ଜିଲାରେ ୬୦୦ଟି ଚାଉଳକଳ ଥିବା ସ୍ଥଳେ ସେଥିରୁ ୨୪ ଲକ୍ଷ ଲିଟର ବର୍ଜ୍ୟଜଳ ନିଷ୍କାସିତ ହେଉଛି। ଗତ ଡିସେମ୍ବର ୩୦ ସୁଦ୍ଧା ୧୧୪୫ଟି ଶିଳ୍ପ ସଂସ୍ଥା ବର୍ଜ୍ୟଜଳର ବିଶୁଦ୍ଧୀକରଣ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତୀୟ ନିୟମକୁ ମାନୁ ନ ଥିବା ୨୯ଟି ଶିଳ୍ପ ପ୍ରତିଷ୍ଠାନକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୧୧ଟି ଶିଳ୍ପାନୁଷ୍ଠାନକୁ ବିଭାଗ ତରଫରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୧୧ ପ୍ରମୁଖ ନଦୀ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୁଲ୍ୟା, ନାଗାବଳୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, କୋଲାବ, ବଂଶଧାରା, ଇନ୍ଦ୍ରାବତୀ ନଦୀର ୧୨୯ ସ୍ଥାନରେ ୩୬ ମାନଦଣ୍ଡ ନିର୍ଦ୍ଧାରଣ କରି ସଜାଗ ଦୃଷ୍ଟି ରଖିଛନ୍ତି । ନଦୀ ପ୍ରଦୂଷଣ ରୋକିବା ପାଇଁ ଅନ୍‌ଲାଇନ ମନିଟରିଂ ବ୍ୟବସ୍ଥା ଗ୍ରହଣ କରିବାକୁ ମୋହନ ଚରଣ ମାଝି ଦାବି କରିଛନ୍ତି। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ପରିମଳ ଓ ବର୍ଜ୍ୟବସ୍ତୁ ନିଷ୍କାସନ ଉପରେ ମଧ୍ୟ ଆଲୋଚନା ହୋଇଛି।

## ସେନା ଉପମୁଖ୍ୟ ଭାବେ ଦାୟିତ୍ୱ ନେଲେ ଚଣ୍ଡିପ୍ରସାଦ

**ନୂଆଦିଲ୍ଲୀ, ୧।୨**



ଓଡ଼ିଆ ଅଫିସର ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି ସୋମବାର ସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡୋକଲାମରେ ଚାଇନା ସୈନ୍ୟଙ୍କ ସହ ମୁହାଁମୁହିଁ ସ୍ଥିତି ପରେ ଚଣ୍ଡିପ୍ରସାଦ ତ୍ରିଶକ୍ତି କର୍ପସ୍‌ର ମୁଖ୍ୟ ଥିଲେ। ନିକଟରେ ଚାଇନା ଅତିକ୍ରମଣ ବିରୋଧରେ ରଣକୌଶଳ ପ୍ରସ୍ତୁତିରେ ତାଙ୍କର ଅଭିଜ୍ଞତା ରହିଛି। ୩୯ ବର୍ଷର କ୍ୟାରିୟର ମଧ୍ୟରେ ସେ ଜମ୍ମୁ-କଶ୍ମୀର ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ଏକ ବାଟାଲିୟନର କମାଣ୍ଡିଂ କରିବା ପରେ ଉତ୍ତରପୂର୍ବାଞ୍ଚଳରେ କମାଣ୍ଡିଂ ଅଫିସର ଭାବେ କାର୍ଯ୍ୟ କରିଥିଲେ। ଦୁଇଟି ବ୍ରିଗେଡ୍‌କୁ କମାଣ୍ଡିଂ କରିବାରେ ତାଙ୍କର ଅନନ୍ୟ ଅଭିଜ୍ଞତା ରହିଛି। ପ୍ରଥମେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଏବଂ ପରେ କଙ୍ଗୋରେ ଜାତିସଂଘ ବ୍ରିଗେଡକୁ ସେ କମାଣ୍ଡିଂ କରିଥିଲେ। ଜାନୁୟାରୀ ୩୧ରେ ଲ୍ୟୁଟନାଣ୍ଟ ଜେନେରାଲ ଏସ୍.କେ. ସାଇନି ଅବସର ନେବା ପରେ ତାଙ୍କ ସ୍ଥାନରେ ଚଣ୍ଡିପ୍ରସାଦ ସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଷ୍ଟ୍ରୀୟ ଇଣ୍ଡିଆନ ମିଲିଟାରି କଲେଜ, ଡେରାଡୁନ୍, ନ୍ୟାଶନାଲ ଡିଫେନ୍ସ ଏକାଡେମୀ, ଖଡକୱାସଲା ଏବଂ ଇଣ୍ଡିଆନ୍ ମିଲିଟାରି ଏକାଡେମୀ ଡେରାଡୁନ୍‌ରେ ଶିକ୍ଷା ସମାପ୍ତି ପରେ ଚଣ୍ଡିପ୍ରସାଦ ୧୯୮୨ ଜୁନ୍ ୧୨ରେ ରାଜପୁତ୍ ରେଜିମେଣ୍ଟରେ ସାମିଲ ହୋଇଥିଲେ।


## ODISHA LIFT IRRIGATION CORPORATION LTD.
(A Govt. of Odisha Undertaking)
### OFFICE OF THE EXECUTIVE ENGINEER, L.I. DIVISION, BALANGIR
E-mail: www.eeolicbgr@rediffmail.com
**"E" Procurement Notice**
BID IDENTIFICATION NO. OLIC-BLGR-07/2020-21, DT.27.01.2021

No. CAD-1155: Bids are invited from intending tenderers having valid licence as specified against the work for installation & energisation of new R.L. Projects & revival of defunct R.L. Projects with supply of all materials under Percentage rate contract on turn-key basis.
**1. Name of Works:** Installation & Energisation of River Lift Projects & revivial of defunct R.L. Projects with supply of all materials on Turnkey basis. **2. Total Nos. of Packages:** 13, **3. Approximate Estimated Cost:** Rs.11.29 lakhs to 25.23 lakhs, **4. Class of Contractor:** As mentioned in packages. **5. Period of Completion:** 90 days for all projects from the date of issue of work order.
**6. Other details as follows:**

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of opening of tender in the Office of the Executive Engineer, L.I. Division, Balangir |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Balangir | OLIC-BLGR-07/ 2020-21 | 05.02.2021 at 11 hrs. | 12.02.2021 upto 17 hrs. | 11.02.2021 upto 17 hrs. | 15.02.2021 at 11 hrs. |

- Details can be seen from the website **www.tendersorissa.gov.in**
- Any Corrigendum/Addendum will be displayed in the above website only.

**Sd./- Executive Engineer, L.I. Division, Balangir**
**OIPR-32154/11/0007/2021**



## WORKS DEPARTMENT
### OFFICE OF THE EXECUTIVE ENGINEER, ROURKELA (R&B) DIVISION, UDITNAGAR, ROURKELA
**No. B-696** email ID: eepwdrkl@gmail.com
**Government of Orissa "e" Procurement Notice**
**Bid Identification No. 49/2020-21 Dated: 18.01.2021**
1. Number of Works : Total 2 (Two) Numbers of Works
2. Estiamted Cost : Rs.35.72 lakhs
3. Period of Completion : Five (05) Calendar Months each
4. Date & time of availability of bid document in the portal : 02.02.2021 at 11.00 A.M.
5. Last date/time for receipt of bids in the portal : 17.02.2021 upto 5.00 P.M.
6. Date of opening of Bid : 19.02.2021 at 11.30 A.M.
7. Name and address of the Officer Inviting Bid : Executive Engineer, (R&B) Division Rourkela, Uditnagar.

Further details can be seen from the e-procurement portal **"http// tendersodisha.gov.in"**.

**Sd./- Executive Engineer**
**R&B Division, Rourkela**
**OIPR-34068/11/0026/2021**



## WORKS DEPARTMENT
### OFFICE OF THE EXECUTIVE ENGINEER, MAYURBHANJ (R&B) DIVISION, BARIPADA
**No. B-699** email ID: bpd_eerb@rediffmail.com
**Government of Odisha "e" Procurement Notice**
**Bid Identification No. E.E.-35/2020-21**
1. Number of Works : 1 (One) Number of Work
2. Approximate Estiamed Cost : Rs.10.23 lakhs
3. Period of Completion : 4 (Four) Calendar Months
4. Date & time of availability of bid documents in the portal : Dt.02.02.2021 to 09.02.2021
5. Last date/time of receipt of bid in the portal : Dt.09.02.2021 upto 4.00 P.M.
6. Date of opening of Bid : Dt.10.02.2021 at 11.00 A.M.
7. Name and address of the Officer Inviting Bid : Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal **"http://www. tendersodisha.gov.in"**.

**Sd./- Executive Engineer**
**Mayurbhanj (R&B) Division**
**OIPR-34025/11/0017/2021**



## OFFICE OF THE GENERAL MANAGER
### DISTRICT INDUSTRIES CENTRE, SUNDARGARH
Mail ID: dicsng@nic.in
**Letter No. 153** **Dt.01.02.2021**
**QUOTATION CALL NOTICE**

Sealed quotations along with samples are invited in plain paper from MSMEs of State of Odisha for supply of Cerana Indica Bee boxes for APIS Cerana hive with stand & tools to the Bee keeping trainees in different Block of Sundargarh District for the year 2020-21 & 2021-22 as per specifications.
The detail terms and conditons along with specification, Bid documents, last date of receipt of tender, opening of tender, cancellation/extension/corrigendum etc. will be made available in the district website **www.sundergarh.nic.in** w.e.f 2nd February 2021, which can be referred till last date of submission of Bids.
1. Last date of receipt of tender paper : 11.02.2021 upto 5.00 P.M.
2. Opening of Tender : Dt.12.02.2021 at 11.00 A.M.
3. Cost of Tender : Rs.10000.00 (Rupees ten thousand) only in shape of DD drawn in favour of General Manager, District Industries Centre, Sundargarh payable at Sundargarh which is non-refundable.

**Sd./- General Manager**
**DIC, Sundargarh**



## GOVERNMENT OF ODISHA
### "e" PROCUREMENT NOTICE
**Bid Identification No. 26 of 2020-21**
No. O-999: The Executive Engineer RWS&S Division, Balangir on behalf of Governor of Odisha invites Percentage bid through e – Procurement in double cover system according to norm of e – Procurement system in online mode for the different work in different blocks under Balangir District.
01. Nature of Work : Construction of Pump house, ESR, OGR, pump house with laying of rising main and distribution in different villages of Balangir District.
02. Total No. of Work : 5 Nos.
03. Estimated Cost : Rs.106.85 to 188.25 lakh
04. Eligible Class of Contractor : "B & A Class" Contractor.
05. Period of Completion : Twelve Months
06. Other details :

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 26 of 2020-21 | Dt.08.02.2021 at 11.00 hrs. | Dt.26.02.2021 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

**Executive Engineer**
**RWS&S Division, Balangir**
**OIPR-25033/11/0007/2021**



**GOVERNMENT OF ODISHA** **No. C-369**
## OFFICE OF THE EXECUTIVE ENGINEER, P.H. DIVISION, SAMBALPUR
Phone No.: (0663) 2412135, Fax No.: (0663) 2412335
E-mail ID: eephdsbp@gmail.com
### NOTICE INVITING TENDERS
**NATIONAL COMPETITIVE BIDDING THROUGH e-Procurement**
**Bid Identification No. EEPHSBP-08/2020-21 Dt.27.01.2021**
01. Name of the Work : 12 Nos. Works
02. Type of Bid : Two Bid System
03. Estiamed Cost : Rs.60.44 lakhs to Rs.223.38 lakhs
04. Period of Completion : 60 (Sixty) days
05. Date & time of availability of bid document in the portal : From 11.00 A.M. of Dt.05.02.2021 to 5.00 P.M. of 20.02.2021
06. Last date/time of receipt of bids in the portal : 5.00 P.M. of 20.02.2021
07. Date & time of opening of tender : At 11.00 A.M. of 22.02.2021
08. Name and address of the Officer Inviting Bid : Executive Engineer, P.H. Division, Sambalpur, Brooks' Hill, Near Stadium, At/P.O.- Motijharan, Dist. - Sambalpur - 768001

Further details can be seen from the website **http://tenders.ori.nic.in** or **www.tendersorissa.gov.in**.

**Sd./- Executive Engineer**
**P.H. Division, Sambalpur**
**OIPR-13026/11/0009/2021**



## COLLECTORATE, MALKANGIRI
### District Child Protection Unit (Child Welfare Section)
**No.: 64/01/2021** **Date: 01/02/2021**
**ବିଜ୍ଞାପନ**



**No. g-34:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏକ ୪ ଦିନର ଶିଶୁ କନ୍ୟା ଏମ୍.ଭି.-୧୫ ଗ୍ରାମ ନିକଟସ୍ଥ ଏକ ଆୟଗଛ ତଳୁ, ନିଃସହାୟ ଅବସ୍ଥାରେ ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ମାଲକାନଗିରି ଦ୍ୱାରା ଉଦ୍ଧାର କରାଯାଇଅଛି । ଏହି ଶିଶୁ କନ୍ୟାଟିର ଯଦି କେହି ପିତାମାତା କିମ୍ବା ସହୃଦୟ ପରିଜନ ଦାବିଦାର ଥାଆନ୍ତି, ତା'ହେଲେ ଉପଯୁକ୍ତ ପ୍ରମାଣ ସହ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶ) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ମାଲକାନଗିରି (ଫୋନ ନଂ.- ୦୬୮୬୧୨୩୧୨୧୧)କୁ ଯୋଗାଯୋଗ କରିବା ହେବେ । ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ। ଏହି ଶିଶୁର କୌଣସି ଦାବିଦାର ଏକମାସ ମଧ୍ୟରେ ନ ମିଳିଲେ ଶିଶୁଟିକୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮ (୧) ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯିବ ।

OIPR-24074/11/0001/2021 **ସ୍ୱା./- ଜିଲ୍ଲାପାଳ, ମାଲକାନଗିରି**



## NOTIFIED AREA COUNCIL, KESINGA
"e" Procurement Notice No. 249/NAC (K) Dt.29.01.2021
**Tender ID No. 2021_ORULB_65917**
**No. C-364:-** The Notified Area Council, Kesinga invites online Bid in single cover system through e-procurement.

| | | |
|---|---|---|
| Total Nos. of Work | : | 13 (Thirteen) |
| Apprx. value of Works | : | **₹ 191964.00 to ₹ 1053810.00** |
| Period of availability of tender for online Bidding | : | From 01.02.2021 to 09.02.2021 Upto 05.00 P.M. |
| Date & time of opening | : | 11.00 A.M. on 12.02.2021 |
| **Submission of Original Document** 1. Physical Documents- Xerox copy of all documents as per DTCN with self attested. 2. Financial Documents (original) i.e. Tender Paper Cost, EMD and also Additional Performance Security only. | : | By Registered Post/ Speed Post upto 5.00 P.M. on 11.02.2021 |
| Class of Contractor | : | Class 'D', Class 'C' |

Further details can be seen from the website: **www.tendersorissa.gov.in**

**Sd./- Executive Officer,**
**N.A.C., Kesinga**
OIPR-13109/11/0002/2021



## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନୀଳଗିରି
### INTEGRATED TRIBAL DEVELOPMENT AGENCY, NILGIRI
Email id.- itdangr@nic.in/Phone No. - 06782-233020 (O) (FAX)
No. 95/ITDA dt. 29.1.21
**TENDER CALL NOTICE**

**No. CAD-1157:-** Sealed Tenders are invited from the registered reputed empanelled Manufacturer/Company like Phillips/Crompton/Bajaj/Havells or their Authorized Dealers for supply of different electrical accessories viz- complete street light fittings & High Mast lights, as per sepecification.
The Details of the accessories for above work to be supplied along with specification and terms & condidtions can be obtained from office of the Project Administrator, ITDA, Nilgiri during office hours of any working day or can be downloaded from website- **www.baleswar.nic.in**. The rate must be quoted per unit on different items. The last date of receipt of Tender Paper is scheduled up to **3.00 P.M.** on **dt.05.02.2021** either in person or through Post. The Tender shall be opened on the same day at **4.00 P.M.** in the Office Chamber of the undersigned in presence of the Tenderers or their authorized representatives.
The authority reservs the right to accept/reject part or all tenders without assigning any reason thereof.
**Enclosure:** Terms & conditions.

**Sd./- Project Administrator, ITDA, Nilgiri**
OIPR-19058/11/0003/2021



## OFFICE OF THE EXECUTIVE ENGINEER (AGRIL.), KEONJHAR DIVISION
AT/P.O. MADHAPUR, KEONJHAR, Phone No. – (06766) – 255378
E-mail ID – eeagril.kjr@gmail.com
**Govt. of Odisha "e" Procurement Notice**
**BID IDENTIFICATION NO – E.E (A) – KEONJHAR DIVISION - 02/2020-21**
No. L-62: The Executive Engineer (Agril.), Keonjhar Division, Keonjhar, Odisha on behalf of Governor of Odisha, invites percentage rate bids in single cover system in ONLINE MODE only for the works as detailed below
1. Name of works : "Construction of boundary wall of Farmers' Information Advisory Centre Ghatagaon."
2. Bid Cost : Rs. 4,000/-
3. Period of completion : 60 days
4. No. of works (Tender) : 01 No.
5. Class of Contractor : "D" & "C" Class
6. Date & Time of availability of bid document in the portal : 08.02.2021 at 11.00 A.M. to 22.02.2021 up to 5.00 P.M.
7. Last date / Time for receipt of bids in the portal : 22.02.2021 up to 5.00 P.M.
8. Date of submission of documents : 23.02.2021 at 11.00 A.M. To 24.02.2021 up to 4.00 P.M
9. Date of Opening of Documents & Verification : 25.02.2021 at 11.00 A.M. onwards
10. Date & time of opening of online bids : 01.03.2021 at 11.00 A.M. onwards.
11. Name and address of the officer inviting Bid : Executive Engineer (Agril.), Keonjhar Division, Keonjhar, Odisha

Further details can be seen from the e-procurement portal **http:// tendersodisha.gov.in**.
A. All the volumes / documents shall be uploaded in the portal by the Procurement Officer Administrator published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http://tendersodisha.gov.in"**. Any addendum / corrigendum / cancellation of tender can also be seen in the said website.

**Sd./- J.B.Rout**
**Executive Engineer (Agril.)**
**Keonjhar Division, Keonjhar**
OIPR-01398/11/0001/2021



## GOVERNMENT OF ODISHA
### OFFICE OF THE SUPERINTENDING ENGINEER, CENTRAL CIRCLE (R&B)
### NIRMAN SOUDHA, PHASE-II, 2ND FLOOR, BHUBANESWAR
Mail ID: seccbbsr@gmail.com
**E-procurement Short Tender Call Notice No. 7 of 2020-21**
**No. 260 (Estg.) Bhubaneswar the 29th January 2021**

**No. B-701:-** The Superintending Engineer, Central Circle (R&B) Bhubaneswar on behlaf of the Governmor of Odisha invites percentage rate bids for 1 No of composite building work to be received in online bidding, double cover system for construction works as detailed in: https://tendersorissa.gov.in. The details of bid documents will be available in the above website from 11.00 AM of 05.02.2021 to 5.00 PM of 11.02.2021. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 AM of 12.02.2021 in the Office of the Superintending Engineer, Central Circle (R&B), Bhubaneswar. Further details can be seen from the e-procurement portal **www.tendersorissa.gov.in**
Addendum/Corrigendum, if required, will be available only in the website.

**Sd./- Er. G.C. Sahu**
**Superintending Engineer**
OIPR-34005/11/0010/2021 **Central Circle (R&B), Bhubaneswar**

# ଟିକସ ସ୍ଲାବ୍ ଅପରିବର୍ତ୍ତିତ

## ବରିଷ୍ଠ ନାଗରିକଙ୍କୁ ରିଟର୍ନ ଫାଇଲିଂରେ ଆଶ୍ୱସ୍ତି

ବର୍ତ୍ତମାନ ଲୋକମାନେ କରୋନା ସମସ୍ୟାରେ ରହିଥିବାରୁ ସରକାର ବଜେଟରେ ଟିକସ ରିହାତି ପ୍ରଦାନ କରିବେ ବୋଲି ବିଚାର କରାଯାଉଥିଲା ହେଲେ ହେଁ ସେଭଳି କିଛି ହେଲା ନାହିଁ। ବଜେଟରେ ଟିକସ ଢାଞ୍ଚାରେ କିଛି ପରିବର୍ତ୍ତନ କରାଯାଇନାହିଁ। ସେହିଭଳି ଆର୍ଥିକ ବର୍ଷ ୨୦୨୧-୨୨ ଲାଗି ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବରିଷ୍ଠ ନାଗରିକଙ୍କୁ ରିଟର୍ନ ଫାଇଲିଂରେ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ୭୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବୟୋଜ୍ୟେଷ୍ଠ କେବଳ ପେନ୍‌ସନ ଏବଂ ସୁଧଜନିତ ଆୟ କ୍ଷେତ୍ରରେ ଏହି ସୁବିଧା ଲାଗୁ ହେବ। ଚଳିତ ଥର ବ୍ୟକ୍ତିଗତ ଟିକସରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହି ଅବସରରେ ସୀତାରାମନ କହିଛନ୍ତି, ସରକାର ବିଗତ ଦିନରେ କର୍ପୋରେଟ ଟିକସ ହ୍ରାସ କରିବା ସହ ଏହାକୁ ବିଶ୍ୱର ନିମ୍ନତମ ଟିକସ ଭାବେ ରୂପାନ୍ତରିତ କରିଛନ୍ତି। ବିଭିନ୍ନ କୋହଳ ବ୍ୟବସ୍ଥା ସହ ଟିକସଦାତାଙ୍କ ଉପରୁ ଟିକସ ବୋଝ ହ୍ରାସ କରାଯାଉଛି। ୨୦୧୪ରେ ୩.୩୧ କୋଟି ଲୋକ ରିଟର୍ନ ଫାଇଲ କରିଥିବା ବେଳେ ଏହା ୨୦୨୦ରେ ୬.୪୮ କୋଟିକୁ ବଢ଼ିଛି। ଫେସ୍‌ଲେସ୍ ଆସେସ୍‌ମେଣ୍ଟ ଏବଂ ଫେସ୍‌ଲେସ୍ ଆପିଲ ବ୍ୟବସ୍ଥା ଲାଗୁ ହୋଇଛି। ବଜେଟରେ ପ୍ରତ୍ୟକ୍ଷ ଟିକସ ସମ୍ପର୍କରେ ହୋଇଥିବା ଅନ୍ୟ ପ୍ରମୁଖ ଘୋଷଣା...




### କମିବ ଟିକସ ବିବାଦ

ଟିକସ କ୍ଷେତ୍ରରେ ରହୁଥିବା ବିବାଦକୁ କମାଇବା ଲାଗି ଅର୍ଥମନ୍ତ୍ରୀ ବଜେଟରେ ନୂଆ ଘୋଷଣା କରିଛନ୍ତି। ଟିକସ ମାମଲାଗୁଡ଼ିକୁ ପୁନଃ ଚାଲୁ କରିବା (ରିଓପନିଂ)ର ସମୟସୀମାକୁ ୬ ବର୍ଷ ପରିବର୍ତ୍ତେ ୩ ବର୍ଷକୁ ହ୍ରାସ କରାଯାଇଛି। ଗୋଟିଏ ବର୍ଷରେ ୫୦ ଲକ୍ଷ କିମ୍ବା ଏହାଠାରୁ ଅଧିକ ମୂଲ୍ୟର ଜଘନ୍ୟ ଟିକସ ଠକେଇ ମାମଲାଗୁଡ଼ିକରେ ୧୦ ବର୍ଷ ଯାଏ ରିଓପନ ହୋଇପାରିବ। ଏଥିଲାଗି ପ୍ରିନ୍ସିପାଲ ଚିଫ୍ କମିଶନରଙ୍କ ମଞ୍ଜୁରୀ ଲୋଡ଼ା ପଡ଼ିବ। ୫୦ ଲକ୍ଷ ଟଙ୍କାର ଟିକସଯୁକ୍ତ ଆୟ ଏବଂ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିବାଦୀୟ ଆୟ ଉପରେ ଟିକସଦାତାଙ୍କ ବିବାଦ ସମାଧାନ କମିଟି ଗଠନ ପ୍ରସ୍ତାବ ରହିଛି। ନ୍ୟାଶନାଲ ଫେସ୍‌ଲେସ୍ ଇନ୍‌କମ୍ ଟାକ୍ସ ଆପିଲେଟ ଟ୍ରିବ୍ୟୁନାଲ ସେଣ୍ଟର ସ୍ଥାପନ ନେଇ ବଜେଟରେ ଘୋଷଣା ହୋଇଛି। ଜାନୁୟାରୀ ୩୦ ସୁଦ୍ଧା ୧ ଲକ୍ଷରୁ ଊର୍ଦ୍ଧ୍ୱ ଟିକସଦାତା ବିବାଦ ସେ ବିଶ୍ୱାସ ସ୍କିମ୍ ଚୟନ କରିଛନ୍ତି।

### ଲେବର ୱେଲ୍‌ଫେୟାର

କମ୍ପାନୀ କର୍ମଚାରୀଙ୍କ ଭବିଷ୍ୟନିଧି ଦେୟ ବିଳମ୍ବରେ ପ୍ରଦାନ କଲେ ଟିକସରେ ଛାଡ଼ ସୁବିଧା ପାଇବେ ନାହିଁ। ଷ୍ଟାର୍ଟଅପ୍‌ଗୁଡ଼ିକ ଲାଗି ଟିକସ ଛାଡ ଦାବି କରିବା ସମୟ ଆଉ ବର୍ଷେ ବଢ଼ିଲା। ଷ୍ଟାର୍ଟଅପ୍‌ଗୁଡ଼ିକରେ ନିବେଶ କ୍ଷେତ୍ରରେ କ୍ୟାପିଟାଲ ଗେନ୍ସ ଛାଡ଼ ସୀମା ୨୦୨୨ ମାର୍ଚ୍ଚ ୩୧ ଯାଏ ବଢ଼ାଯାଇଛି।

### ଡିଭିଡେଣ୍ଡ

ଆର୍‌ଇଆଇଟି/ଆଇଏନ୍‌ଭିଆଇଟିକୁ ଡିଭିଡେଣ୍ଡ ପେମେଣ୍ଟ କ୍ଷେତ୍ରରେ ଟିଡିଏସ୍ ଛାଡ କରାଯାଇଛି। ଡିଭିଡେଣ୍ଡ ପେମେଣ୍ଟ ଏବଂ ଘୋଷଣା ପରେ ଡିଭିଡେଣ୍ଡ ଆୟ ଉପରେ ଆଡଭାନ୍ସ ଟିକସ ଲାଗୁ ହୋଇପାରିବ। ବିଦେଶୀ ନିବେଶକଙ୍କ ଲାଗି ଆୟ ଉପରେ ରିହାତି ଦିଆଯାଇଛି।

### ଭିତ୍ତିଭୂମି ଲାଗି ବିଦେଶୀ ନିବେଶ

ଜିରୋ କୁପନ ବଣ୍ଡ ଜାରି ଦ୍ୱାରା ଭିତ୍ତିଭୂମି ଡେଟ୍ ଫଣ୍ଡ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପ୍ରାଇଭେଟ ଫଣ୍ଡିଂ, ବାଣିଜ୍ୟିକ କାର୍ଯ୍ୟକଳାପ, ପ୍ରତ୍ୟକ୍ଷ ନିବେଶ କ୍ଷେତ୍ରରେ ନିୟମ କୋହଳ।

### ଏନ୍‌ଆର୍‌ଆଇଙ୍କ ପାଇଁ କୋହଳ ବ୍ୟବସ୍ଥା

ପ୍ରବାସୀ ଭାରତୀୟମାନେ ସେମାନଙ୍କ ଫରେନ ରିଟାୟାର ଆକାଉଣ୍ଟ ଲାଗି ସମସ୍ୟା ସାମ୍ନା କରୁଛନ୍ତି। ଏ କ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ କରିବା ଲାଗି ସରକାର ନୂଆ ଆଇନ ଆଣିବେ।

### ହାଉସିଂ ଫର୍ ଅଲ୍‌କୁ ସହାୟତା

- ସୁଲଭ ବାସଗୃହ ଋଣରେ ସୁଧ ରିହାତି ଅବଧି ୨୦୨୨ ମାର୍ଚ୍ଚ ଯାଏ ବୃଦ୍ଧି।
- ସୁଲଭ ବାସଗୃହ ଋଣରେ ୧.୫ ଲକ୍ଷ ପର୍ଯ୍ୟନ୍ତ ଅତିରିକ୍ତ ସୁଧ ଛାଡ଼ ସୁବିଧା ମାର୍ଚ୍ଚ ୨୦୨୨ ଯାଏ ବଢ଼ିଲା।
- ବିଜ୍ଞପିତ ସୁଲଭ ରେଣ୍ଟାଲ ହାଉସିଂ ପ୍ରକଳ୍ପରେ ଟିକସ ଛାଡ଼।

### ଆଇଏଫ୍‌ଏସ୍‌ସିକୁ ଟିକସ ରିହାତି

- ବିମାନ ଲିଜିଂ କମ୍ପାନୀଗୁଡ଼ିକ ଲାଗି କ୍ୟାପିଟାଲ ଗେନ୍ସ ଆୟ କ୍ଷେତ୍ରରେ ଟିକସ ରିହାତି।
- ବିଦେଶୀ ଲିଜରଙ୍କୁ ବିମାନ ଲିଜ୍ ଭଡ଼ା ପ୍ରଦାନ କ୍ଷେତ୍ରରେ ଟିକସ ଛାଡ।
- ଆଇଏଫ୍‌ଏସ୍‌ସିରେ ବିଦେଶୀ ପୁଞ୍ଜି ରିଲୋକେଶନ କ୍ଷେତ୍ରରେ ଟିକସ ପ୍ରୋତ୍ସାହନ।
- ଆଇଏଫ୍‌ଏସ୍‌ସିରେ ରହିଥିବା ବିଦେଶୀ ବ୍ୟାଙ୍କଗୁଡ଼ିକର ନିବେଶ ଡିଭିଜନ ଲାଗି ଟିକସ ପ୍ରୋତ୍ସାହନ।

### ଡିଜିଟାଲ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହନ

ଯେଉଁ କମ୍ପାନୀଗୁଡ଼ିକ ସେମାନଙ୍କ ୭୫% କାରବାର ଡିଜିଟାଲ ଆକାରରେ କରୁଛନ୍ତି ସେମାନଙ୍କ ଲାଗି ଟିକସ ଅଡିଟ ସୀମା ୫ରୁ ୧୦ କୋଟିକୁ ବଢ଼ାଯାଇଛି।

### କ୍ଷୁଦ୍ର ଟ୍ରଷ୍ଟ

ଛୋଟ ଛୋଟ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ସ୍କୁଲ ଏବଂ ହସ୍ପିଟାଲ ଲାଗି ଟିକସ ଛାଡ ସୀମା ବଢ଼ାଯାଇଛି। ଏହାକୁ ବାର୍ଷିକ ୧ରୁ ୫ କୋଟିକୁ ବଢ଼ାଯାଇଛି।

## ସୀମା ଶୁଳ୍କରେ ହ୍ରାସ ବୃଦ୍ଧି

ଘରୋଇ ମାନୁଫାକଚରିଂ ଏବଂ ଭାରତକୁ ବିଶ୍ୱର ଏକ ପ୍ରମୁଖ ଭାଲ୍ୟୁ ଚେନ୍ ମଧ୍ୟରେ ସାମିଲ କରାଇବାକୁ ସରକାର ଏବେ ରପ୍ତାନି ଉପରେ ଗୁରୁତ୍ୱ ଦେଉଛନ୍ତି। ୮୦ ପୁରୁଣା ଛାଡ ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ୪୦୦ରୁ ଊର୍ଦ୍ଧ୍ୱ ପୁରୁଣା ଏକଜେମସନ ଉପରେ ଏବେ ତର୍ଜମା କରାଯାଉଛି। ନୂଆ ସୀମା ଶୁଳ୍କ ଛାଡ ବ୍ୟବସ୍ଥା ୩୧ ମାର୍ଚ୍ଚ ଯାଏ ବୈଧ ରହିବ। ଇଲେକଟ୍ରୋନିକ୍ସ ଏବଂ ମୋବାଇଲ ଫୋନ ଶିଳ୍ପ ଲାଗି ଲାଗୁ ହେଉଥିବା କେତେକ ଛାଡ ବ୍ୟବସ୍ଥା ପ୍ରତ୍ୟାହାର କରାଯାଇଛି। ସେହିଭଳି କେତେକ ମୋବାଇଲ ପାର୍ଟସ କ୍ଷେତ୍ରରେ ଲାଗୁ ହେଉଥିବା ଟିକସକୁ ୨.୫% କରାଯାଇଛି। ନନ୍ ଆଲଏ, ଆଲଏ ଏବଂ ଷ୍ଟେନଲେସ ଷ୍ଟିଲର ପ୍ରଡକ୍ଟ ଉପରେ ସୀମା ଟିକସ ୭.୫% କମିଛି। ଷ୍ଟିଲ ସ୍କ୍ରାପ କ୍ଷେତ୍ରରେ ଲାଗୁ ହେଉଥିବା ଟିକସ ୨୦୨୦ ମାର୍ଚ୍ଚ ୩୧ ଯାଏ ଛାଡ କରାଯାଇଛି। କେତେକ ଷ୍ଟିଲ ପ୍ରଡକ୍ଟ ଉପରେ ଆଣ୍ଟି ଡମ୍ପିଂ ଡ୍ୟୁଟି ଏବଂ କାଉଣ୍ଟର ଭେଲିଂ ଡ୍ୟୁଟି ଲାଗୁହୋଇଛି। କପର ସ୍କ୍ରାପ ଉପରେ ଟିକସ ୫ରୁ ୨.୫%କୁ ହ୍ରାସ ହୋଇଛି। ଘରୋଇ ଶିଳ୍ପକୁ ଉତ୍ସାହିତ କରିବା ଲାଗି କେମିକାଲ୍ସ ଉପରେ ସୀମା ଟିକସ ଲାଗୁ ହୋଇଛି। ସେହିଭଳି ସୁନା ଏବଂ ରୁପା ଉପରେ ସୀମା ଟିକସ କମିଛି। ସୋଲାର ଇନଭର୍ଟର ଉପରେ ଟିକସ ୫%ରୁ ୨୦%, ସୋଲାର ଲଣ୍ଠନ ଉପରେ ୫ରୁ ୧୫%କୁ ବଢ଼ିଛି। କେତେକ ସାମଗ୍ରୀ ଉପରେ କୃଷି ଏବଂ ଭିତ୍ତିଭୂମି ସେସ୍ ଲାଗୁ ହୋଇଛି।

## ଆହୁରି ସରଳ ହେବ ଜିଏସ୍‌ଟି




ଆଗାମୀ ଦିନରେ ଜିଏସ୍‌ଟିକୁ ଆହୁରି ସରଳ କରାଯିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ତାଙ୍କ ବଜେଟ ଅଭିଭାଷଣରେ ଏସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏସ୍‌ଏମ୍‌ଏସ୍ ଦ୍ୱାରା ନିଲ୍ ରିଟର୍ନ ଫାଇଲ ହେଉଛି। କ୍ଷୁଦ୍ର ଟିକସଦାତାଙ୍କ ପାଇଁ ତ୍ରୈମାସିକ ରିଟର୍ନ ଏବଂ ମାସିକ ପେମେଣ୍ଟ ବ୍ୟବସ୍ଥା ହୋଇଛି। ଇଲେକଟ୍ରୋନିକ ଇନଭଏସ ସିଷ୍ଟମ ଲାଗୁ କରାଯାଇଛି। ଇନପୁଟ ଟାକ୍ସ ଷ୍ଟେଟମେଣ୍ଟ ବୈଧୀକରଣ, ପ୍ରିଫିଲ ଏବଂ ଏଡିଟ ହୋଇ ପାରୁଥିବା ଜିଏସ୍‌ଟି ରିଟର୍ନ, ଜିଏସ୍‌ଟିଏନ୍‌ରେ କ୍ଷମତା ବୃଦ୍ଧି ଏବଂ ଟିକସ ଚୋରୀ ରୋକିବା ଲାଗି ଡିପ୍ ଆନାଲିଟିକ୍ସ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରାଯାଇଛି। ପରୋକ୍ଷ ଟିକସ କ୍ଷେତ୍ରରେ ମଧ୍ୟ ଅନ୍ୟ ପଦକ୍ଷେପ ଘୋଷଣା ହୋଇଛି।

## ପୁଞ୍ଜି ଖର୍ଚ୍ଚ ୩୪% ବଢ଼ିବ



୨୦୨୦-୨୧ ବଜେଟରେ ୩୦.୪୨ ଲକ୍ଷ କୋଟି ଟଙ୍କାର ଖର୍ଚ୍ଚ ନେଇ ଯୋଜନା କରାଯାଇଥିଲା। ଏହା ପରିବର୍ତ୍ତିତ ଧାର୍ଯ୍ୟଲକ୍ଷ୍ୟ ଅନୁସାରେ ଏହା ୩୪.୫୦ ଲକ୍ଷ କୋଟି ଟଙ୍କା ରହିଛି। ସେହିଭଳି ପୁଞ୍ଜି ଖର୍ଚ୍ଚ ନେଇ ୪.୧୨ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଏହା ପରିବର୍ତ୍ତିତ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଏହା ୪.୩୯ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୧-୨୨ ଲାଗି ବଜେଟରେ ୩୪.୮୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ନେଇ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପୁଞ୍ଜି ଖର୍ଚ୍ଚ ୩୪% ବୃଦ୍ଧି ପାଇ ୫.୫ ଲକ୍ଷ କୋଟି ଟଙ୍କା ରହିଛି।

## ବିତ୍ତୀୟ ନିଅଣ୍ଟ ୯.୫%

ଚଳିତ ଆର୍ଥିକ ବର୍ଷରେ ଦେଶର ବିତ୍ତୀୟ ନିଅଣ୍ଟ ୯.୫% ରହିବ ବୋଲି ବଜେଟରେ ଆକଳନ କରାଯାଇଛି। ସେହିଭଳି ୨୦୨୧-୨୨ ଲାଗି ଏହା ଜିଡିପିର ୬.୮% ଛୁଇଁବ ବୋଲି କୁହାଯାଇଛି। ସରକାର ୨୦୨୧-୨୨ରେ ୧୨ ଲକ୍ଷ କୋଟି ଟଙ୍କାର ଋଣ କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି। ୨୦୨୫-୨୬ ସୁଦ୍ଧା ବିତ୍ତୀୟ ନିଅଣ୍ଟକୁ ୪.୫%କୁ ହ୍ରାସ କରିବା ନେଇ ଯୋଜନା ରଖାଯାଇଛି। ଟିକସ ଅନୁପାଳନରେ ବୃଦ୍ଧି ଏବଂ ଆସେଟ ମନେଟାଇଜେଶନ ଦ୍ୱାରା ସରକାର ଏହି ଲକ୍ଷ୍ୟ ହାସଲ ଲାଗି ଯୋଜନା ରଖିଛନ୍ତି। ଏହା ମଧ୍ୟରେ ରାଷ୍ଟ୍ରାୟତ୍ତ ସମ୍ପତ୍ତି ଘରୋଇକରଣ ଏବଂ ଜମି ରହିଛି। ଏଫ୍‌ଆର୍‌ବିଏମ୍ ଆଇନରେ ସଂଶୋଧନ ଲାଗି ପ୍ରସ୍ତାବ ରହିଛି। କଣ୍ଟିଜେନ୍ସି ଫଣ୍ଡ ଅଫ୍ ଇଣ୍ଡିଆକୁ ୫୦୦ କୋଟିରୁ ୩୦ ହଜାର କୋଟି ଟଙ୍କାକୁ ବଢାଇବାକୁ ଫାଇନାନ୍ସ ବିଲ୍ ଦ୍ୱାରା ବ୍ୟବସ୍ଥା କରାଯିବ।

## ୪% ଋଣ କରିପାରିବେ ରାଜ୍ୟ




ପଞ୍ଚଦଶ ଅର୍ଥକମିଶନଙ୍କ ଶୁପାରିଶ ଆଧାରରେ ୨୦୨୧-୨୨ରେ ରାଜ୍ୟଗୁଡ଼ିକ ସେମାନଙ୍କ ମୋଟ ରାଜ୍ୟ ଜିଡିପିର ୪% ନେଟ ଋଣ କରିବାକୁ ଅନୁମତି ଦିଆଯାଇଛି। ବର୍ଦ୍ଧିତ ପୁଞ୍ଜି ଖର୍ଚ୍ଚକୁ ନଜରରେ ରଖି ରାଜ୍ୟ ଏହାର କିଛି ଅଂଶ ଖର୍ଚ୍ଚ କରିବେ। ସର୍ତ୍ତ ଆଧାରରେ ରାଜ୍ୟଗୁଡ଼ିକୁ ସେମାନଙ୍କ ମୋଟ ଜିଡିପିର ୦.୫% ଅତିରିକ୍ତ ଋଣ କରିବାକୁ ଅନୁମତି ଦିଆଯାଇଛି। ୨୦୨୩-୨୪ରେ ରାଜ୍ୟଗୁଡ଼ିକର ବିତ୍ତୀୟ ନିଅଣ୍ଟ ସେମାନଙ୍କ ମୋଟ ଜିଡିପିର ୩% ରଖିବା ନେଇ ଆଶା କରାଯାଇଛି।

## ୧.୧୮ ଲକ୍ଷ କୋଟିର ରାଜସ୍ୱ ନିଅଣ୍ଟ ଗ୍ରାଣ୍ଟ

୨୦୨୧-୨୬ ଅବଧି ଲାଗି ପଞ୍ଚଦଶ ଅର୍ଥକମିଶନ ତାଙ୍କ ରିପୋର୍ଟକୁ ରାଷ୍ଟ୍ରପତିଙ୍କ ପ୍ରଦାନ କରିଛନ୍ତି। ଟିକସରେ ରାଜ୍ୟ ଗୁଡ଼ିକର ଅଂଶ ୪୧% ରଖିବା ନେଇ କୁହାଯାଇଛି। ଜମ୍ମୁ ଏବଂ କଶ୍ମୀର ଓ ଲଦାଖକୁ କେନ୍ଦ୍ର ସରକାର ପାଣ୍ଠି ଯୋଗାଇ ଦେବେ। ୨୦୨୧-୨୨ରେ ୧୭ ରାଜ୍ୟକୁ ରାଜସ୍ୱ ନିଅଣ୍ଟ ଗ୍ରାଣ୍ଟ ଭାବେ ୧.୧୮ ଲକ୍ଷ କୋଟି ଟଙ୍କା ଅର୍ଥ କମିଶନଙ୍କୁ ଶୁପାରିଶ ଆଧାରରେ ପ୍ରଦାନ କରାଯିବ। ଏହା ଚଳିତ ବର୍ଷ ୧୪ ରାଜ୍ୟକୁ ୭୪,୩୪୦ କୋଟି ଟଙ୍କା ରହିଥିଲା।



ବଜେଟ୍ ଉପସ୍ଥାପନ ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଏବଂ ବରିଷ୍ଠ ଅଧିକାରୀବୃନ୍ଦ।

## ମଦରେ ଲାଗିବ ୧୦୦% ସେସ୍

୨୦୨୧-୨୨ କେନ୍ଦ୍ର ବଜେଟରେ ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଫଳରେ ଏହି ବଜେଟ ବ୍ୟବସ୍ଥା ଅନୁସାରେ ୨ ଫେବୃୟାରୀଠାରୁ ମଦ ଦର ମହଙ୍ଗା ହେବ। କେବଳ ସେତିକି ନୁହେଁ, କୃଷି ଭିତ୍ତିଭୂମି ବିକଶିତ କରିବାକୁ ମଧ୍ୟ ଏହି ବଜେଟରେ ପ୍ରାଧାନ୍ୟ ଦିଆଯାଇଛି। ଏଥିଲାଗି ବ୍ୟୟ ବରାଦ ଅଧିକ ଥିବାରୁ କେନ୍ଦ୍ର ସରକାର ବିଭିନ୍ନ ସାମଗ୍ରୀ ଉପରେ ସେସ୍ ଲାଗୁ କରିଛନ୍ତି। ନିଶା ପାନୀୟ ଉପରେ କେନ୍ଦ୍ର ସରକାର ଶତ ପ୍ରତିଶତ କୃଷି ସେସ୍ ଲାଗୁ କରିଛନ୍ତି। ଫଳରେ ଏହାର ଦର ବଢ଼ିବା ଏକ ପ୍ରକାର ସୁନିଶ୍ଚିତ ହୋଇଯାଇଛି। ସେହିଭଳି ପେଟ୍ରୋଲ ଡିଜେଲ ସହିତ ଅନ୍ୟ କେତେକ ସାମଗ୍ରୀ ଉପରେ ମଧ୍ୟ କୃଷି ସେସ୍ ଲାଗୁ କରାଯାଇଛି। ଏହା ସହ ବିଦେଶୀ ମୋବାଇଲ, ମୋବାଇଲ ଉପକରଣ,ବିଦେଶରୁ ଆସୁଥିବା କପଡ଼ା, ବିଦେଶୀ ଅଟୋପାର୍ଟସ, ବିଦ୍ୟୁତ୍ ଉପକରଣ,ସୋଲାର ଇନ୍‌ଭର୍ଟର, ବିଦେଶୀ ଖାଦ୍ୟ ଆଦି ସାମଗ୍ରୀର ଦାମ ବଢିବ। ସେହିପରି ନୂଆ ବଜେଟରେ ସୁନା, ରୁପା, ଲୁହା , ଷ୍ଟିଲ୍ ସାମଗ୍ରୀ, ତମ୍ବା ସାମଗ୍ରୀ ଆଦି ଶସ୍ତା ହେବ ବୋଲି ଜଣାପଡିଛି।



## ବ୍ୟାଙ୍କ ପାଇବେ ୨୦ ହଜାର କୋଟି


ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୨୦ ହଜାର କୋଟି ଟଙ୍କାର ପୁଞ୍ଜି ଯୋଗାଇ ଦେବା ଲାଗି ବଜେଟରେ ଘୋଷଣା କରାଯାଇଛି। ବ୍ୟାଙ୍କଗୁଡ଼ିକର ନିୟାମକ ଆବଶ୍ୟକତା ପୂରଣ କରିବା ଲାଗି ସରକାର ଏଭଳି ପୁଞ୍ଜି ଯୋଗାଇଦେବେ। ଚଳିତ ଆର୍ଥିକ ବର୍ଷରେ ମଧ୍ୟ ସରକାର ବ୍ୟାଙ୍କଗୁଡ଼ିକୁ ୨୦ ହଜାର କୋଟି ଟଙ୍କା ଯୋଗାଣର ବ୍ୟବସ୍ଥା କରିଛନ୍ତି। ଏହା ଦ୍ୱାରା ବ୍ୟାଙ୍କଗୁଡ଼ିକର ସ୍ଥିତିରେ ଉନ୍ନତି ଆସିବ ବୋଲି ଆଶା କରାଯାଉଛି। ୨୦୧୯-୨୦ରେ ସରକାର ବ୍ୟାଙ୍କଗୁଡ଼ିକୁ ୭୦ହଜାର କୋଟି ଟଙ୍କା ଯୋଗାଇଦେବା ଲାଗି ଘୋଷଣା କରିଥିଲେ। ବ୍ୟାଙ୍କଗୁଡ଼ିକର ଋଣ ଯୋଗାଣ କ୍ଷମତା ବଢାଇବା ଲାଗି ଏଭଳି ଘୋଷଣା କରାଯାଇଥିଲା। ୨୦୨୦-୨୧ ବଜେଟରେ ବ୍ୟାଙ୍କଗୁଡ଼ିକୁ ଋଣ ଯୋଗାଣ ନେଇ କୌଣସି ଘୋଷଣା କରାଯାଇ ନ ଥିଲା। ବ୍ୟାଙ୍କ ବଜାରରୁ ନିଜେ ପାଣ୍ଠି ଉଠାନ୍ତୁ ବୋଲି ସରକାର କହିଥିଲେ।

## ପ୍ରତିଭୂତି ବଜାର ଲାଗି ଏକକ କୋଡ୍

ସିକ୍ୟୁରିଟି ମାର୍କେଟ ବା ପ୍ରତିଭୂତି ବଜାର ଲାଗି ଗୋଟିଏ କୋଡ୍ ଆଣିବା ଲାଗି ଅର୍ଥମନ୍ତ୍ରୀ ବଜେଟରେ ପ୍ରସ୍ତାବ ଦେଇଛନ୍ତି। ଏହାବାଦ୍ ଦେଶ ମଧ୍ୟରେ ବିଶ୍ୱସ୍ତରୀୟ ଫିନ୍‌ଟେକ ହବ୍ ଉନ୍ନତୀକରଣ କରିବାକୁ ସମସ୍ତ ପ୍ରକାର ସହଯୋଗ ସରକାର ଯୋଗାଇଦେବେ। ବଣ୍ଡ ମାର୍କେଟର ଉନ୍ନତୀକରଣ ଲାଗି ନୂଆ ସ୍ଥାୟୀ ଇନ୍‌ଷ୍ଟିଚ୍ୟୁଶନାଲ ଫ୍ରେମ୍‌ୱାର୍କ ଆସିବ। ଏହା ଇନ୍‌ଭେଷ୍ଟମେଣ୍ଟ ଗ୍ରେଡ୍ ଡେଟ୍ ସିକ୍ୟୁରିଟି କ୍ରୟ କରିବ। ଉଭୟ ଚାପଗ୍ରସ୍ତ ଏବଂ ସ୍ୱାଭାବିକ ପ୍ରତିଭୂତି କ୍ରୟ କରିବାକୁ ପ୍ରସ୍ତାବ ରହିଛି। ସେହିଭଳି ଗୋଲ୍ଡ ଏକ୍ସଚେଞ୍ଜ ଲାଗି ଏକ ନିୟନ୍ତ୍ରିତ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରହିଛି। ସମସ୍ତ ଆର୍ଥିକ ନିବେଶକଙ୍କ ଲାଗି ଏକ ଇନ୍‌ଭେଷ୍ଟରର ଚାର୍ଟର ଗଠନ ନେଇ ମଧ୍ୟ ଯୋଜନା ରଖାଯାଇଛି।

# ତେଲ ଉପରେ କୃଷି ସେସ୍

ନୂଆଦିଲ୍ଲୀ,୧।୨




ଗତ କିଛି ମାସ ହେବ ତେଲ ଦର ଆକାଶଛୁଆଁ ରହିଛି। ଦର ବୃଦ୍ଧି କାରଣରୁ ଦେଶରେ ଏକ ପ୍ରକାର ଜନଅସନ୍ତୋଷ ସୃଷ୍ଟି ହୋଇଛି। ତେଲ ଦର ବୃଦ୍ଧି ଯୋଗୁ ଖାଉଟିଙ୍କୁ ଅତିରିକ୍ତ ଖର୍ଚ୍ଚ କରିବାକୁ ପଡୁଛି। ଏପରିକି ଦେଶର କିଛି ସ୍ଥାନରେ ତେଲ ଦର ୧୦୦ ଟଙ୍କା ଛୁଇଁ ସାରଲାଣି।

ଏଭଳି ସ୍ଥିତିରେ ଚଳିତ ବଜେଟରେ ସରକାର ପେଟ୍ରୋଲ ଓ ଡିଜେଲ ଉପରେ କୃଷି ସେସ୍ ଲଗାଇବା ପାଇଁ ଘୋଷଣା କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟରେ ପେଟ୍ରୋଲ ଉପରେ ୨.୫୦ ଓ ଡିଜେଲ ଉପରେ ୪ ଟଙ୍କାର କୃଷି ସେସ୍ ଲାଗିବ ବୋଲି କହିଛନ୍ତି। ତେବେ ତେଲ ଦରରେ ଅତିରିକ୍ତ ସେସ୍ ଲାଗୁ ହେବା ପରେ ମଧ୍ୟ ଏହାର ମୂଲ୍ୟର ବୃଦ୍ଧି ଘଟିବ ନାହିଁ ବୋଲି ସୀତାରାମନ କହିଥିବା ବେଳେ ଭବିଷ୍ୟତରେ ଏହାର ପ୍ରଭାବ ଗ୍ରାହକଙ୍କ ଉପରେ ପଡିପାରେ ବୋଲି ଆଶାଙ୍କା କରାଯାଉଛି। ଗତ ୯ ମାସ ମଧ୍ୟରେ ପେଟ୍ରୋଲ ଦର ୧୬ ଟଙ୍କା ଓ ଡିଜେଲ ଦାମ ଲିଟର ପିଛା ୧୪ ଟଙ୍କା ବୃଦ୍ଧି ପାଇଛି। ଗତ କିଛିଦିନ ତଳେ ରାଜସ୍ଥାନ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁ ଥିବା ଭାଟ୍‌ରେ ୨ଟଙ୍କା ହ୍ରାସ କରିଥିଲେ। ସରକାରଙ୍କ ପକ୍ଷରୁ ସୋମବାର ଏନେଇ ନିର୍ଦ୍ଦେଶନାମା ମଧ୍ୟ ଜାରି କରାଯାଇଛି।

ଏହି ସେସ୍ ବିଷୟରେ ସୂଚନା ଦେଇ ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଦେଶର କୃଷି ଢାଞ୍ଚାକୁ ତତ୍କାଳ ବିକଶିତ କରାଯିବା ସହ କୃଷି ଉତ୍ପାଦର ପ୍ରକ୍ରିୟାକରଣକୁ ମଧ୍ୟ ଉନ୍ନତ କରାଯିବାର ଆବଶ୍ୟକତା ରହିଛି। ଏହା ଦ୍ୱାରା କୃଷକଙ୍କ ଜୀବିକାରେ ବୃଦ୍ଧି ଘଟିବ। ସେହିଭଳି ସରକାର ପେଟ୍ରୋଲ ଉପରେ ବେସିସ୍ ଏକ୍ସାଇଜ୍ ଡ୍ୟୁଟି ହ୍ରାସ କରି ଲିଟର ପ୍ରତି ୨.୯୮ ଟଙ୍କାରୁ ୧.୪ ଟଙ୍କା କମ୍ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ବ୍ୟତୀତ ଡିଜେଲ୍ ଦର ଉପରେ ବେସିକ୍ ଏକ୍ସାଇଜ୍ ଡ୍ୟୁଟି ଲିଟର ପିଛା ୪.୮୩ ଟଙ୍କାରୁ ହ୍ରାସ କରି ୧.୮ ଟଙ୍କା କରାଯିବ। ସେହିପରି ଏହି ଦୁଇ ତୈଳ ଦର ଉପରେ ଲାଗୁଥିବା ସ୍ପେଶାଲ ଏକ୍ସାଇଜ୍ ଡ୍ୟୁଟିରେ ମଧ୍ୟ ଲିଟର ପ୍ରତି ଏକ ଟଙ୍କା ହ୍ରାସ କରାଯିବ। ପେଟ୍ରୋଲ ଉପରେ ଏହି ଡ୍ୟୁଟି ଲିଟର ପ୍ରତି ୧୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୮ ଟଙ୍କାରେ ରହିବ। ଏହି ଆଧାରରେ କୃଷି ସେସ୍ ବଢିଲେ ବି ପେଟ୍ରୋଲ ଓ ଡିଜେଲ୍ ଦାମରେ ବୃଦ୍ଧି ଘଟିବ ନାହିଁ ବୋଲି ଜଣାପଡିଛି।

## ବୀମା କ୍ଷେତ୍ର ଏଫ୍‌ଡିଆଇ ସୀମା ବୃଦ୍ଧି

ସରକାର ବଜେଟରେ ବୀମା କ୍ଷେତ୍ର ଏଫ୍‌ଡିଆଇକୁ ବଢ଼ାଇବା ନେଇ ଘୋଷଣା କରିଛନ୍ତି। ଏହା ବର୍ତ୍ତମାନ ୪୯% ରହିଥିବା ବେଳେ ଏହାକୁ ୭୪%କୁ ବଢାଇବା ନେଇ ବଜେଟରେ ପ୍ରସ୍ତାବ ଦିଆଯାଇଛି। ଆଗାମୀ ଦିନରେ ବିଦେଶୀ ଓନରଶିପ ଏବଂ ନିୟନ୍ତ୍ରଣ ଏହି କ୍ଷେତ୍ରରେ ଦେଖିବାକୁ ମିଳିବ। ବୀମା କ୍ଷେତ୍ରକୁ ଆହୁରି ପ୍ରତିଦ୍ୱନ୍ଦ୍ୱୀ କରିବା ଲାଗି ସରକାର ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି।

## ୧.୭୫ ଲକ୍ଷ କୋଟିର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ

ବଜେଟରେ ୧.୭୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ରଖାଯାଇଛି। ଭାରତ ପେଟ୍ରୋଲିୟମ, ଏୟାର ଇଣ୍ଡିଆ, ଶିପିଂ କର୍ପୋରେଶନ, କଣ୍ଟେନର କର୍ପୋରେଶନ, ଆଇଡିବିଆଇ ବ୍ୟାଙ୍କ, ବିଇଏମ୍‌ଏଲ୍, ପୱନ ହଂସ ଏବଂ ନୀଳାଚଳ ଇସ୍ପାତ ଲିମିଟେଡ୍‌ରୁ ୨୦୨୧-୨୨ରେ ପୁଞ୍ଜି ପ୍ରତ୍ୟାହାର ନେଇ ଲକ୍ଷ୍ୟ ରଖାଯାଇଛି। ଆଇଡିବିଆଇ ବ୍ୟାଙ୍କ ବାଦ୍ ଅନ୍ୟ ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ଗୋଟିଏ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀ ଘରୋଇକରଣ ହେବ। ୨୦୨୧-୨୨ରେ ଏଲ୍‌ଆଇସିର ଆଇପିଓ ଆସିବ। ନୂଆ ଷ୍ଟ୍ରାଟେଜିକ ଡିସ୍‌ଇନ୍‌ଭେଷ୍ଟମେଣ୍ଟ ନୀତିକୁ ମଞ୍ଜୁରୀ ମିଳିଛି। ୪ ଷ୍ଟ୍ରାଟେଜିକ ଏରିଆକୁ ଛାଡିଲେ ଅନ୍ୟ ସବୁ ରାଷ୍ଟ୍ରାୟତ୍ତ କମ୍ପାନୀକୁ ସରକାର ଘରୋଇକରଣ କରିବେ। ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ଲାଗି ରାଜ୍ୟଗୁଡ଼ିକୁ ପ୍ରୋତ୍ସାହିତ କରାଯାଉଛି।

## ୨୦୨୨ ବେଳକୁ ଅଧିକାଂଶ କ୍ଷେତ୍ର ଘରୋଇକରଣ



ଗତବର୍ଷ ଅପେକ୍ଷା ୧୫% ଅଧିକ ବ୍ୟୟବରାଦ ହୋଇଛି। ଏଥିରେ ସ୍ୱାସ୍ଥ୍ୟ, ଭିତ୍ତିଭୂମି, ମାନବସମ୍ବଳ, ନବପ୍ରବର୍ତ୍ତନ, ଗବେଷଣା ଓ ବିକାଶ, ପୁଞ୍ଜି ଗଠନ ଉପରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ପ୍ରଗତି ପାଇଁ ଘରୋଇକରଣ ବାଧ୍ୟତାମୂଳକ ବୋଲି ଏହି ବଜେଟରୁ ପ୍ରମାଣିତ ହୋଇଛି। ବୀମା କ୍ଷେତ୍ରରେ ଘରୋଇ ନିବେଶ ୪୯%ରୁ ୭୪%କୁ ବଢ଼ାଇ ଦିଆଯାଇଛି। ୨୦୨୨କୁ ଅଧିକାଂଶ କ୍ଷେତ୍ର ଘରୋଇକରଣ ହୋଇଯିବ ବୋଲି ଅନୁମାନ କରାଯାଉଛି।

-ଡ. ବଳରାମ ମିଶ୍ର, ଅର୍ଥନୀତିଜ୍ଞ, ଭଦ୍ରକ

## ରେଲୱେ କରିଡର ଲାଗି ଓଡ଼ିଶା ଉପକୃତ ହେବ



୭୫ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ଇନ୍‌କମ୍ ଟ୍ୟାକ୍ସ ଛାଡ଼ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଫ୍ରିଁ ହାରବର ରେଲୱେ କରିଡ଼ର (ହାଓଡ଼ାରୁ ବିଜୟୱାଡ଼ା) ପ୍ରକଳ୍ପ ପାଇଁ ଓଡ଼ିଶାବାସୀ ଉପକୃତ ହେବେ। ପ୍ରବାସୀଙ୍କ ପାଇଁ ଥଇଥାନ ବ୍ୟବସ୍ଥା ବଜେଟ୍‌ରେ ସ୍ଥାନ ପାଇଛି। ଏହା କର୍ମନିଯୁକ୍ତି ହରାଇଥିବା ବ୍ୟକ୍ତିଙ୍କ ଲାଗି ସହାୟକ ହେବ। କରୋନା ଦ୍ୱାରା କ୍ଷତିଗ୍ରସ୍ତ ମଧ୍ୟବିତ୍ତଙ୍କ ପାଇଁ ଭତ୍ତା ବ୍ୟବସ୍ଥା କରାଯାଇଥିଲେ ଭଲ ହୋଇଥାନ୍ତା।

-ସୁବ୍ରତ କର, ପୂର୍ବତନ ଲୋକପାଳ, ବାଲେଶ୍ୱର

## ସେଭଳି କିଛି ନୂତନତ୍ୱ ନାହିଁ



ବଜେଟରେ କୌଣସି ନୂତନତ୍ୱ ନାହିଁ। କେବଳ ସ୍ୱାସ୍ଥ୍ୟକ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ରେଲୱେ କ୍ଷେତ୍ରରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଘୋଷଣା ଏବଂ ମଧ୍ୟବିତ୍ତ ଶ୍ରେଣୀ ପାଇଁ ଆୟକର ଟିକସରେ ରିହାତି ଆଶା କରାଯାଉଥିଲା, ଯାହା ବାଦ୍ ପଡ଼ିଛି। ବୈଦ୍ୟୁତିକ ଉପକରଣରେ କଷ୍ଟମ ଡ୍ୟୁଟି ବୃଦ୍ଧି ବାଧିବ। ଏଲ୍‌ଆଇସିରୁ ପୁଞ୍ଜି ପ୍ରତ୍ୟାହାର ହେଲେ ଲୋକଙ୍କ ପାଇଁ ବୋଝ ହେବ।

-ଦାମୋଦର ସାହୁ, ଅର୍ଥନୀତି ବିଭାଗ ଅଧ୍ୟାପକ, କେନ୍ଦୁଝର

## ଜିଏସ୍‌ଟିର ସରଳୀକରଣ ଆଖିଦୃଶିଆ ନୁହେଁ



ବଜେଟରେ ଇନକମ୍ ଟ୍ୟାକ୍ସରେ ଛାଡ଼ ସୀମା ୨.୫ଲକ୍ଷରୁ ବଢ଼ି ୫ଲକ୍ଷ ଟଙ୍କା କରିଥିଲେ ବହୁ ଲୋକ ଉପକୃତ ହୋଇଥାନ୍ତେ। ଜିଏସ୍‌ଟିର ସରଳୀକରଣ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ପଶ୍ଚିମବଙ୍ଗ ପାଇଁ ଏକ ବଡ଼ ଆର୍ଥିକ ପ୍ୟାକେଜ ଘୋଷଣା କରାଯାଇଥିବା ବେଳେ ଓଡ଼ିଶା ପ୍ରତି ଦୃଷ୍ଟି ଦିଆଯାଇନାହିଁ, ଯାହା ନୈରାଶ୍ୟଜନକ।

-ଅଭିଜିତ୍ ରାମ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ବାରିପଦା

## ବରିଷ୍ଠଙ୍କ ଟିକସ ଛାଡ଼ ଉତ୍ତମ ନିଷ୍ପତ୍ତି



କୋଭିଡ୍ ମହାମାରୀ ଭିତରେ ଚଳିତ ଆର୍ଥିକ ବର୍ଷର ବଜେଟ୍ ଆସିଛି। ସରକାର ବିଭିନ୍ନ ଦିଗକୁ ଦୃଷ୍ଟି ଦେଇ ଏହାକୁ ପ୍ରସ୍ତୁତ କରିଛନ୍ତି। ସବୁଠାରୁ ଭଲ ନିଷ୍ପତ୍ତି ବରିଷ୍ଠଙ୍କ ଟିକସ ଛାଡ଼ ଉପରେ ନିଆଯାଇଛି। ଏଥିରେ ୭୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ନାଗରିକମାନେ ଉପକୃତ ହେବେ। ଅବସରଗ୍ରହଣ କରୁଥିବା କର୍ମଚାରୀଙ୍କ ପାଇଁ ଟିକସ ଛାଡ଼ ପାଇଁ ବ୍ୟବସ୍ଥା କରାଯାଇଥିଲେ ଭଲ ହୁଅନ୍ତା।

-ରୁଦ୍ରମାଧବ ମହାପାତ୍ର, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ, ଢେଙ୍କାନାଳ

## ଆତ୍ମନିଯୁକ୍ତି ସୃଷ୍ଟି କରିବାରେ ସାମାନ୍ୟ ବିଫଳ



ଚଳିତ ବଜେଟ ସାମାନ୍ୟ ଭିନ୍ନ ହୋଇଛି। କିନ୍ତୁ କୃଷି ଓ ଶିଳ୍ପ ମଧ୍ୟରେ ଯେଉଁ ସମନ୍ୱୟ ରହିବା କଥା ସେଥିରେ କିଛିଟା କମ୍ ଲାଗୁଛି। କୃଷିକୁ ଆଉ କିଛି ଅଗ୍ରାଧିକାର ଦିଆଯାଇଥିଲେ ଭଲ ହୋଇଥାନ୍ତା। ଅନୁରୂପ ଭାବେ କ୍ଷୁଦ୍ର ଓ ମଧ୍ୟମ ବର୍ଗର ଶିଳ୍ପକୁ ଏଥିରେ ପୂର୍ଣ୍ଣ ପ୍ରୋତ୍ସାହନ ଦିଆଯାଇନାହିଁ। ଯଥେଷ୍ଟ ଆତ୍ମନିଯୁକ୍ତି ସୃଷ୍ଟି କରିବାରେ ଏହା ସାମାନ୍ୟ ବିଫଳ ହୋଇଛି।

- ପ୍ରଦୀପ ଶତପଥୀ, ଅଧ୍ୟାପକ, ବାଲିକୁଦା ମହାବିଦ୍ୟାଳୟ

## ନିଯୁକ୍ତି ପାଇଁ ବ୍ୟୟବରାଦ ସନ୍ତୋଷଜନକ ନୁହେଁ



କେନ୍ଦ୍ର ବଜେଟ ଜନବିରୋଧୀ ଓ ନୈରାଶ୍ୟଜନକ। କର୍ମନିଯୁକ୍ତି ଯୋଗାଇବା ସରକାରଙ୍କ ନିକଟରେ ସବୁଠାରୁ ବଡ଼ ଆହ୍ୱାନ ଥିଲା। କରୋନାରେ ୧୬ କୋଟି ଲୋକ କାମ ହରାଇଲେ। ଏବେ ଦେଶରେ ବେକାରିଙ୍କ ସଂଖ୍ୟା ୪୧ କୋଟି। ବଜେଟରେ ସରକାରୀ ନିଯୁକ୍ତି, ରାଜ୍ୟ ରେଳପଥ ଓ ଜାତୀୟ ରାଜପଥ ନେଇ ଆଶାନୁରୂପକ ବ୍ୟୟବରାଦ ହୋଇନାହିଁ।

-ଶରତ କୁମାର ରାୟଗୁରୁ, ସମ୍ପାଦକ, ସିପିଆଇଏମ୍, ପୁରୀ ଜିଲା

## ଷ୍ଟିଲ ଶସ୍ତା ହେଲେ ଭିତ୍ତିଭୂମି କାମ ବଢ଼ିବ



୨୦୨୧-୨୨ ବଜେଟ ହେଉଛି ଗତିଶୀଳ ବଜେଟ। ଏଥିରେ ଚାଷୀଙ୍କୁ ଦେଢ଼ଗୁଣା ଏମ୍‌ଏସ୍‌ପି ଦେବାକୁ ପ୍ରୟାସ କରାଯାଇଛି। ପାରାଦୀପକୁ ମାଛଧରା ହବ୍ ଭାବେ ବିକଶିତ କରିବା, ଉଜ୍ଜ୍ୱଳାରେ ଆଉ ୧ କୋଟିଙ୍କୁ ସାମିଲ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ବରିଷ୍ଠ ନାଗରିକଙ୍କୁ ଆୟକର ରିଟର୍ନ ଦାଖଲରୁ ମୁକ୍ତି ମିଳିବା ନୂଆ କଥା। ଷ୍ଟିଲ ଶସ୍ତା ହେଲେ ଭିତ୍ତିଭୂମି କାମ ବଢ଼ିବ।

-ସୁଜାତା ସାବତ ପାଢ଼ୀ, ଏମ୍‌ଏସ୍‌ଏମ୍‌ଇ ଏକ୍ସପର୍ଟ, ଖୋର୍ଦ୍ଧା

## ସ୍ୱାସ୍ଥ୍ୟକ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି



ଚଳିତ ବର୍ଷ ବଜେଟ୍‌ରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଭିତ୍ତିଭୂମି ସଜାଡ଼ିବା ପାଇଁ ପୁଞ୍ଜି ଲଗାଣ କ୍ଷେତ୍ରରେ ୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ବଜେଟ୍ କରାଯାଇଛି। ଏହା ଗତବର୍ଷ ବଜେଟ୍ ଅପେକ୍ଷା ୨୫% ଅଧିକ। ଫଳରେ ରାସ୍ତା ଓ ରେଳ ପ୍ରକଳ୍ପଗୁଡ଼ିକ ଅଧିକ ତ୍ୱରାନ୍ୱିତ ହୋଇପାରିବ। କିନ୍ତୁ ଶିକ୍ଷା ଓ ଗରିବ କଲ୍ୟାଣ ନିମନ୍ତେ ସେତେଟା ପ୍ରାଧାନ୍ୟ ଦିଆଯାଇନାହିଁ।

-ପ୍ରଫେସର ଭାଗବତ ପାତ୍ର, ପ୍ରାକ୍ତନ ପ୍ରଫେସର ଅର୍ଥନୀତି ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

## ଲୋକଙ୍କୁ ଠକିବାକୁ ଏହି ବଜେଟ



ଚଳିତ ବଜେଟ ସେଭଳି କିଛି ନୂତନତ୍ୱ ନାହିଁ। ମଧ୍ୟବିତ୍ତ ବର୍ଗଙ୍କ କଥା ଚିନ୍ତା କରାଯାଇନାହିଁ। କୋଭିଡ୍ ସମୟରେ ଜୀବିକା ହରାଇଥିବା ଲୋକଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଲାଗି ସରକାର କେତେକ ପଦକ୍ଷେପ ନେଇଛନ୍ତି। ଡିଜେଲ ଏବଂ ପେଟ୍ରୋଲ ଉପରେ କୃଷି ସେସ୍ ଲାଗିଛି। ଏହା କମ୍ପାନୀ ଭରଣା କରିବ। ମାତ୍ର ଏହି ଟଙ୍କା କମ୍ପାନୀ ଧୀରେ ଧୀରେ ଲୋକଙ୍କ ପାଖରୁ ଆଦାୟ କରିବ। କହିବାକୁ ଗଲେ ଲୋକଙ୍କୁ ଠକିବା ପାଇଁ ଏହି ବଜେଟ।

-ଜ୍ୟୋତି ପ୍ରକାଶ ରଥ, ବାଣିଜ୍ୟ ଅଧ୍ୟାପକ, ଫୁଲବାଣୀ ଜୁନିୟର କଲେଜ

## ପେଟ୍ରୋଲ ଉପରେ ସେସ୍ ଠିକ୍ ମନେହେଉନି



ସ୍ୱାସ୍ଥ୍ୟ ପାଇଁ ବଜେଟରେ ୧୩୭ ପ୍ରତିଶତ ଅଧିକ ବ୍ୟବସ୍ଥା କରାଯାଇଛି। ତେବେ ପେଟ୍ରୋଲ ଏବଂ ଡିଜେଲ ଉପରେ ଲଗାଯାଇଥିବା କୃଷି ସେସ୍ ଠିକ୍ ମନେ ହେଉନାହିଁ। ୭୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ ଆୟକର ରିଟର୍ନ ଫାଇଲ କରିବେ ନାହିଁ । ଗୋଟିଏ ଦେଶ, ଗୋଟିଏ ରାସନ୍ କାର୍ଡ ବ୍ୟବସ୍ଥା ଏବଂ ଉଚ୍ଚଶିକ୍ଷା କମିଶନ ବ୍ୟବସ୍ଥା ସ୍ୱାଗତଯୋଗ୍ୟ ପଦକ୍ଷେପ।

- ଡ. ପ୍ରହ୍ଲାଦ ଶତପଥୀ, ଅବସରପ୍ରାପ୍ତ ଅର୍ଥନୀତି ପ୍ରାଧ୍ୟାପକ, ବଲାଙ୍ଗୀର

## ବିନିଯୋଗ ବଡ଼ କଥା



ସୋମବାର ବଜେଟ ଉପସ୍ଥାପନ ପରେ ଶେୟାର ମାର୍କେଟରେ ଉତ୍ସାହ ଦେଖାଦେଇଛି। ହେଲେ ସିଧାସଳଖ ସାଧାରଣ ଲୋକ ପାଇଁ କୌଣସି ଘୋଷଣା ହୋଇ ନ ଥିବାରୁ ଏହା ଅନେକଙ୍କ ନିରାଶ କରିଛି। ଚଳିତବର୍ଷ ଶିକ୍ଷା କ୍ଷେତ୍ରରେ ବ୍ୟୟ ବୃଦ୍ଧି ଉଚିତ ପଦକ୍ଷେପ। ମାତ୍ର ଆଗାମୀ ଦିନରେ ଏହା କିପରି ଭାବେ ବିନିଯୋଗ ହେଉଛି ତାହା ବଡ଼ କଥା। ବଜେଟରେ ପ୍ରତ୍ୟକ୍ଷ ରୋଜଗାରର କୌଣସି ପ୍ରାବଧାନ ନାହିଁ।

-ପ୍ରିୟଙ୍କା ମିଶ୍ର, ଛାତ୍ରୀ ଯୁକ୍ତ ୩ ଶେଷବର୍ଷ, ରାୟଗଡା

## ଖାଦ୍ୟ ନିରାପତ୍ତାକୁ ଅଗ୍ରାଧିକାର



ଚଳିତ ବଜେଟ ବିକାଶମୁଖୀ ବଜେଟ। ୧୦୦ ସୈନିକ ସ୍କୁଲ ପ୍ରତିଷ୍ଠା, ପ୍ରତିଷ୍ଠିତ ସ୍କୁଲର ଆଧୁନିକୀକରଣ, ଆତ୍ମନିର୍ଭର ସ୍ୱାସ୍ଥ୍ୟସେବା ଯୋଜନା, ଏମ୍‌ଏସ୍‌ଏମଇର ବିକାଶ, ଆତ୍ମନିର୍ଭର ଭାରତ ଯୋଜନାକୁ ଅଗ୍ରାଧିକାର ପ୍ରଶଂସନୀୟ ପଦକ୍ଷେପ। କୃଷି କ୍ଷେତ୍ରକୁ ସମ୍ମାନ ଦେଇ ସରକାର ଖାଦ୍ୟ ନିରାପତ୍ତା ଉପରେ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶା ପାଇଁ ମଧ୍ୟ ଏହା ସମସ୍ତଙ୍କୁ ସୁହାଇବା ଭଳି ବଜେଟ।

-ଉର୍ମିଳା ବ୍ରହ୍ମା, ଅର୍ଥନୀତି ବିଭାଗ ଅଧ୍ୟାପିକା, ଡାବୁଗାଁ

## ବୀମାରେ ବିଦେଶୀ ପୁଞ୍ଜି ବିନିଯୋଗ ଭଲ ପଦକ୍ଷେପ



ଚଳିତବର୍ଷର ପେପରଲେସ୍ ବଜେଟ ଦେଶରେ ପ୍ରଥମ। ବୀମା କ୍ଷେତ୍ରରେ ବିଦେଶୀ ମୁଦ୍ରାର ବିନିଯୋଗ ଏକ ଭଲ ପଦକ୍ଷେପ । କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରର ଉନ୍ନତି ପାଇଁ ଅନେକ ପଦକ୍ଷେପ ନିଆଯାଇଛି, ଯାହା ସ୍ୱାଗତଯୋଗ୍ୟ। ବଜେଟରେ କରାଯାଇଥିବା ବ୍ୟବସ୍ଥା ଅର୍ଥନୈତିକ ଅଭିବୃଦ୍ଧି ସହ ରୋଜଗାର ବାଟ ଫିଟାଇବ।

- ଡ. ପ୍ରକାଶ କୁମାର ପ୍ରଧାନ, ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ, କୋରାପୁଟ

## ତୈଳଦର ଉପରେ କୌଣସି ନିୟନ୍ତ୍ରଣ ନାହିଁ



ମଧ୍ୟବିତ୍ତ ପରିବାରବର୍ଗଙ୍କ ପାଇଁ ଏହି ବଜେଟରେ କିଛି ନାହିଁ। ଧନୀ ଲୋକ ଧନୀ ହେବେ। ପେଟ୍ରୋଲ, ଡିଜେଲ ଉପରେ କୌଣସି ନିୟନ୍ତ୍ରଣ ନାହିଁ। କେନ୍ଦ୍ର ସରକାର ୧୯ ଲକ୍ଷ କୋଟି ଟଙ୍କାର ତୈଳ ଟିକସ ପାଇଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟିରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଆଶା ଦିଆଯାଉଛି, ହେଲେ ତାହା କାର୍ଯ୍ୟକାରୀ କରାଯାଉନାହିଁ।

-ମାନସ ରଞ୍ଜନ ସାମଲ, ଆଡ୍‌ଭୋକେଟ୍, ଯାଜପୁର

## ଦେଶକୁ ବିକ୍ରି କରିବାର ଷଡ଼ଯନ୍ତ୍ର



କେନ୍ଦ୍ରୀୟ ବଜେଟ ନୈରାଶ୍ୟଜନକ। ସାରା ପୃଥିବୀରେ ପଟ୍ରୋଲ ଓ ଡିଜେଲ ଉପରେ ଭାରତରେ ସବୁଠାରୁ ଅଧିକ ଟ୍ୟାକ୍ସ ଆଦାୟ ହେଉଛି। ସରକାର ପୁଣି ଥରେ ଏହା ଉପରେ କୃଷି ସେସ୍ ଲଗାଇ ବୋଝ ଲଦିଛନ୍ତି। ବଡ଼କଥା ହେଉଛି ଲାଭଦାୟକ ଜାତୀୟ ସମ୍ପତ୍ତି ବିକ୍ରି ଆଉ ପୁଞ୍ଜି ପ୍ରତ୍ୟାହାର ଘୋଷଣା କରିବା ଆଦି ଅନୁଧ୍ୟାନ କଲେ ଦେଶକୁ ବିକ୍ରି କରିବାର ଷଡ଼ଯନ୍ତ୍ର ବୋଲି ବାରି ହେଉଛି ।

-ରଣଜିତ୍ ଦାଶ, ପୂର୍ବତନ ବାର୍ ଆସୋସିଏଶନ ସଭାପତି, ନୟାଗଡ଼

## ଆର୍ଥିକ ମାନ୍ଦାବସ୍ଥା ସଜାଡ଼ିବ



ଚଳିତ ବର୍ଷର ପେପରଲେସ୍ ବଜେଟ ଦେଶର ଆର୍ଥିକ ମାନ୍ଦାବସ୍ଥା ସଜାଡ଼ିବାରେ ସହାୟକ ହେବ। ସରକାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଉପରେ ଗୁରୁତ୍ୱ ଦେଇ ପଦକ୍ଷେପ ନେଇଛନ୍ତି। ସେହିପରି କରୋନା ମହାମାରୀ ପାଇଁ ସ୍ୱାସ୍ଥ୍ୟକ୍ଷେତ୍ର ଲାଗି ଅଧିକ ବ୍ୟୟ ବରାଦ କରାଯାଇଛି। ଉଚ୍ଚଶିକ୍ଷା କମିଶନ ଗଠନ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ସାଧାରଣ ଲୋକଙ୍କ ଆଶା ପୂରଣ ହୋଇପାରିବ।

-ରୀନା ସାହୁ, ମହିଳା ମହାବିଦ୍ୟାଳୟ ଅଧକ୍ଷା, ପାରଳାଖେମୁଣ୍ଡି

## ୯.୫% ବିତ୍ତୀୟ ନିଅଣ୍ଟ ଚିନ୍ତାଜନକ



ଡିଜିଟାଲ ବଜେଟ୍‌ରେ ଆତ୍ମନିର୍ଭର ଭାରତ ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିରେ ଉଲ୍ଲେଖ ଥିବା ୬ ସ୍ତମ୍ଭ ବିଶିଷ୍ଟ କାର୍ଯ୍ୟକ୍ରମ ଯଥା ସ୍ୱାସ୍ଥ୍ୟର ବିକାଶ, ଆଧାରିକ ସଂରଚନାର ବୃଦ୍ଧି, ସମାବେଶିତ ଅଭିବୃଦ୍ଧି, ସର୍ବନିମ୍ନ ସରକାର ଓ ସର୍ବାଧିକ ପ୍ରଶାସନିକ ସେବା ଇତ୍ୟାଦି ଅତି ସ୍ୱାଗତଯୋଗ୍ୟ। ଦାରିଦ୍ର୍ୟ ଦୂରୀକରଣ, ନିୟୋଜନ ବୃଦ୍ଧି, ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ଉପରେ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ୯.୫% ବିତ୍ତୀୟ ନିଅଣ୍ଟ ନିଶ୍ଚିତ ଭାବେ ଚିନ୍ତାଜନକ।

-ଡ. ଆନନ୍ଦ ଚନ୍ଦ୍ର ତ୍ରିପାଠୀ, ଅର୍ଥନୀତି ବିଭାଗ ପ୍ରାଧ୍ୟାପକ, ସୋନପୁର କଲେଜ

## ଗୋଟିଏ ଢାଞ୍ଚାରେ ବିଦ୍ୟାଳୟ ହେବା ଉଚିତ



ବିକଶିତ ରାଷ୍ଟ୍ରରେ ଶିକ୍ଷା ପାଇଁ ବଜେଟ୍‌ରେ ୧୫ ପ୍ରତିଶତ ଅର୍ଥ ରଖାଯାଉଛି। କିନ୍ତୁ ସୋମବାର କେନ୍ଦ୍ର ଅର୍ଥମନ୍ତ୍ରୀ ଉପସ୍ଥାପନ କରିଥିବା ବଜେଟ୍‌ରେ ପିଲାଙ୍କ ଶିକ୍ଷା କ୍ଷେତ୍ରରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଇଛି। ଗୋଟିଏ ଢାଞ୍ଚାରେ ସ୍କୁଲ କରି ଦେଶର ସମସ୍ତ ଛାତ୍ରୀଛାତ୍ରଙ୍କୁ ଉତ୍ତମ ଶିକ୍ଷା ଦେବା ପରିବର୍ତ୍ତେ ନବୋଦୟ, ଏକଲବ୍ୟ, କେନ୍ଦ୍ରୀୟ ବିଦ୍ୟାଳୟ ପରି ଭିନ୍ନ ଭିନ୍ନ ଶିକ୍ଷାନୁଷ୍ଠାନ ଖୋଲାଯାଉଛି। ଏହାଦ୍ୱାରା ଶିକ୍ଷା ବିକଶିତ ହେବ ନାହିଁ ବରଂ ପିଲାଙ୍କ ମଧ୍ୟରେ ବୈଷମ୍ୟ ବଢ଼ିବ। ତେଣୁ ଶିକ୍ଷା ସମ୍ବଳ ବଢ଼ାଇବାକୁ ହେଲେ, ବଜେଟରେ ଅଧିକ ବ୍ୟୟବରାଦ କରାଯିବା ଆବଶ୍ୟକ।

-ପ୍ରଫେସର ଉଦୟନାଥ ବେହେରା, ପୂର୍ବତନ ଅଧକ୍ଷ, ଅନୁଗୋଳ କଲେଜ

## ବେତନ ଭୋଗୀ, ମଧ୍ୟବିତ୍ତଙ୍କୁ ନିରାଶ କରିଛି



ଅର୍ଥମନ୍ତ୍ରୀ ଯେଉଁ ବଜେଟ୍ ଉପସ୍ଥାପନା କରିଛନ୍ତି ତାହା ପୂରା ବାଲାନ୍ସଡ୍। ଏହା ବ୍ୟାଙ୍କିଙ୍ଗ ଓ ଅଟୋମୋବାଇଲ କ୍ଷେତ୍ରକୁ ସୁଦୃଢ଼ କରିବ। କିନ୍ତୁ ଏହା ବେତନ ଭୋଗୀ ଓ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତିଙ୍କୁ ନିରାଶ କରିଛି। କାରଣ ସେମାନେ ସରକାରଙ୍କଠାରୁ ଟ୍ୟାକ୍ସ ସ୍ଲାବରେ ପରିବର୍ତ୍ତନର ଆଶା କରିଥିଲେ। ଷ୍ଟାଟଅପ୍ ବିଜ୍‌ନେସରେ ଅଧିକ ଟ୍ୟାକ୍ସ ଛାଡ ଓ ସରକାରଙ୍କ ପକ୍ଷରୁ କିଛି ଉପହାର ଆଶା କରାଯାଇଥିଲା, ଯାହା ହୋଇନାହିଁ।

-ସାହିଲ ଜୈନ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଟକ

## ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିବ



ବଜେଟ ବାସ୍ତବିକ ହୋଇଥିବାରୁ ଗ୍ରାମୀଣ କ୍ଷେତ୍ରରେ ରୋଜଗାର ଦେବା ପାଇଁ ସହାୟକ ହେବ। କୃଷି ସହିତ ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିବ। ଜିଏସ୍‌ଟି ସରଳୀକରଣ ହୋଇଥିବାବେଳେ ଋଣ ସୁଧ ହାର ମଧ୍ୟ କମ୍ ହୋଇଛି। କିନ୍ତୁ ମଧ୍ୟବିତ୍ତ, ଚାକିରିଆଙ୍କୁ ଚଳିତ ବଜେଟ ନିରାଶ କରିଛି। ଆୟକର ସ୍ଲାବ୍‌ରେ ମଧ୍ୟ ପରିବର୍ତ୍ତନ ହୋଇନାହିଁ।

-ଡ. ଉମାଚରଣ ପତି, ଅର୍ଥନୀତି ପ୍ରାଧ୍ୟାପକ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

## ଜିଏସ୍‌ଟିର ଆହୁରି ସରଳୀକରଣ ଆବଶ୍ୟକ ଥିଲା



ବଜେଟରେ ଜିଏସ୍‌ଟିରେ ଅଧିକ ସରଳୀକରଣ କିମ୍ବା ଆୟକର ଉପରେ ଅଧିକ ଛାଡ଼ ଘୋଷଣା କରାଯିବ ବୋଲି ଆଶା କରାଯାଉଥିଲା। କରୋନା ଭଳି ପରିସ୍ଥିତିରେ ବ୍ୟବସାୟୀମାନେ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ଜିଏସ୍‌ଟିରେ ୫ରୁ ୧୦ ଲକ୍ଷ ଭିତରେ ଅତିକମ୍‌ରେ ୧୦% ଏବଂ ୨୦ରୁ ୩୦ ଲକ୍ଷ ଭିତରେ ୨୦% ଛାଡ଼ କରିଥିଲେ ବ୍ୟବସାୟୀଙ୍କ ଉପକୃତ ହୋଇପାରନ୍ତେ।

-ପ୍ରବୀଣ ଗର୍ଗ, ବଣିକ ସଂଘ ସଭାପତି, ରାଉରକେଲା

## ପୁଞ୍ଜିପତିଙ୍କୁ ସୁହାଇବ



ମହାମାରୀ କରୋନା ସମୟରେ ଆଗତ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ତେବେ ପରିତାପର ବିଷୟ, ଯେଉଁ କୃଷିକ୍ଷେତ୍ର କରୋନା କାଳରେ ଦେଶର ଅର୍ଥନୀତିକୁ ସହାୟକ ହୋଇଥିଲା, ତାକୁ ପୁଣି ଅଣଦେଖା କରାଯାଇଛି। ସେହିପରି ନୂତନ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ମଧ୍ୟ ବଜେଟ ସେତେ ଉତ୍ସାହଜନକ ନୁହେଁ, ବରଂ ପୁଞ୍ଜିପତିଙ୍କୁ ସୁହାଇଲା ଭଳି ବଜେଟ ହୋଇଛି ।

-ସତ୍ୟନାରାୟଣ ପାଢ଼ୀ, ଶିକ୍ଷାବିତ୍, ବରଗଡ଼

## ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ ହାତଖୋଲା



ଚଳିତ ବଜେଟରେ ସମସ୍ତ ବର୍ଗର ଲୋକଙ୍କୁ ସନ୍ତୁଷ୍ଟୀକରଣ କରିବାକୁ ଚେଷ୍ଟା କରାଯାଇଛି। ମହାମାରୀ ସମୟରେ ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ ହାତ ଖୋଲା ବ୍ୟୟବରାଦ କରାଯାଇଛି, ଯାହା ସ୍ୱାଗତଯୋଗ୍ୟ। ଏକଲବ୍ୟ ମଡେଲ ସ୍କୁଲ ଖୋଲିବା ସହ ୧୫ହଜାରରୁ ଊର୍ଦ୍ଧ୍ୱ ସ୍କୁଲରେ ଶିକ୍ଷା ଭିତ୍ତିଭୂମିର ଉନ୍ନତୀକରଣ ଲାଗି ବ୍ୟବସ୍ଥା ହୋଇଛି। ଏସବୁ ଦେଶର ପ୍ରଗତିରେ ସହାୟକ ହେବ।

-ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ୍, ଦେବଗଡ଼

## ଏମ୍‌ଏସ୍‌ଏମ୍‌ଇକୁ ଗୁରୁତ୍ୱ ନାହିଁ



କରୋନା ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ମଧ୍ୟବିତ୍ତ, ରୋଜଗାର ହରାଇଥିବା ଯୁବବର୍ଗ ଏବଂ ଚାଷୀଙ୍କୁ ଏହି ବଜେଟ ନିରାଶ କରିଛି। ଆୟକର କ୍ଷେତ୍ରରେ ରିହାତିର ଯେଉଁ ଆଶା କରାଯାଉଥିଲା ତାହା ମିଳିନାହିଁ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଇନାହାନ୍ତି। ଚାଷୀମାନଙ୍କୁ ମଧ୍ୟ ଏହି ବଜେଟ ବିଶେଷ ଲାଭ ଦେଇପାରିନାହିଁ। ସ୍ୱାସ୍ଥ୍ୟକ୍ଷେତ୍ର ପାଇଁ ସରକାରଙ୍କ ପ୍ରୟାସ ଭଲ।

-ସମ୍ପଦ କୁମାର ଅଗ୍ରୱାଲା, ବ୍ୟବସାୟୀ, ବୌଦ୍ଧ

## ସାଧାରଣ ଲୋକଙ୍କ ପାଇଁ କିଛି ନାହିଁ



କେନ୍ଦ୍ର ବଜେଟରେ ବିଶେଷ କିଛି ପରିବର୍ତ୍ତନ ହୋଇନାହିଁ। କୌଣସି ନୂତନତ୍ୱ ନାହିଁ। ଆୟକରଦାତାଙ୍କ ପାଇଁ କୌଣସି ସୁବିଧା କରାଯାଇନାହିଁ। ଚାଷୀମାନଙ୍କ ପାଇଁ ବଜେଟରେ କିଛିଟା ସୁବିଧା ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ହେଲେ ସାଧାରଣ ଲୋକଙ୍କ ପାଇଁ କିଛି ନାହିଁ କହିଲେ ଚଳେ। ଏହାର ସକାରାତ୍ମକ ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବ ନାହିଁ।

-ମନୋରଞ୍ଜନ ପ୍ରଧାନ, ସୁନ୍ଦରଗଡ଼

## ଋଣ କ୍ଷେତ୍ରକୁ ଅଗ୍ରାଧିକାର



କରୋନା ମହାମାରୀ ଯୋଗୁ ଦେଶରେ ବେକାରି, ବେରୋଜଗାରି, ଛଟେଇ ଏବଂ ଦରମା କାଟ୍ ସମସ୍ତଙ୍କ ପାଇଁ ମୁଖ୍ୟ ସମସ୍ୟା ରହିଥିଲା। ଏହି ସମସ୍ୟାରୁ ମୁକୁଳିବା ପାଇଁ ଉକ୍ତ ବଜେଟ ସବୁ ବର୍ଗ ଓ ସବୁ କ୍ଷେତ୍ର ପାଇଁ ମହତ୍ତ୍ୱପୂର୍ଣ୍ଣ । ଦୀର୍ଘ ୯ରୁ ୧୦ ମାସ ହେଲା ବ୍ୟବସାୟିକ ମାନ୍ଦାବସ୍ଥା ରହିଛି। ଏହାକୁ ସୁଧାରିବାକୁ ଶିଳ୍ପ ଅଭିବୃଦ୍ଧି ପାଇଁ ଋଣ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି।

-ଭାରତ ଭୂଷଣ ପଣ୍ଡା, ଆଇନଜୀବୀ, ଭବାନୀପାଟଣା

## ମନ୍ଦିର ପୂଜକଙ୍କୁ ମାଡ଼ ମାରି ୪୦ ହଜାର ଲୁଟ୍

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ନୃସିଂହ ମନ୍ଦିର ପୂଜକ ଗୋବର୍ଦ୍ଧନ ଶତପଥୀ (୬୦)ଙ୍କୁ ଦୁର୍ବୃତ୍ତମାନେ ମାଡ ମାରି ୪୦ହଜାର ଟଙ୍କା ଲୁଟି ନେଇଥିବା ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ରବିବାର ରାତି ପ୍ରାୟ ୧୦ଟାରେ ପୂଜକ ଶତପଥୀ ନିଜ ଘର ଚିମିନିଭାଟିପଡାକୁ ଫେରୁଥିଲେ । ଚିମିନିଭାଟିପଡା-ସଦାଇପାଲି ରାସ୍ତାରେ ୪ ଜଣ ଦୁର୍ବୃତ୍ତ ଖଣ୍ଡା, ଠେଙ୍ଗା ଓ ମାରଣାସ୍ତ୍ର ଧରି ତାଙ୍କୁ ଅଟକାଇବା ସହ ଆକ୍ରମଣ କରିଥିଲେ । ପରେ ତାଙ୍କ ପାଖରେ ଥିବା ୪୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ ।

## ସଂକ୍ଷେପରେ

### ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

**କାଲିମେଳା/ଏମ୍‌ଭି-୭୯,୧।୨ (ଡି.ଏନ୍.ଏ.):** ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମ୍‌ଭି-୭୯ ଥାନା ଅନ୍ତର୍ଗତ ଏମ୍‌ଭି-୭୨ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ସେ ହେଲେ ବିମଲ ମିସ୍ତ୍ରି । ପୋଲିସ ତାଙ୍କୁ ଗିରଫ କରିଛି। ଖବରରୁ ଜଣାପଡିଛି, ବିମଲ ଅଧିକାଂଶ ସମୟ ମଦ୍ୟପାନ କରି ଘରକୁ ଆସିଥାନ୍ତି। ରବିବାର ରାତିରେ ଖାଇସାରିବା ପରେ ସମସ୍ତେ ଶୋଇଥିଲେ। ତେବେ ଭୋର ୫ଟାରେ ବିମଲ ଉଠି ଟାଙ୍ଗିଆରେ ସ୍ତ୍ରୀ ଦୁଲାଲିଙ୍କ ଗଳାକାଟି ହତ୍ୟା କରିଥିଲେ। ଏହା ଦେଖି ସାନଝିଅ ପଡେଶୀଙ୍କୁ ଜଣାଇବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ଖବରପାଇ ଏମଭି-୭୯ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ୧୦/୨୧ରେ ଏକ ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ବିମଲଙ୍କ ବଡପୁଅ ୧୦ମ ଶ୍ରେଣୀରେ ପଢୁଛନ୍ତି।

### କାର୍ ଧକ୍କାରେ ଗଲା ବାଇକ୍ ଚାଳକଙ୍କ ଜୀବନ

**ଗୁଡ଼ଭେଲା, ୧।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା-କଳାହାଣ୍ଡି ମୁଖ୍ୟ ରାସ୍ତାର ରୁଗୁଡିପାଲିଠାରେ ସୋମବାର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ କାର୍ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଇଁତଲାର ଶ୍ରୀକାନ୍ତ ଭୋଇ(୨୫)। ଦୁର୍ଘଟଣାରେ କାର୍ ଚାଳକ ବଲାଙ୍ଗୀର କଲେଜ ଛକର ଡାନିୟର ପଟ୍ଟନାୟକ(୫୦) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ମୃତଦେହକୁ ତୁଷୁରା ମେଡିକାଲରେ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ତୁଷୁରା ଥାନାରେ ଏକ ମାମଲା(ନଂ.୧୬/୨୧)ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପକ୍ଷରୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ ବଲାଙ୍ଗୀରକୁ କାର (ନଂ. ଓଡି ୦୩ ଏଫ୍ ୮୭୨୨) ଚଳାଇ ଡାନିୟର ଆସୁଥିବା ବେଳେ ବିପରୀତ ଦିଗରୁ ଶ୍ରୀକାନ୍ତ ବାଇକ (ନଂ. ଓଡି ୦୩ ଏଫ୍ ୬୧୫୨)ରେ ଇକମ କୋରିୟର ସାମଗ୍ରୀ ବଣ୍ଟନ ପାଇଁ ଯାଉଥିବା ବେଳେ ଧକ୍କା ହୋଇଥିଲା । ସୂଚନାଯୋଗ୍ୟ ଯେ, କିଛି ମାସ ପୂର୍ବରୁ ଏହି ସ୍ଥାନରେ ବୋଲେରୋ- ବାଇକ ଧକ୍କାରେ ତିନି ଜଣଙ୍କ ଜୀବନ ଯାଇଥିଲା ।

# ଗଞ୍ଜାମରେ ପୁଣି ୨ ହତ୍ୟାକାଣ୍ଡ

■ପାନ ଦୋକାନୀଙ୍କୁ ପଥରରେ ଛେଚି ହତ୍ୟା

■ମଦ ବ୍ୟବସାୟୀଙ୍କୁ ଖଣ୍ଡାରେ ହାଣିଲେ

**ଦିଗପହଣ୍ଡି/କୁକୁଡ଼ାଖଣ୍ଡ/କବିସୂର୍ଯ୍ୟନଗର,୧।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ପୁଣି ଦୁଇଟି ହତ୍ୟାକାଣ୍ଡ ଘଟିଛି। ଦିଗପହଣ୍ଡି ଥାନା ନୂଆ ଅନନ୍ତେଇ ଗ୍ରାମରେ ରବିବାର ରାତିରେ ବାକି ଟଙ୍କା ମାଗିବାରୁ ଜଣେ ପାନ ଦୋକାନୀଙ୍କୁ ପଥରରେ ଛେଚି ହତ୍ୟା କରାଯାଇଛି। ସେହିପରି କବିସୂର୍ଯ୍ୟନଗର ଥାନା ବାଉଁଶିଆ ଗ୍ରାମରେ ଜଣେ ମଦ ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ କରାଯିବାରୁ ତାଙ୍କର ଜୀବନ ଯାଇଛି।

ନୂଆ ଅନନ୍ତେଇ ଗ୍ରାମରେ ଉକ୍ତ ଗାଁର ଦୁଷ୍ମନ୍ତ ଚୌଧୁରୀଙ୍କ ଦୋକାନକୁ ରବିବାର ରାତି ପ୍ରାୟ ୯ଟାରେ ୨ ଯୁବକ ଆସି ପାଣି ଓ ସିଗାରେଟ ମାଗିଥିଲେ। ଦୁଷ୍ମନ୍ତ ପଇସା ମାଗିବାରୁ ସେମାନେ ପରେ ଦେବେ ବୋଲି କହିଥିଲେ। ଏଥିପାଇଁ ଯୁକ୍ତିତର୍କ ହୋଇଥିଲା। ଦୁଷ୍ମନ୍ତ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ପରେ ଗଣ୍ଡଗୋଳ କରିଥିବା ୨ ଯୁବକଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଭିନ୍ନ ମାରଣାସ୍ତ୍ର ଧରି ଦୁଷ୍ମନ୍ତଙ୍କ ଘର ପାଖକୁ ଆସି ଗାଳିଗୁଲଜ କରିଥିଲେ। ପରିବାର ଲୋକେ ପ୍ରତିବାଦ କରିବାରୁ ସେମାନେ ଦୁଷ୍ମନ୍ତଙ୍କୁ ଘରୁ ଟାଣିନେଇ ଲୁହାଛଡ଼ ଓ ଖଣ୍ଡାରେ ଆକ୍ରମଣ କରିବା ସହ ପଥର ଛେଚି ଦେଇଥିଲେ। ଦୁଷ୍ମନ୍ତଙ୍କ ଭାଇ ବିକ୍ରମ ଓ ମା' ଛଡାଇବାକୁ ଆସିବାରୁ ତାଙ୍କୁ ମଧ ଆକ୍ରମଣ କରିଥିଲେ। ୨ ଭାଇଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ମେଡିକାଲକୁ ନିଆଯାଇଥିଲେ ମଧ ଚିକିତ୍ସାଧୀନ ଅବସ୍ଥାରେ ଦୁଷ୍ମନ୍ତଙ୍କ ମୃତ୍ୟୁ ଘଟିଛି। ଦିଗପହଣ୍ଡି ଥାନାଧିକାରୀ ବସନ୍ତ କୁମାର ସେଠୀ, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ନଂ. ୨୨/୨୧ରେ ୧୧ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ ହୋଇଛି। ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

ସେହିପରି ବାଉଁସିଆ ଗ୍ରାମରେ ମଦ ବିକ୍ରି କରୁଥିବା ସୁଶାନ୍ତ ବିଶ୍ୱାଳଙ୍କୁ ରବିବାର ରାତିରେ ଖଣ୍ଡାରେ ଆକ୍ରମଣ କରାଯାଇଥିଲା। ତାଙ୍କୁ ପ୍ରଥମେ ପୋଲସରା ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇଥିଲା। ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସୁଶାନ୍ତ ଓ ତାଙ୍କ ଶାଳକ (ମାମୁ ଶ୍ୱଶୁରଙ୍କ ପୁଅ) ମିଶି ବାଉଁସିଆ ଗାଁ ଆମ୍ବତୋଟାରେ ଚୋରାରେ ମଦ ବିକ୍ରି କରୁଥିଲେ। ୩ ଦୁର୍ବୃତ୍ତ ମଦ ବିକ୍ରି ହେଉଥିବା କୁଡ଼ିଆ ନିକଟକୁ ଆସି ସୁଶାନ୍ତଙ୍କୁ ଡାକି ଅତର୍କିତ ଭାବେ ଖଣ୍ଡାରେ ଆକ୍ରମଣ କରି ଚାଲିଯାଇଥିଲେ। ଶାଳକ ଏହା ଦେଖି ଘର ଲୋକଙ୍କୁ ଜଣାଇଥିଲେ। ଏ ନେଇ ସୁଶାନ୍ତଙ୍କ ବାପା ସୁରେନ୍ଦ୍ର ବିଶ୍ୱାଳଙ୍କ ଏତଲା ପ୍ରକାରେ କବିସୂର୍ଯ୍ୟନଗର ଥାନାରେ ନଂ.୨୮/୨୧ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଏସଆଇ ଅର୍ଜୁନ କଅଁର, ଏଏସଆଇ ଓମ୍ ପ୍ରକାଶ ପାତ୍ର ଓ ଆଇଆଇସି ପ୍ରଭାତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶାଳକଙ୍କୁ ଅଟକ ରଖାଯାଇଛି।

# ଆଇଟିଆଇରେ ୩୦ଫୁଟ୍‌ର ଭାରତ ମାନଚିତ୍ର ଉଦ୍‌ଘାଟିତ



ମାନଚିତ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୧।୨**

ବ୍ରହ୍ମପୁର ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ସହିତ ଯୋଡ଼ି ହୋଇଛି ପୁଣି ଏକ କୀର୍ତ୍ତି । ଏହାର କ୍ୟାମ୍ପସରେ ଥିବା ଏସିଆର ସର୍ବବୃହତ ସ୍କ୍ରାପ୍ ପାର୍କରେ ଅଦରକାରୀ ଲୁହାରେ ୩୦ ଫୁଟ ଉଚ୍ଚତା ବିଶିଷ୍ଟ ଭାରତ ମାନଚିତ୍ରକୁ ସୋମବାର ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ଦକ୍ଷତା ବିକାଶ ମିଶନ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଉଦ୍‌ଘାଟନ କରିଛନ୍ତି। ବ୍ରହ୍ମପୁର ଆଇଟିଆଇ ସହ ଯୋଡିହୋଇଛି ଆବେଗର ଭିତ୍ତିଭୂମି। ଏଠାକାର ପରିବେଶ ଓ ଶୈକ୍ଷିକ ବାତାବରଣ ନିଆରା । ଶାରୀରିକ ଓ ଯାନ୍ତ୍ରିକ ଭିତ୍ତିଭୂମି କରିବା ସହଜ କିନ୍ତୁ ଆବେଗର ଭିତ୍ତିଭୂମି ସୃଷ୍ଟି କରିବା କଷ୍ଟ ବୋଲି ବାଗ୍‌ଚୀ କହିଥିଲେ । ସେ ଆହୁରି କହିଛନ୍ତି, କ୍ୟାମ୍ପସ ପରିସରରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଛାତ୍ରୀ ନିବାସକୁ ଉଦ୍‌ଘାଟନ କରି ମୁଁ ବହୁତ ଖୁସି। କାରଣ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଥିଲା ଆଇଟିଆଇରେ ୩୩ ପ୍ରତିଶତ ଝିଅ ରହିବା ଦରକାର। ଅନ୍ୟ ଅତିଥିଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ କମିଶନର ସଞ୍ଜୟ ସିଂ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଉପଜିଲାପାଳ ଭି.କୀର୍ତ୍ତି ଭାସନ, ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଟାଟା କମ୍ପାନୀ (ସିଏସ୍‌ଆର)ମୁଖ୍ୟ କ୍ୟାପେଟେନ୍ ଅମିତାଭ ବଚନ, ଆଇଟିଆଇ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବେନ୍ଦେର ଜଙ୍ଗଲରେ ମାଓବାଦୀ-ଯବାନ ଗୁଳି ବିନିମୟ

**ବଲାଙ୍ଗୀର ଅଫିସ/ଖପ୍ରାଖୋଲ/ଲାଠୋର, ୧।୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅନ୍ତର୍ଗତ ବେନ୍ଦେର ସଂରକ୍ଷିତ ଜଙ୍ଗଲରେ ସୋମବାର ମାଓବାଦୀ ଓ ସିଆରପିଏଫ୍ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ତେବେ ଏ ନେଇ ଜିଲାର କୌଣସି ପୋଲିସ ଅଧିକାରୀ କିଛି ବି ସୂଚନା ଦେଇନାହାନ୍ତି। ଅସମର୍ଥିତ ସୂତ୍ରରୁ ମିଳିଥିବା ଖବର ମୁତାବକ ବେନ୍ଦେର ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ଓ କ୍ୟାମ୍ପ ସମ୍ପର୍କରେ ସୂଚନା ପାଇବା ପରେ ସକାଳୁ କୋମ୍ବିଂ ଅପରେଶନ ଆରମ୍ଭ କରାଯାଇଥିଲା। ଅପରାହ୍ଣ ପ୍ରାୟ ୧ଟାରେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ମାଓବାଦୀମାନେ କ୍ୟାମ୍ପ ଛାଡି ଫେରାର ହୋଇଥିବା ଖବର ମିଳିଛି। ତେବେ ଉକ୍ତ କ୍ୟାମ୍ପରୁ ବନ୍ଧୁକ, ସୋଲାର ପ୍ୟାନେଲ, ଲୁଗାପଟା, ବାସନକୁସନ ଓ ଅନ୍ୟ ସାମଗ୍ରୀ ମିଳିଥିବା ଫଟୋ ଭାଇରାଲ ହୋଇଛି। ଦୀର୍ଘଦିନ ପରେ ମାଓବାଦୀ ଓ ସିଆରପିଏଫ୍ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଖବର ପ୍ରଚାରିତ ହେବା ପରେ ଖପ୍ରାଖୋଲ, ଲାଠୋର, ତୁରେକେଲା, ବେଲପଡା ଓ କଣ୍ଟାବାଞ୍ଜି ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି ।



ବେନ୍ଦେର ଜଙ୍ଗଲରେ ଠାବ ମାଓବାଦୀ କ୍ୟାମ୍ପର ଭାଇରାଲ ଫଟୋ ।

## ୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

**ସଜନାଗଡ଼, ୧।୨(ଡି.ଏନ.ଏ.)**

କଟକ ଏକ୍ସସାଇଜ୍ ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସୋମବାର ନୀଳଗିରି ସନାଓତା ଗ୍ରାମରେ ଚଢାଉ କରାଯାଇ ତାପସ କୁମାର ଦାସ (୩୫)ଙ୍କ ଠାରୁ ୫୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରାଯାଇଛି। ତାଙ୍କୁ ଗିରଫ କରାଯାଇ ପଚରାଉଚୁରା କରାଯାଉଛି। ଜବତ ବ୍ରାଉନ୍‌ସୁଗାର ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଆଇଆଇସି ଜଗଦୀଶ ଚନ୍ଦ୍ରଙ୍କ ନେତୃତ୍ୱରେ ସୌମ୍ୟରଞ୍ଜନ ସିଂହଭୂଇଁ, କିଶୋର ଚନ୍ଦ୍ର ରାଉତ, ସୁମିତ୍ରା ସାମଲ, ଆଲୋକ କୁମାର ଖଟୁଆ, ଲକ୍ଷ୍ମୀଧର ଖୁଣ୍ଟିଆ, ରାଜେନ୍ଦ୍ର ମହାକୁଡ଼ ଓ କିଷାନ ସାବୁତ ପ୍ରମୁଖ ଚଢାଉ କରିଥିଲେ।

## ଶିମିଳିପାଳରେ କଲରାପତରିଆର ମୃତ୍ୟୁ

**ବାରିପଦା ଅଫିସ/କପ୍ତିପଦା(ଡି.ଏନ.ଏ.),୧।୨**

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କୋର୍ ଏରିଆ ପୋଡ଼ାଡ଼ିହା ରେଞ୍ଜ ଅଧୀନ ଭଞ୍ଜବସା–ଡଙ୍ଗାଡ଼ିହା ଅଞ୍ଚଳରୁ ଏକ କଲରାପତରିଆ ବାଘର ଗୁଳିବିଦ୍ଧ ମୃତଦେହକୁ ସୋମବାର ଜବତ କରାଯାଇଛି। କପ୍ତିପଦା ପ୍ରାଣୀ ଚିକିତ୍ସାଧିକାରୀ ସୁଧୀର ପଣ୍ଡା ବାଘ ମୃତଦେହ ବ୍ୟବଚ୍ଛେଦ କରିଥିବା ସୂଚନା ଦେଇଛନ୍ତି। ତେବେ ଶିକାରୀ ଗୁଳିରେ ବାଘଟିର ମୃତ୍ୟୁ ଘଟିଥିବା ବେଳେ ବିଭାଗୀୟ ଅଧିକାରୀ ଏନେଇ ମୁହଁ ଖୋଲୁ ନାହାନ୍ତି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଓ ବ୍ୟାଘ୍ର ପ୍ରକଳ୍ପର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତି ଫୋନ ଉଠାଉ ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ। ଉଲ୍ଲେଖଯୋଗ୍ୟ ଯେ, ଗତ କିଛିଦିନ ମଧ୍ୟରେ ଶିକାରୀମାନେ ଗୋଟିଏ ହାତୀର ମୁଣ୍ଡ କାଟି ନେଇଯାଇଥିବା ବେଳେ ଅନ୍ୟ ଏକ ହାତୀର ତୀରବିଦ୍ଧ ମୃତଦେହକୁ ବନ ବିଭାଗ ଜବତ କରିଥିଲା। ଶିମିଳିପାଳରେ ଶିକାରୀଙ୍କ ଅବାଧ ପ୍ରବେଶ ଯୋଗୁ ବନ୍ୟଜନ୍ତୁ ଗାଁ ଓ ସହର ମୁହାଁ ହେଉଛନ୍ତି। ବିଭାଗ ପକ୍ଷରୁ ଶିକାରୀଙ୍କ ପ୍ରତି କଡ଼ା ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଅବୈତନିକ ପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ଦାବି କରିଛନ୍ତି।

# ଭିଜିଲାନ୍ସ ଜାଲରେ ସିଆର୍‌ସିସି

**ବାରିପଦା ଅଫିସ/ଠାକୁରମୁଣ୍ଡା(ଡି.ଏନ୍.ଏ.),୧।୨**

ଦରମା ବିଲ୍ କରାଇ ଦେବାକୁ ଜଣେ ଶିକ୍ଷକଙ୍କଠାରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସିଆରସିସି ମଧୁସୂଦନ ନାଏକ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ବାରିପଦା ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରିବା ସହ ଲାଞ୍ଚ ଟଙ୍କା ଜବତ କରିଛି।

ସୂଚନା ଅନୁଯାୟୀ,ଜଡିପଦା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଶ୍ୱନାଥ ମହାନ୍ତଙ୍କ ୧୦ ବର୍ଷର ବର୍ଦ୍ଧିତ ଦରମା କରାଇ ଦେବାକୁ ସିଆରସିସି ନାଏକ ଟଙ୍କା ଦାବି କରି ଦିନ ଗଡ଼ାଉଥିଲେ। ଏ ସମ୍ପର୍କରେ ଶିକ୍ଷକ ମହାନ୍ତ ବାରିପଦା ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସୋମବାର ଅପରାହ୍ଣ ୪ଟାରେ ବିଇଓ ଅଫିସରେ ସିଆରସିସି ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଧରିଥିଲେ। ଏହି ଚଢ଼ାଉରେ ଡିଏସ୍‌ପି ସରୋଜ ମହାପାତ୍ର, ଇନ୍ସପେକ୍ଟର ଜୟନ୍ତୀ ଦଳେଇ, ଏସ୍.ହେମ୍ବ୍ରମ, କନଷ୍ଟେବଳ ଲଳିତ ରାଉତ, ବି.କେ. ପଟ୍ଟନାୟକ, ମନୋରଞ୍ଜନ ସାହୁ ପ୍ରମୁଖ ସାମିଲ ଥିଲେ।



ଗିରଫ ହୋଇଥିବା ସିଆର୍‌ସିସି।

# ମେଡିକାଲରେ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା, ଟାୟାର ଜାଳି ରାସ୍ତାରୋକୋ

**ବାଲେଶ୍ୱର ଅଫିସ, ୧।୨**


ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୋମବାର ସନ୍ଧ୍ୟାରେ ଚିକିତ୍ସା ହେବାକୁ ଆସିଥିବା ଜଣେ ଯୁବକ ଔଷଧ ଖାଇବା ପରେ ହଠାତ୍ ମୃତ୍ୟୁବରଣ ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଏହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଚିକିତ୍ସାରେ ଅବହେଳା ଅଭିଯୋଗ କରି ମୃତ ଯୁବକଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଫାଟକ ସମ୍ମୁଖରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଟାଉନ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ ଉତ୍ତେଜନା ଥମି ନ ଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଚିକିତ୍ସା କରିଥିବା ଡାକ୍ତରଙ୍କୁ ବହିଷ୍କାର ଦାବିରେ ଲୋକେ ଅଡି ବସିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଆଲୋଚନା ଜାରି ରହିଛି। ରାସ୍ତାରୋକୋ ଯୋଗୁ ଯାନବାହନ ଚଳାଚଳ ବ୍ୟାହତ ହୋଇଛି।

ସଦର ବ୍ଲକ ଅଧୀନ ବଇଞ୍ଚା ପଞ୍ଚାୟତ ତୁଟାପାଳ ଗ୍ରାମର ଦେବରାଜ ମାଝି (୩୩) ଅପରାହ୍ଣରେ ଗାଁ ପଡ଼ିଆରେ କ୍ରିକେଟ୍ ଖେଳୁଥିଲେ। ହଠାତ୍ ତାଙ୍କର କାନ୍ଧ ଓ ମୁଣ୍ଡ ଯନ୍ତ୍ରଣା ହେବାରୁ ସେଠାରୁ ସେ ସାଙ୍ଗମାନଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ପ୍ରଥମେ ସେ ଓପିଡିରେ ଟିକେଟ୍ କରି ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ଲେଖିଥିବା ଔଷଧ ଦୋକାନରୁ ଆଣି ଆଗରେ ପଡିଥିବା ବେଞ୍ଚରେ ବସି ଖାଇଥିଲେ। ଏହାର କିଛି ସମୟ ପରେ ସେ ତଳେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଡାକ୍ତରଙ୍କ ନିକଟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ତାଙ୍କ ସାଙ୍ଗମାନେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚିବା ପରେ ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଜିଲା ମୁଖ୍ୟ ଚିକିତ୍ସାଳୟର ଓପିଡିରେ ଥିବା ଡାକ୍ତର ଚିକିତ୍ସା ଅବହେଳା କରିବା ସହ ଦେବରାଜଙ୍କ ବ୍ଲଡ଼ପ୍ରେସର ନ ମାପି ଔଷଧ ଲେଖିଥିଲେ। ଏପରିକି ସେ ଭୁଲ୍ ଔଷଧ ଦେଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି।

# ଅବକାରୀ ଏସ୍‌ଆଇଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ସମ୍ବଲପୁର,୧।୨(ବ୍ୟୁରୋ)**

ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଝାରସୁଗୁଡା ଜିଲା ବେଲପାହାଡ ଅବକାରୀ ବିଭାଗରେ କାର୍ଯ୍ୟରତ ଏସ୍‌ଆଇ ଦେବେନ୍ଦ୍ର ପ୍ରହରାଜଙ୍କ ଘରେ ସୋମବାର ଭିଜିଲାନ୍ସ ଚଢାଉ କରିଛି। ଏକସମୟରେ ବେଲପାହଡସ୍ଥିତ କାର୍ଯ୍ୟାଳୟ ସମେତ ସମ୍ବଲପୁର ଏସ୍‌ଆର୍‌ଆଇଟି କଲୋନୀ କଲ୍ୟାଣ ନଗରର ନିଜସ୍ୱ ବାସଭବନ, ଗୋବିନ୍ଦତୋଳାର ଶ୍ୱଶୁର ଘର ଓ ସ୍ତ୍ରୀ କାମ କରୁଥିବା ଜଗନ୍ନାଥ କଲୋନୀସ୍ଥିତ ଅବକାରୀ ଅଫିସରେ ଏହି ଚଢାଉ ହୋଇଛି। ମିଳିଥିବା ରିପୋର୍ଟ ଅନୁସାରେ ସମ୍ବଲପୁର ସହରରେ ତାଙ୍କର ଦୁଇମହଲା କୋଠା, ୨ ଘରବାରି ପ୍ଲଟ ଓ କଟକରେ ଗୋଟିଏ ପ୍ଲଟ ରହିଛି, ଯାହାର ମୂଲ୍ୟ ୬୨ ଲକ୍ଷ ୪୬ ହଜାର ୧୬ ଟଙ୍କା ହେବ। ବାଇକ୍, ଘରକରଣା ସାମଗ୍ରୀ, ସୁନାରୁପା ଅଳଙ୍କାର, ଜମି କିଣିବାକୁ ଅଗ୍ରୀମ ଦିଆଯାଇଥିବା ଟଙ୍କା ମିଶି ମୋଟ ୩୧ ଲକ୍ଷ ୩୮ ହଜାର ୩୨୫ ଟଙ୍କା ଜବତ ହୋଇଛି। ସେହିପରି ବିଭିନ୍ନ ବ୍ୟାଙ୍କରେ ଜମା ଥିବା ୨୩ ଲକ୍ଷ୯୮ ହଜାର ୨୮୯ ଟଙ୍କା ଓ ନଗଦ ୧୩ ହଜାର ୫୭୫ ଟଙ୍କା ଜବତ କରାଯାଇଛି। ତାଙ୍କର ମୋଟ ୧ କୋଟି ୧୭ ଲକ୍ଷ ୯୬ ହଜାର ୨୦୫ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଥିବା ଆକଳନ କରାଯାଇଛି। ଦେବେନ୍ଦ୍ରଙ୍କୁ ଗିରଫ ପରେ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲାଣ କରାଯାଇଥିବା ବିଭାଗୀୟ ଅଫିସ ପକ୍ଷରୁ ସୂଚନା ଦିଆଯାଇଛି।



ଏସ୍‌ଆର୍‌ଆଇଟି କଲୋନୀରେ ଭିଜିଲାନ୍ସ ଟିମ୍ ଚଢାଉ କରୁଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଗଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ।
RUPALI SQUARE, SAHEED NAGAR, BHUBANESWAR
Ph.: 8144114249
Note: ଘରେ ବସି ଫୋନରେ ସମାଧାନ କରିବାକୁ କହୁଥିବା ତାନ୍ତ୍ରିକ ବାବାଙ୍କ ପ୍ରତି ସାବଧାନ !

New Year Dhamaka BUSINESS
Lucky Draw
କୋରୋନା ଲକ୍‌ଡାଉନ ପରେ ଲକ୍ଷପତି ହେବାର ସୁବର୍ଣ୍ଣ ସୁଯୋଗ । ଫୋନ୍ ଉଠାନ୍ତୁ ଏବଂ କଲ୍ କରନ୍ତୁ, ଜବାବ ଦିଅନ୍ତୁ ଭାଗ୍ୟଶାଳି ହେବାର ସୁଯୋଗ ଆପଣାନ୍ତୁ ।
CONTACT 8226999000

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ
ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ଼
8895358521
8895357605


ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

NEW YEAR DHAMAKA
DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି
ସପ୍ତମବର୍ଷ ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗିରିଧାରୀ ମହାନ୍ତି
ବାପୁଜୀନଗର, ଭୁବନେଶ୍ୱର
ଗ୍ରାମ- ବଡ଼ଗାଁ, ଜିଲ୍ଲା- କେନ୍ଦ୍ରାପଡ଼ା
ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୨୨୦



ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ଟୋନର

**ତ୍ୱଚାକୁ ଭଲଭାବେ ସଫା କରିବା ନିମନ୍ତେ ଟୋନର ବ୍ୟବହାର କରାଯାଏ। ଟୋନର ଲଗାଇଲେ ତ୍ୱଚାକୁ ପୋଷଣ ମିଳିବା ସହିତ ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ। ତେବେ କିଭଳି ଏବଂ କେଉଁ ପ୍ରକାରର ଟୋନର ଲଗାଇବେ ସେ ସମ୍ପର୍କରେ ଜାଣି ରଖନ୍ତୁ...**

➤ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ଟୋନର ବଦଳରେ ହୋମ୍ ମେଡ୍ ଟୋନର୍ ବ୍ୟବହାର କରନ୍ତୁ। ଘରେ ଟୋନର ତିଆରି ପାଇଁ ଅଧା କପ୍ ପାଣି ଫୁଟାଇ ସେଥିରେ ଗ୍ରୀନ ଟି ବ୍ୟାଗ ପକାଇ ଦୁଇ ମିନିଟ୍ ଛାଡି ଦିଅନ୍ତୁ। ଏବେ ଏଥିରେ ୧ ଚାମଚ ଗୋଲାପ ଜଳ ଏବଂ ଅଧା କଟା ଡାଳିମ୍ବ ଜୁସ୍ ମିଶାନ୍ତୁ। ଏହାକୁ ବୋତଲରେ ରଖି ବ୍ୟବହାର କରନ୍ତୁ। ପାଣିରେ ଆଲୋବେରା ଜେଲ ମିଶାଇ ଏହାକୁ ମଧ ଟୋନର ଭଳି ବ୍ୟବହାର କରିପାରିବେ।

➤ଯେକୌଣସି ପ୍ରକାରର ଟୋନରକୁ ତୁଳା ସାହାଯ୍ୟରେ ମୁହଁ ଏବଂ ବେକରେ ଭଲଭାବେ ଲଗାନ୍ତୁ। ଏହାପରେ ହାଲ୍କା ଭାବେ ମସାଜ୍ କରି ଶୁଖିବା ପାଇଁ ଛାଡି ଦିଅନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚାକୁ ପୋଷଣ ମିଳିଥାଏ।

➤ଆପଣଙ୍କ ସ୍କିନ ଅନୁସାରେ ହିଁ ଟୋନର ବାଛନ୍ତୁ। ଯଦି ଆପଣଙ୍କ ସ୍କିନ୍ ସେନସିଟିଭ୍ ହୋଇଥାଏ ତେବେ ତ୍ୱଚା ଅନୁସାରେ ଟୋନର ଲଗାନ୍ତୁ। ଫଳରେ ତ୍ୱଚାର ପିଏଚ୍ ଲେବଲରେ ସନ୍ତୁଳନ ରହିପାରିବ।

➤ଟୋନର ବ୍ୟବହାର କରିବା ଫଳରେ ତ୍ୱଚା ଶୁଷ୍କ ହୋଇ ନ ଥାଏ। ଦିନକୁ ଦୁଇଥର ଏଭଳି ଟୋନର ବ୍ୟବହାର କରିପାରିବେ।

➤ପ୍ରଥମେ ଫେସୱାଶ୍‌ରେ ମୁହଁ ଧୋଇ ଦିଅନ୍ତୁ। ଏହାପରେ ତୁଳାରେ ଟୋନର ଲଗାଇ ହାତରେ ସ୍କ୍ରବ କରନ୍ତୁ। ଟୋନର ଲଗାଇବା ପରେ ମଶ୍ଚରାଇଜର ଲଗାନ୍ତୁ। କିଛି ସମୟ ସନ୍‌ସ୍କ୍ରିନ୍ ଲଗାନ୍ତୁ।



# ବିପଦରେ ମହିଳା



**ଆସନ୍ତା ୪ ତାରିଖରେ ପାଳନ ହେବାକୁ ଯାଉଛି ବିଶ୍ୱ କର୍କଟ ଦିବସ। ତେବେ ଏହି ଅବସରରେ ମହିଳାଙ୍କ ଜୀବନ ପ୍ରତି ବିପଦସୃଷ୍ଟି କରୁଥିବା ସର୍ଭାଇକାଲ୍ କ୍ୟାନ୍ସରର କାରଣ ଏବଂ ଏହାର ନିରାକରଣକୁ ନେଇ ବିଶେଷ ଉପସ୍ଥାପନା...**

**– ଡା. ସରୋଜିନୀ ଷଡ଼ଙ୍ଗୀ**

କର୍କଟରୋଗ ହେବା କଥା ଦୂରରେ ଥାଉ, ଏହା ବିଷୟରେ ଚିନ୍ତା କରିବାମାନେ ହିଁ ଶରୀରରେ ଏକ ଅଜଣା ଆତଙ୍କର ଶିହରଣଟିଏ ଖେଳିଯାଏ। ଅନେକ ରୋଗୀ ରୋଗାକ୍ରାନ୍ତ ଶରୀରର ଏହି ଅସ୍ୱାଭାବିକ ପରିବର୍ତ୍ତନ ଲକ୍ଷ୍ୟ କରି ମଧ ଭୟରେ କାହାକୁ କିଛି କୁହନ୍ତି ନାହିଁ ବା ଡାକ୍ତରଙ୍କୁ ମଧ ପରାମର୍ଶ କରନ୍ତି ନାହିଁ , ତେଣୁ ଏହି ରୋଗର ପ୍ରାଥମିକ ସ୍ତରରେ ଚିହ୍ନଟ ଓ ଉପଯୁକ୍ତ ଚିକିତ୍ସା ହୋଇପାରେ ନାହିଁ। ଫଳରେ ଶେଷ ପର୍ଯ୍ୟାୟରେ ଚିକିତ୍ସା କରାଇଲେ ଅଧିକାଂଶ କ୍ଷେତ୍ରରେ ରୋଗୀ ମୃତ୍ୟୁ ମୁଖରେ ପଡ଼ିଥାଏ। ସାରା ବିଶ୍ୱରେ ମହିଳାମାନଙ୍କ କର୍କଟରୋଗର ଅନୁପାତକୁ ନେଲେ ଜଣାଯାଏ ଯେ, ବିକାଶଶୀଳ ଦେଶରେ ସ୍ତନ କର୍କଟ ରୋଗ ବେଶି ଦେଖାଯାଉଥିବା ବେଳେ ଭାରତ ଭଳି ବିକାଶୋନ୍ମୁଖୀ ଦେଶରେ ସର୍ଭାଇକାଲ୍ କ୍ୟାନ୍ସର ବା ଜରାୟୁ ଗ୍ରୀବା କର୍କଟ ରୋଗୀଙ୍କ ସଂଖ୍ୟା ବେଶି।

ସାରା ପୃଥିବୀରେ ଜରାୟୁଗ୍ରୀବା କର୍କଟ ରୋଗର ଏକ ଚତୁର୍ଥାଂଶ ରୋଗୀ ଭାରତରେ ହିଁ ଦେଖାଯା'ନ୍ତି। ଆମଦେଶରେ କର୍କଟ ରୋଗ ଭୋଗୁଥିବା ଶତକଡା ୯୦ ଭାଗ ମହିଳାଙ୍କ ଠାରେ ସର୍ଭାଇକାଲ୍ କ୍ୟାନ୍ସର ରୋଗ ହିଁ ହୋଇଥାଏ। ପରିତାପର ବିଷୟ ଯେ, ଆମ ଦେଶରେ ଜରାୟୁଗ୍ରୀବା କର୍କଟ ରୋଗରେ ପୀଡିତ ହୋଇ ପ୍ରତି ୭ ମିନିଟ୍‌ରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥାଏ। ପ୍ରତିବର୍ଷ ୧୦ଲକ୍ଷ ନୂଆ ରୋଗୀ ଆଡ୍‌ମିଶନ୍ ନେଇଥାନ୍ତି। ତନ୍ମଧ୍ୟରୁ ପ୍ରାୟ ୯୦ ଭାଗରୁ ଅଧିକ ରୋଗୀ ରୋଗର ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ଚିହ୍ନଟ ହୋଇଥା'ନ୍ତି ଏବଂ ଚିକିତ୍ସା ସତ୍ତ୍ୱେ ଅଧକାଂଶ ମହିଳା ମୃତ୍ୟୁ ମୁଖରେ ପଡିଥାନ୍ତି। ତେଣୁ ଏହି ରୋଗରୁ ପ୍ରଥମରୁ ଚିହ୍ନଟ ଓ ଚିକିତ୍ସା ଜରୁରୀ।

କର୍କଟ ରୋଗ ସମିତିର ସାରାବିଶ୍ୱର ୧୨ଟି କେନ୍ଦ୍ର ଅନୁଶୀଳନ କରି ଦେଇଥିବା ବାର୍ଷିକ ରିପୋର୍ଟ ମୁତାବକ ସର୍ଭାଇକାଲ୍ କ୍ୟାନ୍ସର ରୋଗ ହେବାର ବୟସସୀମା ହେଉଛି ୪୦ ରୁ ୭୦ବର୍ଷ। ୪୦ବର୍ଷରୁ କମ୍ ବୟସରେ ମଧ ଏହା କେତେକଙ୍କଠାରେ ହୋଇଥାଏ, ଯାହା କି ବେଶି ବିପଦଜନକ ହୋଇଥାଏ। ପ୍ରାଥମିକ ଅବସ୍ଥାରୁ ଜରାୟୁଗ୍ରୀବା କର୍କଟ ରୋଗର ଚିହ୍ନଟ ଓ ଚିକିତ୍ସା କରିପାରିଲେ ୯୨% ରୋଗୀ ଭଲ ହୋଇଯା'ନ୍ତି। ନିୟମିତ ଭାବରେ ରୋଗର ସ୍କ୍ରିନିଂ କଲେ ଏହି ରୋଗକୁ ଆଦ୍ୟ ଅବସ୍ଥାରୁ ଚିହ୍ନିହେବ,ଧରିହେବ ଓ ଚିକିତ୍ସା କରିହେବ।

**କେଉଁମାନଙ୍କଠାରେ ଆଶଙ୍କା ବେଶି:**

ଅଳ୍ପବୟସରେ ବିବାହ ଓ ଅନେକ ସନ୍ତାନର ଜନନୀ ହେଲେ ଏହି ରୋଗ ବିଶେଷ ଭାବରେ ହୋଇଥାଏ। ଏହାଛଡା ମହିଳାଟି ଯଦି ଅନେକ ପୁରୁଷଙ୍କ ସହ ସମ୍ପର୍କ ରଖିଥାଏ ଏବଂ ଯଦି ସେହି ପୁରୁଷଙ୍କର ପ୍ରଥମ ସ୍ତ୍ରୀ ଜରାୟୁଗ୍ରୀବା





କର୍କଟ ରୋଗରେ ମୃତ୍ୟୁବରଣ କରିଥାନ୍ତି ତେବେ ସେହି ମହିଳାଙ୍କୁ ଜରାୟୁଗ୍ରୀବା କର୍କଟ ରୋଗ ହୋଇଥାଏ। ଏଚ୍.ଆଇ.ଭି ପଜିଟିଭ ମହିଳା, ଗର୍ଭନିରୋଧକ ବଟିକା ସେବନ ଏବଂ ଧୂମପାନ କରୁଥିବା ମହିଳାଙ୍କ ଠାରେ ଏହି ରୋଗର ଆଶଙ୍କା ବେଶୀ। ଏହି ରୋଗ ଯୌନକ୍ରିୟା ଦ୍ୱାରା ପ୍ରବାହିତ ହେଉଥିବା ଭୂତାଣୁ ଯଥା' ହ୍ୟୁମାନ୍ ପାପିଲୋମା ଭାଇରସ୍' ଓ 'ହର୍‌ପିସ୍ ସିମ୍ପ୍ଲେକ୍ସ ଭାଇରସ୍ ଟାଇପ୍ ଟୁ' କୁ ଏକ୍ସପୋଜର୍ ଦ୍ୱାରା ହୋଇଥାଏ।

**ପରୀକ୍ଷା:** ଏହା ପ୍ରାଥମିକ ସ୍ତରରୁ ଖୁବ୍‌ଶୀଘ୍ର ଲସିକା ଓ ଧମନୀଦେଇ ଶରୀରର ଗୋଟିଏ ପରେ, ଗୋଟିଏ ଅଙ୍ଗକୁ ଆକ୍ରମଣ କରିଥାଏ। ସ୍ତ୍ରୀ ରୋଗ ବିଶେଷଜ୍ଞମାନେ ଏହାକୁ ଯନ୍ତ୍ରପାତି ଦ୍ୱାରା ପରୀକ୍ଷା ତଥା ଜରାୟୁଗ୍ରୀବାରରସପରୀକ୍ଷା (ପାପ୍‌ସ୍ମିଅର) ଏବଂ ମାଂସ ପରୀକ୍ଷା (ବାଇଓପ୍‌ସି) କରି ଜରାୟୁଗ୍ରୀବା କର୍କଟରୋଗ ହୋଇଛି କି ନାହିଁ ଜାଣି ପାରିବେ।

**ଲକ୍ଷଣ:** ଅନେକ ଦିନ ଧରି ଧଳାସ୍ରାବ ହେବା, ବା ଦୁର୍ଗନ୍ଧଯୁକ୍ତ ରକ୍ତମିଶା ଧଳା ସ୍ରାବ, ସ୍ୱାମୀ ସ୍ତ୍ରୀ ଏକତ୍ରହେବା ପରେ ରକ୍ତସ୍ରାବ ହେବା, ଦୁଇ ମାସିକ ରତୁସ୍ରାବ ମଝିରେ ମଝିରେ ରକ୍ତସ୍ରାବ ହେବା, ତଳିପେଟ ଓ ଅଣ୍ଟାରେ ବ୍ୟଥା, ଗୋଡ଼ଫୁଲିଯିବା, ପରିସ୍ରାରେ କଷ୍ଟ, ଘନଘନ ପରିସ୍ରା ତଥା ସବୁବେଳେ ପରିସ୍ରା ପଡ଼ିବା ଏବଂ ମଳ ଦ୍ୱାରରେ କଷ୍ଟ ଆଦି ଲକ୍ଷଣ ଦେଖାଦେଲେ ତୁରନ୍ତ ସ୍ତ୍ରୀ' ରୋଗ ବିଶେଷଜ୍ଞଙ୍କ ପରାମର୍ଶ କରି ପାପ୍ ସ୍ମିଅର କରାଇଦେବା ଜରୁରୀ। ୩୫ ବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ମହିଳା କୌଣସି ଲକ୍ଷଣ ନ ଥିଲେ ମଧ ଅନ୍ତତଃ ବର୍ଷକୁ ଥରେ ନିଜ ନିଜର ପାପ୍‌ସ୍ମିଅର କରାଇ ନେବା ଆବଶ୍ୟକ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ସାଧାରଣତଃ ଅନେକ ରୋଗୀ ଗାଁ ଗହଳିରେ ତୁଟୁକା ତୁଟୁକି ଔଷଧରେ ଚିକିତ୍ସା କରାଇନିଅନ୍ତି ଏବଂ ରୋଗ ବଢିଯାଏ। ହେଲେ ଠିକ୍ ସମୟରେ ରୋଗ ଚିହ୍ନଟ କରି ଚିକିତ୍ସା ପାଇଁ ଆସୁଥିବା ଶତକଡା ୧୫ରୁ ୨୦ଭାଗ ମହିଳା ଏବଂ ସୂଚାରୁରୂପେ, ଅସ୍ତ୍ରୋପଚାର ଓ ଚିକିତ୍ସା ହୋଇପାରିଲେ ଶତକଡା ୮୦ଭାଗ ମହିଳା ଆରୋଗ୍ୟ ଲାଭ କରିଥାନ୍ତି।

**ଏହି ପରୀକ୍ଷା କେବେ କରିବେ:** ଅନେକେ ଭାବନ୍ତି ଜରାୟୁଗ୍ରୀବା କର୍କଟ ରୋଗ ପାଇଁ ଟିକା ନେଲେ ଆଉ ଏହି ରୋଗ ହେବ ନାହିଁ। ହେଲେ ଏପରି ନ ଭାବି ୨୦ ରୁ ୩୦ ବର୍ଷ ବୟସର ଯେକୌଣସି ମହିଳା ବର୍ଷକୁ ଅନ୍ତତଃ ଥରେ କରିବା ଉଚିତ। ଯଦି କୌଣସି ମହିଳାଙ୍କର ଏହି ଟେଷ୍ଟ ନର୍ମାଲ୍ ଥାଏ ତେବେ ସେମାନେ ୩୦ ବର୍ଷପରେ ଅନ୍ତତଃ ୩–୪ ବର୍ଷରେ ଥରେ ଏହି ପରୀକ୍ଷା କରିବା ଉଚିତ ଓ ହ୍ୟୁମ୍ୟାନ୍ ପାପିଲୋମା ଭାଇରସ୍ ଏସ୍.ପି.ଭି. ଡି.ଏନ୍.ଏସ୍ ଟେଷ୍ଟ କରିବା ଦରକାର। ଯେଉଁ ମହିଳାମାନେ ଅଂଗ ପ୍ରତିରୋପଣ କରିଥାନ୍ତି କିମ୍ବା କର୍କଟ ରୋଗ ପାଇଁ ଔଷଧ ଖାଉଥା'ନ୍ତି ବା ଏଚ୍.ଆଇ.ଭି. ଦ୍ୱାରା ପୀଡିତ ହୋଇଥା'ନ୍ତି ତେବେ ସେମାନେ ଏହି ପରୀକ୍ଷା ପ୍ରତିବର୍ଷ କରିବା ଉଚିତ। ୭୦ ବର୍ଷରୁ ଉର୍ଦ୍ଧ୍ୱ ଯାହାଙ୍କର ଗତ ୧୦ ବର୍ଷ ମଧ୍ୟରେ ଏହି ପରୀକ୍ଷା ନେଗେଟିଭ୍ ଅଛି କିମ୍ବା ସେମାନଙ୍କର ବଂଶଗତ ଜରାୟୁଗ୍ରୀବା କର୍କଟ ରୋଗ ନ ଥାଏ ଏବଂ ଯଦି ସେମାନେ ଏଚ୍.ଆଇ.ଭି. ଦ୍ୱାରା ଆକ୍ରାନ୍ତ ହୋଇ ନ ଥାନ୍ତି ତେବେ ସେମାନେ ଏହି ପରୀକ୍ଷା କରାଇ ନ ପାରନ୍ତି। ଯେଉଁମାନଙ୍କର କର୍କଟ ରୋଗ ପାଇଁ ଜରାୟୁ ଅପସାରିତ ହୋଇଥିବ ସେମାନେ ଏହି ପରୀକ୍ଷା କରିବା ଆବଶ୍ୟକ।

**ପରୀକ୍ଷା କରିବାର ସମୟ:** ମାସିକ ରତୁସ୍ରାବ ପରେ ଏହି ପରୀକ୍ଷା କରିବା ଉଚିତ। ଏହାଛଡା ଏହି ପରୀକ୍ଷା କରିବାର ୨ ଦିନ ପୂର୍ବରୁ ଯୌନ ସମ୍ପର୍କ ନ ରଖିବା ସହ କୌଣସି ଟାମ୍ପୁନ୍ ବା କ୍ରିମ୍ ବ୍ୟବହାର କରିବା ଆବଶ୍ୟକ।

**ପରୀକ୍ଷାର ଫଳାଫଳ:** ଏହି ପରୀକ୍ଷାରୁ ଜରାୟୁଗ୍ରୀବା କର୍କଟ ରୋଗର ପ୍ରାଥମିକ ଚିହ୍ନଟ ସମ୍ଭବପର ହୋଇଥାଏ। ଯଦି ପାପ୍ ସ୍ମିଅର ପରୀକ୍ଷା ସନ୍ଦେହଜନକ ହୋଇଥାଏ ତେବେ ୩ମାସରୁ ୬ମାସ ମଧ୍ୟରେ ଏହି ପରୀକ୍ଷା ପୁଣିଥରେ କରାଯାଇପାରେ। ଯଦି ଏହି ପରୀକ୍ଷାର ଫଳାଫଳ ସନ୍ଦେହଜନକ ହୁଏ କିମ୍ବା ପରୀକ୍ଷାରେ ଯଦି କିଛି ସନ୍ଦେହଜନକ କୋଷ ବାହାରେ ଏବଂ ମହିଳାଙ୍କର ବୟସ ୪୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥାଏ ତେବେ ଜରାୟୁର ଅପସାରଣ କରିଦେବା ଆବଶ୍ୟକ।

**ପ୍ରାଥମିକ ପ୍ରତିଷେଧକ ବ୍ୟବସ୍ଥା:** ମହିଳାମାନଙ୍କର ଉପଯୁକ୍ତ ସାକ୍ଷରତା ଏବଂ ସହରାଞ୍ଚଳ ତଥା ବସ୍ତି ଅଞ୍ଚଳରେ ପାପ୍‌ସ୍ମିଅର ସ୍କ୍ରିନିଂ ବିଶେଷଭାବରେ ଏହାକୁ ପ୍ରତିରୋଧ କରିବାରେ ସାହାଯ୍ୟ କରିବ। ଝିଅମାନଙ୍କୁ ଅଳ୍ପ ବୟସରେ ବିବାହ ତଥା ଅଳ୍ପ ବୟସରେ ଗର୍ଭଧାରଣକୁ ପ୍ରତିରୋଧ କରିବା, ଯୌନକ୍ରିୟା ସମୟରେ କଣ୍ଡୋମର ବ୍ୟବହାର, ଅଳ୍ପସନ୍ତାନରେ ପରିବାରକୁ ସୀମିତ ରଖିବା, ଅସ୍ୱାସ୍ଥ୍ୟକର ପରିବେଶରୁ ନିଜକୁ ରକ୍ଷା କରି ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା ଏବଂ ଏସ.ଟି.ଡ଼ି. (ସେକ୍ସୁଆଲି ଟ୍ରାନ୍ସମିଟେଡ଼ ଡିଜିଜ୍) ତଥା ଅନ୍ୟାନ୍ୟ ରୋଗର ଖୁବ୍‌ଶୀଘ୍ର ଚିକିତ୍ସା କରାଇନେବା ଦରକାର। ଏହାଛଡ଼ା ସ୍ତ୍ରୀରୋଗ ବିଶେଷଜ୍ଞମାନେ ଜରାୟୁ ଅପସାରଣ ବେଳେ ଜରାୟୁଗ୍ରୀବା ଅପସାରଣ କରିବା ଆବଶ୍ୟକ।

**ଦ୍ୱିତୀୟ ପର୍ଯ୍ୟାୟରେ ପ୍ରତିଷେଧକ ବ୍ୟବସ୍ଥା:** 'ଡାଉନ୍ ଷ୍ଟେଜିଂ ସ୍କ୍ରିନିଂ' ହେଉଛି ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ଦ୍ୱାରା ସ୍ପେକୁଲମ ସାହାଯ୍ୟରେ ଜରାୟୁଗ୍ରୀବା ପରୀକ୍ଷା ଏବଂ ପ୍ରାଥମିକ ପର୍ଯ୍ୟାୟରେ ତା'ର ଚିହ୍ନଟ ଓ ଚିକିତ୍ସା। ଏହାଛଡ଼ା ସହରାଞ୍ଚଳ, ସହରତଳି ଅଞ୍ଚଳ, ବସ୍ତିଅଞ୍ଚଳ ତଥା ସ୍ତ୍ରୀରୋଗ ବହି ର୍ବିଭାଗକୁ ଆସୁଥିବା ସବୁ ହାଇରିସ୍କ ରୋଗୀଙ୍କ ପାପ୍‌ସ୍ମିଅର ପରୀକ୍ଷା ଏବଂ ରୋଗର ପ୍ରାଥମିକ ପର୍ଯ୍ୟାୟରେ ଚିକିତ୍ସା ହୋଇପାରିଲେ ଅନେକ ଜରାୟୁଗ୍ରୀବା କର୍କଟରୋଗୀ ଯେ ବହୁବର୍ଷ ପର୍ଯ୍ୟନ୍ତ ରୋଗ ମୁକ୍ତ ଜୀବନଯାପନ କରିପାରିବେ, ଏଥିରେ ସନ୍ଦେହ ନାହିଁ। ଏହି କର୍କଟରୋଗ ସଂପୂର୍ଣ୍ଣ ଭାବେ ପ୍ରତିହିତ କରିହେବ, ତେବେ କେବଳ ସଚେତନତା ଏଥିପାଇଁ ଖୁବ୍ ଜରୁରୀ। ଏଥିପାଇଁ ଏକ ପ୍ରତିଷେଧକ ଟୀକା ମଧ ବାହାରିଲାଣି।

**ଏଚ୍.ପି.ଭି ଭେକ୍ସିନ୍ ବା ଟୀକା :** ଏହା କିଶୋରୀ ଝିଅମାନଙ୍କୁ ଦିଆଯିବା ଦରକାର। ୧୨–୧୮ ବର୍ଷ ବା'୧୬–୨୫ ବର୍ଷ ଭିତରେ ମହିଳାମାନଙ୍କୁ ଦିଆଯାଇଥାଏ। ଏହି ଟୀକା ଖୁବ୍ ଉପକାରୀ। ଯେଉଁଠି ବାଇଭେଲେଣ୍ଟ ଟୀକା (ଏଚ୍.ପି.ଭି. ଟାଇପ୍ ୧୬ ଟାଇପ୍ ୧୮) ଏବଂ କ୍ୱାଡ୍ରିଭେଲେଣ୍ଟ ଭାକ୍ସିନ୍ ଯାହା ଏଚ୍.ପି.ଭି. ଟାଇପ୍ ୧୬, ୧୮, ୪ ଓ ୧୧ ବିରୁଦ୍ଧରେ କାମ କରିଥାଏ। ଏହା ଶତକଡ଼ା ୯୦ ଭାଗ ଜରାୟୁଗ୍ରୀବା କର୍କଟକୁ ପ୍ରତିରୋଧ କରିଥାଏ। ତେବେ ଏହି ଟୀକା ମଧ ଏଚ୍. ପି. ଭି. ଟାଇପ୍ ୩୧, ୩୩ ଓ ୪୫ ରୁ ରକ୍ଷା କରିଥାଏ। ଏହା ୯ ରୁ ୧୩ ବର୍ଷର ଝିଅମାନଙ୍କୁ ସ୍କୁଲରେ ଦିଆଯାଇପାରିବ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଗାଇଡ୍ ଲାଇନ୍ ଅନୁଯାୟୀ ୧୫ ବର୍ଷରୁ କମ୍ ବୟସର ଝିଅମାନଙ୍କୁ ଟୀକା ୦, ୬ ମାସରେ ଦେବା ଉଚିତ ଏବଂ ୧୫ ବର୍ଷରୁ ଉର୍ଦ୍ଧ୍ୱ ବୟସରେ ୩ ଟି ଡୋଜ୍ (୦, ୧–୨, ୩ ମାସ) ଭିତରେ ଦିଆଯାଇ ଥାଏ।

ତେବେ ସବୁଠାରୁ ବଡ କଥା ହେଲା ସାକ୍ଷରତା ଓ ସଚେତନତା। ନାରୀଟିଏ ଚାହିଁଲେ ନିଜେ ନିଜର ଡାକ୍ତର ହୋଇ ନିଜେ ନିଜକୁ ରକ୍ଷା କରିପାରିବ ଓ ସାରାପରିବାରକୁ ମଧ, ସୁସ୍ୱାସ୍ଥ୍ୟର ଏକ ଅକ୍ଷୟ କବଚ ପିନ୍ଧାଇ ଦେଇ ପାରିବ। ତେବେ ଆସନ୍ତୁ ଏକ ଜରାୟୁ କର୍କଟ ମୁକ୍ତ ସମାଜ ଗଠନ ପାଇଁ କରାନ୍ତୁ ନିଜର ପାପ୍‌ସ୍ମିଅର୍ ଓ ଦୂରେଇ ଦିଅନ୍ତୁ କ୍ୟାନ୍‌ସର୍।

*– ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ, ଲିଙ୍କ୍‌ରୋଡ, କଟକ*



# ଫିଟ୍‌ନେସ୍ ପାଇଁ

ବର୍ତ୍ତମାନ ମେଦବହୁଳତା ଅନେକଙ୍କ ଠାରେ ବିଶେଷ କରି ମହିଳାଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ଯାହାକୁ ଦୂର କରି ନିଜକୁ ଫିଟ୍ ରଖିବା ଲାଗି ଏକ୍ସରସାଇଜ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ଏକ୍ସରସାଇଜ୍ କରୁଥିଲେ କେଉଁସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଜାଣି ରଖନ୍ତୁ ସେ ସମ୍ପର୍କରେ...

➤ସର୍ବପ୍ରଥମେ ଜୀବନଶୈଳୀ ବ୍ୟବସ୍ଥିତ କରନ୍ତୁ ଏବଂ ସନ୍ତୁଳିତ ଆହାର କରନ୍ତୁ। ଏହାଦ୍ୱାରା ଏକ୍ସରସାଇଜର ସୁଫଳ ପାଇପାରିବେ। ଯଦି ଆପଣ ଭାବୁଛନ୍ତି ଯେ, ଏଥିପାଇଁ ଜିମ୍ ଯିବା ନିହାତି ଜରୁରୀ ତେବେ ଏହା ଆପଣଙ୍କର ଭ୍ରାନ୍ତ ଧାରଣା, କାରଣ ଆପଣ ଘରେ ମଧ ଏକ୍ସରସାଇଜ୍ କରିପାରିବେ।

➤ପ୍ରତିଦିନ ଅତି କମ୍‌ରେ ୨୦–୪୫ ମିନିଟ୍ ଏକ୍ସରସାଇଜ କରନ୍ତୁ। ଅଧିକ ସମୟ ଚାଲିବାରେ ଦିଅନ୍ତୁ। ଘରେ ସମସ୍ତଙ୍କର ଟ୍ରେଡ୍‌ମିଲ୍ ନ ଥାଏ, ତେଣୁ ଛାତ ଉପରେ କିମ୍ବା ପାର୍କ ଆଦି ଅନ୍ୟ କୌଣସି ଖୋଲା ସ୍ଥାନରେ ଚାଲିପାରିବେ। ଆପାର୍ଟମେଣ୍ଟରେ ରହୁଥିଲେ ଲିଫ୍ଟ ବଦଳରେ ପାହାଚ ବ୍ୟବହାର କରନ୍ତୁ ଶରୀର ଫିଟ୍ ରହିବ।

➤ମନ ଇଚ୍ଛା କୌଣସି ଏକ୍ସରସାଇଜ୍ ନ କରି ଏକ୍ସପର୍ଟଙ୍କ ପରାମର୍ଶ ନେଇ କରିବା ଭଲ। ତେବେ ବର୍ତ୍ତମାନ ୟୁଟ୍ୟୁବ୍‌ରେ ଅନେକ ଫିଟ୍‌ନେସ୍ ଏକ୍ସପର୍ଟଙ୍କ ଭିଡ଼ିଓ ଆସୁଛି, ଯାହାକୁ ଦେଖି ଏକ୍ସରସାଇଜ କରି ପାରିବେ।

➤ଏଥିରେ କିଛି ସମୟ ଯୋଗ ଏବଂ ପ୍ରାଣାୟମ ଆଦିକୁ ସାମିଲ କଲେ ଅଧିକ ଉପକୃତ ହୋଇପାରିବେ।



➤ଆପଣ ଚାହିଁଲେ ୟୁଟ୍ୟୁବ୍ ଦେଖି ଏରୋବିକ୍ସ କିମ୍ବା ଜୁମ୍ବା ଭଳି ଡ୍ୟାନ୍ସ ଏକ୍ସରସାଇଜ୍ ବି କରିପାରିବେ।

➤ମନେ ରଖନ୍ତୁ, ପ୍ରଥମେ ପ୍ରଥମେ ଏକ୍ସରସାଇଜ୍ କରୁଥିଲେ ପତଳା ହେବା ନିଶାରେ ଏକାସଙ୍ଗେ ବହୁତ ଏକ୍ସରସାଇଜ୍ କରନ୍ତୁ ନାହିଁ, ଏହାଦ୍ୱାରା ଦେହ ଦରଜ ଭଳି ସମସ୍ୟା ଦେଖା ଦେଇପାରେ। ତେଣୁ ପ୍ରଥମେ ଅଳ୍ପ ସମୟ ଏକ୍ସରସାଇଜ୍ କରିବା ପରେ ଧିରେ ଧିରେ ଅଧିକ କରନ୍ତୁ। ଏହି ସମୟରେ ହାଲୁକା, ଆରମଦାୟକ ପୋଷାକ ଏବଂ ଜୋତା ପିନ୍ଧନ୍ତୁ।

ଖାଦ୍ୟ ରୁଚି

# ପନିର ଲଲିପପ୍



**ଆବଶ୍ୟକ ସାମଗ୍ରୀ–**

ପନିର– ୧ କପ୍, ଆଳୁ– ୨ଟି (ସିଝା), କଞ୍ଚାଲଙ୍କା– ୨ଟି, କ୍ୟାପ୍ସିକମ୍– ୧ଟି ଛୋଟ, ଅଦା ପେଷ୍ଟ– ୧ ଚାମଚ, ରସୁଣ ପେଷ୍ଟ– ୧ ଚାମଚ, ଗରମ ମସଲା ଗୁଣ୍ଡ– ଅଧା ଚାମଚ, ଚାଟ ମସଲା– ଅଧା ଚାମଚ, ମଇଦା– ଅଧା କପ୍, ବ୍ରେଡ଼ ଖଣ୍ଡ– ୧ କପ୍, ସ୍ୱାଦ ଅନୁସାରେ ଲୁଣ, ଲଙ୍କାଗୁଣ୍ଡ ଏବଂ ଧନିଆପତ୍ର।

**ପ୍ରସ୍ତୁତି ପ୍ରଣାଳୀ–**

ପ୍ରଥମେ ପନିର ଓ ଆଳୁକୁ ଏକ ପାତ୍ରରେ ରଖି ଚକଟି ଦିଅନ୍ତୁ। ଏହାପରେ କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ସେଥିରେ ପକାଇ ଅନ୍ୟ ସମସ୍ତ ମସଲାକୁ ପକାଇ ଦିଅନ୍ତୁ। ଏହି ମିଶ୍ରଣକୁ ଭଲଭାବେ ମିଶାଇ ୧୫–୨୦ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଏବେ ଏହି ମିଶ୍ରଣକୁ ନେଇ ଛୋଟ ଛୋଟ ଗୋଲ କରି ରଖି ଦିଅନ୍ତୁ। ଏହାପରେ ମଇଦାକୁ ପାଣିରେ ବହଳିଆ ଘୋଳ ତିଆରି କରି ସେଥିରେ ଏହାକୁ ବୁଡ଼ାଇ ବ୍ରେଡ ଗୁଣରେ ଗଡ଼ାଇ ଗରମ ତେଲରେ ଛାଣି ଦିଅନ୍ତୁ। ବ୍ରାଉନ୍ ହେବା ପରେ ପନିର ବଲ୍‌ଗୁଡ଼ିକୁ ବାହାର କରି ଦିଅନ୍ତୁ। ଏବେ ଏହି ପନିର ବଲ୍‌ରେ ଟୁଥ୍ ପିକ୍ ଲଗାଇ ଶସ୍ କିମ୍ବା ଚଟଣି ସହିତ ପରଷି ଦିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଫେବୃୟାରୀ ୨/୨୦୨୧ Rayagada, Tuesday, February 2/ 2021

## ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍ ଉଦ୍‌ଯାପିତ

# ଓଡ଼ିଶା ରେଡ୍ ଚାମ୍ପିୟନ

**ଭୁବନେଶ୍ୱର, ୧।୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ରେଡ୍ ଚାମ୍ପିୟନ ହୋଇଛି। ସୋମବାର ଅନୁଷ୍ଠିତ ଫାଇନାଲରେ ରେଡ୍ ୪ ଉଇକେଟରେ ଓଡ଼ିଶା ଭାଓଲେଟ୍‌କୁ ପରାସ୍ତ କରିଛି। ଭାଓଲେଟ ପକ୍ଷରୁ ଧାର୍ଯ୍ୟ ୧୨୫ ରନ୍‌ର ବିଜୟ ଲକ୍ଷ୍ୟକୁ ରେଡ୍ ୧୯.୫ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ରେଡ୍ ଅଧିନାୟିକା ମାଧୁରୀ ମେହେଟା ଓମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି।

ଟପ୍ ଅର୍ଡର ଚମତ୍କାର ଫର୍ମରେ ଥିବାରୁ ରେଡ୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାଓଲେଟ୍ ୨ ଓଭର ମଧ୍ୟରେ ମାତ୍ର ୫ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ରଶ୍ମିତା ଚିନ୍ନାରା ଓ ଅଭିଜ୍ଞ ସୁଶ୍ରୀ ଦିବ୍ୟଦର୍ଶିନୀ ସତର୍କତାର ସହ ବ୍ୟାଟିଂ କରି ଇନିଂସ ସମ୍ଭାଳି ନେଇଥିଲେ। ତୃତୀୟ ଉଇକେଟରେ ୬୮ ରନ ଯୋଗ ହେବାପରେ ସୁଶ୍ରୀ ବ୍ୟକ୍ତିଗତ ୨୯(୩୨ ବଲ, ୩ ଚୌକା) ରନ କରି ଷ୍ଟମ୍ପିଂ ହୋଇ ଯାଇଥିଲେ। ଶେଷ ଭାଗରେ ସ୍ୱିଟ ବେଉରା ୧୮ ବଲ୍‌ରୁ ୨୩ (୩ ଚୌକା) ରନ କରିଥିଲେ। ଓପନର ରଶ୍ମିତା ୫୮ ବଲ୍‌ରୁ ୫୦(୬ ଚୌକା) ରନ୍‌ରେ ଅପରାଜିତ ରହିବାରୁ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୧୨୪ ରନ୍‌ର ସମ୍ମାନଜନକ ସ୍କୋର କରିଥିଲା। ବିପକ୍ଷ ଦଳର ତନ୍ମୟୀ ବେହେରା, ଏସ.ବି. ଲରେନ୍ସ ଓ ରାଜଶ୍ରୀ ସ୍ୱାଇଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଫାଇନାଲର ଚାପ ସତ୍ତ୍ୱେ ଅଧିନାୟିକା ମାଧୁରୀ ପୁଣି ଖେଳିଥିଲେ ମ୍ୟାଚ ବିଜୟୀ ଇନିଂସ। ସେ ୪୦ ବଲ୍‌ରୁ ୭ ଚୌକା ସହାୟତାରେ ସର୍ବାଧିକ ୫୪ ରନ କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ତୁଲାଇଥିଲେ। ତନ୍ମୟୀ ୨୧ ରନ କରିଥିବାବେଳେ ସୁନୀତା ମୁର୍ମୁ ୪ ବଲ୍‌ରୁ ୯ ଏବଂ ରାଜଶ୍ରୀ ୧୧ ବଲ୍‌ରୁ ୧୬ ରନ କରି ଦଳକୁ ରୋମାଞ୍ଚକ ବିଜୟ ଦେଇଥିଲେ। ଆଉ ମାତ୍ର ଗୋଟିଏ ବଲ୍ ବାକିଥିବାବେଳେ ରେଡ୍ ୪ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରି ନେଇଥିଲା। ଭାଓଲେଟ୍‌ର ଦିବ୍ୟଦର୍ଶିନୀ ଓ କୁନି ବଦରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଚାମ୍ପିୟନ ଓଡ଼ିଶା ରେଡ୍ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

- ମାଧୁରୀ ମେହେଟା ଓମ୍ୟାନ ଅଫ୍ ଦି ମ୍ୟାଚ ଏବଂ ପ୍ଲେୟର ଅଫ୍ ଦି ସିରିଜ
- କଳ୍ପନା ନାୟକ ଇମର୍ଜିଂ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ

### ପର୍ପଲକୁ ତୃତୀୟ ସ୍ଥାନ

ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେ-ଅଫ୍‌ରେ ପର୍ପଲ ୨୬ ରନରେ ଗ୍ରୀନ୍‌କୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପର୍ପଲ ଅଧିନାୟିକା ମଧୁସ୍ମିତା ବେହେରାଙ୍କ ୪୪ (୫୧ ବଲ, ୭ ଚୌକା) ଓ ଶୁଭ୍ରା ସ୍ୱାଇଁଙ୍କ ୨୧ ରନ ସହାୟତାରେ ୨୦ ଓଭରରେ ୪ ଉଇକେଟ ହରାଇ ୧୧୩ ରନ କରିଥିଲା। ଗ୍ରୀନ୍‌ର ରାନୀ ପ୍ରସାଦ, ରୋଶନାରା ପରବିନ ଓ ସୁଶ୍ରୀ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୧୪ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଗ୍ରୀନ୍ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବା ଯୋଗୁ ୨୦ ଓଭରରେ ୭ ଉଇକେଟ ହରାଇ ୮୭ ରନ କରି ପାରିଥିଲା। ଅଲିପ୍ସା ବିଶ୍ୱାଳ ସର୍ବାଧିକ ୨୫ ରନ କରିଥିଲେ। ବିପକ୍ଷ ବୋଲରମାନେ ଅତିରିକ୍ତ ଭାବେ ଦ୍ୱିତୀୟ ସର୍ବାଧିକ ୧୯ ରନ ବ୍ୟୟ କରିଥିଲେ। ମଧୁସ୍ମିତା ୪ ଓଭରରେ ୧୫ ରନ ଦେଇ ୩ଟି ଉଇକେଟ ନେଇଥିବାବେଳେ ଶୁଭ୍ରା ସ୍ୱାଇଁ, ଡି. ଜାନକୀ ରେଡ୍ଡୀ, ପୂଜା ଦାସ ଓ ଜି.ଏମ. ଅଲକାନନ୍ଦା ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମଧୁସ୍ମିତା ଓମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଏବଂ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ମେହେତାବ ଖାଁ ଏବଂ ସଦସ୍ୟ ଦୁଲାଲ ଚନ୍ଦ୍ର ପ୍ରଧାନ, କିଶୋର କୁମାର ବିଶ୍ୱାଳ ଓ ଗଗନେନ୍ଦୁ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ୯ଟି ଇନିଂସରେ ୬୫.୬୦ ଆଭରେଜରେ ୩୨୮ ରନ କରିଥିବା ମାଧୁରୀ ମେହେଟା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। କଳ୍ପନା ନାୟକଙ୍କୁ ଇମର୍ଜିଂ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା।




## ଓଡ଼ିଶା ଏଫ୍‌ସିର ଆଉ ଏକ ପରାଜୟ

**ବାମ୍ବୋଲିମ୍, ୧।୨:** ଚଳିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ଓଡ଼ିଶା ଏଫ୍‌ସି ଆଉ ଏକ ପରାଜୟ ବରଣ କରିଛି। ସୋମବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଦଳ ୦-୧ ଗୋଲରେ ଜାମସେଦପୁର ଏଫ୍‌ସି ନିକଟରୁ ହାରି ଯାଇଛି। ମ୍ୟାଚର ୪୧ତମ ମିନିଟରେ ମହମ୍ମଦ ମୋବାସିର ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଗୋଲ ପରିଶୋଧ ପାଇଁ ଭୁବନେଶ୍ୱର ଭିତ୍ତିକ ଦଳ ଜୋରଦାର ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲା। ଫଳରେ ୧୪ ମ୍ୟାଚରୁ ୮ମ ପରାଜୟ ବରଣ କରିଛି ଓଡ଼ିଶା। ଦଳ ମାତ୍ର ଗୋଟିଏ ମ୍ୟାଚ ଜିତି ପାରିଥିବାବେଳେ ୫ଟିରେ ପଏଣ୍ଟ ଭାଗ କରିବାକୁ ସକ୍ଷମ ହୋଇଛି। ଫଳରେ ୮ ପଏଣ୍ଟରେ ସ୍ଥିର ରହି ଟେବୁଲର ସର୍ବନିମ୍ନ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ଜାମସେଦପୁର ଏଫ୍‌ସି ୧୫ ମ୍ୟାଚରୁ ୪ର୍ଥ ବିଜୟ ସହ ୧୮ ପଏଣ୍ଟରେ ପହଞ୍ଚି ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି।


ମହମ୍ମଦ ମୋବାସିରଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ୫୦% ଦର୍ଶକଙ୍କୁ ଅନୁମତି

**ଚେନ୍ନାଇ, ୧।୨ (ପି.ଟି.):** ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ବେଳେ ୫୦ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦିଆଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନ୍‌ସିଏ) ଆଲୋଚନା ପରେ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ସାନି କୋଭିଡ୍ ଗାଇଡଲାଇନ୍‌ରେ ଗମନାଗମନ ଏବଂ କ୍ରୀଡ଼ା ଭେନ୍ୟୁକୁ ରହିଥିବା ଦର୍ଶକ କଟକଣାରେ କୋହଳ କରାଯାଇଛି। ରବିବାର ରାଜ୍ୟ ସରକାରଙ୍କ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ମଧ୍ୟ ଜାରି କରାଯାଇଛି।

# ରଘୁନାଥପୁର ବିଜୟୀ

**ବାଲିଆ, ୧।୨**

ବିରିଡି ବ୍ଲକର ବାରେଡିଆ ସିଦ୍ଧ ଗାୟତ୍ରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଗ୍ରୀନଡାଇମଣ୍ଡ ଖେଳ ପଡ଼ିଆରେ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ବିଶିଷ୍ଟ ଶିକ୍ଷାବିତ୍ କସ୍ତୁରୀ ଚରଣ ବେହେରା ଉଦଘାଟନ କରିଥିଲେ। ଟୁର୍ନାମେଣ୍ଟରେ ୮ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ରଘୁନାଥପୁର ଓ ହାଜିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଉଭୟ ଦଳ ସମାନ ସ୍କୋର କରିବାରୁ ମ୍ୟାଚ ଟାଇ ହୋଇଥିଲା। ସୁପର ଓଭରରେ ରଘୁନାଥପୁର ପ୍ରଥମେ ବ୍ୟାଟିଂ କରି ୧୬ ରନ ସଂଗ୍ରହ କରିଥିଲା। ଜବାବରେ ହାଜିପୁର ଦଳ ମାତ୍ର ୭ କରିବାକୁ ସକ୍ଷମ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ପୁରଣ ମଣ୍ଡଳ ଭାଜପା ସଭାପତି ତରୁଣ କୁମାର ଦାସ, ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସଂଯୋଜକ ଭକ୍ତ ବତ୍ସଳ ବସ୍ତିଆ ଓ ବିଶ୍ୱ ଭୂଷଣ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ।

## ସେମିରେ ଭୁବନେଶ୍ୱର ଟାଉନ କ୍ଲବ

**ଭଣ୍ଡାରିପୋଖରୀ, ୧।୨ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଯଶୋଚିକିରି ଖେଳପଡ଼ିଆରେ ଚାଲିଥିବା ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ କ୍ୱାର୍ଟର ମ୍ୟାଚ୍‌ରେ ଯାଜପୁରରୋଡ୍ ସ୍ପୋର୍ଟସ ଏକାଡେମୀକୁ ହରାଇ ଭୁବନେଶ୍ୱର ଟାଉନ କ୍ଲବ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଟାଉନ କ୍ଲବ ଟସ୍ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୨୮୯ ରନ୍ କରିଥିଲା। ବିଶାଲ କର ୯୬, ମାନସ ଦାସ ୫୭ ଓ ଅଶ୍ୱିନୀ ମହାପାତ୍ର ୫୬ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ପ୍ରୀତମ ସିଂ ୫ ଓଭରରେ ୩ ଉଇକେଟ ନେଇଥିଲେ। ସ୍ପୋର୍ଟସ ଏକାଡେମୀ ୨୪ ଓଭରରେ ୧୫୨ ରନ୍ କରି ଅଲଆଉଟ ହୋଇଥିଲା। ଦଳର ପ୍ରୀତମ ୩୨ ଓ ଅଙ୍କିତ ପଣ୍ଡା ୨୫ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ସୁଜନ ଦାସ ୫ ଓଭରରେ ୨୪ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଟାଉନ କ୍ଲବର ବିଶାଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କୃତ କରାଯାଇଥିଲା। କାଳନ୍ଦୀ ପଣ୍ଡା ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ଅମ୍ପାୟର, ଦେବାଶିଷ ରଥ, ସୌମ୍ୟ ବର୍ଦ୍ଧନ ଓ ମାନସ ନନ୍ଦ ସ୍କୋରର ଥିଲେ। ପ୍ରତ୍ୟୁଷ ସାହୁ ଓ ଦିଲୀପ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଜୁଭେନାଇଲ କଟକ ଓ ୟୁନିକ ଏକାଡେମୀ ଭଦ୍ରକ ମଧ୍ୟରେ ତୃତୀୟ କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହେବ।

# ଜାଗୃତି-ରାମେଶ୍ୱର ଫାଇନାଲ

### ବିହାରୀଲାଲ ସ୍ମାରକୀ କ୍ରିକେଟ


ଗିରିଜା ମିଶ୍ର ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର, ୧।୨ (ଡି.ଏନ.ଏ.):** ସ୍ଥାନୀୟ ପୋଖରୀପୁଟ ଖେଳ ପଡ଼ିଆରେ ଚାଲିଥିବା ବିହାରୀଲାଲ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଜାଗୃତି କ୍ରିକେଟ ଏକାଡେମୀ ଏବଂ ରାମେଶ୍ୱର ସ୍ପୋର୍ଟିଂ ପ୍ରବେଶ କରିଛନ୍ତି। ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଜାଗୃତି ୭୪ ରନରେ ସୋଲାର କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜାଗୃତି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ କରିଥିଲା। ଜବାବରେ ସୋଲାର ୧୪ ଓଭରରେ ମାତ୍ର ୬୧ ରନ କରି ଅଲଆଉଟ ହୋଇ ଯାଇଥିଲା। ଦ୍ୱିତୀୟ ସେମିଫାଇନାଲରେ ରାମେଶ୍ୱର ୭ ଉଇକେଟରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମୁକ୍ତେଶ୍ୱର ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ କରିଥିଲା। ରାମେଶ୍ୱର ୧୬ ଓଭରରେ ୩ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରି ନେଇଥିଲା। ପ୍ରଥମ ସେମିରେ ବାଦଲ ଭୋଳ ଏବଂ ଦ୍ୱିତୀୟ ସେମିରେ ଗିରିଜା ମିଶ୍ର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। କୃଷ୍ଣଚନ୍ଦ୍ର ସାମନ୍ତରାୟ, ରମେଶ ରାଉତରାୟ, ପ୍ରତାପ ଜେନା, ନୀଳାଦ୍ରି ସ୍ୱାଇଁ, ସନ୍ତୋଷ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ସେମିଫାଇନାଲରେ ସୋଲାର କ୍ଲବ୍

**ଯାଜପୁର ଟାଉନ୍, ୧।୨ (ଡି.ଏନ.ଏ.)**

ନିକଟସ୍ଥ ବାଳାଶ୍ରମ ପଡ଼ିଆରେ ଚାଲିଥିବା ୯ମ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂକୁ ହରାଇ କଟକ ସୋଲାର୍ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ ହରାଇ ୧୭୧ ରନ୍ କରିଥିଲା। ଦଳ ପକ୍ଷରୁ ଅଭିନବ ଘୋଷ ସର୍ବାଧିକ ୭୩ ରନ୍ କରିଥିଲେ। ସୋଲାର କ୍ଲବର ତାପସ ଦାସ ୬ ଓଭର ବୋଲିଂ କରି ୨୮ ରନ୍ ଦେଇ ୨ ଉଇକେଟ ଓ ସ୍ନେହାଶିଷ ମଲ୍ଲିକ ୫ ଓଭର ବୋଲିଂ କରି ୩୦ରନ୍ ଦେଇ ୧ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସୋଲାର ୨୭ ଓଭରରେ ୨ ଉଇକେଟ ହରାଇ ୧୭୫ ରନ୍ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଓମ୍ ପ୍ରକାଶ ସ୍ୱାଇଁ ସର୍ବାଧିକ ୫୪ ଓ ସ୍ନେହାଶିଷ ମଲ୍ଲିକ ୪୭ ରନ୍ ସଂଗ୍ରହ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ସ୍ନେହାଶିଷ ମଲ୍ଲିକଙ୍କୁ ବିଜେଡି ନେତା ତୁଷାରକାନ୍ତ ପରିଡ଼ା ପୁରସ୍କୃତ କରିଥିଲେ। ଓସିଏ ଅମ୍ପାୟର ଆଶୁତୋଷ ପାଣି ଓ ଲଲାଟ କେଶରୀ ନନ୍ଦ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର୍ ଥିଲେ ସ୍ୱସ୍ତିକ୍ କୁମାର ପହି ଓ ଆସିଫ୍ ଖାନ୍।


ମ୍ୟାନ ଅଫ୍ ଦି ମ୍ୟାଚ୍ ସ୍ନେହାଶିଷ ମଲ୍ଲିକଙ୍କୁ ପୁରସ୍କୃତ କରାଯାଉଛି।

## ଭାରତୀୟ ଦଳର ଟ୍ରେନିଂ ଆରମ୍ଭ

**ଚେନ୍ନାଇ, ୧।୨ (ପି.ଟି.):** ଛଅ ଦିନିଆ କ୍ୱାରାଣ୍ଟାଇନ୍ ପିରିୟଡରେ ୩ଥର ହୋଇଥିବା କୋଭିଡ୍ ଟେଷ୍ଟରେ ଉଭୟ ଭାରତ ଓ ଇଂଲଣ୍ଡ କ୍ରିକେଟ ଦଳର ସମସ୍ତଙ୍କ ଫଳାଫଳ ନେଗେଟିଭ୍ ଆସିଛି। ଯାହାଫଳରେ ଶୁକ୍ରବାର ଓପନିଂ ଟେଷ୍ଟ ପୂର୍ବରୁ ଦୁଇ ଦଳ ୩ଦିନ ପୂରାମାତ୍ରାରେ ନେଟ୍ ସେସନ କରିପାରିବେ। ଅଷ୍ଟ୍ରେଲିଆରେ ସାନି ସଫଳତା ହାସଲ କରି ଫେରିଥିବା ଭାରତୀୟ ଦଳର ଖେଳାଳିମାନେ ନିଜ ଘରେ କିଛି ଦିନ ବିତାଇବା ପରେ ଗତ ସପ୍ତାହ ବୁଧବାରଠାରୁ ପର୍ଯ୍ୟାୟକ୍ରମେ ଆସି ବାୟୋ-ବବଲରେ ପ୍ରବେଶ କରିଛନ୍ତି। ଭାରତୀୟ କ୍ରିକେଟ ଦଳର କ୍ୱାରାଣ୍ଟାଇନ୍ ପିରିୟଡ ସୋମବାର ଶେଷ ହୋଇଛି। ଦଳ ସୋମବାର ଅପରାହ୍ନ ୫ଟାରୁ ଟ୍ରେନିଂ ଆରମ୍ଭ କରିଥିଲା।

# କ୍ରୀଡ଼ା ବଜେଟ ୨୩୦.୭୮ କୋଟି ହ୍ରାସ

**ନୂଆଦିଲ୍ଲୀ, ୧।୨ (ପି.ଟି.)**

କୋଭିଡ୍‌ର ପ୍ରଭାବ ଜାତୀୟ କ୍ରୀଡ଼ା ବଜେଟରେ ଦେଖିବାକୁ ମିଳିଛି। କେନ୍ଦ୍ର ସରକାର କ୍ରୀଡ଼ା ପାଇଁ ସୋମବାର ୨୦୨୧-୨୨ ବର୍ଷ ପାଇଁ ୨୫୯୬.୧୪ କୋଟି ଟଙ୍କା ମଞ୍ଜୁର କରିଛନ୍ତି, ଯାହାକି ପୂର୍ବବର୍ଷ ତୁଳନାରେ ୨୩୦.୭୮ କୋଟି ଟଙ୍କା କମ୍ ରହିଛି। ଗତ ଆର୍ଥିକ ବର୍ଷରେ ସରକାର କ୍ରୀଡ଼ା ପାଇଁ ୨୮୨୬.୯୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ମହାମାରୀ ଯୋଗୁ କ୍ରୀଡ଼ା କାର୍ଯ୍ୟକଳାପ ବନ୍ଦ ରହିବାରୁ ପରେ ଏହା ସଂଶୋଧିତ ହୋଇ ୧୮୦୦.୧୫ କୋଟି ଟଙ୍କାକୁ ଚାଲି ଆସିଥିଲା। ଚଳିତ ବର୍ଷ ଯେତିକି ପରିମାଣ ଅର୍ଥ ମଞ୍ଜୁର ହୋଇଛି ତାହା ୨୦୨୦-୨୧ ସଂଶୋଧିତ ବଜେଟଠାରୁ ୭୯୫.୯୯ କୋଟି ଟଙ୍କା ଅଧିକ। କରୋନା ଯୋଗୁ ଟୋକିଓ ଅଲିମ୍ପିକ୍ସ ସ୍ଥଗିତ ରହିବା ସହ ପ୍ରାୟ ସମସ୍ତ କ୍ରୀଡ଼ାର ଘରୋଇ ଇଭେଣ୍ଟଗୁଡ଼ିକ ବାତିଲ ହୋଇଥିଲା। ଭାରତୀୟ ଆଥଲେଟମାନେ ବିଦେଶରେ ଟ୍ରେନିଂ ଏବଂ ପ୍ରତିଯୋଗିତାରେ ଭାଗ ନେଇ ପାରି ନ ଥିଲେ। ଏ ବାବଦରେ ସମସ୍ତ ଖର୍ଚ୍ଚ କ୍ରୀଡ଼ା ମନ୍ତ୍ରଣାଳୟକୁ ବହନ କରିବାକୁ ପଡ଼ିଥାଏ। ଏହାଛଡ଼ା ଭିତ୍ତିଭୂମି

### କୋଭିଡ୍ ପ୍ରଭାବ

ବିକାଶ ଓ ଷ୍ଟାଡିୟମର ଆଧୁନିକୀକରଣ କାର୍ଯ୍ୟ ବାଧା ପାଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ୨୦୨୧-୨୨ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଛନ୍ତି। ସରକାରଙ୍କ ଫ୍ଲାଗ୍‌ଶିପ୍ ବୋଲି କୁହାଯାଉଥିବା ଖେଲୋ ଇଣ୍ଡିଆ ପ୍ରୋଗ୍ରାମ୍ ବାବଦରେ ବ୍ୟୟ ପରିମାଣକୁ ୨୩୨.୭୧ କୋଟି ଟଙ୍କା ହ୍ରାସ କରାଯାଇଛି। ଅର୍ଥାତ ଗତବର୍ଷ ବଜେଟରେ ଏ ବାବଦରେ ୮୯୦.୪୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଚଳିତବର୍ଷ ଏହାର ପରିମାଣ ୬୫୭.୭୧ କୋଟିକୁ ହ୍ରାସ କରାଯାଇଛି। ଗତବର୍ଷ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପାଇଁ ଉଦ୍ଦିଷ୍ଟ ବଜେଟକୁ ୫୦୦ କୋଟିକୁ ହ୍ରାସ କରାଯାଇଥିଲା। ମାତ୍ର ଏଥର ଅଧିକ ୧୬୦.୪୧ କୋଟି ଟଙ୍କା ମଞ୍ଜୁର କରାଯାଇଥିବାରୁ ପରିମାଣ ୬୬୦.୪୧ କୋଟିକୁ ବୃଦ୍ଧି ପାଇଛି। ସାଇ ଜାତୀୟ କ୍ୟାମ୍ପମାନ ଆୟୋଜନ କରିଥାଏ। ଦେଶର ଆଥଲେଟମାନଙ୍କୁ ଭିତ୍ତିଭୂମି, ସରଞ୍ଜାମ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ବ୍ୟବସ୍ଥା ଯୋଗାଇ ଦେଇଥାଏ। ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍)ଗୁଡ଼ିକ ଲାଗି ଗତବର୍ଷ ତୁଳନାରେ ୩୫କୋଟି ଟଙ୍କା ଅଧିକ ବ୍ୟୟ ବରାଦ କରାଯାଇଛି। ଏହାର ପରିମାଣ ୨୮୦କୋଟି ଟଙ୍କାକୁ ବୃଦ୍ଧି ପାଇଛି। କ୍ରୀଡ଼ାବିତ୍‌ଙ୍କ ପ୍ରୋତ୍ସାହନ ରାଶି ବାବଦରେ ବଜେଟକୁ ୭୦ କୋଟିରୁ ୫୩ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସାଇ-ଷ୍ଟାଡିୟମର ନବୀକରଣ ବାବଦରେ ଗତବର୍ଷ ବଜେଟରେ ୭୫କୋଟି ଟଙ୍କା ବ୍ୟବସ୍ଥା ରହିଥିବାବେଳେ ଏଥର ୩୦ କୋଟିକୁ ହ୍ରାସ ପାଇଛି। ଜମ୍ମୁ ଓ କଶ୍ମୀରରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ବଜେଟରେ ପୂର୍ବବର୍ଷ ଭଳି ୫୦କୋଟି ଟଙ୍କା ବ୍ୟବସ୍ଥା ରହିଛି। କ୍ରୀଡ଼ାବିତ୍‌ଙ୍କ ଲାଗି ରହିଥିବା ଜାତୀୟ କଲ୍ୟାଣ ପାଣ୍ଠି ପାଇଁ ପୂର୍ବବର୍ଷ ଭଳି ୨ କୋଟି ଟଙ୍କା ବ୍ୟବସ୍ଥା ରହିଛି। ଲକ୍ଷ୍ମୀବାଈ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକାଲ ଏଜୁକେଶନ ପାଇଁ ପୂର୍ବ ଭଳି ୫୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ପାଇଁ ଅବଦାନ ପରିମାଣ ୨ କୋଟିରୁ ୨.୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ